# ଧରିତ୍ରୀ DHARITRI

ଭୁବନେଶ୍ୱର, ବୁଧବାର, ନଭେମ୍ବର ୧୫/୨୦୨୩ (୧୬ ପୃଷ୍ଠା) | Bhubaneswar, Wednesday, November 15/2023 | Page 16 | ₹ 7.00 | SAMBALPUR

୪୯ଶ ଭାଗ ୩୪୯ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 49 ISSUE 349 | ମୂଲ୍ୟ₹୭/-




**ବିଶ୍ୱକପ୍ ସେମିଫାଇନାଲ ଦେଖିବେ ବେକ୍‌ହାମ୍**

ମୁମ୍ବାଇର ୱାଙ୍ଖଡେ ଷ୍ଟାଡିୟମରେ ଭାରତ ବନାମ ନ୍ୟୁଜିଲାଣ୍ଡ ବିଶ୍ୱକପ୍ କ୍ରିକେଟ ମ୍ୟାଚ ଦେଖିବେ ଇଂଲଣ୍ଡ ଫୁଟବଲ କିମ୍ବଦନ୍ତୀ ଡେଭିଡ୍ ବେକ୍‌ହାମ। ୧୪

୧୨ **ବାଦ୍‌ଶାହଙ୍କ ସହ ଡେଟିଂ ଚର୍ଚ୍ଚା**

ଶିଳ୍ପା ଶେଟ୍ଟୀଙ୍କ ଘରେ ଆୟୋଜିତ ଦୀପାବଳି ପାର୍ଟିରେ ରାପର ବାଦ୍‌ଶାହଙ୍କ ସହ ଅଭିନେତ୍ରୀ ମୃଣାଳ ଠାକୁରଙ୍କୁ ଏକାଠି ଦେଖିବା ପରେ ଦୁହିଁଙ୍କ ଡେଟିଂ ନେଇ ଚର୍ଚ୍ଚା ହେଉଛି।



# ରୂପାନ୍ତରଣ ହେବ ସରକାରୀ ହସ୍ପିଟାଲ

**ଭୁବନେଶ୍ୱର,୧୪।୧୧(ଅନିଲ ଦାସ)**

ହସ୍ପିଟାଲ ଆହୁରି ହେବ ଚକାଚକ୍। ରାଜ୍ୟବାସୀଙ୍କୁ ମିଳିବ ଉତ୍ତମ ସ୍ୱାସ୍ଥ୍ୟ ସେବା। ହସ୍ପିଟାଲକୁ ଆସୁଥିବା ରୋଗୀଙ୍କ ପରିଜନଙ୍କୁ ଆଉ ହଇରାଣ ହେବାକୁ ପଡ଼ିବ ନାହିଁ। ସେମାନଙ୍କ ପାଇଁ ଡାକ୍ତରଖାନାରେ ରହଣି ବ୍ୟବସ୍ଥା ହେବ। ଏଥିପାଇଁ ରାଜ୍ୟ ସରକାର 'ଆମ ହସ୍ପିଟାଲ' ନାମରେ ଏକ ନୂତନ ଯୋଜନା ଆଣିଛନ୍ତି। ଏହି ଯୋଜନାରେ ରାଜ୍ୟରେ ଥିବା ସମସ୍ତ ସରକାରୀ ହସ୍ପିଟାଲ ୫-ଟି ଅଧୀନରେ ରୂପାନ୍ତରଣ ହେବ। ରାଜ୍ୟର ସମସ୍ତ

**କ୍ୟାବିନେଟ ନିଷ୍ପତ୍ତି**

- ନୂଆ ଯୋଜନା 'ଆମ ହସ୍ପିଟାଲ'
- ୧୨ ପ୍ରସ୍ତାବକୁ ମୋହର

୧୮୫୮ ସରକାରୀ ଡାକ୍ତରଖାନା (ଡିଏଚ୍‌ଏଚ୍, ଏସ୍‌ଡିଏଚ୍, ସିଏଚ୍‌ସି ଓ ପିଏଚ୍‌ସି) ଆସନ୍ତା ୫ ବର୍ଷ ମଧ୍ୟରେ ପର୍ଯ୍ୟାୟକ୍ରମେ ରୂପାନ୍ତର ହେବ। ୨୦୨୩-୨୪ ରୁ ୨୦୨୭-୨୮ ପାଇଁ ଏହି ଯୋଜନା ନିମନ୍ତେ ୩,୩୮୮.୭୩ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଲୋକସେବା ଭବନରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟର ଗୁରୁତ୍ୱପୂର୍ଣ୍ଣ ବୈଠକରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ ଅନୁମୋଦନ କରାଯାଇଛି। ଏହି ବୈଠକରେ ୧୧ଟି ବିଭାଗର ୧୨ଟି ପ୍ରସ୍ତାବକୁ ଅନୁମୋଦନ ମିଳିଛି।

କ୍ୟାବିନେଟ ବୈଠକ ଶେଷରେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ଆମ ହସ୍ପିଟାଲ ଯୋଜନାରେ ପ୍ରଥମ ବର୍ଷରେ ୧୪୯ଟି ସରକାରୀ ଡାକ୍ତରଖାନାକୁ ସୁଦୃଢ଼ୀକରଣ କରାଯିବ। ରାଜ୍ୟରେ ଲୋକମାନଙ୍କୁ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପ୍ରଦାନ ନିମନ୍ତେ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ। ଏହି କ୍ରମରେ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ଓ ଆନୁଷଙ୍ଗିକ ଭିତ୍ତିଭୂମିର ବିକାଶ ପାଇଁ ନିରନ୍ତର ପ୍ରୟାସ ଜାରି ରହିଛି। ରୋଗୀକେନ୍ଦ୍ରିକ ସ୍ୱାସ୍ଥ୍ୟ ସେବା ପ୍ରଦାନ ନିମନ୍ତେ ଆବଶ୍ୟକ ପରିବର୍ତ୍ତନ ପାଇଁ ରୋଗୀଙ୍କ ମତାମତ ସଂଗ୍ରହକୁ ମୋ-ସରକାର ମାଧ୍ୟମରେ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି। ☞ପୃଷ୍ଠା-୪

## ମେଟ୍ରୋ ରେଳ ପ୍ରକଳ୍ପକୁ ୫୯୨୯.୩୮ କୋଟି ମଞ୍ଜୁର

**ଭୁବନେଶ୍ୱର,୧୪।୧୧(ଅନିଲ ଦାସ)**

**ପ୍ରଥମ ପର୍ଯ୍ୟାୟ କାର୍ଯ୍ୟରେ ଖର୍ଚ୍ଚ ହେବ**

ବହୁ ପ୍ରତୀକ୍ଷିତ ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପ କାର୍ଯ୍ୟ ଆଉ ପାଦେ ଆଗେଇଛି। ପ୍ରଥମ ପର୍ଯ୍ୟାୟରେ ଭୁବନେଶ୍ୱର ବିମାନବନ୍ଦରଠାରୁ ତ୍ରିଶୂଳିଆ ପର୍ଯ୍ୟନ୍ତ ନିର୍ମାଣ ପାଇଁ କରାଯାଇଥିବା ୫୯୨୯.୩୮ କୋଟିର ବ୍ୟୟ ଅଟକଳକୁ କ୍ୟାବିନେଟ ଅନୁମୋଦନ ମିଳିଛି। ଏହି କାର୍ଯ୍ୟକୁ ଭୁବନେଶ୍ୱର ମେଟ୍ରୋ ରେଳ ନିଗମ ତତ୍ତ୍ୱାବଧାନରେ ଦିଲ୍ଲୀ ମେଟ୍ରୋ ରେଳ ନିଗମ ଦ୍ୱାରା ନିର୍ମାଣ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏଥିପାଇଁ ଦିଲ୍ଲୀ ମେଟ୍ରୋ ରେଳ ନିଗମର ଦେୟ ୩୨୬.୫୬ କୋଟି ଧାର୍ଯ୍ୟ କରାଯାଇଛି। ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟ କାର୍ଯ୍ୟକୁ କାର୍ଯ୍ୟକାରୀ କରିବା ପାଇଁ ଦିଲ୍ଲୀ ମେଟ୍ରୋ ରେଳ ନିଗମକୁ ☞ପୃଷ୍ଠା-୪

## ଋଷିକୁଲ୍ୟା ନଦୀରେ ନିର୍ମାଣ ହେବ ବ୍ୟାରେଜ

**୫୨ ହଜାର ହେକ୍ଟରକୁ ମିଳିବ ଜଳସେଚନ ସୁବିଧା**

**ଭୁବନେଶ୍ୱର,୧୪।୧୧(ଅନିଲ ଦାସ)**

ଗଞ୍ଜାମ ଜିଲା ଧରାକୋଟ ବ୍ଲକର ଜାନିବିଲି ଗ୍ରାମ ନିକଟରେ ଋଷିକୁଲ୍ୟା ନଦୀ ଉପରେ ଏକ ବ୍ୟାରେଜ ନିର୍ମାଣ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏହି ପ୍ରକଳ୍ପର ନିର୍ମାଣ ପାଇଁ ୮୬.୫୪କୋଟି ଏବଂ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ରକ୍ଷଣାବେକ୍ଷଣ ନିମନ୍ତେ ୧ କୋଟି ଟଙ୍କାର ଟେଣ୍ଡରକୁ ମଙ୍ଗଳବାର ରାଜ୍ୟ କ୍ୟାବିନେଟର ଅନୁମୋଦନ ମିଳିଛି। ପ୍ରକଳ୍ପକୁ ୨ବର୍ଷ ମଧ୍ୟରେ ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ରଖାଯାଇଛି। ଜଳ ସମ୍ପଦ ବିଭାଗ ପକ୍ଷରୁ ଏହି ପ୍ରସ୍ତାବ ଦିଆଯାଇଥିଲା। ଏହି ପ୍ରକଳ୍ପରେ ଜଳ ଗର୍ଭସ୍ଥ ଯାନ୍ତ୍ରିକ କାର୍ଯ୍ୟ, ବିଦ୍ୟୁତ୍ ସଂଯୋଗୀକରଣ, ରାସ୍ତା ସଂଯୋଗୀକରଣ ଓ କର୍ମଚାରୀ ନିବାସ ଆଦି ନିର୍ମାଣ କରାଯିବ। ☞ପୃଷ୍ଠା-୪

## ଆଜି ଭାରତ-ନ୍ୟୁଜିଲାଣ୍ଡ ସେମିଫାଇନାଲ

**ମୁମ୍ବାଇ,୧୪।୧୧(ପି.ଟି.)**

ଦିନିକିଆ କ୍ରିକେଟ ବିଶ୍ୱକପ୍‌ର ପ୍ରଥମ ସେମିଫାଇନାଲ ମୁମ୍ବାଇର ୱାଙ୍ଖଡେ ଷ୍ଟାଡିୟମରେ ବୁଧବାର ଅନୁଷ୍ଠିତ ହେବ। ପ୍ରଥମ ଦଳ ଭାବରେ ଫାଇନାଲରେ ସ୍ଥାନ ସୁରକ୍ଷିତ କରିବା ପାଇଁ ଏହି ମୁକାବିଲାଟି ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଖେଳାଯିବ। ଘରୋଇ ଦଳ ଭାବେ ଭାରତ ଚମତ୍କାର ଫର୍ମରେ ରହିଥିଲେ ମଧ୍ୟ ଦିନିକିଆ କ୍ରିକେଟ ବିଶ୍ୱକପ୍‌ର ରେକର୍ଡ ନ୍ୟୁଜିଲାଣ୍ଡ ସପକ୍ଷରେ ରହିଛି। ଦିନିକିଆ ☞ପୃଷ୍ଠା-୪

## ୨୧ରେ ଉପବାଚସ୍ପତି ନିର୍ବାଚନ

**ଭୁବନେଶ୍ୱର, ୧୪।୧୧(ସୁନିତ୍ ମିଶ୍ର)**

ବିଧାନସଭାର ଶୀତକାଳୀନ ଅଧିବେଶନ ଆସନ୍ତା ୨୧ତାରିଖଠାରୁ ଆରମ୍ଭ ହେବାକୁ ଯାଉଛି। ଏହିଦିନ ଖାଲି ପଡ଼ିଥିବା ଉପବାଚସ୍ପତି ପଦ ଲାଗି ସକାଳ ସାଢେ ୯ଟା ସମୟରେ ନିର୍ବାଚନ ହେବ। ଏହାର ପୂର୍ବଦିନ ଅର୍ଥାତ୍ ୨୦ ତାରିଖରେ ନାମାଙ୍କନପତ୍ର ଦାଖଲ ହେବା କାର୍ଯ୍ୟକ୍ରମ ରହିଛି। ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂ ଗତ ୮ ତାରିଖରେ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ପିଲାଙ୍କ ସୁରକ୍ଷା**

## ମୁକୁଳା ବୋର୍‌ୱେଲରେ ପଡ଼ି ବୃଦ୍ଧା ମୃତ

**ସୋନପୁର,୧୪।୧୧ (ମୃତ୍ୟୁଞ୍ଜୟ ଶତପଥୀ)**



**ଝିଅ ଘରକୁ ବୁଲିବାକୁ ଆସିଥିଲେ**

ଝିଅ ଘରକୁ ବୁଲିବାକୁ ଆସିଥିବା ଜଣେ ବୃଦ୍ଧା ମୁକୁଳା ବୋର୍‌ୱେଲରେ ପଡ଼ି ଜୀବନ ହରାଇଛନ୍ତି। ପ୍ରାୟ ୨୪ଘଣ୍ଟା ବୋର୍‌ୱେଲରେ ପଡ଼ି ରହିବା ପରେ ଅଗ୍ନିଶମ କର୍ମଚାରୀ, ଓଡ୍ରାଫ ଏବଂ ଏନ୍‌ଡିଆର୍‌ଏଫ୍ ଟିମ୍ ବୃଦ୍ଧାଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ମୃତା ହେଲେ ୭୨ବର୍ଷୀୟା ଦୁଃଖୀ ନେଗୀ। ସୁବର୍ଣ୍ଣପୁର ଜିଲା ସୋନପୁର ବ୍ଲକ ମୟୂରଉଡାନ ପଞ୍ଚାୟତର କଇଁଫୁଲ ଗାଁରେ ଏଭଳି ଅଭାବନୀୟ ଘଟଣା ଘଟିଛି। ଉକ୍ତ ବୋର୍‌ୱେଲଟି ଉଠା ଜଳସେଚନ ନିଗମ ପକ୍ଷରୁ ୧୦ବର୍ଷ ତଳେ ଖୋଳା ଯାଇଥିଲା। ବୋରୱେଲ ଭିତରେ ପାଇପ୍ ଦିଆ ନ ଯିବା କାରଣରୁ ଗାତ ଓସାରିଆ ☞ପୃଷ୍ଠା-୪

## ଶ୍ରୀମନ୍ଦିରରେ ପାନ, ଗୁଟ୍‌ଖାକୁ ନା

**ପୁରୀ, ୧୪।୧୧(ଅଜିତ୍ ମହାନ୍ତି)**

**ଜାନୁୟାରୀ ୧ରୁ କଡ଼ାକଡ଼ି**

ଏଣିକି ଶ୍ରୀମନ୍ଦିର ପରିସରକୁ ପାନ, ଗୁଟ୍‌ଖା ଖାଇ ଗଲେ ପ୍ରବେଶ ଉପରେ କଟକଣା ଲାଗୁ କରାଯିବ। ଏ ନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ ସୂଚନା ଦେବା ସହ ଏକ ବିଜ୍ଞପ୍ତି ମାଧ୍ୟମରେ ଛତିଶା ନିଯୋଗ ଏବଂ ପ୍ରଶାସନିକ ଅଧିକାରୀମାନଙ୍କୁ ସୂଚନା ପ୍ରଦାନ କରିଛନ୍ତି। ମଙ୍ଗଳବାରଠାରୁ ଏହି ନିୟମ ଲାଗୁ କରାଯାଇଥିବା ବେଳେ ଆସନ୍ତା ଜାନୁୟାରୀ ୧ରୁ କଡ଼ାକଡ଼ି ଭାବେ ପାଳନ କରାଯିବ। ଶ୍ରୀମନ୍ଦିର ପରିସରରେ ସ୍ୱଚ୍ଛତା ଆଣିବା ନିମନ୍ତେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ବିଜ୍ଞପ୍ତିରେ ଦର୍ଶାଯାଇଛି ଶ୍ରୀଜଗନ୍ନାଥ ମନ୍ଦିର ପରିସର ଲକ୍ଷ ଲକ୍ଷ ଜଗନ୍ନାଥପ୍ରେମୀ ଭକ୍ତଙ୍କ ପାଇଁ ଏକ ସର୍ବମାନ୍ୟ ପବିତ୍ର ଅନୁଷ୍ଠାନ। ଏହି ପବିତ୍ର ଅନୁଷ୍ଠାନର ଥିବା ସମସ୍ତ କର୍ମଚାରୀଙ୍କର ପରିଷ୍କାର ପରିଚ୍ଛନ୍ନତା ତଥା ପବିତ୍ରତା ରକ୍ଷା କରିବା ଦିଗରେ ଗୁରୁଦାୟିତ୍ୱ ରହିଛି। ଶ୍ରୀମନ୍ଦିର ପ୍ରଶାସନ ଅଧୀନରେ ଥିବା ବିଭିନ୍ନ ☞ପୃଷ୍ଠା-୪






ହମାସ୍ ଶାସିତ ତଥା ଯୁଦ୍ଧ ପ୍ରଭାବିତ ଗାଜାରେ ଫସିରହିଥିବା କଶ୍ମୀରୀ ମହିଳା ଲୁବ୍ନା ନାଜିର ଶାବୁ ଓ ତାଙ୍କ ଝିଅ କରିମା ଭାରତୀୟ ମିଶନ ସହାୟତାରେ ସେଠାରୁ ଉଦ୍ଧାର ହୋଇଛନ୍ତି। ଉଭୟେ ସୋମବାର ରାତିରେ ରାଫାହ ସୀମା ଦେଇ ଇଜିପ୍ଟର କାଏରୋରେ ପହଞ୍ଚିଥିବା ଲୁବ୍ନାଙ୍କ ସ୍ୱାମୀ ନେଦାଲ ତୋମାନ୍ ସୂଚନା ଦେଇଛନ୍ତି।

# ହସ୍ପିଟାଲରେ ଗଣସମାଧି

## ପରିସରରେ ପୋତିଦେଲେ ୧୭୯ ମୃତଦେହ

**ଏଠିସେଠି ମୃତଦେହଗୁଡ଼ିକ ପଡ଼ିରହିଛି। କୁଢ଼ କୁଢ଼ ପଚାଶଢ଼ା ଶବରୁ ଦୁର୍ଗନ୍ଧ ଛୁଟୁଛି। ସଂକ୍ରମଣ ବଢ଼ିବା ଆଶଙ୍କାରେ ସେଠାରେ ଆଶ୍ରୟ ନେଇଥିବା ଅନ୍ୟ ରୋଗୀମାନେ ହସ୍ପିଟାଲ ଛାଡ଼ି ପଳାୟନ କରୁଛନ୍ତି। ଡାକ୍ତର ଓ ନର୍ସମାନେ ମୃତଦେହଗୁଡ଼ିକୁ ପୋତିବା ପାଇଁ ଗାତ ଖୋଳୁଛନ୍ତି। ସେମାନେ ଗୋଟି ଗୋଟି କରି ୧୭୯ ମୃତଦେହକୁ ଏକତ୍ରିତ କରି ଗଣସମାଧି ଦେବାରେ ଲାଗିଛନ୍ତି। କାରଣ ବାହାରେ ଇସ୍ରାଏଲୀ ସୈନ୍ୟଙ୍କ କଡ଼ା ଘେରାବନ୍ଦୀ। ଏହା ହେଉଛି ଯୁଦ୍ଧ ପ୍ରଭାବିତ ଗାଜା ସିଟିର ସର୍ବବୃହତ୍ ତଥା ଏକଦା ସର୍ବାଧିକ ଡାକ୍ତରୀ ସୁବିଧା ଉପଲବ୍ଧ ଅଲ୍ ଶିଫା ହସ୍ପିଟାଲର ହୃଦୟ ବିଦାରକ ଦୃଶ୍ୟ। ଇସ୍ରାଏଲ-ହମାସ୍ ଯୁଦ୍ଧକୁ ୪୦ ଦିନ ପୂରିଥିବାବେଳେ ଏହି ଦୃଶ୍ୟ ତେଲ୍ ଆଭିଭ୍‌ର ଘନିଷ୍ଠ ସହଯୋଗୀ ଆମେରିକା ସମେତ ଅନ୍ତର୍ଜାତୀୟ ସମୁଦାୟର ଦୃଷ୍ଟି ଆକର୍ଷଣ କରିଛି।**

**ଗାଜା/ଜେରୁଜେଲମ୍,୧୪।୧୧**

ଇସ୍ରାଏଲୀ ବଳ ଗାଜା ସିଟିର ଅଲ୍-ଶିଫା ହସ୍ପିଟାଲକୁ ଘେରିରହିଛନ୍ତି। ପାଲେଷ୍ଟିନୀୟମାନେ ଫସିରହିଥିବା ଗାଜାର ଏହି ସର୍ବବୃହତ୍ ଡାକ୍ତରଖାନାରେ ମଙ୍ଗଳବାର ଏକ ଗଣସମାଧି ଖୋଳାଯାଇଛି। ଇସ୍ରାଏଲ ଆକ୍ରମଣରେ ନିହତ ହୋଇଥିବା ୧୭୯ ରୋଗୀଙ୍କୁ ଏହା ପରିସରରେ ସମାଧି ଦିଆଯାଇଛି। ସମାଧି ପାଇଥିବା ମୃତକଙ୍କ ମଧ୍ୟରେ କେତେଜଣ ନବଜାତକ ଅଛନ୍ତି। ଅନ୍ୟ ଶିଶୁମାନଙ୍କୁ ଇନ୍‌କ୍ୟୁବେଟର ଜରିଆରେ ସ୍ଥାନାନ୍ତର ପାଇଁ ଇସ୍ରାଏଲ ଦେଇଥିବା ପ୍ରସ୍ତାବକୁ ପାଲେଷ୍ଟିନୀୟମାନେ ପ୍ରତ୍ୟାଖ୍ୟାନ କରିଦେଇଛନ୍ତି। ହମାସ୍‌ର ଶାସକ ଇସ୍‌ଲାମୀୟ ଗୋଷ୍ଠୀ କହିଛି, ହସ୍ପିଟାଲ ଗ୍ରାଉଣ୍ଡରେ ୬୫୦ ରୋଗୀ ଏବଂ ୫,୦୦୦-୭,୦୦୦ ଅନ୍ୟ ବିସ୍ଥାପିତ ଲୋକେ ଫସିରହିଛନ୍ତି। ସ୍ନାଇପର ଓ ଡ୍ରୋନ୍ ଆକ୍ରମଣ ଜାରି ରହିଥିବାରୁ ସେମାନେ ବାହାରିପାରି ନାହାନ୍ତି। ନିକଟରେ ୪୦ ରୋଗୀ ନିହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ସମୟ ପୂର୍ବରୁ ଜନ୍ମିତ ୩ ଶିଶୁ ରହିଛନ୍ତି। ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ହେବା ପରେ ଇନ୍‌କ୍ୟୁବେଟରଗୁଡ଼ିକ ବନ୍ଦ ହୋଇଯିବାରୁ ଏହି ଶିଶୁମାନଙ୍କ ମୃତ୍ୟୁ ଘଟିଛି। ଇସ୍ରାଏଲ ଅକ୍ଟୋବର ୭ ଆକ୍ରମଣର ପ୍ରତିଶୋଧ ନେବାକୁ ହମାସ୍ ଆତଙ୍କବାଦୀଙ୍କୁ ସମୂଳେ ନିପାତ କରିବାକୁ ପଣ କରିବାର ୫ ସପ୍ତାହ ପରେ ଅଲ୍ ଶିଫା ହସ୍ପିଟାଲ ଅନ୍ତର୍ଜାତୀୟ ସମୁଦାୟର ଦୃଷ୍ଟି ଆକର୍ଷଣ କରିଛି। ଏହା ସମ୍ପୃକ୍ତ ଅଞ୍ଚଳରେ ମାନବୀୟ ସଙ୍କଟର କରୁଣ ସ୍ଥିତିକୁ ବୟାନ କରୁଛି। ଏ ନେଇ ଇସ୍ରାଏଲର ଘନିଷ୍ଠତମ ସହଯୋଗୀ ଆମେରିକା ମଧ୍ୟ ଚିନ୍ତାବ୍ୟକ୍ତ କରିଛି। ଇତିମଧ୍ୟରେ ଇସ୍ରାଏଲ ୫ ଦିନିଆ ଅସ୍ତ୍ରବିରତି ପାଇଁ ରାଜି ହେଲେ ପଣବନ୍ଦୀଙ୍କ ମଧ୍ୟରୁ ୭୦ ମହିଳା ଓ ଶିଶୁଙ୍କୁ ମୁକ୍ତ କରିବାକୁ ପ୍ରସ୍ତୁତ ବୋଲି ହମାସ୍ କହିଛି। କିନ୍ତୁ ଇସ୍ରାଏଲ ୧୦୦ ପଣବନ୍ଦୀଙ୍କୁ ମୁକ୍ତ କଲେ ଏନେଇ ବିଚାର କରାଯାଇପାରେ ବୋଲି କହିଛି।

ଅଲ୍ ଶିଫା ହସ୍ପିଟାଲ ପରିସରରେ ୧୭୯ ଜଣଙ୍କୁ ଗଣସମାଧି ଦିଆଯାଇଥିବା ବିଷୟ ଏହାର ମୁଖ୍ୟ ମୋହମ୍ମଦ ଅବୁ ସଲମିୟାହ ସୂଚନା ଦେଇଛନ୍ତି। ମୃତକଙ୍କ ମଧ୍ୟରେ ଆଇସିୟୁରେ ଥିବା ୭ ଶିଶୁଙ୍କ ସମେତ ୨୯ ରୋଗୀ ରହିଛନ୍ତି। ଗାଜା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ମୁଖପାତ୍ର ଅଶରଫ ଅଲ୍-କିଦ୍ରା କହିଛନ୍ତି, ମୃତଦେହଗୁଡ଼ିକୁ ବାହାର କରିବା ପାଇଁ ବାଟ ନ ମିଳିବାରୁ ବାଧହୋଇ ଅଲ୍-ଶିଫା ହସ୍ପିଟାଲ କମ୍ପ୍ଲେକ୍ସ ଭିତରେ ସେମାନଙ୍କୁ ଗଣସମାଧି ଦିଆଯାଇଛି। ଇଣ୍ଟରନ୍ୟାଶନାଲ କମିଟି ଅଫ୍ ଦି ରେଡ୍‌କ୍ରସ୍ (ଆଇସିଆର୍‌ସି) ପକ୍ଷରୁ ମଧ୍ୟ କୌଣସି ପ୍ରକାର ସୁରକ୍ଷା ମିଳି ନ ଥିବାରୁ ଅତ୍ୟନ୍ତ ବିପଜ୍ଜନକ ସ୍ଥିତି ଉପୁଜିଛି। ଅନ୍ୟ ଶହୀଦମାନଙ୍କ ମୃତଦେହ ପଚିବାରେ ଲାଗିଛି। ଅନ୍ୟପକ୍ଷେ ଇସ୍ରାଏଲ କହିଛି, ୩୬ ଶିଶୁଙ୍କୁ ନବଜାତକ ୱାର୍ଡରୁ ଛାଡ଼ିଦିଆଯାଇଛି। ସେମାନଙ୍କୁ ଯଥାସମ୍ଭବ ବ୍ୟାଟେରିଚାଳିତ ଇନ୍‌କ୍ୟୁବେଟରର ଉଷୁମ ପରିବେଶରେ ରଖାଯାଉଛି। କିନ୍ତୁ କିଦ୍ରା ଏପରି କୌଣସି ବ୍ୟବସ୍ଥା କରାଯାଇ ନ ଥିବା କହିଛନ୍ତି। ମୃତଦେହଗୁଡ଼ିକ ପଚିବାରେ ଲାଗିଥିବାରୁ ସଂକ୍ରମଣ ଆଶଙ୍କା ବୃଦ୍ଧି ପାଇଥିବା ଉକ୍ତ ହସ୍ପିଟାଲର ଡାକ୍ତର ଅହମେଦ ଏଲ୍ ମୋଖାଲ୍ଲାଲାଟି କହିଛନ୍ତି।

ଜାତିସଂଘର ହ୍ୟୁମାନିଟାରିଆନ୍ ଅଫିସ୍ ଓସିଏଚ୍‌ଏ ପକ୍ଷରୁ କୁହାଯାଇଛି ଯେ, ଇସ୍ରାଏଲୀ ବଳ ଓ ହମାସ୍ ମଧ୍ୟରେ ଯୁଦ୍ଧ ଯୋଗୁ ଗତ ୧୦ ଦିନ ମଧ୍ୟରେ ଆଉ ୨ ଲକ୍ଷ ଲୋକ ଗାଜାର ଉତ୍ତରରୁ ଦକ୍ଷିଣ ଭାଗକୁ ପଳାୟନ କରିଛନ୍ତି। ଉତ୍ତର ଗାଜାର କେବଳ ଗୋଟିଏ ହସ୍ପିଟାଲରେ ଚିକିତ୍ସା ସମ୍ଭବ। ଅନ୍ୟ ହସ୍ପିଟାଲଗୁଡ଼ିକ ଚତୁଃପାର୍ଶ୍ୱରେ ଲଢ଼େଇ ଜାରି ରହିଛି। ସେଠାରେ ବହୁ ରୋଗୀ ଓ ନବଜାତକ ରହିଛନ୍ତି। ଯୁଦ୍ଧ ପରଠୁ ଅଦ୍ୟାବଧି ଗାଜା ଜନସଂଖ୍ୟାର ଦୁଇ-ତୃତୀୟାଂଶ ଅର୍ଥାତ୍ ୨.୩ ନିୟୁତ ଲୋକ ପଳାୟନ କଲେଣି।



ଇସ୍ରାଏଲ ଆକ୍ରମଣରେ ବିଧ୍ୱସ୍ତ ଗାଜାସ୍ଥିତ ଅଲ୍-ଶିଫା ହସ୍ପିଟାଲର ଉପଗ୍ରହ ଚିତ୍ର।

### ଶ୍ମଶାନ ପାଲଟିଲା ଅଲ୍ ଶିଫା ହସ୍ପିଟାଲ

ଗାଜା ସିଟିସ୍ଥିତ ଅଲ୍ ଶିଫା ହସ୍ପିଟାଲରେ ୫୦୦ରୁ ଊର୍ଦ୍ଧ୍ୱ ବେଡ୍ ରହିଛି। ଏମ୍‌ଆର୍‌ଆଇ ସ୍କାନ୍, ଡାଏଲିସିସ୍ ଏବଂ ଇନ୍‌ଟେନ୍‌ସିଭ୍ କେୟାର ୟୁନିଟ୍ (ଆଇସିୟୁ) ଭଳି ଅତ୍ୟାଧୁନିକ ସେବା ସୁବିଧା ଉପଲବ୍ଧ ଏହି ହସ୍ପିଟାଲରେ ଗାଜାର ପ୍ରାୟ ଅଧା ଅସ୍ତ୍ରୋପଚାର କରାଯାଇଥାଏ। ଯୁଦ୍ଧ ଆରମ୍ଭ ହେବା ପରଠୁ ଅନେକ ହଜାର ଲୋକ ଏଠାରେ ଆଶ୍ରୟ ନେଇଥିବାବେଳେ ଇନ୍ଧନ ଅଭାବରୁ ଗତ ଶନିବାରଠାରୁ ଜେନେରେଟର ଅଚଳ ହୋଇଯାଇଛି। ଫଳରେ ଅନେକ ଶିଶୁଙ୍କ ସମେତ ୩୨ ରୋଗୀଙ୍କ ମୃତ୍ୟୁ ଘଟିଛି। ଜୀବନରକ୍ଷକ ଉପକରଣଗୁଡ଼ିକ ଅକାମୀ ହୋଇଯାଇଥିବାରୁ ଅନ୍ୟ ରୋଗୀମାନଙ୍କ ଜୀବନ ପ୍ରତି ବିପଦ ରହିଥିବା ହମାସ୍ ପରିଚାଳିତ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଛି। ସମୟ ପୂର୍ବରୁ ଜନ୍ମିତ ଶିଶୁମାନଙ୍କୁ ଉଷୁମ ରଖିବା ପାଇଁ ଏକ କମ୍ବଳରେ ଘୋଡ଼ାଇ ଦିଆଯାଇଥିବା ଫଟୋ ସୋମବାର ମନ୍ତ୍ରଣାଳୟ ପକ୍ଷରୁ ଜାରି କରାଯାଇଥିଲା। ସମୟ ଅତିକ୍ରାନ୍ତ ହେବା ସହ ଏହି ହସ୍ପିଟାଲ ଶ୍ମଶାନରେ ପରିଣତ ହେବାରେ ଲାଗିଛି।

## ଗାଜା ଗଣହତ୍ୟାରେ ସହାୟତା ପାଇଁ ବାଇଡେନ୍‌ଙ୍କ ବିରୋଧରେ ମାମଲା

**ୱାଶିଂଟନ୍,୧୪।୧୧**

ଗାଜା ଗଣହତ୍ୟାକୁ ଏଡ଼ାଇବାରେ ବିଫଳତା ଓ ଏଥିରେ ସହଯୋଗ କରିବା ଅଭିଯୋଗରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ପାଲେଷ୍ଟିନୀୟ ମାନବାଧିକାର ସଙ୍ଗଠନ, ଗାଜାରେ ଥିବା ପାଲେଷ୍ଟିନୀୟ ଏବଂ ଆମେରିକୀୟ ନାଗରିକମାନଙ୍କ ତରଫରୁ ନ୍ୟୁୟର୍କ ସିଭିଲ୍ ଲିବର୍ଟିଜ୍ ଗ୍ରୁପ୍ ସେଣ୍ଟର ଫର୍ କନ୍‌ଷ୍ଟିଚ୍ୟୁଶନାଲ୍ ରାଇଟ୍ସ (ସିସିଆର୍) ଏକ କୋର୍ଟରେ ପିଟିଶନ ଦାଖଲ କରିଛି। ପରରାଷ୍ଟ୍ର ସଚିବ ଆଣ୍ଟୋନି ବ୍ଲିଙ୍କେନ୍ ଓ ପ୍ରତିରକ୍ଷା ସଚିବ ଲୟଡ୍ ଅଷ୍ଟିନ୍ ବାଇଡେନ୍‌ଙ୍କୁ ସହଯୋଗ କରିଥିବାରୁ ଉଭୟଙ୍କୁ ଏଥିରେ ପକ୍ଷଭୁକ୍ତ କରାଯାଇଛି। ଇସ୍ରାଏଲକୁ ଆମେରିକା ପକ୍ଷରୁ ଦିଆଯାଉଥିବା ୩.୮ ବିଲିୟନ୍ ଡଲାରର ବାର୍ଷିକ ସାମରିକ ସହାୟତା ବନ୍ଦ କରିବା ପାଇଁ ମଧ୍ୟ ଲ'ସୁଟ୍‌ରେ ନିବେଦନ କରାଯାଇଛି।



## ହସ୍ପିଟାଲକୁ ଟାର୍ଗେଟ କାହିଁକି

ଆଇସିଆର୍‌ସି ଅନୁସାରେ ଯୁଦ୍ଧ ସମୟରେ ହସ୍ପିଟାଲଗୁଡ଼ିକୁ ଟାର୍ଗେଟ କରାଯିବା ଅନ୍ତର୍ଜାତୀୟ ଆଇନ ପରିପନ୍ଥୀ। ତଥାପି ଇସ୍ରାଏଲୀ ଅଲ୍ ଶିଫା ହସ୍ପିଟାଲକୁ କାହିଁକି ଟାର୍ଗେଟ କରୁଛି, ଏହା ହେଉଛି ସବୁଠୁ ବଡ଼ ପ୍ରଶ୍ନ। ହସ୍ପିଟାଲକୁ ଘେରି ରହିଥିବା ଇସ୍ରାଏଲୀ ସୈନ୍ୟଙ୍କ ମତରେ ଏହା ତଳେ ହମାସ୍ ଆତଙ୍କବାଦୀଙ୍କ ଭୂତଳ ମୁଖ୍ୟାଳୟ ରହିଛି। ସେଠାରୁ ସୁଦୀର୍ଘ ସୁଡ଼ଙ୍ଗକୁ ବାଟ ରହିଛି। ହମାସ୍ ଆତଙ୍କବାଦୀ ହସ୍ପିଟାଲକୁ ଢାଲ ଭାବେ ବ୍ୟବହାର କରୁଛନ୍ତି। ଇସ୍ରାଏଲ ହସ୍ପିଟାଲରୁ ସମସ୍ତ କର୍ମଚାରୀ ଓ ରୋଗୀଙ୍କୁ ସୁରକ୍ଷିତ ଭାବେ ବାହାରିଯିବାକୁ ସୁଯୋଗ ଦେବା ପାଇଁ ପ୍ରସ୍ତୁତ ଥିବା କହୁଥିବାବେଳେ ପାଲେଷ୍ଟିନୀୟମାନେ ଇସ୍ରାଏଲୀ ବଳ ସେମାନଙ୍କୁ ଟାର୍ଗେଟ କରୁଥିବା ଅଭିଯୋଗ ଆଣିଛନ୍ତି।

**ସଂକ୍ଷେପରେ**

## ପୋଲିସକୁ ଟ୍ରାକ୍ଟର ମଡ଼ାଇ ହତ୍ୟା

### ମନ୍ତ୍ରୀ କହିଲେ କିଛି ନୂଆ ନୁହେଁ

**ଜାମୁଇ,୧୪।୧୧:** ବିହାରର ଜାମୁଇ ଜିଲାରେ ବେଆଇନ ଭାବେ ବାଲି ଖୋଳି ପରିବହନ କରୁଥିବା ଟ୍ରାକ୍ଟର ମଡ଼ାଇ ଜଣେ ପୋଲିସ ସବ୍‌ଇନ୍ସପେକ୍ଟରଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ଏହି ଆକ୍ରମଣରେ ଜଣେ ହୋମଗାର୍ଡଙ୍କ ସମେତ ୨ ଜଣ ଆହତ ହୋଇଛନ୍ତି। ମୃତ ପୋଲିସ ଅଫିସରଙ୍କ ନାମ ପ୍ରଭାତ ରଞ୍ଜନ। ସେ ଗର୍ହି ଥାନାର ଭାରପ୍ରାପ୍ତ ଅଧିକାରୀ ଥିଲେ। ତେବେ ପୋଲିସ ଅଫିସରଙ୍କୁ ଟ୍ରାକ୍ଟର ମଡ଼ାଇ ହତ୍ୟା ନୂଆ ନୁହେଁ ବୋଲି ବିହାର ଶିକ୍ଷାମନ୍ତ୍ରୀ ଚନ୍ଦ୍ରଶେଖର ଦେଇଥିବା ମନ୍ତବ୍ୟ ଦୁଃଖଦାୟକ। ଏଭଳି ଘଟଣା ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶରେ ମଧ୍ୟ ଅତୀତରେ ଘଟିଛି ବୋଲି ସେ କହିଛନ୍ତି।

## ମରାଠା କୋଟା ଦାବିରେ ଯୁବକଙ୍କ ଆତ୍ମହତ୍ୟା

**ସମ୍ଭାଜୀନଗର,୧୪।୧୧:** ମହାରାଷ୍ଟ୍ରର ନାନ୍ଦେଡ୍ ସହରରେ ମରାଠା କୋଟା ଦାବିରେ ଜଣେ ୨୩ ବର୍ଷୀୟ ଯୁବକ ଆତ୍ମହତ୍ୟା କରିଛନ୍ତି। ମର୍ଲକ ଗ୍ରାମର ଦାଜିବ ରାମଦାସ କାଡ଼ାମ ଗତ ୧୧ ତାରିଖରେ ନାନ୍ଦେଡ୍ ଆସିଥିବାବେଳେ ଜେଣ୍ଡା ଚୌକରେ ବିଷ ପିଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ୧୨ ତାରିଖରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ନିକଟରୁ ପୋଲିସ ଏକ ନୋଟ୍ ପାଇଛି, ଯେଉଁଥିରେ ଲେଖାଅଛି 'ସରକାରୀ ନିଯୁକ୍ତିକୁ ନେଇ ଏହା ଏକ ପ୍ରଶ୍ନ। ଏକ ମରାଠା, ଲକ୍ଷେ ମରାଠା'। ମହାରାଷ୍ଟ୍ର ଜନସଂଖ୍ୟାର ୩୦% ମରାଠା ହୋଇଥିବାବେଳେ ସେମାନେ ଶିକ୍ଷା ଓ ସରକାରୀ ନିଯୁକ୍ତି କ୍ଷେତ୍ରରେ ସଂରକ୍ଷଣ ଦାବି କରିଆସୁଛନ୍ତି।

## ଦିଲ୍ଲୀ ପ୍ରଦୂଷଣ: ଜୟପୁରରେ ରହିବେ ସୋନିଆ ଗାନ୍ଧୀ

**ନୂଆଦିଲ୍ଲୀ,୧୪।୧୧ :** ଦିଲ୍ଲୀରେ ବାୟୁ ପ୍ରଦୂଷଣ ଉତ୍କଟ ରୂପ ନେଇଥିବାରୁ ଏଥିରୁ ବର୍ତ୍ତିବା ପାଇଁ ପୂର୍ବତନ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ସାମୟିକ ଭାବେ ଜୟପୁରରେ ରହିବେ। ହସ୍ପିଟାଲରୁ ବାହାରିବାର ୨ ମାସ ପରେ ସୋନିଆଙ୍କ ଶ୍ୱାସକ୍ରିୟାରେ ସମସ୍ୟା ଥିବାରୁ ଦିଲ୍ଲୀ ବାୟୁ ମାନରେ ଉନ୍ନତି ଆସିବା ପର୍ଯ୍ୟନ୍ତ ତାଙ୍କୁ କିଛିଦିନ ଭଲ ବାୟୁ ଥିବା ସ୍ଥାନରେ ରହିବା ପାଇଁ ଡାକ୍ତର ପରାମର୍ଶ ଦେଇଛନ୍ତି। ମଙ୍ଗଳବାର ଦିଲ୍ଲୀ ବାୟୁ ମାନ ସୂଚକାଙ୍କ ୩୭୫ ରହିଛି, ଯାହା ଉତ୍କଟ ବର୍ଗର। ଏହି ସମୟରେ ଜୟପୁରର ବାୟୁ ମାନ ୭୨ ଥିବା ଜଣାପଡ଼ିଛି।



## ୟୁକ୍ରେନ୍‌କୁ ୩୬୪ ନିୟୁତ ଡଲାରର ଅସ୍ତ୍ର ବିକିଛି ପାକିସ୍ତାନ

**ଲଣ୍ଡନ,୧୪।୧୧(ପି.ଟି.):** ରୁଷିଆ ବିରୋଧୀ ଯୁଦ୍ଧରେ ୟୁକ୍ରେନ୍‌କୁ ଅସ୍ତ୍ର ଯୋଗାଣ ପାଇଁ ଗତବର୍ଷ ପାକିସ୍ତାନ ୨ଟି ଆମେରିକୀୟ କମ୍ପାନୀ ସହ ଚୁକ୍ତି କରି ୩୬୪ ନିୟୁତ ଡଲାର ପାଇଛି। ବ୍ରିଟେନ୍‌ର ଏକ କାର୍ଗୋ ବିମାନ ରାୱଲପିଣ୍ଡିରୁ ୫ ଥରରେ ଅସ୍ତ୍ର ନେଇ ସାଇପ୍ରସ୍‌ରେ ଥିବା ବ୍ରିଟିଶ୍ ସାମରିକ ଘାଟି ଓ ପରେ ରୋମାନିଆ ଯାଇଥିଲା। ସେଠାରୁ ଉକ୍ତ ଅସ୍ତ୍ରକୁ ୟୁକ୍ରେନ୍‌କୁ ପଠାଯାଇଥିଲା। ଆମେରିକାର ଫେଡେରାଲ ପ୍ରୋକ୍ୟୁରମେଣ୍ଟ ଡାଟା ସିଷ୍ଟମ୍‌ର ତଥ୍ୟ ଅନୁଯାୟୀ ପାକିସ୍ତାନ ୧୫୫ ଏମ୍‌ଏମ୍ ଶେଲ୍ ୟୁକ୍ରେନ୍‌କୁ ବିକ୍ରି ପାଇଁ ଗତବର୍ଷ ଅଗଷ୍ଟ ୧୭ରେ ଚୁକ୍ତି ସ୍ୱାକ୍ଷର କରିଥିଲା।

## ଆଦିବାସୀଙ୍କ କଲ୍ୟାଣ ପାଇଁ ୨୪ ହଜାର କୋଟିର ଯୋଜନା ଘୋଷଣା କଲେ ମୋଦି

**ବେତୁଲ୍,୧୪।୧୧(ପି.ଟି.)**

ସାରା ଦେଶ ବୁଧବାର ବିର୍ସା ମୁଣ୍ଡାଙ୍କ ଜନ୍ମବାର୍ଷିକୀ ପାଳନ କରିବାକୁ ଯାଉଥିବାବେଳେ ଏହି ଅବସରରେ କେନ୍ଦ୍ର ସରକାର ଆଦିବାସୀମାନଙ୍କ କଲ୍ୟାଣ ପାଇଁ ୨୪,୦୦୦ କୋଟି ଟଙ୍କାର ଏକ ଯୋଜନାର ଶୁଭାରମ୍ଭ କରିବେ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର କହିଛନ୍ତି। ଆସନ୍ତା ୧୭ ତାରିଖରେ ମଧ୍ୟପ୍ରଦେଶର ବିଧାନସଭା ନିର୍ବାଚନ ପାଇଁ ଭୋଟଗ୍ରହଣ ହେବାକୁ ଯାଉଥିବାବେଳେ ବେତୁଲ୍ ଜିଲାରେ ଏକ ସଭାକୁ ଉଦ୍‌ବୋଧନ ଦେଇ ମୋଦି କହିଥିଲେ, ନିର୍ବାଚନ ପ୍ରଚାରର ଶେଷ ଦିନରେ ବହୁସଂଖ୍ୟାରେ ଲୋକଙ୍କ ଉପସ୍ଥିତି ଭାଜପାର ବିଜୟ ସୁନିଶ୍ଚିତ ବୋଲି ସୂଚାଉଛି। ତେଣୁ ନିର୍ବାଚନ ପୂର୍ବରୁ କଂଗ୍ରେସ ପରାଜୟ ସ୍ୱୀକାର କରିନେବା ଉଚିତ। ବୁଧବାର ଜନଜାତି ଗୌରବ ଦିବସରେ ଭଗବାନ ବିର୍ସା ମୁଣ୍ଡାଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ପାଇଁ ପ୍ରଧାନମନ୍ତ୍ରୀ ଝାଡ଼ଖଣ୍ଡ ଯିବେ। ଜମ୍ମୁ-କଶ୍ମୀରରୁ ୩୭୦ ହଟିବ, ତିନି ତଲାକ ବିରୋଧରେ ଆଇନ, ଅଯୋଧ୍ୟାରେ ରାମ ମନ୍ଦିର ବାସ୍ତବ ରୂପ ନେବ, ଏହା କଂଗ୍ରେସ କଦାପି ବିଶ୍ୱାସ କରି ନ ଥିଲା। ଆମେ ଯେଉଁ ପ୍ରତିଶ୍ରୁତି ଦେଉଛୁ, ତାକୁ ପୂରଣ କରିବୁ ବୋଲି ମୋଦି କହିଛନ୍ତି।

## ହୋଟେଲିୟର ପିଆର୍‌ଏସ୍ ଓବେରୟଙ୍କ ପରଲୋକ

**ନୂଆଦିଲ୍ଲୀ,୧୪।୧୧(ପି.ଟି.):** ଭାରତର ଆତିଥେୟ ଶିଳ୍ପକୁ ନୂଆ ପରିଚୟ ଦେଇଥିବା ବର୍ଷୀୟାନ କର୍ପୋରେଟ୍ ହୋଟେଲିୟର ପୃଥ୍ୱୀରାଜ ସିଂ ଓବେରୟଙ୍କର ମଙ୍ଗଳବାର ପରଲୋକ ହୋଇଯାଇଛି। ତାଙ୍କୁ ୯୪ ବର୍ଷ ହୋଇଥିଲା। ଭିକି ଭାବେ ଜଣାଶୁଣା ପୃଥ୍ୱୀରାଜ ଓବେରୟ ଗ୍ରୁପ୍‌ର ସେବାମୁକ୍ତ ଅଧ୍ୟକ୍ଷ ଥିଲେ। ସେ ତାଙ୍କ ଜୀବନକାଳରେ ୩୨ଟି ହୋଟେଲର ବିଶାଳ ଶୃଙ୍ଖଳ ନିର୍ମାଣ କରିଥିଲେ। ଓବେରୟ ଗ୍ରୁପ୍‌ର ପ୍ରତିଷ୍ଠାତା ସ୍ୱର୍ଗତ ରାୟବାହାଦୁର ଏମ୍.ଏସ୍. ଓବେରୟଙ୍କ ପୁଅ ହେଉଛନ୍ତି ପିଆର୍‌ଏସ୍ ଓବେରୟ। ଟ୍ରାଇଡେଣ୍ଟ ହୋଟେଲ ଶୃଙ୍ଖଳର ବିକାଶରେ ତାଙ୍କର ମୁଖ୍ୟ ଭୂମିକା ରହିଥିଲା। ହୋଟେଲ ଶିଳ୍ପର ସଂଜ୍ଞା ବଦଳାଇ ଦେଇଥିବା ପିଆର୍‌ଏସ୍ ଓବେରୟଙ୍କ ପରଲୋକରେ ଓବେରୟ ସାମ୍ରାଜ୍ୟ ନିର୍ମାଣ କରିଥିବା ପରିବାରର ଦୁଇ ପିଢ଼ିର ଅବସାନ ଘଟିଛି।



୧୯୨୯ ଫେବୃୟାରୀ ୩ରେ ନୂଆଦିଲ୍ଲୀରେ ଜନ୍ମିତ ପିଆର୍‌ଏସ୍ ୧୯୮୮ରୁ କମ୍ପାନୀର ଅଧ୍ୟକ୍ଷ ରହିଆସିଥିବାବେଳେ ସ୍ୱାସ୍ଥ୍ୟଗତ କାରଣରୁ ଗତବର୍ଷ ମେ'ରେ ଇସ୍ତଫା ଦେଇଥିଲେ। ୨୦୦୮ରେ ତାଙ୍କୁ ଭାରତର ଦ୍ୱିତୀୟ ସର୍ବୋଚ୍ଚ ବେସାମରିକ ସମ୍ମାନ ପଦ୍ମବିଭୂଷଣରେ ସମ୍ମାନିତ କରାଯାଇଥିଲା। ୨୦୧୦ରେ ସେ ବିଶ୍ୱର କର୍ପୋରେଟ୍ ହୋଟେଲିୟର ପୁରସ୍କାର ପାଇଥିଲେ। ହଂକଂରେ ହୋଟେଲ ଇନ୍‌ଭେଷ୍ଟମେଣ୍ଟ କନ୍‌ଫରେନ୍ସ ଏସିଆ ପାସିଫିକ୍‌ର ବାର୍ଷିକ ସମ୍ମିଳନୀରେ ପିଆର୍‌ଏସ୍‌ଙ୍କୁ ଲାଇଫ୍‌ଟାଇମ୍ ଆଚିଭ୍‌ମେଣ୍ଟ ଆୱାର୍ଡ ମିଳିଥିଲା।

**ସୁଡ଼ଙ୍ଗ ତଳେ ୪୦ଶ୍ରମିକ**

## ଉଦ୍ଧାର ପାଇଁ ଖନନ ଜାରି

**ଉତ୍ତରକାଶୀ,୧୪।୧୧**

ଉତ୍ତରାଖଣ୍ଡର ଉତ୍ତରକାଶୀରେ ନିର୍ମାଣାଧୀନ ସୁଡ଼ଙ୍ଗ ଭୁଶୁଡ଼ିବା ଘଟଣାରେ ଉଦ୍ଧାର କାର୍ଯ୍ୟ ତୃତୀୟ ଦିନରେ ପହଞ୍ଚିଛି। ଭଗ୍ନାବଶେଷ ଖୋଳାଯାଇ ଏକ ଓସାରିଆ ଇସ୍ପାତ ପାଇପ୍ ସେଥିରେ ପୂରାଇବାକୁ ଉଦ୍ଧାରକାରୀ ଟିମ୍ ଉଦ୍ୟମ ଚଳାଇଛନ୍ତି। ଦୁଇଦିନ ହେଲା ସୁଡ଼ଙ୍ଗ ତଳେ ୫ ଓଡ଼ିଆଙ୍କ ସମେତ ୪୦ ଜଣ ଶ୍ରମିକ ଫସିରହିଛନ୍ତି। ଡ୍ରିଲିଂ ମେଶିନ ସହାୟତାରେ ଖୋଳାଯାଇ ୯୦୦ ମିଲିମିଟର ବ୍ୟାସ ବିଶିଷ୍ଟ ଇସ୍ପାତ ପାଇପ୍‌ଗୁଡ଼ିକୁ ଭର୍ତ୍ତି କରାଯାଉଛି। ଉକ୍ତ ପାଇପ୍ ଦେଇ ଶ୍ରମିକମାନଙ୍କୁ ବାହାରକୁ ବାହାର କରିବାକୁ ଯୋଜନା ରହିଛି। ଶ୍ରମିକମାନେ ସୁରକ୍ଷିତ ଓ ସେମାନଙ୍କ ପାଖକୁ ପାଇପ୍ ଯୋଗେ ଅକ୍ସିଜେନ୍, ଖାଦ୍ୟ ପ୍ୟାକେଟ, ପାଣି ଓ ଔଷଧ ପଠାଯାଉଥିବା ଜଣେ ଅଧିକାରୀ କହିଛନ୍ତି। ଫସିଥିବା ଜଣେ ଶ୍ରମିକ ତାଙ୍କ ବାପାଙ୍କ ସହ ଫୋନ୍‌ରେ କଥା ହୋଇ ସମସ୍ତେ ସୁରକ୍ଷିତ ଥିବା କହିଛନ୍ତି। ଶ୍ରମିକମାନଙ୍କ ସୁରକ୍ଷିତ ଉଦ୍ଧାର ପାଇଁ ପୂଜାପାଠ କରିବାକୁ ଜଣେ ସ୍ଥାନୀୟ ପୂଜକ ପରାମର୍ଶ ଦେଇଛନ୍ତି। ଭୂସ୍ଖଳନ ଯୋଗୁ ବ୍ରହ୍ମଖାଲ- ଯମୁନୋତ୍ରୀ ଜାତୀୟ ରାଜପଥର ସିଲ୍‌କ୍ୟାରା ଏବଂ ଦଣ୍ଡାଲଗାଁଓ ମଧ୍ୟରେ ନିର୍ମାଣାଧୀନ ସୁଡ଼ଙ୍ଗର ୩୦ ମିଟର ଭୁଶୁଡ଼ି ପଡ଼ିଥିଲା। ବୁଧବାର ସୁଦ୍ଧା ଶ୍ରମିକମାନଙ୍କୁ ଉଦ୍ଧାର କରିବା ପାଇଁ ଲକ୍ଷ୍ୟ ରଖାଯାଇଥିବା ବିପର୍ଯ୍ୟୟ ପରିଚାଳନା ସଚିବ ରଞ୍ଜିତ କୁମାର ସିହ୍ନା କହିଛନ୍ତି।






# ନୂଆଗାଁରେ ଅନର କିଲିଂ





ଗିରଫ ୩ ଅଭିଯୁକ୍ତ।



ମୃତଦେହ ନେବାରେ ବ୍ୟବହୃତ ହୋଇଥିବା ଜବତ କାର୍।

**ନୂଆଗାଁ, ୧୪।୧୧ (ଧନେଶ୍ୱର ସାହୁ)**

ନୟାଗଡ଼ ଜିଲା ନୂଆଗାଁ ଥାନା ଅଧୀନ ସୋରଡ଼ା ଗାଁରେ ଏକ ଅନର କିଲିଂ ଘଟଣା ଘଟିଛି। ଜଣେ ନାବାଳିକାଙ୍କୁ ପିଟି ପିଟି ହତ୍ୟା କରିବା ପରେ ମୃତଦେହକୁ ଏକ କାରରେ ନିଆଯାଇ କନ୍ଧମାଳ ଜିଲାର ଏକ ଜଙ୍ଗଲରେ ପୋତି ଦିଆଯାଇଥିଲା। ପୋଲିସ ମୃତଦେହ ଜବତ କରିବା ପରେ ଏହି ଘଟଣା ସାମ୍ନାକୁ ଆସିଛି। ଉକ୍ତ ଘଟଣାରେ ପୋଲିସ ୩ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ମୃତକଙ୍କ ସମ୍ପର୍କୀୟ ଭାଇ ବିକାଶ ନାୟକ,ଚିନ୍ମୟ ନାୟକ ଓ ମଉସା ପତିତପାବନ ପ୍ରଧାନ। ମୃତକଙ୍କ ବାପା ଫେରାର ଅଛନ୍ତି। ମୃତଦେହ ନିଆଯାଇଥିବା କାରକୁ ପୋଲିସ ଜବତ କରିଛି। ମଙ୍ଗଳବାର ସାଇଣ୍ଟିଫିକ୍ ଟିମ୍ ସୋରଡ଼ା ଗ୍ରାମରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ନୂଆଗାଁ ଥାନା ପୋଲିସ ଏହି ଘଟଣାକୁ ଚାପି ଦେବାକୁ ଉଦ୍ୟମ କରୁଥିବା ଅଭିଯୋଗ ହୋଇଛି।

ସୂଚନା ଅନୁଯାୟୀ, ନୂଆଗାଁ ଥାନା ସୋରଡ଼ା ଗ୍ରାମର ବିପ୍ରବର ନାୟକଙ୍କ ଝିଅ ତୁଳସୀ(୧୭) ସ୍ଥାନୀୟ ଏକ କଲେଜରେ ଯୁକ୍ତ୨ ପଢିବା ସମୟରେ ଜଣେ ବିବାହିତ ଯୁବକଙ୍କ ପ୍ରେମରେ ପଡିଥିଲେ। ଏ କଥା ଜଣାପଡ଼ିବା ପରେ ତୁଳସୀଙ୍କ ଘରେ ଅଶାନ୍ତି ସୃଷ୍ଟି ହୋଇଥିଲା। ସମ୍ପୃକ୍ତ ଯୁବକଙ୍କ ସହିତ ତୁଳସୀ

- **ଝିଅକୁ ପିଟି ପିଟି ହତ୍ୟା**
- **କନ୍ଧମାଳ ଜଙ୍ଗଲରେ ପୋତାଯାଇଥିବା ମୃତଦେହ ଜବତ**
- **ମଉସାଙ୍କ ସମେତ ୨ ସମ୍ପର୍କୀୟ ଭାଇ ଗିରଫ**

ଯେପରି ଆଉ ନ ମିଶି ପାରନ୍ତି ସେଥିପାଇଁ କଟକଣା ଜାରି କରାଯାଇଥିଲା। ହେଲେ ତୁଳସୀ ଘରୁ ଲୁଚି ସେହି ଯୁବକଙ୍କ ସହ ଘରଛାଡି କେଉଁ ଆଡ଼େ ଚାଲି ଯାଇଥିଲେ। ବହୁ ଖୋଜାଖୋଜି କରିବା ପରେ ତୁଳସୀଙ୍କ ପତ୍ତା ମିଳି ନ ଥିଲା। ଅନ୍ୟ କୌଣସି ଉପାୟ ନ ପାଇ ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ। ଶେଷରେ ପୋଲିସ ତୁଳସୀଙ୍କୁ ଉଦ୍ଧାର କରି ନୟାଗଡ଼ ସୁଧାରଗୃହରେ ରଖିଥିଲା। ଏହି ଘଟଣା ପରେ ପରିବାର ଲୋକେ ଲଜ୍ଜିତ ହୋଇଥିଲେ। ସାହି ପଡ଼ିଶାଙ୍କ ଟାହିଟାପରା ସେମାନଙ୍କୁ ମର୍ମାହତ କରିଥିଲା। ତୁଳସୀ ନାବାଳିକା ଥିବାରୁ ତାଙ୍କୁ ପରିବାର ଲୋକେ ସୁଧାରଗୃହରୁ ଆଣି ଜଣେ ସମ୍ପର୍କୀୟଙ୍କ ଘରେ ରଖିଥିଲେ। କିଛିଦିନ ତୁଳସୀ ସେଠାରେ ରହିବା ପରେ ଘରକୁ ଆସିଥିଲେ। ହେଲେ ଘରକୁ ଫେରିବାର ୨ ଦିନ ପରେ ତୁଳସୀଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଥିଲା। ଘରେ ତୁଳସୀଙ୍କୁ ଦେଖିବା ପରେ ବାପା ବିପ୍ର କ୍ରୋଧାନ୍ୱିତ ହୋଇ ତାଙ୍କୁ ପିଟିପିଟି ହତ୍ୟା କରିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ସୂଚନା ପାଇଛି। ଝିଅକୁ ମାରିବା ପରେ ଉକ୍ତ ଘଟଣାକୁ ଚାପି ଦେବା ପାଇଁ ବିପ୍ରବର ନିଜ ପୁତୁରା ବିକାଶ ନାୟକ ଓ ଚିନ୍ମୟ ନାୟକଙ୍କ ସହ ସମ୍ପର୍କୀୟ ପତିତପାବନ ପ୍ରଧାନଙ୍କ ସହଯୋଗରେ ଏକ କାର(ନଂ.ଓଡି଼୦୨ବିଏକ୍ସ ୨୯୮୬)ରେ ମୃତଦେହକୁ କନ୍ଧମାଳ ଜିଲା ଫିରିଙ୍ଗିଆ ଥାନା ଅଧୀନ ଜେକେଗାଁ କେରେଡା ଜଙ୍ଗଲକୁ ନେଇଯାଇଥିଲେ। ସେଠାରେ ମୃତଦେହକୁ ପୋତି ଦେଇଥିଲେ। ଏ ସଂକ୍ରାନ୍ତରେ ସାମାନ୍ୟ ସୁରାକ୍ ପାଇବା ପରେ ନୂଆଗାଁ ଥାନା ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଉକ୍ତ ଘଟଣାରେ ସମ୍ପୃକ୍ତ ଥିବା ସନ୍ଦେହରେ ପୋଲିସ ପ୍ରଥମେ ୨ ଜଣକୁ ଅଟକ ରଖି ପଚରାଉଚରା କରିବା ପରେ ସତ ସାମ୍ନାକୁ ଆସିଥିଲା। ପୋଲିସ ପକ୍ଷରୁ ଏକ ମାମଲା(ନଂ. ୧୮୬/୨୩) ରୁଜୁ ହୋଇଛି। ନୂଆଗାଁ ଥାନା ପୋଲିସ କେରେଡା ଜଙ୍ଗଲରେ ପୋତି ଦିଆଯାଇଥିବା ମୃତଦେହକୁ ଦଶପଲ୍ଲା ଓ ଫିରିଙ୍ଗିଆ ପୋଲିସ ସହାୟତାରେ ମାଟି ଖୋଳି ଜବତ କରିଛି। ମୃତଦେହର ଅନେକ ସ୍ଥାନରେ କ୍ଷତ ଚିହ୍ନ ଥିବାରୁ ତୁଳସୀଙ୍କୁ ପିଟି ପିଟି ହତ୍ୟା କରାଯାଇଥିବା ପୋଲିସ ସନ୍ଦେହ କରୁଛି।

# ୧୬, ୧୭ରେ ପ୍ରବଳ ବର୍ଷା | ୧୦ ଜିଲାକୁ ୟେଲୋ ୱାର୍ନିଂ

**ଭୁବନେଶ୍ୱର, ୧୪।୧୧ (ଅସମାପିକା ସାହୁ)**

ଲଘୁଚାପ ପ୍ରଭାବରେ ରାଜ୍ୟରେ ବର୍ଷା ହେବାର ସମ୍ଭାବନା ରହିଛି। ବୁଧବାର ଦକ୍ଷିଣ ଓଡ଼ିଶାରେ ବର୍ଷା ନେଇ ପୂର୍ବାନୁମାନ କରିଛି ପାଣିପାଗ ବିଭାଗ। ଗଞ୍ଜାମ, ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି, ଜଗତ୍‌ସିଂହପୁର, ପୁରୀ ଜିଲାରେ ପ୍ରବଳ ବର୍ଷା ହେବା ନେଇ ସୂଚନା ଦିଆଯାଇଛି। ବୁଧବାର ଲଘୁଚାପ କ୍ଷେତ୍ରଟି ଅବପାତରେ ପରିଣତ ହେବା ପରେ ଏହାର ପ୍ରଭାବରେ ବର୍ଷାର ପରିମାଣ ବଢ଼ିବ। ୧୬ ଏବଂ ୧୭ତାରିଖରେ ରାଜ୍ୟରେ ବିଭିନ୍ନ ଜିଲାକୁ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ୧୬ ତାରିଖରେ ଏହି ଅବପାତ ଉତ୍ତର-ଉତ୍ତର ପୂର୍ବ ଦିଗକୁ ଗତି କରି ଗଭୀର ଅବପାତରେ ପରିଣତ ହେବ। ଓଡ଼ିଶା ଉପକୂଳ ନିକଟ ଦେଇ ଏହା ଗତି କରୁଥିବାରୁ ୧୬ ଓ ୧୭ ତାରିଖରେ ରାଜ୍ୟରେ ଏହାର ସର୍ବାଧିକ ପ୍ରଭାବ ପଡ଼ିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ୧୬ ତାରିଖରେ ରାଜ୍ୟର ୩ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ଏହି ୩ ଜିଲା ହେଲା ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା ଓ ପୁରୀ। ଏଥିପାଇଁ ଏସବୁ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ସେହିଭଳି ୧୬ରେ ଗଞ୍ଜାମ, ଖୋର୍ଦ୍ଧା, ଭଦ୍ରକ, କଟକ, ଯାଜପୁର, ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର, ଢେଙ୍କାନାଳ ଓ ନୟାଗଡ଼ ଆଦି ଜିଲାରେ ପ୍ରବଳ ବର୍ଷା ହେବ ଏବଂ ଏସବୁ ଜିଲାକୁ ମଧ୍ୟ ୟେଲୋ ୱାର୍ନିଂ ଜାରି କରାଯାଇଛି। ୧୭ତାରିଖରେ ୭ଟି ଜିଲାକୁ ପ୍ରବଳ ବର୍ଷା ହେବା ନେଇ ୟେଲୋ ୱାର୍ନିଂ ଜାରି କରିଛି ପାଣିପାଗ କେନ୍ଦ୍ର। ଲଘୁଚାପ କ୍ଷେତ୍ର ପ୍ରଭାବରେ ୧୫ ତାରିଖରୁ ପାଗ ମେଘୁଆ ରହିବା ସହ ହାଲୁକା ବର୍ଷା ହେବାର ସମ୍ଭାବନା ରହିଛି। ସେପଟେ ଉତ୍ତରରୁ ଉପକୂଳ, ପଶ୍ଚିମରୁ ଦକ୍ଷିଣ ସବୁଠି ଥଣ୍ଡା ପଡ଼ିଗଲାଣି। ସକାଳୁ ମେଘୁଆ ପାଗ ରହୁଛି। ରାତିରେ ପାରଦର ସ୍ତର ମଧ୍ୟ କମିଛି। ବିଶେଷ ଭାବେ କନ୍ଧମାଳ, କୋରାପୁଟ, ସୁନ୍ଦରଗଡ଼, ମୟୂରଭଞ୍ଜ ଜିଲାରେ ଥଣ୍ଡା ଅଧିକ ଅନୁଭୂତ ହେଉଛି।







**ଆଜିର ମନ୍ତବ୍ୟ**

"ମୋ ଜାତି ଲୁଚାଇବାକୁ ଚାହେଁ ନାହିଁ। ଜାତିକୁ ମାଧ୍ୟମ କରି ରାଜନୀତି କରିନାହିଁ।"
– ଶରଦ ପାୱାର, ଏନ୍‌ସିପି ଅଧ୍ୟକ୍ଷ

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଢଳିଗଲା ବନ, ଭଳିଗଲା ମନ ଲେଉଟି ଆସେ କି ଆଉ?**

ଯାହା ଘଟିଯାଇଥାଏ ତାହା ଆଉ ପୁନଃ ଫେରି ଆସି ନ ଥାଏ। ବନ ଢଳିଗଲେ ଆଉ ସେ ଜ୍ୱଳନରୁ ଫେରି ନ ଆସିବା ଭଳି ମନ ଥରେ ବଦଳିଗଲେ ଆଉ ପୁନଃ ତରଳି ପାରି ନ ଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ତପା, ଜପା, ଭୋପା, ଗେଫା; ୟା'ଙ୍କ ଦେହି ପାଠ ନୁହେଁ ଲୋ ବୋପା।**

ପାଠ ପାଇଁ ଶିକ୍ଷଣୀୟ ମନୋଭାବ ରଖିବା ନିତାନ୍ତ ଜରୁରୀ। ଯେ ତପସ୍ୟା କରେ, ଯେ ମାଳା ଜପେ , ଯେ ବୃଥା ଆସ୍ଫାଳନ କରେ ଓ ଯେ ସର୍ବଦା ପେଟ ଚିନ୍ତା କରୁଥାଏ , ସେମାନଙ୍କ ଦ୍ୱାରା ଆଦୌ ପାଠ ହୁଏନାହିଁ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




# ଭେଜାଲ ଖାଦ୍ୟ ବିକିଲେ ସର୍ବନିମ୍ନ ୬ ମାସ ଜେଲ

## ସଂସଦୀୟ କମିଟିର ସୁପାରିସ

ନୂଆଦିଲ୍ଲୀ,୧୪।୧୧(ପି.ଟି.)

ଅପମିଶ୍ରିତ ଖାଦ୍ୟ କିମ୍ବା ପାନୀୟ ବିକ୍ରି କଲେ ଅତି କମ୍‌ରେ ୬ ମାସ ଜେଲଦଣ୍ଡ ସହ ସର୍ବନିମ୍ନ ୨୫,୦୦୦ ଟଙ୍କା ଅର୍ଥଦଣ୍ଡରେ ଦଣ୍ଡିତ କରାଯିବ। ଏକ ସଂସଦୀୟ କମିଟି ସରକାରଙ୍କୁ ଏହି ସୁପାରିସ କରିଛନ୍ତି। ଭେଜାଲ ଖାଦ୍ୟ ଖାଇବା ଯୋଗୁ ଅନେକ ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହେଉଥିବାରୁ ଏହାକୁ ଦୃଷ୍ଟିରେ ରଖି ଅପରାଧୀଙ୍କୁ ଦଣ୍ଡିତ କରିବା ପାଇଁ ସ୍ୱରାଷ୍ଟ୍ର ବ୍ୟାପାର ସଂସଦୀୟ ସ୍ଥାୟୀ କମିଟି ଉପରୋକ୍ତ ପ୍ରସ୍ତାବ ଦେଇଛି। ଭାଜପା ଏମ୍‌ପି ବ୍ରିଜ୍‌ଲାଲ କମିଟିର ଅଧ୍ୟକ୍ଷ ଅଛନ୍ତି। ଅପମିଶ୍ରିତ ଖାଦ୍ୟ, ପାନୀୟ ବିକ୍ରି ବହୁସଂଖ୍ୟାରେ ଲୋକଙ୍କ ସ୍ୱାସ୍ଥ୍ୟକୁ ପ୍ରଭାବିତ କରୁଛି। ଏଥିପାଇଁ ବର୍ତ୍ତମାନର ଆଇନର ଧାରାରେ ଥିବା ଦଣ୍ଡ ବ୍ୟବସ୍ଥା ଯଥେଷ୍ଟ ନୁହେଁ ବୋଲି କମିଟି କହିଛି। ବର୍ତ୍ତମାନର ବ୍ୟବସ୍ଥା ଅନୁଯାୟୀ ଭେଜାଲ ଖାଦ୍ୟ ବିକ୍ରି ପାଇଁ ସର୍ବାଧିକ ୬ ମାସ ଜେଲଦଣ୍ଡ କିମ୍ବା ୧,୦୦୦ ଟଙ୍କା ସର୍ବାଧିକ ଜରିମନା ଅଥବା ଉଭୟ ଦଣ୍ଡର ବ୍ୟବସ୍ଥା ରହିଛି।

ପ୍ରସ୍ତାବିତ ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍)ରେ 'ଗୋଷ୍ଠୀ ସେବା'କୁ ଏକ ଦଣ୍ଡ ଭାବେ ସାମିଲ କରାଯିବା ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି କମିଟି କହିଛି। ଅପରାଧ ରୋକିବା ଦିଗରେ ଏହା ଏକ ପ୍ରଶଂସନୀୟ ଉଦ୍ୟମ ଏବଂ ସଂସ୍କାରଧର୍ମୀ ଦୃଷ୍ଟିକୋଣ। ଏହି ଦଣ୍ଡ ବ୍ୟବସ୍ଥାକୁ ସାମିଲ କରାଯାଇଥିବାରୁ ସମସ୍ତ ଷ୍ଟେକ୍‌ହୋଲ୍ଡର ଏହାର ପ୍ରଶଂସା କରିଛନ୍ତି। ଏହା ଜେଲ ଭିତ୍ତିଭୂମି ବୋଝ କମାଇବା ସହ ଦେଶର ଜେଲ ପରିଚାଳନାରେ ମଧ୍ୟ ଉନ୍ନତି ଆଣିପାରିବ ବୋଲି କମିଟି କହିଛି। ତେବେ ଗୋଷ୍ଠୀ ସେବାର ନିୟମ ଓ ସର୍ତ୍ତାବଳୀ ସମ୍ପର୍କରେ ସ୍ପଷ୍ଟ କରାଯାଇ ନ ଥିବା କମିଟି କହିଛି। କମିଟିର କହିବା ଅନୁଯାୟୀ, ଗୋଷ୍ଠୀ ସେବା ହେଉଛି ବିନା ପାରିଶ୍ରମିକରେ ଅପରାଧୀ ଶ୍ରମଦାନ କରିବେ। କେତେକ ଅପରାଧ ମାମଲାରେ ଜେଲଦଣ୍ଡର ବିକଳ୍ପ ଭାବେ ଏଭଳି ଦଣ୍ଡବିଧାନ କରାଯିବ। ସେଥିପାଇଁ ଗୋଷ୍ଠୀ ସେବାର ନିୟମ ଓ ପ୍ରକୃତି ନିର୍ଦ୍ଦିଷ୍ଟ ତଥା ଉପଯୁକ୍ତ ଭାବେ ବ୍ୟାଖ୍ୟା କରାଯିବା ଆବଶ୍ୟକ ବୋଲି କମିଟି ସୁପାରିସ କରିଛି। ପ୍ରସ୍ତାବିତ ଆଇନରେ 'ଗୋଷ୍ଠୀ ସେବା' ଶବ୍ଦର ସଂଜ୍ଞା ଭରିବାକୁ ହେବ।

କମିଟି ଭାରତୀୟ ନ୍ୟାୟ ସଂହିତାର ପ୍ରତ୍ୟେକ ଧାରାକୁ ସବିଶେଷ ତର୍ଜମା କରିଛି। ସେଥିରେ କେତେକ ଟାଇପ୍‌ଗତ ଓ ବ୍ୟାକରଣଗତ ତ୍ରୁଟି ଥିବା କମିଟି ଦର୍ଶାଇଛି। ଏଭଳି ଗୋଟିଏ ଭୁଲ୍ ବି ଆଇନର ଉଦ୍ଦେଶ୍ୟକୁ ଭୁଲ୍ ବ୍ୟାଖ୍ୟା କରିପାରେ। ତେଣୁ ପ୍ରସ୍ତାବିତ ଆଇନରେ ଥିବା ଟାଇପ୍‌ଗତ ଓ ବ୍ୟାକରଣଗତ ତ୍ରୁଟି ସଂଶୋଧନ କରିବାକୁ କମିଟି ମନ୍ତ୍ରଣାଳୟକୁ ସୁପାରିସ କରିଛି।

ସୂଚନାଯୋଗ୍ୟ, ଭାରତୀୟ ନାଗରିକ ସୁରକ୍ଷା ସଂହିତା (ବିଏନ୍‌ଏସ୍‌ଏସ୍-୨୦୨୩) ବିଲ୍, ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍-୨୦୨୩) ଏବଂ ଭାରତୀୟ ସାକ୍ଷ୍ୟ ଅଧିନିୟମ (ବିଏସ୍‌ଏ-୨୦୨୩) ବିଲ୍ ସହିତ ଗତ ଅଗଷ୍ଟ ୧୧ରେ ଲୋକ ସଭାରେ ଆଗତ ହୋଇଥିଲା। ଦଣ୍ଡ ପ୍ରକ୍ରିୟା ସଂହିତା ଅଧିନିୟମ, ୧୮୯୮, ଭାରତୀୟ ଦଣ୍ଡ ସଂହିତା, ୧୮୬୦ ଏବଂ ଭାରତୀୟ ସାକ୍ଷ୍ୟପ୍ରମାଣ ଅଧିନିୟମ, ୧୮୭୨ ସ୍ଥାନରେ ଉପରୋକ୍ତ ପ୍ରସ୍ତାବିତ ଆଇନଗୁଡ଼ିକ କାର୍ଯ୍ୟକାରୀ ହେବ। ଗତ ଶୁକ୍ରବାର ସଂସଦୀୟ କମିଟି ଏହାର ରିପୋର୍ଟ ରାଜ୍ୟ ସଭାରେ ଦାଖଲ କରିଥିଲା।

# ଶିଶୁ ମହୋତ୍ସବ 'ସୁରଭି' ଉଦ୍‌ଘାଟିତ




- ବିଭିନ୍ନ ପ୍ରତିଯୋଗିତାରେ ଭାଗନେଲେ ଛାତ୍ରୀଛାତ୍ର
- ମହୋତ୍ସବର ମୁଖ୍ୟ ଆକର୍ଷଣ 'ଆକାଂକ୍ଷୀ ପାଭିଲିୟନ'

ଭୁବନେଶ୍ୱର, ୧୪।୧୧(ଅସମାପିକା ସାହୁ)

ଶିକ୍ଷକମାନେ ହେଉଛନ୍ତି ବିଶ୍ୱକର୍ମା। ସେମାନେ ଛାତ୍ରୀଛାତ୍ରଙ୍କ ବନ୍ଧୁ, ସହଯୋଗୀ ଏବଂ ମାର୍ଗଦର୍ଶକ। ପ୍ରତ୍ୟେକ ଶିକ୍ଷକ ଛାତ୍ରୀଛାତ୍ରଙ୍କ ଜୀବନକୁ ଉନ୍ନତ କରି ଗଢ଼ିତୋଳନ୍ତୁ ଏବଂ ପିଲାମାନେ ନିଜ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭାର ବିକାଶ କରିବାକୁ ସର୍ବଦା ପ୍ରୟାସ କରନ୍ତୁ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାର୍ଣ୍ଡି କହିଛନ୍ତି। ଶିଶୁ ଦିବସ ଅବସରରେ ମଙ୍ଗଳବାର ଗଣଶିକ୍ଷା ବିଭାଗ ପକ୍ଷରୁ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ୟୁନିଟ୍-୯ ବାଳକ ଉଚ୍ଚ ବିଦ୍ୟାଳୟରେ ଉଦ୍‌ଘାଟିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ମାର୍ଣ୍ଡି ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଶିଶୁ ଦିବସର ଶୁଭେଚ୍ଛା ଜଣାଇବା ସହ ସେମାନଙ୍କୁ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଉତ୍ସାହିତ କରିଥିଲେ। ପିଲାମାନେ ପାଠ ସହିତ ସହପାଠଭିତ୍ତିକ ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ନିଜର ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରିବାକୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ।

ଉତ୍ସବରେ ସମ୍ମାନିତ ଅତିଥି ଭାବେ ବିଧାୟକ ଅନନ୍ତ ନାରାୟଣ ଜେନା, ସୁଶାନ୍ତ କୁମାର ରାଉତ, ଭୁବନେଶ୍ୱର ମହାନଗର ନିଗମର ମେୟର ସୁଲୋଚନା ଦାସ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ନିଜର ଲୁକ୍କାୟିତ ପ୍ରତିଭା ଦେଖାଇବା ପାଇଁ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେବା ପାଇଁ ପରାମର୍ଶ ଦେଇଥିଲେ। ବିଭାଗୀୟ ଶାସନ ସଚିବ ଅଶ୍ୱଥୀ ଏସ୍. ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଥିଲେ। ଓସେପାର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନୁପମ ଶାହା ସ୍ୱାଗତ ଭାଷଣ ଦେଇଥିଲେ। ଟିଇ ଏବଂ ଏସ୍‌ସିଇଆର୍‌ଟିର ନିର୍ଦ୍ଦେଶକ ମନୋଜ କୁମାର ପାଢ଼ୀ ଏବଂ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ସୁଶାନ୍ତ କୁମାର ଦାଶଙ୍କ ସମେତ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ମହୋତ୍ସବରେ ମୁଖ୍ୟ ଆକର୍ଷଣ ସାଜିଛି 'ଆକାଂକ୍ଷୀ ପାଭିଲିୟନ୍'। ବିଦ୍ୟାଳୟରେ ଆରମ୍ଭ ହୋଇଥିବା ଆକାଂକ୍ଷୀ ପାଠ୍ୟକ୍ରମ ଏବଂ କ୍ଲବ୍ କାର୍ଯ୍ୟକ୍ରମଗୁଡ଼ିକ୍ ଏହି ପାଭିଲିୟନ୍‌ରେ ପ୍ରଦର୍ଶନ କରାଯାଇଛି। ପାଭିଲିୟନ୍ ଆରମ୍ଭରୁ ଥିବା ଗ୍ଲୋବ୍ ଆଗାମୀ ୨୦୩୬ ବର୍ଷ ବେଳକୁ ଆମ ରାଜ୍ୟର ବିଦ୍ୟାଳୟ କିପରି ହେବ ତାହା ପ୍ରଦର୍ଶିତ କରୁଛି। ତିନିଦିନ ଧରି ଚାଲିବାକୁ ଥିବା ଏହି ମହୋତ୍ସବର ପ୍ରଥମ ଦିନରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପୋଷଣ ଓ ଖାଦ୍ୟ ନିରାପତ୍ତା ଶୀର୍ଷକରେ ପ୍ରତିଯୋଗିତା ହୋଇଥିଲା। ୩୦ଟି ଜିଲାରୁ ଜଣେ ଲେଖାଏ କୃତୀ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରି ପୋଷଣ ଓ ଖାଦ୍ୟ ନିରାପତ୍ତା ଉପରେ ସୁନ୍ଦର ସୁନ୍ଦର ଚିତ୍ର ଓ ହସ୍ତକଳା ପ୍ରସ୍ତୁତ କରିଥିଲେ। ଏଥିସହ ପ୍ରବନ୍ଧ, ଚିତ୍ରାଙ୍କନ ଆଦି ପ୍ରତିଯୋଗିତା ସମେତ ବିଭିନ୍ନ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

ପ୍ରଥମ ପୃଷ୍ଠାରୁ...

## ମୁକୁଳା ବୋର୍‌ୱେଲରେ...

ହୋଇ ଏଭଳି ଦୁଃଖଦ ଘଟଣା ଘଟିଲା ବୋଲି ଅଭିଯୋଗ ହେଉଛି। ଅପରପକ୍ଷରେ ଏହି ଘଟଣାର ତଦନ୍ତ କରାଯିବ, ଯେଉଁମାନେ ଏଥିପାଇଁ ଦାୟୀ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଏସ୍‌ପି ଅମରେଶ କୁମାର ପଣ୍ଡା କହିଛନ୍ତି। ସୋନପୁର ବ୍ଲକ ଖଲିଆପାଲି ପଞ୍ଚାୟତ ଗୋବିନ୍ଦପୁର ଗ୍ରାମରେ ଦୁଃଖୀଙ୍କ ଘର। ସେ କିଛି ଦିନ ପୂର୍ବରୁ ମଲ୍ଲିକମୁଣ୍ଡା ପଞ୍ଚାୟତର କସୁରପାଲିସ୍ଥିତ ଝିଅ ରଜନୀ ଓ ଜ୍ୱାଇଁ ଅକ୍ରୁର ବଡମାଳୀଙ୍କ ଘରକୁ ଆସିଥିଲେ। ସୋମବାର ସକାଳେ ହାତରେ ଦା ଧରି ଦୁଃଖୀ ଝାଡୁ ତିଆରି ପାଇଁ ବେଣା ଆଣିବାକୁ ବାହାରି ପଡ଼ିଥିଲେ। ନିକଟସ୍ଥ କଇଁଫୁଲ ଗାଁ ପଡ଼ିଆରେ ବେଣା ସଂଗ୍ରହ କରୁଥିବାବେଳେ ଦୁଃଖୀ ଏକ ମୁକୁଳା ବୋରୱେଲରେ ଖସି ପଡ଼ିଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ସେ ଘରକୁ ନ ଫେରିବାରୁ ଝିଅଜ୍ୱାଇଁ ବହୁ ଖୋଜାଖୋଜି କରିଥିଲେ। ସନ୍ଧ୍ୟା ପର୍ଯ୍ୟନ୍ତ ଦୁଃଖୀଙ୍କ କୌଣସି ପତ୍ତା ମିଳି ନ ଥିଲା। ମଙ୍ଗଳବାର ସକାଳେ ସେମାନେ ଗ୍ରାମବାସୀଙ୍କ ସହିତ ଖୋଜିବା ସମୟରେ ଉକ୍ତ ବୋର୍‌ୱେଲ ନିକଟରେ ଏକ ଦା ଓ କଟା ହୋଇଥିବା କିଛି ବେଣା ମିଳିଥିଲା। ତେଣୁ ସନ୍ଦେହରେ ବୋରୱେଲ ଭିତରକୁ ଚାହିଁବାରୁ ଦୁଃଖୀଙ୍କ ଦୁଇ ହାତ ଦେଖା ଯାଇଥିଲା। ଏହା ଜାଣିବା ପରେ ଗଡ଼ିଆ ଗ୍ରାମର କରମଚାନ୍ଦ ମହାନ୍ତି ସୁବର୍ଣ୍ଣପୁର ଜିଲାପାଳ ବିମଳେନ୍ଦୁ ରାୟ, ସୋନପୁର ବିଡିଓ ସୌମ୍ୟରଞ୍ଜନ ସ୍ୱାଇଁ ଓ ସୋନପୁର ସହକାରୀ ଅଗ୍ନିଶମ ଅଧିକାରୀ ଧନଞ୍ଜୟ ମଲ୍ଲିକଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ। ସୂଚନା ପାଇବା ପରେ ସୋନପୁର ସହକାରୀ ଅଗ୍ନିଶମ ଅଧିକାରୀ ମଲ୍ଲିକ, ଅଗ୍ନିଶମ ବାହିନୀର ସୋନପୁର ଓ ତରଭା ଟିମ୍ ଏବଂ ସୁବର୍ଣ୍ଣପୁର ଏସ୍‌ପି ପଣ୍ଡା ପୋଲିସ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚିଥିଲେ। ସୋନପୁର ବିଡିଓ ସ୍ୱାଇଁ ଓ ସୋନପୁର ତହସିଲଦାର ଡ. ସୌମ୍ୟରୂପା ରଥ ଉପସ୍ଥିତ ଥିଲେ। ସକାଳ ୯ ଟା ୪୫ ମିନିଟ୍‌ରୁ ଅଗ୍ନିଶମ ବାହିନୀ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲା। ବୃଦ୍ଧାଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିବା ପାଇଁ ୨୦ ଫୁଟ ଦୂରରୁ ବୋରୱେଲ ପର୍ଯ୍ୟନ୍ତ ଜେସିବି ଦ୍ୱାରା ମାଟି ଖୋଳାଯାଇଥିଲା। ଅଗ୍ନିଶମ ବାହିନୀ ଅତି ସତର୍କତାର ସହିତ ଏହି କାର୍ଯ୍ୟ କରିଥିଲେ। ଉଦ୍ଧାର ସମୟରେ ବୃଦ୍ଧାଙ୍କ ନିକଟରେ ବୋରୱେଲ ଭିତରେ ଏକ ଚିତି ସାପ ଦେଖିବାକୁ ମିଳିଥିଲା। ଏପଟେ ବୃଦ୍ଧାଙ୍କ ନିଃଶ୍ୱାସ ନେବାରେ ସୁବିଧା ପାଇଁ ବୋରୱେଲ ଭିତରକୁ ଅକ୍ସିଜେନ୍ ମଧ୍ୟ ଦିଆ ଯାଇଥିଲା। ସୋନପୁର ବିଧାୟକ ତଥା ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ ନିରଞ୍ଜନ ପୂଜାରୀ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟର ତଦାରଖ କରିଥିଲେ। ଅଗ୍ନିଶମ ବାହିନୀ, ଓଡ୍ରାଫ୍ ଏବଂ ଏନ୍‌ଡିଆର୍‌ଏଫ୍ ଟିମ୍‌ର ମିଳିତ ଉଦ୍ୟମ କ୍ରମେ ପୂର୍ବାହ୍ନ ପ୍ରାୟ ୧୧ଟା ୪୫ମିନିଟରେ ବୋରୱେଲରୁ ବୃଦ୍ଧାଙ୍କୁ ଉଦ୍ଧାର କରାଯାଇଥିଲେ ସୁଦ୍ଧା ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ରୂପାନ୍ତରଣ ହେବ...

ଏହିଯୋଜନାରେ ଜିଲା ମୁଖ୍ୟ ଚିକିତ୍ସାଳୟ (ଡିଏଚ୍‌ଏଚ୍), ଜିଲା ଉପଖଣ୍ଡ ଚିକିତ୍ସାଳୟ (ଏସ୍‌ଡିଏଚ୍), ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର (ସିଏଚ୍‌ସି) ଏବଂ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର (ପିଏଚ୍‌ସି)ଗୁଡ଼ିକୁ ପର୍ଯ୍ୟାୟକ୍ରମେ ରୂପାନ୍ତରଣ କରାଯିବ। ଏଥନିମନ୍ତେ ଆବଶ୍ୟକ ମାନବ ସମ୍ବଳ ଓ ଭିତ୍ତିଭୂମି କ୍ଷେତ୍ରରେ ରହିଥିବା ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା ପୂରଣ ପାଇଁ ଅଧିକ ଅର୍ଥ ବିନିଯୋଗର ବ୍ୟବସ୍ଥା କରାଯାଇଛି। ରୂପାନ୍ତରଣ ଯୋଜନାର ଉଦ୍ଦେଶ୍ୟ ହେଉଛି ସରକାରୀ ଡାକ୍ତରଖାନାରେ ରୋଗୀଙ୍କ ଚିକିତ୍ସା ନିମନ୍ତେ ଉନ୍ନତମାନର ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଉପଲବ୍ଧ କରାଇବା। ସେହିପରି ରୋଗୀ ଓ ସେମାନଙ୍କ ପରିଜନଙ୍କ ପାଇଁ ଆବଶ୍ୟକ ମୌଳିକ ସୁବିଧାଗୁଡ଼ିକୁ ଉପଲବ୍ଧ କରାଇବା ଏବଂ ସରକାରୀ ଡାକ୍ତରଖାନା ପ୍ରତି ରୋଗୀଙ୍କ ନିର୍ଭରଶୀଳତା ବଢ଼ାଇବା। ଯୋଜନାରେ ରୋଗୀ ପ୍ରତୀକ୍ଷା ସ୍ଥାନଗୁଡ଼ିକର ଉନ୍ନତୀକରଣ ଓ ସମସ୍ତ ମୌଳିକ ସୁବିଧା ଉପଲବ୍ଧ କରାଇବା ସହ ବିନାମୂଲ୍ୟରେ ଦିଆଯାଉଥିବା ଔଷଧ ବିତରଣ କେନ୍ଦ୍ରରେ କାଉଣ୍ଟର ସଂଖ୍ୟା ବଢ଼ାଇବା ବ୍ୟବସ୍ଥା କରାଯାଇଛି। ରୋଗୀଙ୍କର ସକାରାତ୍ମକ ଅଭିଜ୍ଞତା ପାଇଁ ସ୍ୱଚ୍ଛ ଶୌଚାଳୟ ସୁନିଶ୍ଚିତ କରାଇବା, ବିଭିନ୍ନ ବିଭାଗ ମଧ୍ୟରେ ଯୋଗାଯୋଗ ପାଇଁ ଆଭ୍ୟନ୍ତରୀଣ ପକ୍କା ରାସ୍ତା ଓ ଶେଡ୍ ବ୍ୟବସ୍ଥା କରାଯିବ। ରୋଗୀଙ୍କ ସହ ଡାକ୍ତରଖାନା ଆସିଥିବା ଆଟେଣ୍ଡାଣ୍ଟମାନଙ୍କ ରହଣିର ସୁବିଧା ପାଇଁ ଆଟେଣ୍ଡାଣ୍ଟ ବିଶ୍ରାମ ଗୃହ ତିଆରି କରାଯିବ। ଡାକ୍ତରଖାନା ଭିତରେ ବିଭିନ୍ନ ବିଭାଗ ଓ ଉପଲବ୍ଧ ସେବା କେନ୍ଦ୍ରଗୁଡ଼ିକରେ ସହଜରେ ପହଞ୍ଚିବା ପାଇଁ ବିଲ୍ଡିଂଗୁଡ଼ିକରେ ସମାନ ଧରଣର ବ୍ରାଣ୍ଡିଂ ଓ ସାଇନେଜ୍ ସହ ଜନସଚେତନତା ନିମନ୍ତେ ଡିଜିଟାଲ ଡିସ୍‌ପ୍ଲେ ବୋର୍ଡ ଲଗାଯିବ। ଗାଡ଼ି ଚଳାଚଳକୁ ଶୃଙ୍ଖଳିତ କରାଯିବା ସହ ପାର୍କିଂ ଶେଡର ବ୍ୟବସ୍ଥା ହେବ। ସେବା ପ୍ରଦାନ କରାଯାଉଥିବା ସ୍ଥାନଗୁଡ଼ିକରେ ଭିଡ଼ କମାଇବା ନିମନ୍ତେ ଧାଡ଼ି ପରିଚାଳନା ପାଇଁ ରୋଗୀମାନଙ୍କୁ ଡାକିବା ବ୍ୟବସ୍ଥା (ପେସେଣ୍ଟ କଲିଂ ସିଷ୍ଟମ୍) କରାଯିବ। ରୋଗୀଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସମ୍ପର୍କିତ ସୂଚନାଗୁଡ଼ିକର ଉନ୍ନତ ପରିଚାଳନା ପାଇଁ ଅନଲାଇନ୍ ପଞ୍ଜୀକରଣ ବ୍ୟବସ୍ଥା ମଧ୍ୟ କରାଯିବ। ଡାକ୍ତରଖାନାକୁ ଏକାଧିକ ପରିଦର୍ଶନରୁ ଦୂରେଇ ରହିବା ପାଇଁ ରୋଗୀମାନଙ୍କୁ ଫୋନରେ ଲାବୋରେଟୋରି ରିପୋର୍ଟ ପ୍ରଦାନ ବ୍ୟବସ୍ଥା କରାଯିବ। ସହଜରେ ଜଳଖିଆ ଖାଇବା ନିମନ୍ତେ ଡାକ୍ତରଖାନା ପରିସରରେ ମିଶନ୍ ଶକ୍ତି କାଫେରେ ଖାଦ୍ୟ ଉପଲବ୍ଧ କରାଯିବ। ରିହାତି ମୂଲ୍ୟରେ ଉତ୍ତମ ଗୁଣମାନଯୁକ୍ତ ଖାଦ୍ୟ ଯୋଗାଇବା ପାଇଁ ଡାକ୍ତରଖାନା ପରିସରରେ ଆହାର କେନ୍ଦ୍ର ସ୍ଥାପନ କରାଯିବ। ଉତ୍ତମରୂପେ ଦୃଶ୍ୟମାନ ହେବା ପାଇଁ ଡାକ୍ତରଖାନାଗୁଡ଼ିକରେ ସମାନ ଧରଣର ପ୍ରବେଶ ଦ୍ୱାର ନିର୍ମାଣ କରାଯିବ।

## ମେଟ୍ରୋ ରେଳ ପ୍ରକଳ୍ପକୁ...

ଟର୍ନ-କି-କନସଲଟାଣ୍ଟ ଭାବରେ ନିଯୁକ୍ତ କରାଯାଇଛି। ରାଜଧାନୀ ଅଞ୍ଚଳର ଭିତ୍ତିଭୂମିର ବିକାଶ ନିମନ୍ତେ ମୁଖ୍ୟମନ୍ତ୍ରୀ ୨୦୨୩ ଏପ୍ରିଲ ୧ରେ ୫-ଟି ପଦକ୍ଷେପ ଅଧୀନରେ ପ୍ରଥମ ପର୍ଯ୍ୟାୟରେ ଭୁବନେଶ୍ୱର ବିମାନବନ୍ଦରଠାରୁ ତ୍ରିଶୂଳିଆ ପର୍ଯ୍ୟନ୍ତ ମେଟ୍ରୋ ରେଳ ପ୍ରକଳ୍ପକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି। ଏଥିନିମନ୍ତେ ମୋଟ ୫୯୨୯.୩୮ କୋଟିର ବ୍ୟୟ ଅଟକଳ କରାଯାଇଛି। ପ୍ରଥମ ପର୍ଯ୍ୟାୟ କାର୍ଯ୍ୟକୁ ଆସନ୍ତା ୪ ବର୍ଷ ମଧ୍ୟରେ ଶେଷ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଭୁବନେଶ୍ୱର ବିମାନବନ୍ଦରଠାରୁ ତ୍ରିଶୂଳିଆ ପର୍ଯ୍ୟନ୍ତ ୨୬ କି.ମି. ବ୍ୟାପୀ ଏହି ମେଟ୍ରୋ ରେଳ ପ୍ରକଳ୍ପରେ କ୍ୟାପିଟାଲ ହସ୍ପିଟାଲ, ରାଜମହଲ ଛକ, ବାଣୀବିହାର ଛକ, ଜୟଦେବ ବିହାର ଛକ ଓ ପଟିଆ ଛକ ସମେତ ୨୦ ଷ୍ଟେଶନ ନିର୍ମାଣ କରାଯିବ। ଏଲିଭେଟେଡ୍ ଭାୟାଡକ୍ଟ ଉପରେ ସମସ୍ତ ମେଟ୍ରୋ ଧାରଣା ଓ ଷ୍ଟେଶନ ରହିବ। ଅତ୍ୟାଧୁନିକ ରେଳ କୋଚ୍ ବ୍ୟବହାର କରାଯିବ। ଅତ୍ୟାଧୁନିକ ଟିକେଟ ବ୍ୟବସ୍ଥା ଏବଂ ସିଗ୍‌ନାଲ ବ୍ୟବହାର କରାଯିବ।

## ଋଷିକୁଲ୍ୟା ନଦୀରେ...

ଏହି ପ୍ରକଳ୍ପ ଗଞ୍ଜାମ ଜିଲାର ୫୨,୬୭୫ ହେକ୍ଟର ଚାଷଜମିକୁ ଜଳସେଚନ ସୁବିଧା ଯୋଗାଇଦେବା ସହିତ ବ୍ରହ୍ମପୁର ମହାନଗର ନିଗମକୁ ୬୭.୫ ମିଲିୟନ ଲିଟର ପାନୀୟ ଜଳ ପ୍ରତିଦିନ ଉପଲବ୍ଧ କରାଇବ। ଏହାଛଡା ପ୍ରକଳ୍ପଟି ୩୨ ହେକ୍ଟର ଅଞ୍ଚଳରେ ମାଛଚାଷ ସୁବିଧା ପ୍ରଦାନ କରିବା ସହିତ ଭୂତଳ ଜଳର ପୁନଃଭରଣ ଓ ପରିବେଶ ସନ୍ତୁଳନ ରକ୍ଷା କରିବାରେ ସହାୟକ ହେବ।

## ଶ୍ରୀମନ୍ଦିରରେ ପାନ...

ଭକ୍ତନିବାସଗୁଡ଼ିକରେ ପ୍ରତ୍ୟହ ବହୁ ଭକ୍ତ ଆସି ରହିଥାନ୍ତି। ତେଣୁ ଏହାର ଦାୟିତ୍ୱରେ ଥିବା କର୍ମଚାରୀଙ୍କ ଠାରୁ ସେବାୟତଗଣ ଏବଂ ଭକ୍ତଙ୍କର ମଧ୍ୟ ପରିସରକୁ ପରିଷ୍କାର ପରିଚ୍ଛନ୍ନତା ରକ୍ଷା କରିବାର ନୈତିକ ଦାୟିତ୍ୱ ରହିଛି। ମାତ୍ର ଏହାର ପରିସରରେ ବହୁ ସମୟରେ ପାନଛେପ, ଗୁଟ୍‌ଖା ଜରିଖୋଳ ଏବଂ ପଲିଥିନ ଆଦି ପଡୁଥିବା ଦୃଷ୍ଟିଗୋଚର ହୋଇଥାଏ। ତେଣୁ ଏହାକୁ ନିୟନ୍ତ୍ରଣ କରିବା ପାଇଁ ଏଭଳି ପଦକ୍ଷେପ ନିଆଯାଇଛି। ଏ ନେଇ ପ୍ରଶାସନ ପକ୍ଷରୁ ଛତିଶା ନିଯୋଗର ସମସ୍ତ ନିଯୋଗ ସଭାପତି, ସମ୍ପାଦକ, ଶ୍ରୀମନ୍ଦିର କମାଣ୍ଡର, ସୁପର୍‌ଭାଇଜର ପ୍ରମୁଖଙ୍କୁ ସୂଚନା ପ୍ରଦାନ କରାଯାଇଛି। ଯେଉଁମାନେ ନିୟମ ଉଲ୍ଲଙ୍ଘନ କରିବେ ସେମାନଙ୍କଠାରୁ ଫାଇନ୍ ଆଦାୟ କରାଯିବ। ନିୟମ ମାନିବା ପାଇଁ ସେବାୟତମାନଙ୍କୁ ପ୍ରଶାସକ ଅନୁରୋଧ କରିଛନ୍ତି। ମଙ୍ଗଳବାରଠାରୁ ନିୟମ ଲାଗୁ କରାଯାଇଥିଲେ ବି ଦୁଇ ମାସ ପର୍ଯ୍ୟନ୍ତ ଲୋକଙ୍କୁ ସଚେତନ କରାଯିବ। ଆସନ୍ତା ଇଂରାଜୀ ନବବର୍ଷଠାରୁ ନିୟମକୁ କଡ଼ାକଡ଼ି ଭାବରେ ପାଳନ କରାଯିବ।

## ୨୧ରେ ଉପବାଚସ୍ପତି...

ଉପବାଚସ୍ପତି ପଦରୁ ଇସ୍ତଫା ଦେଇଥିଲେ। ଏହା ପରଠାରୁ ଏହି ପଦବୀ ଖାଲିପଡ଼ିଛି। ତେବେ ଆସନ୍ତା ସାଧାରଣ ନିର୍ବାଚନକୁ କମ୍ ସମୟ ଥିବାରୁ ଏହି ପଦ ଖାଲିପଡ଼ିପାରେ ବୋଲି ଏକ ପ୍ରକାର ଆଲୋଚନା ଚାଲିଥିଲା। ତେବେ ଉପବାଚସ୍ପତି ନିର୍ବାଚନ ନେଇ ବିଧାନସଭା ସଚିବ ସବୁ ସଦସ୍ୟଙ୍କୁ ଅବଗତ କରାଇଛନ୍ତି। ଗୋଟିଏ ପଟେ ନିର୍ବାଚନକୁ କମ୍ ସମୟ ଥିବାବେଳେ ଉପବାଚସ୍ପତି ପଦରୁ ରଜନୀକାନ୍ତ ଇସ୍ତଫା ଦେବା ଏବଂ ପୁଣି ଥରେ ଏହି ସମୟରେ ନିର୍ବାଚନ କରିବା ଲାଗି ଘୋଷଣା କରାଯିବାକୁ ନେଇ ରାଜନୈତିକ ମହଲରେ ଚର୍ଚ୍ଚା ଜୋର୍ ଧରିଛି। ଏଭଳି ସମୟରେ ଦଳ ଏହି ପଦରେ କାହାକୁ ବସାଇବ ତାକୁ ନେଇ ଚର୍ଚ୍ଚା, ଆଲୋଚନା ଆରମ୍ଭ ହୋଇଯାଇଛି। ବିଧାନସଭାରେ ବିଭିନ୍ନ ଦଳର ଆସନ ସଂଖ୍ୟା ଉପରେ ନଜର ପକାଇଲେ ଜଣାପଡୁଛି ବିଜେଡି ପ୍ରାର୍ଥୀ ସହଜରେ ବିଜୟୀ ହେବେ। ସେପରି ଦେଖିବାକୁ ଗଲେ ଅନ୍ୟ ଦଳ ପ୍ରାର୍ଥୀ ନ ଦେଇପାରନ୍ତି ଏବଂ ଏଥିଲାଗି ଭୋଟ ମଧ୍ୟ ନ ହୋଇପାରେ।

## ଆଜି ଭାରତ-ନ୍ୟୁଜିଲାଣ୍ଡ...

ବିଶ୍ୱକପ୍‌ରେ ଉଭୟ ଦଳ ୧୦ ଥର ମୁହାଁମୁହିଁ ହୋଇଥିବା ବେଳେ ଭାରତ ସପକ୍ଷରେ ଫଳାଫଳ ୪ ଥର ଆସିଛି। ଅନ୍ୟ ପକ୍ଷରେ ନ୍ୟୁଜିଲାଣ୍ଡ ୫ ଥର ବିଜୟୀ ହୋଇଥିବା ବେଳେ ଗୋଟିଏ ମ୍ୟାଚ୍ ବିନା ଫଳାଫଳରେ ଶେଷ ହୋଇଛି। ତେବେ ଚଳିତ ବିଶ୍ୱକପ୍‌ରେ ଉଭୟ ଦଳ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍ ଜିତିଥିବାରୁ ତଥା ଘରୋଇ ଦର୍ଶକଙ୍କ ସମ୍ମୁଖରେ ଖେଳୁଥିବାରୁ ଏହା ଭାରତକୁ ଏକ ମନସ୍ତାତ୍ତ୍ୱିକ ଫାଇଦା ପ୍ରଦାନ କରିବ। ଏହା ସହ ଭାରତରେ ଖେଳାଯାଇଥିବା ବିଶ୍ୱକପ୍‌ର ୩ ମ୍ୟାଚ୍‌ରେ ଭାରତ ବିଜୟୀ ହୋଇଥିବା ବେଳେ ବୁଧବାର ଦଳ ଏହାକୁ ବଜାୟ ରଖିବାକୁ ପ୍ରୟାସ କରିବ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି ପୂର୍ବ ପରିକଳ୍ପିତ ନୂଆ କରି କାମଟିଏ ଆରମ୍ଭ କରିବାକୁ ମନ ବଳାଇବେ। ଆର୍ଥିକ ସ୍ଥିତି ମଜଭୁତ ରହିବା କାରଣରୁ ନୂତନ ଉତ୍ସାହ ନେଇ କାମ କରିବେ। ଅଶ୍ୱିନୀ ନକ୍ଷତ୍ର ପାଇଁ କରଜଦାତାଙ୍କ ଚାପ ବୃଦ୍ଧି ପାଇବା କାରଣରୁ ସମସ୍ୟା ଭିତରେ ଉବୁଟୁବୁ ହେବେ। ସଭାସମିତିରେ, କଳା-ସାହିତ୍ୟରେ, ଗବେଷଣା କାର୍ଯ୍ୟରୁ ପ୍ରଶଂସିତ ହେବେ।

**ବୃଷ** – ଦ୍ୱିଜା ନକ୍ଷତ୍ର ସକାଶେ ଆଜିର ଯାତ୍ରା ପ୍ରୀତିପ୍ରଦ ରହିବ, କିନ୍ତୁ ଖର୍ଚ୍ଚ ପରିମାଣ ବୃଦ୍ଧି ପାଇବ। ଦୀର୍ଘ ଦିନରୁ ଭଲ ପାଉଥିବା ବନ୍ଧୁଟି ପରିସ୍ଥିତି ଚାପରେ ପଡ଼ି ଦୂରେଇଯିବା କାରଣରୁ ମନ ଅତୀତକୁ ଖୋଜି ବୁଲିବ। ସ୍ତ୍ରୀଙ୍କ ଚିଡ଼ା ସ୍ୱଭାବ ପାଇଁ କ୍ଷୁବ୍ଧ ହେବେ। ଯାନବାହନ, ଜମିଜମା, ପ୍ରେସ୍, ପବ୍ଲିକେଶନ ସ୍ତରରେ ରହିଥିବା ସମସ୍ୟା ଦୂରୀଭୂତ ହୋଇଯିବ।

**ମିଥୁନ** – ପୁନର୍ବସୁ ନକ୍ଷତ୍ର ସକାଶେ ଆଜି ଯେଉଁ କାମରେ ହାତ ଦେବେ, ତାହା ବେକାର ଯିବ ନାହିଁ। ସାଙ୍ଗ ସାଥୀ ମେଳରେ ବେଶୀ ସମୟ କାଟିବେ। ଘରର ନୂଆ ଜିନିଷ ଘରକୁ ଆଣିପାରନ୍ତି। ପ୍ରକାଶନ, ସଙ୍ଗଠନ, ରାଜନୀତି, କଳା, ସାହିତ୍ୟ କ୍ଷେତ୍ରରେ ଶୁଭଫଳ ପାଇବେ। ସ୍ୱାସ୍ଥ୍ୟରେ ଅବନତି ପରିଲକ୍ଷିତ ହେବ।

**କର୍କଟ** – ସାମାଜିକ ସ୍ତରରେ ନିଜର ଲୋକମାନଙ୍କୁ ମନେଇ କାର୍ଯ୍ୟ ସାଧନ କରିବେ। ସଭାସମିତି, ପରିବହନ, ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରୁ ସୁଫଳ ମିଳିବ। ପୁଷ୍ୟା ନକ୍ଷତ୍ର ସକାଶେ ସାଧାରଣ କଥାକୁ କେନ୍ଦ୍ରକରି ପରିବାରରେ ଝଡ଼ ଉଠିପାରେ। ଆଲୋଚନା ପରିସରରେ ଭାବପ୍ରବଣତାରେ ଭୁଲ୍ କାମ କରିପାରନ୍ତି।

**ସିଂହ** – ଆଜି ଅନାବଶ୍ୟକ ଭାବେ ବହୁତ ଖର୍ଚ୍ଚ କରିବାକୁ ବାଧ୍ୟ ହୋଇ ମନ ଭଲ ରହିବ ନାହିଁ। ପୂର୍ବାଫାଲ୍‌ଗୁନୀ ନକ୍ଷତ୍ର ଅଫିସ୍‌ରେ ଅଟକି ରହି ଯାଇଥିବା କାମଟିକୁ ପୂର୍ଣ୍ଣାଙ୍ଗ ରୂପ ଦେବେ। ପାରିବାରିକ ସମସ୍ୟାର ସମାଧାନ ଘଟିବ। ଏ ଦିଗରେ ଜଣେ ବନ୍ଧୁଙ୍କ ସାହାଯ୍ୟ କାମକୁ ଆସିବ। ଆର୍ଥିକ ଅନଟନ ଜନିତ ମାନସିକ ଦ୍ୱନ୍ଦ୍ୱର ଅବସାନ ଘଟିପାରେ।

**କନ୍ୟା** – ଯାହା ପାଇବା କଥା ଆଶାନୁରୂପ ପାଇପାରିବେ ନାହିଁ। ପରିବାରରେ ସମସ୍ୟା ବଢ଼ିପାରେ। ବିଭିନ୍ନ ବାଧା, ବିଘ୍ନ ଓ ସମସ୍ୟା ଲାଗି ରହୁଥିବା କାରଣରୁ ପ୍ରତ୍ୟେକ କ୍ଷେତ୍ରରେ ନେଗେଟିଭ୍ ଚିନ୍ତାଧାରା ମନକୁ ଆକ୍ରାନ୍ତ କରିବ। ଉତ୍ତରାଫାଲ୍‌ଗୁନୀ ନକ୍ଷତ୍ର ସକାଶେ ବ୍ୟବସାୟ, ପରିବହନ ଓ ବାଣିଜ୍ୟରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ।

**ତୁଳା** – କର୍ମକ୍ଷେତ୍ରରେ ବିଭିନ୍ନ ଅପ୍ରୀତିକର ପରିସ୍ଥିତିର ସାମ୍ନା କରିବାକୁ ପଡ଼ିପାରେ। ଏକ ନିର୍ଦ୍ଦିଷ୍ଟ ଦିଗରେ ଖର୍ଚ୍ଚ କରିବାକୁ ଥିବା ଟଙ୍କା ଭିନ୍ନ ବାଟରେ ଖର୍ଚ୍ଚ ହୋଇଯିବ। ଆତ୍ମୀୟ ସମାଲୋଚନା କରିପାରନ୍ତି। ସ୍ୱାତୀ ନକ୍ଷତ୍ର ବହୁ ଦିନରୁ ଆଶା କରିଥିବା କାମଟିରେ ସୁଯୋଗ ପାଇଲେ ମଧ୍ୟ ସଦ୍‌ବ୍ୟବହାର କରିବା କାଠିକର ପାଠ ହେବ।

**ବିଛା** – କୌଣସି ନୀଚ ଜାତିର ବ୍ୟକ୍ତି ପରୋକ୍ଷ ଭାବେ ସମାଲୋଚନା କରିପାରନ୍ତି। ସାହିତ୍ୟ, ସାମ୍ବାଦିକତା, ରାଜନୀତି, ପ୍ରକାଶନ, ପ୍ରଶାସନିକ ସ୍ତରରେ ଅଭୀଷ୍ଟ ସିଦ୍ଧି ଘଟିବ। ଅନୁରାଧା ନକ୍ଷତ୍ର ସକାଶେ ବ୍ୟବସାୟିକ ସ୍ଥିତି ମାନ୍ଦା ହେବନାହିଁ। ଆନୁଷ୍ଠାନିକ କ୍ଷେତ୍ରରେ ଆକସ୍ମିକ ଭାବରେ ଉଚ୍ଚ ସମ୍ମାନ ଓ ବସ୍ତ୍ରଭୂଷଣ ପ୍ରାପ୍ତି ଯୋଗ ରହିଛି।

**ଧନୁ** – ଆଜି ମୂଳା ନକ୍ଷତ୍ରର ବନ୍ଧୁମାନଙ୍କ ସହ ଭ୍ରମଣ ଓ କାର୍ଯ୍ୟ ସିଦ୍ଧି ଯୋଗୁ ମନ ପ୍ରଫୁଲ୍ଲ ରହିବ। ପାଖ ପଡ଼ୋଶୀ କିମ୍ବା ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ। ପାରସ୍ପରିକ ଉତ୍ତମ ବୁଝାମଣା କାରଣରୁ ପାରିବାରିକ ପରିସ୍ଥିତି ପ୍ରାୟତଃ ଠିକ୍ ରହିବ। ହୋଟେଲ, ଦୋକାନ, ବ୍ୟବସାୟ ପ୍ରଭୃତି ଆଶା କରୁଥିବା ଫଳ ଅବଶ୍ୟ ପାଇବେ।

**ମକର** – ଅଫିସରେ କାମ ଶେଷ ପର୍ଯ୍ୟାୟକୁ ଯିବା ପୂର୍ବରୁ ଅଘଟଣ ଘଟିପାରେ। ଘରୋଇ କଥାରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କରନ୍ତୁ। ଶ୍ରବଣା ନକ୍ଷତ୍ର ପାଇଁ ସହକର୍ମୀଙ୍କ ସହାନୁଭୂତି ଯୋଗୁ କାମ ସମ୍ପନ୍ନରେ ବିଶେଷ ଅସୁବିଧା ହେବ ନାହିଁ। ଯାତ୍ରା, ଆଇନ ଅଦାଲତ ପ୍ରଭୃତି କ୍ଷେତ୍ରରେ ସଫଳତା ନିଶ୍ଚିତ ମିଳିବ।

**କୁମ୍ଭ** – ସମସ୍ୟା ବିଜଡ଼ିତ ପରିସ୍ଥିତିରେ ମଧ୍ୟ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ। କେତେକ କ୍ଷେତ୍ରରେ ନିଜର ପ୍ରାଧାନ୍ୟକୁ ଜାହିର କରିବାକୁ ଯାଇ ଅପଦସ୍ଥ ହୋଇପାରନ୍ତି। ହଠାତ୍ ବ୍ୟସ୍ତ ହୋଇ କୌଣସି ତରବରିଆ ପଦକ୍ଷେପ ନେବା ଠିକ୍ ହେବ ନାହିଁ। ଶତଭିଷା ନକ୍ଷତ୍ର ସକାଶେ ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରୁ ସୁଫଳ ପାଇବେ।

**ମୀନ** – ଆଜି ପ୍ରତ୍ୟେକ କ୍ଷେତ୍ରରେ ଏକ ପ୍ରକାର ଆଶ୍ୱସ୍ତି ଅନୁଭବ କରିବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ ପାଇଁ ଦିନଟି ବହୁତ ଶୁଭଙ୍କରୀ ହେବ। ହଠାତ୍ ହଜି ଯାଇଥିବା ବ୍ୟକ୍ତି, ଚୋରି ଯାଇଥିବା ଜିନିଷର ଖୋଜ ଖବର ପାଇପାରନ୍ତି। ପୂର୍ବଭାଦ୍ରବ ନକ୍ଷତ୍ର ନିଜର ଅସହାୟତା ପ୍ରକାଶ କରି ଲଜ୍ଜିତ ହେବାକୁ ପଡ଼ିପାରେ।

ଆଜି କାର୍ତ୍ତିକ ଶୁକ୍ଳପକ୍ଷର ଯମଦ୍ୱିତୀୟା ଯୁକ୍ତ ତୃତୀୟା ବୁଧବାର, ନଭେମ୍ବର ୧୫ ତାରିଖ, ବିର୍ସାମୁଣ୍ଡା ଜୟନ୍ତୀ, ରାଶିନକ୍ଷତ୍ର-ଜ୍ୟେଷ୍ଠା/ବିଛା, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ତୃତୀୟାର ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୪୮ ଗତେ ଘ.୦୮।୧୧ ମଧ୍ୟେ, ଘ.୧୦।୨୪ ଗତେ ଘ.୧୧।୩୧ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୧।୩୧ ଗତେ ଘ.୧୨।୫୪ ମଧ୍ୟେ ରାହୁକାଳ।



# धरती आबा भगवान बिरसा मुंडा की जयंती पर राज्य स्थापना दिवस समारोह

झारखण्ड के अमर वीर शहीदों एवं आंदोलनकारियों के संघर्ष और शहादत को शत-शत नमन

## जोहार

**समारोह के मुख्य बिंदु**

- **₹1,714 करोड़** के कुल 229 योजनाओं का **उद्घाटन**
- **₹5,328 करोड़** के कुल 677 योजनाओं का **शिलान्यास**
- **आपकी योजना, आपकी सरकार, आपके द्वार** कार्यक्रम का शुभारंभ
- **अबुआ आवास योजना** और **मुख्यमंत्री ग्राम गाड़ी योजना** का शुभारंभ
- **रोजगार मेला** के तहत **18,034 युवाओं** को ऑफर लेटर वितरण
- **सावित्रीबाई फुले किशोरी समृद्धि योजना** के तहत वर्ष 2023-24 में **5.5 लाख** से अधिक किशोरियों को **₹261 करोड़** की सहायता राशि वितरण
- खेल प्रोत्साहन नीति के तहत 70 खिलाड़ियों को लगभग ₹2 करोड़ का **नकद पुरस्कार** वितरण
- **ये पॉलिसी होंगे लॉन्च**
  - झारखण्ड स्टार्टअप पॉलिसी 2023
  - झारखण्ड एम.एस.एम.ई प्रमोशन पॉलिसी 2023
  - झारखण्ड निर्यात पॉलिसी 2023
  - झारखण्ड आई.टी., डाटा सेंटर एवं बी.पी.ओ इन्वेस्टमेंट प्रमोशन पॉलिसी 2023

दिनांक - 15 नवम्बर, 2023 | समय - अपराह्न 02:00 बजे से
स्थान - मोरहाबादी मैदान, राँची



**श्री सी. पी. राधाकृष्णन**
माननीय राज्यपाल, झारखण्ड



**श्री हेमन्त सोरेन**
माननीय मुख्यमंत्री, झारखण्ड

सूचना एवं जनसंपर्क विभाग, झारखण्ड सरकार

PR-311370 (IPRD) 2023-24

ଯେତେବେଳେ ତୁମେ ଏକ ସାଂପ୍ରଦାୟିକ ଧାର୍ମିକ ଗଣ୍ଡି ଭିତରେ ରହି ବନ୍ଦ ହୋଇଯାଅ– ଏବଂ ସେତିକି ମାତ୍ର ବିଶ୍ୱାସ ସଙ୍ଗେ ନିଜକୁ ବାନ୍ଧି ରଖ– ଏବଂ ଭାବ ଯେ, ସେତିକି ହିଁ ବିଶ୍ୱରେ ଏକମାତ୍ର ସତ୍ୟ– ସେତେବେଳେ ତୁମେ ତୁମର ଅନ୍ତରାତ୍ମାର ଅଗ୍ରଗତି ଓ ବିସ୍ତାରଶୀଳତାକୁ ବନ୍ଦ କରିଦିଅ । –ଶ୍ରୀମା

# ପିଲାଙ୍କ ସୁରକ୍ଷା

କୁହାଯାଏ ପିଲା ହେଉଛନ୍ତି ମଣିଷ ଜାତିର ଭବିଷ୍ୟତ। କିନ୍ତୁ ଆଜିର ପୃଥିବୀରେ ବାସ୍ତବତା ଅନ୍ୟ ଦିଗକୁ ଦେଖାଉଛି। ବିଶ୍ୱରେ ଯୁଦ୍ଧ ଓ ଜାତିଗତ ସଂଘର୍ଷ ଯୋଗୁ ଅଶାନ୍ତ ସ୍ଥିତି ବଢ଼ିବାରେ ଲାଗିଛି। ୩୦ ଅଗଷ୍ଟ ୨୦୨୧ରେ ଆଫଗାନିସ୍ତାନରୁ ଆମେରିକା ସୈନ୍ୟ ପ୍ରତ୍ୟାହାର ପରେ ସେଠାରେ ସୃଷ୍ଟି ହୋଇଥିବା ଆଭ୍ୟନ୍ତରୀଣ ସଂଘର୍ଷ ସ୍ୱାଭାବିକ ହୋଇଆସୁଥିବାବେଳେ ୟୁକ୍ରେନ୍ ଉପରେ ରୁଷିଆ ଆକ୍ରମଣ କଲା। ଏହି ଯୁଦ୍ଧକୁ ୨୦ ମାସ ପୂରିବାକୁ ବସିଥିବାବେଳେ ଇସ୍ରାଏଲ୍ ଓ ହମାସ୍ ଯୁଦ୍ଧ ଆରମ୍ଭ ହୋଇଯାଇଛି। ୨୮ ମାସ ମଧ୍ୟରେ ଏହି ୩ଟି ଯୁଦ୍ଧରେ ବ୍ୟାପକ ଧନଜୀବନ କ୍ଷତି ହେବା ସହ ସବୁଠୁ ଅଧିକ ପ୍ରଭାବିତ ହୋଇଛନ୍ତି ମହିଳା ଓ ଶିଶୁ। ଯଦି ଶିଶୁଙ୍କ କଥା ବିଚାରକୁ ନିଆଯାଏ ତେବେ କେବଳ ଆଫଗାନିସ୍ତାନ ସଂଘର୍ଷରେ ସ୍ଥାନାନ୍ତରିତ ହୋଇଥିବା ୭,୭୭,୦୦୦ ଲୋକଙ୍କ ମଧ୍ୟରୁ ୫୭% ହେଉଛନ୍ତି ପିଲା। ସେହିଭଳି ଜାତିସଂଘ ତଥ୍ୟ ମୁତାବକ, ଜୁନ୍ ୨୦୨୩ ସୁଦ୍ଧା ରୁଷିଆ–ୟୁକ୍ରେନ୍ ଯୁଦ୍ଧରେ ୫୩୨ ପିଲାଙ୍କର ମୃତ୍ୟୁ ହେବା ସହ ପାଖାପାଖି ୫୦ ଲକ୍ଷ ପିଲା ସ୍ଥାନାନ୍ତରିତ ହୋଇଛନ୍ତି। ଏବେ ଗାଜାରେ ଚାଲିଥିବା ଇସ୍ରାଏଲ ଓ ହମାସ୍ ଯୁଦ୍ଧରେ ୪ ହଜାରୁ ଊର୍ଦ୍ଧ୍ୱ ପିଲାଙ୍କର ମୃତ୍ୟୁ ଘଟିଛି ଏବଂ ୭ ଲକ୍ଷ ପିଲାଙ୍କୁ ପରିବାର ସହ ବାଧ୍ୟତାମୂଳକ ଭାବେ ସ୍ଥାନାନ୍ତର କରାଯାଇଥିବା ୟୁନିସେଫ୍ ରିପୋର୍ଟରୁ ଜଣାପଡ଼ିଛି। ଗାଜାର ଅଲ୍ ଶିଫା ହସ୍ପିଟାଲରେ ନବଜାତ ଶିଶୁମାନେ ବିନା ଇନ୍‌କ୍ୟୁବେଟରରେ ଥିବା ଦୃଶ୍ୟ ସ୍ଥିତିର ଗମ୍ଭୀରତାକୁ ପ୍ରକାଶ କରେ। ବିଜୁଳି ଓ ପାଣି ଅଭାବରେ ଗାଜାର ବିଭିନ୍ନ ହସ୍ପିଟାଲରେ ଚିକିତ୍ସା ବ୍ୟବସ୍ଥା ଅକାମୀ ହେବାରେ ଲାଗିଛି। ଏଭଳି ସ୍ଥିତିରେ ଶିଶୁ ମୃତ୍ୟୁ ସଂଖ୍ୟା ଆହୁରି ବୃଦ୍ଧି ପାଇବା ସ୍ୱାଭାବିକ ମନେହୁଏ। ଏହି ସବୁ ଯୁଦ୍ଧ ଆରମ୍ଭ ହେବା ପୂର୍ବରୁ କଙ୍ଗୋ, ନାଇଜେରିଆ, ସୋମାଲିଆ ଆଦି ଆଫ୍ରିକୀୟ ଦେଶରେ ଶିଶୁମାନେ ସର୍ବାଧିକ ପ୍ରଭାବିତ ହୋଇଆସୁଛନ୍ତି। ଏସିଆର ମ୍ୟାନ୍‌ମାର ସହିତ ଭାରତରେ ମଧ୍ୟ ପିଲାମାନେ ଜାତିଗତ ସଂଘର୍ଷ ଯୋଗୁ ସ୍ଥାନାନ୍ତରିତ ହୋଇ ସ୍ୱାସ୍ଥ୍ୟସେବା ଓ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି। ମଣିପୁର ହିଂସା ଏହାର ଏକ ସଦ୍ୟତମ ଉଦାହରଣ। ସେଠାରେ ବିସ୍ଥାପିତ ୧୪ ହଜାରରୁ ଅଧିକ ପିଲାଙ୍କ ସ୍ୱାସ୍ଥ୍ୟ ଓ ଶିକ୍ଷା ଏବେ ସଙ୍କଟରେ। ମନସ୍ତତ୍ତ୍ୱବିତ୍‌ଙ୍କ ଅନୁଯାୟୀ, ବିସ୍ଥାପିତ ପିଲାମାନେ ଭୟପୂର୍ଣ୍ଣ ପରିବେଶରେ ମାନସିକ ସ୍ତରରେ ପ୍ରଭାବିତ ହେବା ସହ ରୋଗଗ୍ରସ୍ତ ହୁଅନ୍ତି। ସବୁଠୁ ଉଦ୍‌ବେଗର କଥା ହେଉଛି ଥଇଥାନ ଶିବିରରେ ଅନେକେ ଯୌନ ନିର୍ଯାତନାର ଶିକାର ହେଉଛନ୍ତି।

ୟୁନିସେଫ୍ ରିପୋର୍ଟ ମୁତାବକ ଯୁଦ୍ଧ ଏବଂ ଆଞ୍ଚଳିକ ସଂଘର୍ଷ ଯୋଗୁ ସରଳ ଶିଶୁମାନେ ଅଧିକ କ୍ଷତିଗ୍ରସ୍ତ ହେଉଛନ୍ତି। ଯୁଦ୍ଧ ଭଳି ଅଶାନ୍ତ ସ୍ଥିତିରେ ଶିଶୁମାନଙ୍କ ସୁରକ୍ଷା ଗୁରୁତ୍ୱହୀନ ହୋଇପଡୁଛି। ଅନ୍ୟପକ୍ଷରେ ବିସ୍ତାରବାଦ ଓ ଦମନ ଭଳି ମାନସିକତା ଗୁରୁତ୍ୱପୂର୍ଣ୍ଣ ହୋଇଯାଉଛି। ଜାତିସଂଘ ଶିଶୁଙ୍କ ସୁରକ୍ଷା ପାଇଁ ଅନେକ କାର୍ଯ୍ୟକ୍ରମ ଚଳାଉଥିବାବେଳେ ଅଶାନ୍ତ ସ୍ଥିତିରୁ ସେମାନଙ୍କୁ ଉଦ୍ଧାର କରିବାରେ ସଫଳ ହୋଇପାରୁନାହିଁ। ବିଶ୍ୱର ମୋଟ ପିଲାଙ୍କ ମଧ୍ୟରୁ ଏକ ଷଷ୍ଠାଂଶ ଯୁଦ୍ଧ ଏବଂ ସଂଘର୍ଷ ମଧ୍ୟରେ ରହୁଥିବାରୁ ସେମାନଙ୍କ ସୁରକ୍ଷା ଦିଗରେ ବିଶ୍ୱ ସମୁଦାୟ ଓ ଜାତିସଂଘ ଗମ୍ଭୀରତାର ସହ ବିଚାର କରିବା ଦରକାର। ଏହା ସତ ଯେ, ଶିଶୁ ସୁରକ୍ଷା ଦ୍ୱାରା ହିଁ ଏକ ସୁନ୍ଦର ବିଶ୍ୱ ପରିକଳ୍ପନା ସମ୍ଭବ। ଯୁଦ୍ଧ ଏବଂ ଅଶାନ୍ତ ପରିସ୍ଥିତିରେ ଶିଶୁମାନଙ୍କର ଅପୂରଣୀୟ କ୍ଷତି କରି ଏହା ଆଶା କରିବା ବୃଥା। ବିଶ୍ୱବ୍ୟାପୀ ଏଭଳି ପରିସ୍ଥିତି ସୃଷ୍ଟି ହେଉଥିବାବେଳେ ସେଥିରେ ପିଲାମାନେ ସବୁବେଳେ ଶିକାର ହେଉଛନ୍ତି। ଏହାର ପ୍ରଚ୍ଛଦପଟରେ ଦିଲ୍ଲୀ ହାଇକୋର୍ଟ ଏକ ଅତ୍ୟନ୍ତ ସ୍ୱାଗତଯୋଗ୍ୟ ପଦକ୍ଷେପ ଗ୍ରହଣ କରିଛନ୍ତି। ବିଚାରପତି ସୁବ୍ରମଣିୟମ ପ୍ରସାଦଙ୍କ ନିର୍ଦ୍ଦେଶକ୍ରମେ ଗୋଟିଏ କମିଟି ଗଠନ କରାଯାଉଛି ଯାହାକି ଉଭୟ ମାତାପିତା ହରାଇଥିବା ପିଲାଙ୍କ ସମ୍ପତ୍ତି କିଭଳି ଭାବେ ସେମାନେ ବଡ଼ ହେବା ପର୍ଯ୍ୟନ୍ତ ସୁରକ୍ଷିତ ରହିପାରିବ ତାହା ଲକ୍ଷ୍ୟକରି ଏକ ନିୟମାବଳୀ ପ୍ରସ୍ତୁତ କରିବାର ମହାନ୍ ଚିନ୍ତା କରାଯାଇଛି। କେବଳ ଯୁଦ୍ଧ ନୁହେଁ, କରୋନା ଭାଇରସ୍ ଭଳି ସଂକ୍ରମଣ ଏବଂ ବିଭିନ୍ନ ପ୍ରକାର ହିଂସା ସମୟରେ ମାତାପିତା ହରାଇଥିବା ପିଲାଙ୍କ ସଂଖ୍ୟା ଯଥେଷ୍ଟ ଅଧିକ, ଯାହାଙ୍କ ପାଇଁ ସୁଚିନ୍ତିତ ଆଇନ ସୃଷ୍ଟି କରାଯିବାର ଆବଶ୍ୟକତା ରହିଛି।

**ଜାତିସଂଘ ଶିଶୁଙ୍କ ସୁରକ୍ଷା ପାଇଁ ଅନେକ କାର୍ଯ୍ୟକ୍ରମ ଚଳାଉଥିବାବେଳେ ଅଶାନ୍ତ ସ୍ଥିତିରୁ ସେମାନଙ୍କୁ ଉଦ୍ଧାର କରିବାରେ ସଫଳ ହୋଇପାରୁନାହିଁ। ବିଶ୍ୱର ମୋଟ ପିଲାଙ୍କ ମଧ୍ୟରୁ ଏକ ଷଷ୍ଠାଂଶ ଯୁଦ୍ଧ ଏବଂ ସଂଘର୍ଷ ମଧ୍ୟରେ ରହୁଥିବାରୁ ସେମାନଙ୍କ ସୁରକ୍ଷା ଦିଗରେ ବିଶ୍ୱ ସମୁଦାୟ ଓ ଜାତିସଂଘ ଗମ୍ଭୀରତାର ସହ ବିଚାର କରିବା ଦରକାର ।**

# ଘୋଷଣାନାମାର ବାସ୍ତବ ସ୍ଥିତି



ହରିଶଙ୍କର ମିଶ୍ର

ନିକଟ ଅତୀତରେ ଆମ ରାଜ୍ୟର ୫୪ଟି ଗ୍ରାମପଞ୍ଚାୟତକୁ ତମାଖୁମୁକ୍ତ କରାଯାଇଥିବାରୁ ଦେଶରେ ପ୍ରଥମ ଭାବେ "ତମାଖୁମୁକ୍ତ ଯୁବ ଅଭିଯାନ" ଦ୍ୱାରା ପୁରସ୍କୃତ ହୋଇଥିବା ଏବଂ ରାଜ୍ୟର ଆଉ ୧୧୪ ଗ୍ରାମପଞ୍ଚାୟତ ମଧ୍ୟ ଶୀଘ୍ର ତମାଖୁମୁକ୍ତ ହେବ ବୋଲି ଖବର ପ୍ରକାଶ ପାଇଛି। ତମାଖୁ କହିଲେ ବିଡ଼ି, ପିକା, ସିଗାରେଟ୍, ଖଇନି, ଧୂଆଁପତ୍ର, ଗୁଣ୍ଡି, ଗୁଟ୍‌ଖା, ଜାରରେ ଉପଲବ୍ଧ ଅନେକ ପ୍ରକାର ଜର୍ଦ୍ଦା, ଗୁଡ଼ାଖୁ ଓ ନାସକୁ ବୁଝାଇଥାଏ। ଅତୀତରେ ରାଜ୍ୟ ସରକାର ତମାଖୁ ଉପରେ ନିଷେଧାଦେଶ ଜାରି କରିଥିଲେ, କିନ୍ତୁ ଏହା କେବଳ ତମାଖୁର ଦରବୃଦ୍ଧିରେ ସହାୟକ ହେଲା। ସାମ୍ପ୍ରତିକ ଚଳଣି ଓ ଉଚ୍ଛୃଙ୍ଖଳ ଯୁବ ସମାଜ ଦ୍ୱାରା ଆମ ରାଜ୍ୟରେ ଏହି ସବୁର ବ୍ୟବହାର ହେଉନଥିବା କୌଣସି ପଞ୍ଚାୟତ ବା ରାଜସ୍ୱ ଗ୍ରାମ ପରିବର୍ତ୍ତେ କୌଣସି ଗୋଟିଏ ପଡ଼ାଗ୍ରାମ ବି ରହିଥିବା ଆଦୌ ବିଶ୍ୱସନୀୟ ନୁହେଁ। ତେଣୁ ଏଇ ଘୋଷଣାନାମାର ସତ୍ୟତା ବାସ୍ତବ ପରିବର୍ତ୍ତେ କେବଳ ତଥ୍ୟ ପ୍ରସ୍ତୁତକାରୀଙ୍କ ଉର୍ବର ମସ୍ତିଷ୍କର ଦକ୍ଷତା ଯୋଗୁ ସମ୍ଭବ ହୋଇ ପାରିଥିବା ବିଶ୍ୱାସକୁ ହିଁ ଦୃଢ଼ କରୁଛି। ଏହି ଖବର ପଢ଼ିବା ପରେ ଅତୀତରେ ଏପରି ଅନେକ ମିଥ୍ୟା ଏବଂ ଅତିରଞ୍ଜିତ ଘୋଷଣା ସ୍ୱତଃ ମନକୁ ଆସିଥାଏ।

ଗୋଟିଏ ଦୁଃଖଦ ମାନସିକତାରେ ଆତ୍ମହତ୍ୟା କରିଥିବା ଆଇଏଏସ୍ ଅଧିକାରୀ ସ୍ୱର୍ଗତ ଜଗଦାନନ୍ଦ ପଣ୍ଡାଙ୍କ ନିଜସ୍ୱ ଅନୁଭୂତି ସମ୍ପର୍କରେ ଗୋଟିଏ ଆଲେଖ୍ୟ ପ୍ରଣିଧାନଯୋଗ୍ୟ। ସେ ଲେଖିଥିଲେ, ୧୯୯୧–୯୨ରେ ଗଞ୍ଜାମର ଜିଲାପାଳ ଥିଲେ। ସେତେବେଳେ ସମଗ୍ର ଦେଶରେ ସର୍ବଶିକ୍ଷା ଅଭିଯାନ ଚାଲୁଥାଏ। ପ୍ରତ୍ୟେକ ଗ୍ରାମରେ ଥିବା ନିରକ୍ଷରମାନେ ସନ୍ଧ୍ୟାରେ ଅକ୍ଷର ଶିକ୍ଷା ଲାଭ କରି ଅନ୍ତତଃ ନିଜ ନାମ ଦସ୍ତଖତ କରିବା ସେହି ଯୋଜନାର ମୂଳଲକ୍ଷ୍ୟ ଥିଲା। କିଛି ବେସରକାରୀ ସଙ୍ଗଠନ ଏହାକୁ କାର୍ଯ୍ୟକାରୀ କରିବାକୁ ଚୁକ୍ତିବଦ୍ଧ ହୋଇ ପ୍ରତ୍ୟେକ ରାଜସ୍ୱ ଗ୍ରାମରେ ସ୍ୱେଚ୍ଛାସେବୀ ନିଯୁକ୍ତ କରିଥିଲେ। ସିଲଟ, ଖଡ଼ି, ବହି, ଖାତା ପରି ଶିକ୍ଷା ଉପକରଣ ଏବଂ ଲଣ୍ଠନ, ବସିବା ପାଇଁ ପଟି ଓ କିରୋସିନ ବାବଦରେ ଅର୍ଥ ସହ ସ୍ୱେଚ୍ଛାସେବୀଙ୍କୁ ପାରିଶ୍ରମିକ ଦିଆଯାଉଥିଲା। ସଚେତନତା ପାଇଁ ପାଲା, ଦାସକାଠିଆ, ଘୋଡ଼ାନାଚ, ପ୍ରାଚୀରପତ୍ର ଆଦିରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଗଲା। ଏହାର ତଦାରଖ ଓ ତ୍ୱରାନ୍ୱିତ ଦାୟିତ୍ୱ କିଛି ଶିକ୍ଷକ ଓ ତଥାକଥିତ ସମାଜସେବୀଙ୍କୁ ଦିଆଯାଇଥିଲା। କିଛି ଦିନ ପରେ ଜିଲାପାଳ ସ୍ୱର୍ଗତ ପଣ୍ଡାଙ୍କୁ ସେହି ବ୍ୟକ୍ତିମାନେ ଗୋଟିଏ ଗ୍ରାମର ସମସ୍ତେ ସାକ୍ଷର ହୋଇଯାଇଥିବାରୁ ଗ୍ରାମରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗ୍ରାମଟିକୁ ସମ୍ପୂର୍ଣ୍ଣ ସାକ୍ଷର ଘୋଷଣା ପାଇଁ ଅନୁରୋଧ କରିଥିଲେ। ନିର୍ଦ୍ଧାରିତ ସମୟରେ ସେ ସଭାରେ ପହଞ୍ଚିଲେ। ସଭା ସରିଲା ପରେ ଦୁଇଟି ଲଫାପା ଗ୍ରାମବାସୀଙ୍କୁ ଦେଇ ଗ୍ରାମରେ ନଳକୂପ ବସାଇବା ପାଇଁ ତାଙ୍କ ପାଖକୁ ଦରଖାସ୍ତ ଦେବାକୁ କହି ସଦର ମହକୁମାକୁ ଫେରିଲେ। ଆଶ୍ଚର୍ଯ୍ୟ ଏହା ଥିଲା ଯେ, ଯେଉଁ ଦରଖାସ୍ତ ଦୁଇଟି ଏକ ସପ୍ତାହ ମଧ୍ୟରେ ଜିଲାପାଳଙ୍କ ପାଖରେ ପହଞ୍ଚିଥିଲା, ସେଥିରେ ଅର୍ଦ୍ଧାଧିକ ଗ୍ରାମବାସୀଙ୍କ ଟିପଚିହ୍ନ ହିଁ ରହିଥିଲା। ଏହି ତଥ୍ୟ ପ୍ରକାଶ ପାଇବା ପରେ ଗଞ୍ଜାମ ଜିଲାରେ ସେଇ କରିତ୍‌କର୍ମା ଶିକ୍ଷକ ଓ ସମାଜସେବୀଙ୍କ ନାମରେ ଏପରି ବ୍ୟଙ୍ଗ ପ୍ରଚାର ହେଲା ଯେ, ସେମାନେ ଅନେକ ଦିନ ଆତ୍ମଗୋପନ କରିଥିଲେ। ଏହି ଅବସ୍ଥା କେବଳ ଗଞ୍ଜାମ ଜିଲାରେ ସୀମିତ ନଥିଲା, ବରଂ ସାରା ରାଜ୍ୟର ଅବସ୍ଥା ଏହାହିଁ ଥିଲା।



୨୦୧୬ ନଭେମ୍ବର ୮ ରେ ୧୦୦୦ ଓ ୫୦୦ ଟଙ୍କିଆ ନୋଟ୍ ଅଚଳ ହେଲା। ନଗଦ ମୁଦ୍ରା ବିନିମୟରୁ ଲୋକଙ୍କୁ ନିବୃତ୍ତ କରିବାକୁ ୩୦।୧୨।୨୦୧୬ ତାରିଖରେ ଭିମ ଆପ୍ ପ୍ରଚଳିତ ହୋଇଥିଲା। ସରକାର ସେଇ ଆପ୍ ମାଧ୍ୟମରେ ସମସ୍ତ ଆର୍ଥିକ କାରବାର କରିବାକୁ ଲୋକଙ୍କୁ ନିବେଦନ କଲେ। ଉଦ୍ଦେଶ୍ୟ ଥିଲା, କଳାଧନ ଉପରେ ଅଙ୍କୁଶ ଲଗାଇବା। ସେତେବେଳେ ପୁରୀ ଜିଲା ସତ୍ୟବାଦୀ ବ୍ଲକର ଗୋଟିଏ ଗାଁରେ ଥିବା ଏକମାତ୍ର ଦୋକାନରେ ଭିମ ଆପ୍‌ର ଫଳକ ରଖାଯାଇ ଗ୍ରାମକୁ ରାଜ୍ୟର ପ୍ରଥମ ନଗଦ ଅର୍ଥ କାରବାରବିହୀନ ଗ୍ରାମ ଭାବେ ଘୋଷଣା କରାଯାଇଥିଲା। କିନ୍ତୁ ଘୋଷଣା ପରଦିନ ପୂର୍ବପରି ନଗଦ ଅର୍ଥ କାରବାର ଚାଲିଲା। ଏବେ ଅବଶ୍ୟ ବହୁତ ଲୋକ ବିବିଧ କାରଣରୁ ଭିମ ବା ପେଟିୟମ ମାଧ୍ୟମରେ ଅର୍ଥ କାରବାର କରୁଛନ୍ତି। କିନ୍ତୁ ବାସ୍ତବରେ ଏଯାବତ୍ କୌଣସି ଗ୍ରାମ ସମ୍ପୂର୍ଣ୍ଣ ନଗଦ ଅର୍ଥ କାରବାରବିହୀନ ଗ୍ରାମ ହୋଇନାହିଁ।

କେହି ସ୍ୱୀକାର କରୁ ବା ନ କରୁ, ଆମ ଦେଶରେ ଏପର୍ଯ୍ୟନ୍ତ ହୋଇଥିବା ଦୁର୍ନୀତି ମଧ୍ୟରେ ସ୍ୱଚ୍ଛ ଭାରତ ଯୋଜନାରେ ଗ୍ରାମାଞ୍ଚଳରେ ପାଇଖାନା ନିର୍ମାଣ ହେଉଛି ସ୍ୱାଧୀନତା ପରର ସର୍ବବୃହତ୍ ଓ ସର୍ବାଧିକ ଆର୍ଥିକ ଦୁର୍ନୀତି, ଯାହା କି ଯୋଜନାରେ ସମ୍ପୃକ୍ତ ସମସ୍ତ ଅନୁଭବୀ ନିଶ୍ଚିତ ସ୍ୱୀକାର କରିବେ। ଏଥିରେ ପ୍ରତ୍ୟେକ ହିତାଧିକାରୀଙ୍କ ସହ ପ୍ରଶାସନିକ ଅଧିକାରୀଙ୍କର ସାମୂହିକ ସମ୍ପୃକ୍ତି ଯୋଗୁ ଏହି ମହାଦୁର୍ନୀତିକୁ ବହୁଜନ ସମ୍ମିଳିତ ଦୁର୍ନୀତିର ସୁଷମ ବଣ୍ଟନ କହିଲେ ଅତ୍ୟୁକ୍ତି ହୋଇନପାରେ। କିଛି ବ୍ୟକ୍ତି ପୁରୁଣା ପାଇଖାନାରେ ରଙ୍ଗ ଲଗାଇ ସେଥିରେ "ସ୍ୱଚ୍ଛ ଭାରତ ଯୋଜନାରେ ନିର୍ମିତ" ସହ ହିତାଧିକାରୀଙ୍କ ନାମ ଲେଖିଦେଲେ। ତା'ର ଫଟୋ ଏବଂ ଆନୁଷଙ୍ଗିକ କାଗଜ ଦାଖଲ କରି ଆର୍ଥିକ ଫାଇଦା ନେଲେ। କିଛି ବ୍ୟକ୍ତି ପାଇଖାନା ତିଆରି ନ କରି କେବଳ କମ୍ପ୍ୟୁଟର ଦ୍ୱାରା ପାଇଖାନା ଓ ସୂଚନାର ଫଟୋ ବାହାର କରି ଆବଶ୍ୟକ କାଗଜ ଆଦିକୁ ଦଲାଲମାନଙ୍କୁ ଦେବା ପରେ ବ୍ୟାଙ୍କ ଖାତାକୁ ଟଙ୍କା ଆସିଗଲା। ଏହା ସତ୍ୟ ଯେ, ସରକାରୀ ନିର୍ଦ୍ଧାରିତ ବାର ହଜାରରୁ ଦଲାଲି ଓ ପ୍ରଶାସନିକ କମିଶନି ପରେ ଦଶହଜାର ଟଙ୍କାରେ ସରକାରୀ ନିୟମ ଓ ନିରୂପିତ ମାନର ପାଇଖାନା ନିର୍ମାଣ କେବେବି ସମ୍ଭବ ନଥିଲା। ଏହାବ୍ୟତୀତ ଧାର୍ଯ୍ୟ ସମୟ ମଧ୍ୟରେ ନିର୍ଦ୍ଦିଷ୍ଟ ସଂଖ୍ୟକ ପାଇଖାନା ନିର୍ମାଣର ସରକାରୀ ଚାପ ମଧ୍ୟ ଏହି ମହାଦୁର୍ନୀତିର ଅନ୍ୟତମ କାରଣ। ଏହି ଯୋଜନାରେ ଅନେକ ଗ୍ରାମକୁ "ବାହ୍ୟ ମଳ ମୂତ୍ର ତ୍ୟାଗ ଗ୍ରାମ" ବୋଲି ଗ୍ରାମର ଦୁଇ ମୁଣ୍ଡରେ ସିମେଣ୍ଟ କଂକ୍ରିଟ ସୂଚନା ଫଳକ ନିର୍ମାଣ କରାଯାଇଥିବାବେଳେ ସକାଳ ଓ ସଞ୍ଜରେ ସେଇ ଗ୍ରାମବାସୀଙ୍କ ଶୌଚ କର୍ମ ଏବେବି ପୂର୍ବପରି ବାହାରେ ଚାଲୁରହିଛି। ପୁରୀ ଜିଲାର ଗୋଟିଏ ବ୍ଲକରେ ନିର୍ମିତ ପାଇଖାନାରୁ ୩୦ ଶତାଂଶ ମାତ୍ର ବିଦ୍ୟମାନ ଥିବାବେଳେ ତାହା ପୁରୁଣା ପାଇଖାନା ବୋଲି ଭିଜିଲାନ୍ସ ତଦନ୍ତରୁ ଜଣାପଡ଼ିଛି। ସାରା ରାଜ୍ୟରେ ସେହି ଚିତ୍ର ମଧ୍ୟ ସମାନ। ଅବଶ୍ୟ ଅଳ୍ପ ସଂଖ୍ୟକ ବ୍ୟକ୍ତି ସରକାରୀ ଅର୍ଥ ସହ ନିଜସ୍ୱ ଅର୍ଥ ବ୍ୟୟରେ ନିଜର ପାଇଖାନା କରିଛନ୍ତି। କିନ୍ତୁ ବାହ୍ୟ ମଳ ମୂତ୍ର ତ୍ୟାଗ ଉଦ୍ଦେଶ୍ୟ ସମ୍ପୂର୍ଣ୍ଣ ବିଫଳ ହୋଇଛି। ପ୍ଲାଷ୍ଟିକ ବର୍ଜନ ପାଇଁ ବହୁଳ ଆହ୍ୱାନ ଓ ସଚେତନତା ମଧ୍ୟ ବାସ୍ତବ ରୂପ ନେଇପାରିନାହିଁ।

ଏବେ କିଛି ଗ୍ରାମରେ "ବାଲ୍ୟ ବିବାହମୁକ୍ତ ଗ୍ରାମ" ଫଳକ ଦେଖାଯାଉଛି। ଏହା ଏକ ନିରର୍ଥକ ଘୋଷଣା। ଆଗେ ସ୍ୱଳ୍ପ ସଞ୍ଚୟ ପାଇଁ ସରକାରୀ ପ୍ରୋତ୍ସାହନ ଥିବାରୁ କିଛି ଗ୍ରାମକୁ "ସ୍ୱଳ୍ପ ସଞ୍ଚୟ ଗ୍ରାମ" ଘୋଷଣା କରାଯାଉଥିଲା। କିନ୍ତୁ ପ୍ରୋତ୍ସାହନ ଅର୍ଥ ନ ଥିବାରୁ ଏବେ କୌଣସି ଗ୍ରାମକୁ ସଞ୍ଚୟ ଗ୍ରାମ ଘୋଷଣା କରାଯାଉନାହିଁ। ଦୀର୍ଘ ଦିନରୁ ଆଧ୍ୟାତ୍ମିକ କ୍ଷେତ୍ର ପୁରୀର ଅନ୍ତତଃ ବଡ଼ଦାଣ୍ଡ ଅଞ୍ଚଳକୁ ଆମିଷମୁକ୍ତ ଅଞ୍ଚଳ ଭାବେ ଘୋଷଣା କରିବାକୁ ଅନେକ ସଙ୍ଗଠନ ଦାବି କରିଥିଲେ ବି ତାହା ସମ୍ଭବ ହୋଇନାହିଁ। ରାଜ୍ୟ ପ୍ରଗତିର ଘୋଷଣା କେବଳ ପ୍ରଚାରରେ ସୀମିତ ନ କରି ଯେଉଁଦିନ ସରକାର ବାସ୍ତବ ସ୍ଥିତି ଥାଇ "ଦାରିଦ୍ର୍ୟ ସୀମାରେଖା ଊର୍ଦ୍ଧ୍ୱ ଗ୍ରାମ", "ଦାଦନ ଶ୍ରମିକବିହୀନ ଗ୍ରାମ" ବା "ବ୍ୟକ୍ତିଗତ ସରକାରୀ ସହାୟତା ବିବର୍ଜିତ ଗ୍ରାମ" ଭାବେ ପ୍ରତ୍ୟେକ ପଞ୍ଚାୟତର ଅନ୍ତତଃ ଲେଖାଏଁ ଗ୍ରାମକୁ ଘୋଷଣା କରିପାରିବେ, ସେଦିନ ଓଡ଼ିଶା ଜନସାଧାରଣଙ୍କ ମନରେ ସକାରାତ୍ମକ ଭାବ ସୃଷ୍ଟି ହେବ ଓ ଅନ୍ୟମାନଙ୍କ ପାଇଁ ତାହା ଅନୁକରଣୀୟ ହେବ। ସ୍ୱାଧୀନତାର ଦୀର୍ଘ ଦଶନ୍ଧି ପରେ ରାଜ୍ୟର ଭାଗ୍ୟ ଆକାଶରେ ପ୍ରଗତି ସୂର୍ଯ୍ୟର ଅରୁଣୋଦୟ ସମସ୍ତେ ଅନୁଭବ କରିବେ।

**୧୧୩, ଗୁଣ୍ଡିଚା ବିହାର, ପୁରୀ**
**ମୋ: ୭୯୭୮୭୮୫୪୭୮**

# ଏଆଇ ଓ କୃଷକଙ୍କ ସମସ୍ୟା



ସୌରଜିତ ପ୍ରଧାନୀ

ଗତ କିଛି ବର୍ଷ ହେବ, କୃଷିକ୍ଷେତ୍ରରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଏବଂ ମେଶିନ ଲର୍ନିଂ (ଏମ୍ଏଲ୍)ର ପ୍ରଭାବକୁ ଅନୁଭବ କରାଯାଉଛି। ଭାରତରେ ଆମେ ସବୁକ୍ଷେତ୍ରରେ ଏମ୍ଏଲ୍ ମଡେଲର ବ୍ୟବହାର ଦେଖିବାକୁ ପାଇଛୁ। କୃଷିକ୍ଷେତ୍ରରେ ଏଆଇ ଏବଂ ଏମ୍ଏଲ୍‌କୁ ଗ୍ରହଣ କରିବା ଫଳରେ ଉତ୍ପାଦକତା ବୃଦ୍ଧି, କମ୍ ଖର୍ଚ୍ଚ ଏବଂ ଉତ୍ତମ ନିଷ୍ପତ୍ତି ନେବାଠାରୁ ଆରମ୍ଭକରି ସୁଦୂରପ୍ରସାରୀ ପରିଣାମ ଦେଖିବାକୁ ମିଳିବ। ବ୍ୟବସାୟୀମାନେ ସେମାନଙ୍କ ଗ୍ରାହକଙ୍କ ଆବଶ୍ୟକତା ପୂରଣ କରୁଥିବା ତାଜା ଉତ୍ପାଦ ପହଞ୍ଚାଇପାରିବେ। ଏକ ଶକ୍ତିଶାଳୀ ଏଆଇ ଚାଳିତ 'ପୂର୍ବାନୁମାନ ଇଞ୍ଜିନ' ପରବର୍ତ୍ତୀ ଦିନ ପାଇଁ ପ୍ରତ୍ୟେକ ପ୍ରକାର ଉତ୍ପାଦର ଚାହିଦାର ପୂର୍ବାନୁମାନ କରିଥାଏ, ଅମଳ, ନଷ୍ଟ (ଯାହା ପାରମ୍ପରିକ ପଦ୍ଧତିରେ ପ୍ରାୟ ୩୦–୪୦%) ଏବଂ ଶେଷରେ ଉତ୍ପାଦନକୁ ନିୟନ୍ତ୍ରଣ କରିଥାଏ। ଏଆଇ ଏବଂ ଏମ୍ଏଲ୍ ମଡେଲର ବ୍ୟବହାର ଅଧିକ ବ୍ୟାପକ ହେଉଥିବାରୁ ଭାରତୀୟ କୃଷକଙ୍କ ପାଇଁ ଅନେକ ସୁଯୋଗ ଅପେକ୍ଷାରେ ରହିଛି। କୃଷିରେ ଏହି ମଡେଲର ବ୍ୟବହାରର ଏକ ପ୍ରାଥମିକ ଲାଭ ଏହା ଯେ ତାହା ଅଧିକ ସ୍ଥାୟୀ ଏବଂ ନିର୍ଭୁଲ୍ କୃଷି ପଦ୍ଧତି ପାଇଁ ସୁଯୋଗ ଦଏ। କୃଷକମାନଙ୍କର ପାରମ୍ପରିକ ଜ୍ଞାନ ସେମାନଙ୍କୁ ଦ୍ରୁତ ଜଳବାୟୁ ପରିବର୍ତ୍ତନରେ ବେଳେବେଳେ ବିଫଳ କରେ । ଏହି କ୍ଷେତ୍ରରେ, ଏଆଇ ଏବଂ ଏମ୍ଏଲ୍ ମଡେଲ କୃଷକମାନଙ୍କୁ ରୋପଣ ପ୍ରଣାଳୀକୁ ଅନୁକୂଳ କରିବା, ଉପଯୁକ୍ତ ପରିମାଣର ସାର ଏବଂ ଜଳସେଚନ ନିର୍ଦ୍ଧାରଣ କରିବା ଓ ପ୍ରମୁଖ ସମସ୍ୟା ହେବା ପୂର୍ବରୁ ସମସ୍ୟାଗୁଡ଼ିକ ଚିହ୍ନଟ କରିବାରେ ସହାୟତା କରିପାରିବ।

ବାସ୍ତବରେ ଉତ୍ପାଦନକୁ 'ହାଇଡ୍ରୋପୋନିକ୍ସ' ଏବଂ 'ଏରୋପୋନିକ୍ସ' ଭଳି ତଥ୍ୟଚାଳିତ ପଦ୍ଧତିକୁ ବ୍ୟବହାର କରି ବଢ଼ାଯାଇଛି। ଅନ୍ୟ ଏକ କାରକ ହେଉଛି ସାର। ଆଜି ସାର ବ୍ୟବହାର କରିବାର ଚାପ ଏତେ ଅଧିକ ରହିଛି ଯେ ଚାଷୀ ଫସଲର ଆବଶ୍ୟକତା ଅଛି କି ନାହିଁ, କେତେ ଦରକାର, ତାହା ମଧ୍ୟ ବିଚାରକୁ ନେଉନାହାନ୍ତି। ସେମାନେ କେବଳ ଭଲ ଅମଳ ପାଇଁ ସାର ବ୍ୟବହାର କରନ୍ତି। ଏହି ଅଭ୍ୟାସର ଅନେକ ନକାରାତ୍ମକ ପରିଣାମ ରହିଛି, ଯେଉଁଥିରେ ଅସ୍ଥିର ଫସଲ ଉତ୍ପାଦନ ଏବଂ ମୃତ୍ତିକା ଅବକ୍ଷୟ ଅନ୍ତର୍ଭୁକ୍ତ।

ଅଧିକନ୍ତୁ, ଯୋଗାଣ ଦିଗରେ ନିଆଯାଉଥିବା ପଦକ୍ଷେପ ପର୍ଯ୍ୟାପ୍ତ ନୁହେଁ। ଚାହିଦା ପକ୍ଷରେ ଗ୍ରାହକ ଅଛନ୍ତି ଯେଉଁମାନେ ଗୋଟିଏ ଜିନିଷ ଚାହୁଁଥିବା ବେଳେ କୃଷକମାନେ ଅନ୍ୟ କିଛି ଉତ୍ପାଦନ କରୁଛନ୍ତି। ଆଜିର ଉପଭୋକ୍ତା ସକ୍ରିୟ ଭାବରେ ଯାହା ଚାହୁଁଛନ୍ତି, ତାହା ବଦଳରେ ଯାହା ଉପଲବ୍ଧ ତାହା କିଣୁଛନ୍ତି । ଫଳରେ ଉଭୟ ଉପଭୋକ୍ତା ଓ ଉତ୍ପାଦନକାରୀ କ୍ଷତିଗ୍ରସ୍ତ ହେଉଛନ୍ତି। ଏହାକୁ ବନ୍ଦ କରିବା ଦ୍ୱାରା ଉପଭୋକ୍ତାଙ୍କ ବ୍ୟବହାର ବିଷୟରେ ଶିଖିବା ଆବଶ୍ୟକ। ଏହି ତଥ୍ୟର ଯଥାର୍ଥତା, ଯେତେବେଳେ ଏକ ଏଆଇ ମଡେଲରେ ନିର୍ମିତ ହୋଇଥାଏ, ଚାହିଦା ନିର୍ଦ୍ଧାରଣ କରିବାରେ ଏବଂ ଏକ ପୂର୍ଣ୍ଣ ଫସଲ ପ୍ରକ୍ଷେପଣ କରିବାରେ ସହାୟତା କରିଥାଏ। ନୂତନ କିସମର ଉଦ୍ଭିଦ ଉତ୍ପାଦନ କରିବାରେ ବି ସହାଯ୍ୟ କରେ।



ବିଶେଷଜ୍ଞଙ୍କ ମତରେ ପରବର୍ତ୍ତୀ ବଡ଼ ବିଶ୍ୱ ସଙ୍କଟ ହେବ ଜଳର ଅଭାବ। ସମସ୍ତେ ଜାଣନ୍ତି ଯେ କୃଷି ହେଉଛି ଜଳସେଚନର ମାଧ୍ୟମ। ପ୍ରତିଦିନ ପ୍ରତି ଫାର୍ମରେ ଶହ ଶହ ଲିଟର ପାଣି ନଷ୍ଟ ହେଉଛି। ଯଦି ଏମ୍ଏଲ୍ ମଡେଲ ଉତ୍ତମ ଅମଳ ପାଇଁ କେତେ ପରିମାଣର ଜଳ ଆବଶ୍ୟକ ତାହା ପୂର୍ବାନୁମାନ କରିପାରୁଥିବ, ତେବେ ଆମେ ଜଳର ସର୍ବୋତ୍ତମ ଉପଯୋଗ କରିବାକୁ ବାଧ୍ୟ ହେବୁ।

ଭାରତ ବିଶ୍ୱର ଏକ ପ୍ରମୁଖ ଫଳ ଓ ପନିପରିବା ଉତ୍ପାଦନକାରୀ ଦେଶ, କିନ୍ତୁ ପର୍ଯ୍ୟାପ୍ତ ପରିମାଣର ସଂରକ୍ଷଣ ଓ ପରିବହନ ବ୍ୟବସ୍ଥା ନ ଥିବାରୁ ଉତ୍ପାଦିତ ଫସଲର ଏକ ବଡ଼ ଅଂଶ ନଷ୍ଟ ହୋଇଯାଉଛି। ଚାହିଦାର ପୂର୍ବାନୁମାନ କରିବା, ଲଜିଷ୍ଟିକ୍ସକୁ ଅନୁକୂଳ କରିବା, ଯୋଗାଣ ଶୃଙ୍ଖଳା ପରିଚାଳନାକୁ ବୃଦ୍ଧି କରିବା, ଖାଦ୍ୟ ବର୍ଜ୍ୟକୁ ହ୍ରାସ କରିବା ଏବଂ ବଜାରରେ ତାଜା ଉତ୍ପାଦ ପହଞ୍ଚାଇବା ସୁନିଶ୍ଚିତ କରିବା, ତଥ୍ୟ ସମୃଦ୍ଧ ଏଆଇ ଏବଂ ଏମ୍ଏଲ୍ ମଡେଲକୁ ଭଲ ଭାବେ ପରୀକ୍ଷା କରିବା ଉଚିତ। ସମସ୍ତ ବୈଷୟିକ ପ୍ରଗତି ଭଳି ଏଥିରେ ମଧ୍ୟ ଆହ୍ୱାନ ରହିଛି। ଭାରତୀୟ କୃଷିକ୍ଷେତ୍ର ସମ୍ମୁଖରେ ଏକ ଗୁରୁତ୍ୱପୂର୍ଣ୍ଣ ଆହ୍ୱାନ ହେଉଛି ଜମିଜମା ଖଣ୍ଡବିଖଣ୍ଡିତ ହେବା। ଭାରତର ଅଧିକାଂଶ କୃଷକଙ୍କ ପାଖରେ ଛୋଟ ଛୋଟ ଜମି ଥିବାରୁ ଆଧୁନିକ କୃଷି ପଦ୍ଧତିକୁ ଆପଣାଇବାରେ ଅସୁବିଧା ହେଉଛି। ତେବେ ଏଆଇ ଏବଂ ଏମ୍ଏଲ୍ କୃଷକମାନଙ୍କୁ ପାଣିପାଗ ପ୍ରଣାଳୀ, ମୃତ୍ତିକା ସ୍ଥିତି ଏବଂ ଫସଲ ଅମଳ ଉପରେ ତଥ୍ୟ ପ୍ରଦାନକରି ଅଧିକ ସୂଚନାଯୁକ୍ତ ନିଷ୍ପତ୍ତି ନେବାରେ ସାହାଯ୍ୟ କରିପାରିବ। ଏହି ଜ୍ଞାନକୌଶଳର ଉପଯୋଗକରି କ୍ଷୁଦ୍ରଚାଷୀମାନେ ସେମାନଙ୍କ ଉତ୍ପାଦନ କ୍ଷମତା ଓ ଲାଭରେ ଉନ୍ନତି ଆଣିପାରିବେ।

ତେବେ ଭାରତରେ କୃଷିକ୍ଷେତ୍ରରେ ଏଆଇ ଏବଂ ଏମ୍ଏଲ୍ ବ୍ୟବହାର ଯୋଗୁ ନିଯୁକ୍ତି ଉପରେ ପଡୁଥିବା ପ୍ରଭାବକୁ ନେଇ ଚିନ୍ତା ବଢ଼ିଯାଇପାରେ। କୃଷି ଏକ ଶ୍ରମଭିତ୍ତିକ ଶିଳ୍ପ, ଏଆଇ ଏବଂ ଏମ୍ଏଲ୍‌କୁ ଗ୍ରହଣ କରିବା ଦ୍ୱାରା କୃଷକ ଏବଂ କୃଷି ଶ୍ରମିକମାନଙ୍କ ପାଇଁ ନିଯୁକ୍ତି ହ୍ରାସ ହୋଇପାରେ। ଆଉ ଏକ ଚିନ୍ତାର ବିଷୟ ହେଉଛି କୃଷିରେ ଏଆଇ ଓ ଏମ୍ଏଲ୍‌କୁ ଆପଣାଇବାର ଖର୍ଚ୍ଚ। ବୈଷୟିକ ଜ୍ଞାନକୌଶଳର ଉଚ୍ଚ ମୂଲ୍ୟ ଏବଂ ଆର୍ଥିକ ସହାୟତାର ଅଭାବ କ୍ଷୁଦ୍ରଚାଷୀଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ପ୍ରତିବନ୍ଧକ ହୋଇପାରେ। ଛୋଟ ଚାଷୀମାନେ ସହଜରେ ଗ୍ରହଣ କରିପାରୁଥିବା ସୁଲଭ ସମାଧାନ ବିକଶିତ କରିବା ଆବଶ୍ୟକ। କୃଷିକ୍ଷେତ୍ରରେ ଏଆଇ ଏବଂ ଏମ୍ଏଲ୍ ପରିଚାଳିତ ପ୍ରଯୁକ୍ତିକୁ ଗ୍ରହଣ କରିବାରେ ସରକାରୀ ସବ୍‌ସିଡି ଏବଂ ସହାୟତା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ।

**ଚନ୍ଦ୍ରଶେଖରପୁର, ଭୁବନେଶ୍ୱର**
**ମୋ: ୯୯୬୭୧୦୨୨୬୪**

## ଏଇ ଭାରତରେ

ଜଳ ସଙ୍କଟ ଏବେ ଚିନ୍ତାର କାରଣ ହେଉଛି। ଏହା ଦୂର କରିବା ଲାଗି ଉଜ୍ଜୟିନୀ ମ୍ୟୁନିସିପାଲ କର୍ପୋରେଶନ କମିଶନର ଅନଶୁଲ ଗୁପ୍ତାଙ୍କ ପ୍ରୟାସ ପ୍ରଶଂସନୀୟ। ସେ ଉଜ୍ଜୟିନୀ ସହର ତଳି ଅଞ୍ଚଳରେ ଥିବା ଯମ ତାଲାୟା ପୁଷ୍କରିଣୀକୁ ପୁନରୁଦ୍ଧାର କରି ସେଠାକାର ଜଳ ସଙ୍କଟ ଦୂର କରିପାରିଛନ୍ତି, ଯାହାଫଳରେ ସେହି ଅଞ୍ଚଳର କୃଷକମାନେ ଉପକୃତ ହେଉଛନ୍ତି। ଏହି ପୁଷ୍କରିଣୀଟି ପୋତି ହୋଇଯାଇଥିବାରୁ ଏହାର ଜଳଧାରଣ କ୍ଷମତା କମିଯାଇଥିଲା। ୨୦୧୬ ବ୍ୟାଚ୍ ଆଇଏଏସ୍ ଅଧିକାରୀ ଅନଶୁଲ ୨୦୨୧ରେ କମିଶନର ଭାବେ ଯୋଗଦେବା ପରେ ୧୨୫ ଜଣ ସ୍ୱେଚ୍ଛାସେବୀଙ୍କୁ ନେଇ ଏହି କାର୍ଯ୍ୟ ସମ୍ପାଦନ କରିଛନ୍ତି। ବଡ଼ କଥା ହେଉଛି, କୌଣସି ସରକାରୀ ପାଣ୍ଠି ଏଥିରେ ବିନିଯୋଗ କରାଯାଇନାହିଁ। ପୁଷ୍କରିଣୀ ପୁନରୁଦ୍ଧାରରେ ଖର୍ଚ୍ଚ ହୋଇଥିବା ମୋଟ ୬୦ ଲକ୍ଷ ଟଙ୍କାରୁ ୧୦ ଲକ୍ଷ ଟଙ୍କା ସିଏସ୍ଆର(କର୍ପୋରେଟ ସୋସିଆଲ ରେସପନ୍‌ସିବିଲିଟି) ଫଣ୍ଡରୁ ଯୋଗାଡ଼ ହୋଇଥିବାବେଳେ ସବୁ ପାଣ୍ଠି ଦାତାଙ୍କଠାରୁ ଗ୍ରହଣ କରାଯାଇଛି।

## ୨୫ ବର୍ଷ ତଳର ଧରିତ୍ରୀ

**୧୫ ନଭେମ୍ବର ୧୯୯୮**

- ଅପରାଧ ଓ ନିଶାଦ୍ରବ୍ୟ ଚୋରା କାରବାରକୁ ରୋକିବା ଏବଂ ଆର୍ଥିକ କାରବାର ନେଇ ଉଚ୍ଚସ୍ତରୀୟ ଆଲୋଚନା କ୍ଷେତ୍ରରେ ସହଯୋଗ ବୃଦ୍ଧି ପାଇଁ ଭାରତ ଓ ୟୁରୋପୀୟ ଗୋଷ୍ଠୀ ସହମତ।
- ଭୟାବହ ଆଣବିକ ଅସ୍ତ୍ରଶସ୍ତ୍ରଗୁଡ଼ିକର ଆକସ୍ମିକ ତଥା ଅଣ ଉଦ୍ଦେଶ୍ୟମୂଳକ ବ୍ୟବହାରଜନିତ ବିପଦ କମାଇବା ପାଇଁ ଆଣବିକ ଶକ୍ତିସମ୍ପନ୍ନ ରାଷ୍ଟ୍ରଗୁଡ଼ିକୁ ଯଥାଶୀଘ୍ର ଜରୁରୀ ପଦକ୍ଷେପ ନେବାକୁ ଆହ୍ୱାନ ଜଣାଇ ଭାରତ ଆଗତ କରିଥିବା ପ୍ରସ୍ତାବ ଜାତିସଂଘ ଦ୍ୱାରା ଗୃହୀତ।

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 4 | | | | | | 7 | 2 |
| 1 | | 6 | | 5 | | | 8 | |
| | | | 1 | | 7 | | | |
| 6 | | | | 3 | | 2 | | |
| | | | 8 | | 5 | | 1 | 4 |
| | | | | 9 | | | | 8 |
| 2 | 9 | | | | | | | |
| | | | | | 3 | 7 | | |
| | | 3 | | | | 6 | 2 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 5 | 8 | 2 | 9 | 7 | 6 | 3 | 4 |
| 4 | 3 | 7 | 5 | 1 | 6 | 9 | 8 | 2 |
| 2 | 6 | 9 | 4 | 3 | 8 | 5 | 1 | 7 |
| 7 | 4 | 5 | 1 | 2 | 9 | 8 | 6 | 3 |
| 9 | 2 | 6 | 8 | 4 | 3 | 1 | 7 | 5 |
| 8 | 1 | 3 | 7 | 6 | 5 | 4 | 2 | 9 |
| 5 | 8 | 4 | 3 | 7 | 1 | 2 | 9 | 6 |
| 6 | 7 | 1 | 9 | 5 | 2 | 3 | 4 | 8 |
| 3 | 9 | 2 | 6 | 8 | 4 | 7 | 5 | 1 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଶିକ୍ଷିତଙ୍କ ବାଣଫୁଟା

ମହାଶୟ,

ନୀରକ୍ଷର କିଛି ଭୁଲ କଲେ ତାହା ତାଙ୍କ ନିର୍ବୋଧତା, ଅଜ୍ଞାନତା ବୋଲି ମନେ କରି ସେମାନଙ୍କ ଦୋଷକୁ କ୍ଷମା କରାଯାଇପାରିବ। କିନ୍ତୁ ସେହି ଦୋଷ ଶିକ୍ଷିତମାନେ କଲେ ତାହାକୁ କ୍ଷମା କରାଯାଇନପାରେ । ବୋଧହୁଏ ସେମାନେ ଭାବନ୍ତି ଯେ ଏଠାରେ ଯେତେଇଚ୍ଛା ବାଣ ଫୁଟାଇ ଖୁସିମନେଇ ବାୟୁମଣ୍ଡଳ ବା ପରିବେଶ ପ୍ରଦୂଷଣକରି ଅନ୍ୟ ଗ୍ରହକୁ ପଳାଇବେ । ଏ ଗ୍ରହର ଲୋକ ବା ଅନ୍ୟମାନଙ୍କର କିଛି କ୍ଷତିହେଲେ ତାଙ୍କର କ'ଣ ହେବ ଯେ । ଏ ଗ୍ରହ କୋଉ ତାଙ୍କର । ସେମାନେ ପରଗ୍ରହବାସୀ। ଏ ଗ୍ରହର ଲୋକ, ପଶୁ, ପକ୍ଷୀଙ୍କର କ୍ଷତିହେଉ। ବୋଧହୁଏ ସେମାନେ ଭାବନ୍ତି ବିଳମ୍ବିତ ରାତିରେ ଖୁବ ଉଚ୍ଚ ଶବ୍ଦରେ ବାଣ ନଫୁଟାଇଲେ ସେମାନେ ଶିକ୍ଷିତଙ୍କ ଭିତରେ ଗଣାହେବେ ନାହିଁ । ଜାଣିବା ଲୋକ ଯଦି ପରିବେଶ ପ୍ରଦୂଷଣ କରନ୍ତି ତେବେ ଦୋଷ ଦେବା କାହାକୁ ।

**–ମାନସ କୁମାର ମଲ୍ଲ, ଚନ୍ଦ୍ରାଦେଇପୁର, ସାଲେପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ମାନବ ଜୀବନ ଲଭିଅଛୁ ଯେବେ ଦି'ଦିନ ପାଇଁ
ତେବେ କିପାଁ କରୁ ବିରସ ବଦନ କହ ତ ଭାଇ !
ମରଣ ଆଗରୁ କି ଡର କହ ତ ମରିବା ଡରି
ଯେତେ ଦିନ ତୋର ଜୀବନ ସଉଦା ଯାଇନି ସରି ?
–(ଜୀବନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ଜିଲାସ୍ତରୀୟ ଧାନ କ୍ରୟ କମିଟି ବୈଠକ: ୨୪ରୁ ଖରିଫ ଧାନକିଣା ଆରମ୍ଭ

**ନୂଆପଡ଼ା,୧୪।୧୧(ମକାରୁ ବେମାଲ)**

ନୂଆପଡା ଜିଲାପାଳଙ୍କ ସଦଭାବନା ସଭା ଗୃହରେ ଖରିଫ ୨୦୨୩-୨୪ ଜିଲାସ୍ତରୀୟ ଧାନ କ୍ରୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ହେମକାନ୍ତ ସାଏଙ୍କ ଅଧ୍ୟକ୍ଷତାରେ ଯୋଜନା ଓ ସମନ୍ୱୟ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ, ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ଜିଲା ପରିଷଦ ଅଧ୍ୟକ୍ଷା ଡଲି ମାଝି, କଳାହାଣ୍ଡି ଏମପି ପ୍ରତିନିଧି କମଲେଶ ଦୀକ୍ଷିତ, ଜିଲା ଯୋଗାଣ ଅଧିକାରୀ, ନୂଆପଡା ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ନୋଡାଲ ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲା ସମାଜ ମଙ୍ଗଳ ଅଧିକାରୀ ମନ କୁମାରୀ ଲମ୍ବୁ, ଜିଲା ମୁଖ୍ୟ କୃଷି ଅଧିକାରୀ ହିମାଂଶୁ ମହାପାତ୍ର, ଜିଲା କୃଷି ଅଧିକାରୀ ସୁଧାଂଶୁ ଶେଖର ସାହୁ, ମିଶନ ଶକ୍ତି ଜିଲା ସଂଯୋଜକ ରାମ ତାଣ୍ଡି, ମିଲର୍ସ, କୃଷକ ନେତା ଯଦୁମଣି ପାଣିଗ୍ରାହୀ, ମନୋଜ ସାହୁ ପ୍ରମୁଖ ଓ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଚଳିତ ଖରିଫ ଋତୁରେ ଜିଲାରେ ୮୮ ହଜାର ୬ ଶହ ହେକ୍ଟର ବା ୨ ଲକ୍ଷ ୧୮ ହଜାର ୮୪୨ ଏକର ଜମିରେ ଧାନ ଚାଷ ହୋଇଥିବା ବେଳେ ୧ ଲକ୍ଷ ୭୭ ହଜାର ୪୨୮.୭୯୮ ଏକର ଜମି ଜମି ପାଇଁ ୪୪ ହଜାର ୪୪୨ଜଣ ଚାଷୀ ନାମ ପଞ୍ଜୀକରଣ କରିଛନ୍ତି। ଯାଞ୍ଚ ପରେ ୧ ଲକ୍ଷ ୬୬ ହଜାର ୪୨୮.୫୦୧ ଏକର ଜମିରେ ୪୪ ହଜାର ୩୩୪ଜଣ ଧାନ ବିକ୍ରୟ ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ରାଜ୍ୟ ସରକାର ଚଳିତବର୍ଷ ଜିଲାରୁ ୧୭ ଲକ୍ଷ ୯୨ ହଜାର କୁଇଣ୍ଟାଲ ଧାନ କ୍ରୟ କରିବା ଲକ୍ଷ୍ୟ ରଖିଛନ୍ତି। ଚଳିତ ଖରିଫ ଧାନ କିଣାରେ ବିଶେଷ ଅସୁବିଧା ହେବ ନାହିଁ ବୋଲି ଜିଲାପାଳ ବୈଠକରେ ଅବଗତ କରାଇଥିଲେ। ପୂର୍ବ ବର୍ଷ ଭଳି ଚଳିତବର୍ଷ ମଧ୍ୟ ୧୩ଟି ମହିଳା ସ୍ୱୟଂ ସହାୟକ ଦଳ ଧାନ କିଣାରେ ଅଂଶ ଗ୍ରହଣ କରିବେ। ଜିଲାରେ ଥିବା ୨୬ଟି କୃଷି ସମବାୟ ସମିତି ପକ୍ଷରୁ ୬୩ଟି ଧାନ କ୍ରୟ କେନ୍ଦ୍ର ଖୋଲାଯିବ। ଜିଲାରେ ମୋଟ ୭୬ଟି ଧାନ କ୍ରୟ କେନ୍ଦ୍ର ଖୋଲାଯିବ ବୋଲି ଜିଲା ଯୋଗାଣ ଅଧିକାରୀ ସୂଚନା ଦେଇଛନ୍ତି। ଗତବର୍ଷ ୧୫ଟି ମହିଳା ସ୍ୱୟଂ ସହାୟକ ଦଳ ଅଂଶ ଗ୍ରହଣ କରିଥିବା ବେଳେ ଚଳିତ ବର୍ଷ ୨ଟି ଦଳକୁ ଅନୁମତି ପ୍ରଦାନ କରାଯାଇ ନ ଥିବା ଉପରେ ବିଧାୟକ ପାଣିଗ୍ରାହୀ ଆପତି ଉଠାଇଥିଲେ। ଏଥିରେ ମନ୍ତ୍ରୀ ଯଦି ସେହି ଦଳ ପକ୍ଷରୁ କିଛି ଭୁଲ ହୋଇଛି, ତେବେ ସେମାନଙ୍କୁ ଚେତାବନୀ ଦେଇ ପୁନଃ ସୁଯୋଗ ଦେବା ପାଇଁ ପ୍ରସ୍ତାବ ଦେଇଥିଲେ। ପରେ ସର୍ବସମ୍ମତିକ୍ରମେ ଆସନ୍ତା ନଭେମ୍ବର ୨୪ରୁ ଖରିଫ ଧାନ କିଣିବା ପାଇଁ ନିଷ୍ପତ୍ତି ହୋଇଛି। କିନ୍ତି କିଛି ସଦସ୍ୟ ଜିଲାରେ ଧାନ କିଣା ସମୟରେ ହେଉଥିବା କଟନି ଛଟନିକୁ ବିରୋଧ କରିଥିଲେ। ଧାନ ମଣ୍ଡିକୁ କେବଳ ପରିଚୟ ପତ୍ର ଥିବା କର୍ମଚାରୀଙ୍କୁ ଯିବା ପାଇଁ ଦେବାକୁ ଦାବି କରିଥିଲେ। ମିଲର୍ସମାନେ ତାଙ୍କର ମନଇଛା କଟନି ଛଟନି କରି ପାରିବେ ନାହିଁ ବୋଲି କହିଥିଲେ। ଏଥିରେ ଜିଲାପାଳ ହସ୍ତକ୍ଷେପ କରି ମଣ୍ଡିରେ କାମ କରୁଥିବା ପ୍ରତ୍ୟେକ କର୍ମଚାରୀଙ୍କୁ ପରିଚୟ ପତ୍ର ପ୍ରଦାନ କରାଯିବ। ପ୍ରତ୍ୟେକ ମଣ୍ଡିରେ ସିସି ଟିଭି କ୍ୟାମେରା ଲଗାଯିବ ବୋଲି କହିବା ସହ ମଣ୍ଡି କର୍ମଚାରୀ ହିଁ ଧାନ ନେଇ ପାରିବେ ବୋଲି ଜିଲାପାଳ କହିଥିଲେ।



ବୈଠକରେ ଉପସ୍ଥିତ ଜିଲା ପ୍ରଶାସନିକ ଅଧିକାରୀ ଏବଂ ଜନପ୍ରତିନିଧୀ।

## କର୍ଲାମୁଣ୍ଡାଠାରେ ସମବାୟ ସପ୍ତାହ ପାଳନ

**କର୍ଲାମୁଣ୍ଡା,୧୪।୧୧(ପ୍ରଦୀପ କୁମାର ସାହୁ)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ପ୍ରାଥମିକ କୃଷି ସମବାୟ ସମିତିଠାରେ ସମବାୟ ସପ୍ତାହ ପାଳନ ହୋଇଯାଇଛି। ସମବାୟ ସମିତି ସଭାପତି ଇନ୍ଦୁମତି ଭୋଇ ସମିତିର ପତାକା ଉତ୍ତୋଳନ କରିଥିଲେ। ଏଥିରେ କାର୍ଯ୍ୟ ନିର୍ବାହୀ ଭବାନୀ ଶଙ୍କର ସାହୁଙ୍କ ସମେତ ନିର୍ଦ୍ଦେଶକ/ନିର୍ଦ୍ଦେଶିକାଙ୍କ ମଧ୍ୟରୁ ନିର୍ଦ୍ଦେଶକ ଭରତ ସାହୁ, ସତ୍ୟମ ରଣା, ରଥ ରଣା, ଭରତଚନ୍ଦ୍ର ବେହେରା, କ୍ଷମରାଜ ସାହୁ, ଆନନ୍ଦ ସାହୁ, କବିରାଜ ସାହୁ, ଶୁକ୍ରୁ ରଣା, ଡାଟା ଏଣ୍ଟ୍ରି ଅପରେଟର ଅଚିନ ଅନୁଭବ ପ୍ରମୁଖ ଯୋଗଦେଇ ସମବାୟ ସପ୍ତାହ ପାଳନ ଉଦ୍ଦେଶ୍ୟ ତଥା ରବିଦ୍‌ରଣ ନିମନ୍ତେ ଯୋଜନା ପ୍ରସ୍ତୁତ, ୨୦୨୩ ଧାନ ମଣ୍ଡିର ସୁପରିଚାଳନା ବିଷୟରେ ଆଲୋଚନା କରିଥିଲେ।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

DATA ENTRY EXECUTIVE
ଆବଶ୍ୟକ
Bhubaneswar Transports
ସଂସ୍ଥା ପାଇଁ Microsoft Office ରେ Data Entry ପାଇଁ ଯୋଗ୍ୟ ପ୍ରାର୍ଥୀ ଆବଶ୍ୟକ। ଯୋଗ୍ୟତା- ଗ୍ରାଜୁଏସନ୍।
ଯୋଗାଯୋଗ- 9853802717

WANTED
A reputed Real Estate Company requires
MARKETING MANAGER- 4 Nos.
MARKETING EXECUTIVE- 6 Nos.
(Fixed salary with high incentives).
9938725854, 8339826767

URGENTLY REQUIRED
Accountant (Talley)
Office Supervisor, Cook
Attend Interview at
Nishamani Palace,
Bomikhal, Bhubaneswar-10
On any day
Ph.No.9338554697

See Career Appointment on every Wednesday & Saturday

## ସଂକ୍ଷେପରେ

### ଜେବିଓ୍ୱାଇସି ପକ୍ଷରୁ ରୌପ୍ୟ ଜୟନ୍ତୀ ଶୁଭାରମ୍ଭ ଉତ୍ସବ

**କର୍ଲାମୁଣ୍ଡା,୧୪।୧୧(ପ୍ରଦୀପ କୁମାର ସାହୁ)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡାସ୍ଥିତ ଜ୍ୟୋତି ବିକାଶ ଯୁବକ ସଂଘ(ଜେବିଓ୍ୱାଇସି) ଚଳିତ ବର୍ଷ ରୌପ୍ୟ ଜୟନ୍ତୀ ପାଳନ କରିବ। ଏଥିପାଇଁ ମଙ୍ଗଳବାର ପ୍ରତିଷ୍ଠା ଦିବସରେ ଉତ୍ସବର ଶୁଭାରମ୍ଭ ହୋଇଛି। ସଂଘ ସଭାପତି ଫକୀର ଚରଣ ସାହୁ ପତାକା ଉତ୍ତୋଳନ କରି ପଣ୍ଡିତ ନେହେରୁଙ୍କ ଫଟୋଚିତ୍ରରେ ପୂଜାର୍ଚ୍ଚନା କରିଥିଲେ। ସମ୍ପାଦକ ନରୋତ୍ତମ ସେଲମା, ଯୁଗ୍ମ ସମ୍ପାଦକ କୈଳାସ ସାହୁ, ଭଜଶ୍ୟାମ ରଣା, ପୀତବାସ ସାହୁ, ରଞ୍ଜନ ନାଏକ, ଟଙ୍କଧର ସାହୁ ପ୍ରମୁଖ ଯୋଗଦେଇ ଉତ୍ସବର ସଫଳତା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ।

### ଲାଞ୍ଜିଗଡ଼ସ୍ଥିତ ଉଚ୍ଚ ବିଦ୍ୟାଳୟରେ ଶିଶୁଦିବସ ପାଳନ

**ଲାଞ୍ଜିଗଡ଼,୧୪।୧୧(ରମେଶ ଚନ୍ଦ୍ର ନାୟକ)**

କଳାହାଣ୍ଡି ଜିଲା ଲାଞ୍ଜିଗଡସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶିଶୁ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ପଣ୍ଡିତ ଜବାହରଲାଲ ନେହେରୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ପ୍ରଧାନ ଶିକ୍ଷକଙ୍କ ବକ୍ତବ୍ୟରେ ଦେଶର ଶିଶୁ ଓ ଛାତ୍ରଛାତ୍ରୀମାନଙ୍କ ପ୍ରତି ଅଖଣ୍ଡ ଆସ୍ଥା ପ୍ରକଟ କରି ଶିଶୁମାନଙ୍କୁ ଭବିଷ୍ୟତ ଭାରତର ନବନିର୍ମାତା ରୂପେ ଅଭିହିତ କରିଥିଲେ। ଏହି ଦିବସରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ରଙ୍ଗୋଲି ପ୍ରତିଯୋଗିତାର କରାଯାଇଥିଲା। ଶିକ୍ଷୟିତ୍ରୀ ଅମିତା ସ୍ୱାଇଁ ଓ ରୋଜାଲିନୀ ପାଢ଼ୀ ପ୍ରତିଯୋଗିତା କରାଇଥିଲେ। ପ୍ରତିଯୋଗିତାରେ ଛାତ୍ରୀଛାତ୍ର ମଧ୍ୟରେ ଦିପେଶ ନାଏକ, ମୌସୁମୀ ପୂଝାରୀ, ଭଗବତୀ ଦଣ୍ଡସେନା, ସ୍ନିଗ୍ଧାରାଣୀ ସିଂ, ଶ୍ରୀମନ୍ତ ତାଣ୍ଡି ଆଦି ଅଂଶଗ୍ରହଣ କରିଥିଲେ। ସ୍କୁଲର ବିନୋଦ ବାତ୍ରା, କାହ୍ନୁ ଚରଣ ଡାକୁଆ, ଏସ. ମୋହନା ରାଓ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଗିରିଗୋବର୍ଦ୍ଧନ ପୂଜା ପାଇଁ କଳସ ଯାତ୍ରା

**ଖଡ଼ିଆଳ,୧୪।୧୧(ସୁଜିତ୍ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡିଆଳ ବ୍ଲକ ଅନ୍ତର୍ଗତ ବଡମହେଶ୍ୱର ଗ୍ରାମଠାରେ ଗିରିଗୋବର୍ଦ୍ଧନ ପୂଜା ପାଇଁ କଳସ ଯାତ୍ରା ଅନୁଷ୍ଠିତ ହୋଇଛି। ମଙ୍ଗଳବାରଠୁ ଚାରିଦିନ ଧରି ଗିରିଗୋବର୍ଦ୍ଧନ ପୂଜା ଅନୁଷ୍ଠିତ ହେବ। ସମସ୍ତ ମହିଳା ଓ ଗ୍ରାମବାସୀ ଘଣ୍ଟ ବାଦ୍ୟ ଧରି ସ୍ଥାନୀୟ ପୋଖରୀରୁ ପବିତ୍ର ଜଳ ସଂଗ୍ରହ କରି କଳସ ଯାତ୍ରା କରିଥିଲେ। ଗୋବର୍ଦ୍ଧନ ଭୋଇ ଓ ଜୟମନୀ ଭୋଇ କର୍ତ୍ତା ଭାବେ ଦାୟିତ୍ୱ ତୁଲାଉଛନ୍ତି। କଳସଯାତ୍ରାରେ ମୁଖ୍ୟଅତିଥି ଭାବେ ନୂଆପଡା ଜିଲା ଯାଦବ ସମାଜ ମହିଳା ସେଲର ସଭାନେତ୍ରୀ ମମତା ମଞ୍ଜରୀ ଥପା ଯୋଗଦାନ କରିଥିଲେ। ଏହି ପ୍ରକାରର ଆଧ୍ୟାତ୍ମିକ ପୂଜୋତ୍ସବ କାର୍ଯ୍ୟକ୍ରମ ମାଧ୍ୟମରେ ସାମାଜିକ ଏକତା ସହିତ ଆମ ସଂସ୍କୃତି ଓ ପରମ୍ପରାର ମୁଖ୍ୟ ଆମେ ରକ୍ଷା କରିବାକୁ ସକ୍ଷମ ହେବୁ ବୋଲି ମୁଖ୍ୟଅତିଥି ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ପୂଜା କମିଟି ମହେନ୍ଦ୍ର ଭୋଇ, ପୁରୁଷମ ଭୋଇ, ଡମ୍ବରୁ ଭୋଇ, ବୁଟି ଭୋଇ, ଅନିଲ ଭୋଇ, ଜୁଗଲ ଭୋଇ, ରୁକମନ ହଂସ, ଶୁସାନ୍ତ ଭୋଇ, ଜନକ ବାଗ, ଯୁଧିଷ୍ଠିର ଭୋଇ, ରଞ୍ଜିତ ଭୋଇ, ଉଷା ହଂସ, ଦୁରମନୀ ଭୋଇଙ୍କ ସହିତ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ।

## ପ୍ରଗତି ଶିକ୍ଷାନୁଷ୍ଠାନର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ


ବାର୍ଷିକ କ୍ରୀଡ଼ା ଉତ୍ସବରେ ଯୋଗଦେଇଥିବା ଅତିଥିଗଣ।

**ଭବାନୀପାଟଣା,୧୪।୧୧(ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଭବାନୀପାଟଣା ସହର ନିକଟବର୍ତ୍ତୀ ରାଇସିଙ୍ଗପୁରସ୍ଥିତ ପ୍ରଗତି ଶିକ୍ଷାନୁଷ୍ଠାନର ୨ ଦିନିଆ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦଯାପିତ ହୋଇଯାଇଛି। ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ଭବାନୀପାଟଣା ଏସଡିପିଓ ସୁନାରାମ ହେମ୍ବ୍ରମ, ଟାଉନ ଥାନା ଆଇଆଇସି ଯଶୋବନ୍ତ ହିଆଲ, ସଦର ଆଇଆଇସି ନରେଶ ପ୍ରଧାନ, ପ୍ରଗତି ଶିକ୍ଷାନୁଷ୍ଠାନ ମୁଖ୍ୟ ଅଜୟ ପଣ୍ଡା, ପ୍ରଶାସନିକ ଅଧିକାରୀ ପ୍ରଣବ କୁମାର ପଣ୍ଡା, ପ୍ରଗତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଶେଷଦେ ମୁଣ୍ଡ, ପ୍ରଗତି ମହାବିଦ୍ୟାଳୟ ଅଧ୍ୟକ୍ଷ ତାପସ ପରମାନିକ, ପ୍ରଗତି କଲିଜିଏଟ ସ୍କୁଲ ପ୍ରଧାନ ଶିକ୍ଷକ ଲୋକନାଥ ଖଡ଼ିକାର, ପ୍ରଗତି କଂସେପ୍ଟ ସ୍କୁଲ ଅଧ୍ୟକ୍ଷ ଚିନ୍ମୟ ଗୁରୁ, ପ୍ରଗତି ଜୁନିୟର ଉଇଙ୍ଗର ଅଧ୍ୟକ୍ଷା ଆର୍ସିଆ ସାଏଲା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଛାତ୍ରୀମାନଙ୍କ ଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ଗାନ ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ପରବର୍ତ୍ତୀ ସମୟରେ ମଶାଲର ଆଗମନ, ଶପଥ ଗ୍ରହଣ ଓ ଛାତ୍ରଛାତ୍ରୀମାନଙ୍କ ଦାରା ପରେଡ଼ ପ୍ରଦର୍ଶନ କରାଯାଇଥିଲା। ମୁଖ୍ୟ ଅତିଥିଙ୍କ ଘୋଷଣା ପରେ ବାର୍ଷିକ କ୍ରୀଡ଼ାର ପ୍ରତିଯୋଗୀତା ଆରମ୍ଭ ହୋଇଥିଲା। ଏକ ସୁସ୍ଥ ଜୀବନ ଗଠନ କରିବାରେ କ୍ରୀଡ଼ାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ମୁଖ୍ୟଅତିଥି କହିଥିଲେ। ଉଦ୍‌ଯାପନୀ ଉତ୍ସବରେ କୃତୀ ପ୍ରତିଯୋଗୀଙ୍କୁ ମେଡେଲ ଓ ଟ୍ରଫି ପ୍ରଦାନ କରାଯାଇଥିଲା। ବାର୍ଷିକ କ୍ରୀଡ଼ାରେ ଜୁନିୟର ବାଳିକା ବିଭାଗରେ ଜିଜ୍ଞାସା ରଣା, ଜୁନିୟର ବାଳକ ବିଭାଗରେ ଦେବାଶିଷ ବେହେରା, ସିନିୟର ବାଳିକା ବିଭାଗରେ କମନିକା ମାଝି, ସିନିୟର ବାଳକ ବିଭାଗରେ ଯୋଗେନ୍ଦ୍ର ବାଗ, ସୁପର ସିନିୟର ବାଳିକା ବିଭାଗରେ କେସିନୀ ଦୀପ, ସୁପର ସିନିୟର ବାଳକ ବିଭାଗରେ ଲେନିନ ପ୍ରସାଦ ଭୋଇ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ ହୋଇଥିଲେ। କ୍ରୀଡା ଉତ୍ସବ ଶାରୀରିକ ଶିକ୍ଷକ ଶଶୀଭୂଷଣ ଦାସ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଅଧ୍ୟାପକ ରମେଶ କୁଅଁର ମଞ୍ଚ ପରିଚାଳନା କରିଥିବାବେଳେ ବାର୍ଷିକ କ୍ରୀଡା ସଂଯୋଜକ ଅଶୋକ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ମହାବିଦ୍ୟାଳୟସ୍ତରୀୟ ଭଲିବଲ ଟୁର୍ନାମେଣ୍ଟ: କେସିଙ୍ଗା ଚାମ୍ପିୟନ


ଖେଳାଳିଙ୍କ ସହ ଉପସ୍ଥିତ ଅତିଥି।

**କୋକସରା,୧୪।୧୧(ଦୁଷ୍ମନ୍ତ କୁମାର ପାଙ୍ଗଯୋଶୀ)**

କଳାହାଣ୍ଡି ଜିଲା କୋକସରା ବ୍ଲକ ପଞ୍ଚାୟତ ସମିତି ଡିଗ୍ରୀ ମହାବିଦ୍ୟାଳୟଠାରେ କଳାହାଣ୍ଡି ବିଶ୍ୱବିଦ୍ୟାଳୟ ଅଧୀନ ଜିଲାର ମହାବିଦ୍ୟାଳୟ ଛାତ୍ରଙ୍କୁ ନେଇ ଇନ୍‌ଟର କଲେଜ ନକଆଉଟ ଭଲିବଲ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ସନ୍ଧ୍ୟାରେ ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କ ସଭାପତିତ୍ୱରେ ଉଦଯାପନୀରେ ମୁଖ୍ୟଅତିଥି ଭାବେ ଧର୍ମଗଡ଼ ନିର୍ବାଚନମଣ୍ଡଳୀ ବିଜେଡି ସଭାପତି ମାନସ ରଞ୍ଜନ ବାଗ, ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ, ଯୁଥ ରେଡ଼କ୍ରସ ପରାମର୍ଶ ଦାତା ସୁବ୍ରତ କୁମାର ବେହେରା, ଅଧ୍ୟାପକ ଐରି ନାସନ ଚିନ୍ଦା, ସାମାଜିକ କର୍ମୀ ବିକ୍ରମ ଗୁପ୍ତା, ପରମାନନ୍ଦ ଗୁପ୍ତା ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଖେଳ ପରିଚାଳନାରେ ଡିଗ୍ରୀ ମହାବିଦ୍ୟାଳୟ ଖେଳ ଶିକ୍ଷକ ପ୍ରତାପ ଚନ୍ଦ୍ର ବିଶି, ଭଲିବଲ କୋଚ ଜ୍ଞାନେନ୍ଦ୍ର ବଢ଼େଇ, ଖେଳ ଶିକ୍ଷକ ଅମିତ କୁମାର ମହାନ୍ତି, ରାଜୁ ଖରସେଲ କରିଥିବା ବେଳେ ଖେଳ ଧାରା ବିବରଣୀ ସୁନିଲ କୁମାର ପ୍ରଧାନୀ ଦେଇଥିଲେ। କେସିଙ୍ଗା ଓ କୋକସରା ମହାବିଦ୍ୟାଳୟ ମଧ୍ୟରେ ଅନୁଷ୍ଠିତ ଫାଇନାଲ ଖେଳରେ କେସିଙ୍ଗା ଚାମ୍ପିୟନ ହୋଇଛି। ଉଦ୍‌ଘାଟନୀରେ ଜିଲାର ବିଭିନ୍ନ ଡିଗ୍ରୀ ମହାବିଦ୍ୟାଳୟରୁ ଅଂଶଗ୍ରହଣ କରିଥିବା ଛାତ୍ର ଓ ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ, ଛାତ୍ରୀଛାତ୍ରମାନେ ମଶାଲ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। କୋକସରା ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ପୁଷ୍ପରାଜ ମେହେରଙ୍କ ସଭାପତିତ୍ୱରେ ଉଦଘାଟନୀରେ ମୁଖ୍ୟଅତିଥି ଭାବେ ବିଡିଓ ସ୍ନେହାପ୍ରଭା ମାଝି, ଲଡୁଗାଁ କଲେଜ ଅଧ୍ୟକ୍ଷ ଡ. ନିହାରକାନ୍ତ ପଣ୍ଡା, ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ କ୍ରୀଡା ବିଭାଗ ଚେୟାରମ୍ୟାନ ଘନଶ୍ୟାମ ବେହେରା, କୋକସରା ସରପଞ୍ଚ କିଶୋର ଚନ୍ଦ୍ର ପ୍ରଧାନୀ, ଅଧ୍ୟାପକ ତଥା ୟୁଥରେଡ଼କ୍ରସ ପରାମର୍ଶ ଦାତା ସୁବ୍ରତ କୁମାର ବେହେରା ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ କଲେଜ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରୀଛାତ୍ରମାନେ ସହଯୋଗ କରିଥିଲେ।

**PUBLIC NOTICE**

Notice is hereby given to all concerned that, Nabendu Bhusan Sahu, S/o- Late Hrushikesh Sahu, At.- Rampur Kaithasahi, Po/ PS- Rairakhol, Dist- Sambalpur, Pin-768106 has sworn an **affidavit on dt. 09.11.2023** and has reported to **OIC, Rairakhol Police Station, on dt.07.11.2023** regarding loss of original link **Regd. Sale Deed No. 11641300254 dt.24.05.2013 of Registering Officer, Rairakhol**.

Chinmaya Panda, S/o- Bibekananda Panda has applied to the **DCB Bank, Redhakhol** to avail loan to purchase the above property by mortgaging the said property documents.

All concerned therefore, having any claim over the property purchased under the said document **Regd. Sale Deed No. 11641300254 dt.24.05.2013 of Registering Officer, Rairakhol** is required to file his/her claim with the undersigned within 15(Fifteen) days from the date of publication of this notice failing which it will be presumed that, the property having link with the said document/s is/are free from encumbrances and any claim in respect thereof against the applicant as a mortgager and the company as the mortgagee shall be void and ineffective after the lapse of 15(Fifteen) days of publication of this notice.

Sambalpur
Dt. 13.11.2023

Sd/- A.K. Debta, Advocate,
DCB Bank, At/PO.- Modipara, PS- Town,
Dist-Sambalpur, Mobile No. 9437158519.

NATIONAL PROJECTS CONSTRUCTION CORPORATION LIMITED
(A Govt. of India Enterprise)
SOUTH EASTERN ZONE, BHUBANESWAR
Plot No. HIG/166, Sailashree Vihar, Bhubaneswar-751021
Ph.: 0674-3510414, Email-ID: npccbbsr@gmail.com

Advt. No.: 500020/SEZ/Adv./2023/3146 Dated: 13.11.2023

NPCC Ltd. a schedule "B" Premier Central Public Sector Enterprise, Miniratna, Category-1 Company invites applications for the post of Site Engineer (Civil) & Site Engineer (Electrical) on Contract basis.
For details, please visit our Website : www.npcc.gov.in
Zonal Manager

**ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ**
always with U
ଆଞ୍ଚଳିକ କାର୍ଯ୍ୟାଳୟ: ଖୋର୍ଦ୍ଧା, ସା: ସାନପଲ୍ଲୀ, ପୋ: ପଲ୍ଲୀହାଟ, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, ଫୋନ୍ ନଂ.: ୦୬୭୫୫-୨୯୬୨୧୩

**ଦଖଲ ନୋଟିସ୍**
[ପରିଶିଷ୍ଟ-୪(ରୁଲ ୮(୧)] (ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟସ୍ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ନିୟମ ୩ ସହିତ ଧାରା ୧୩(୧୨)ରେ ଦିଆଯାଇଥିବା କ୍ଷମତା ବଳରେ ନିମ୍ନଲିଖିତ ଋଣଗ୍ରହୀତା/ଜାମିନଦାର/ବନ୍ଧକଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ଦର୍ଶିତ ଋଣ ରାଶି ସହିତ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ତତ୍‌ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ ଇତ୍ୟାଦି କଥିତ ନୋଟିସ୍ ପାଇବାର ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା।
୧) ଯେହେତୁ ଋଣଗ୍ରହୀତା(ମାନେ) ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଜାମିନଦାର/ବନ୍ଧକଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ୍ ୮ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନ ସ୍ୱାକ୍ଷରକାରୀ ନିମ୍ନ ଦର୍ଶିତ ତାରିଖରେ ନିମ୍ନରେ ଦର୍ଶାଯାଇଥିବା ସମ୍ପତ୍ତିଗୁଡ଼ିକୁ **ଦଖଲ** ନେଇଛନ୍ତି।
୨) ତେଣୁ ବିଶେଷକରି ଋଣଗ୍ରହୀତା/ଜାମିନଦାର/ବନ୍ଧକଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଯଦି ଉକ୍ତ ସମ୍ପତ୍ତିଗୁଡ଼ିକ ଉପରେ କୌଣସି ପ୍ରକାର କାରବାର କରନ୍ତି ତେବେ **ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ**ର ଦାବି ମୁତାବକ ନିମ୍ନ ଦର୍ଶିତ ରାଶି ସହ ଚୁକ୍ତି ହାରରେ ତତ୍‌ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ ଇତ୍ୟାଦି, ଡିମାଣ୍ଡ ନୋଟିସ୍ ଜାରି ହେବା ପରେ ଡିମାଣ୍ଡ ନୋଟିସ୍ ତାରିଖ ଠାରୁ ପୈଠ ତାରିଖ ପର୍ଯ୍ୟନ୍ତ ପରିଶୋଧ ଯଦି କିଛି ଥାଏ ତାହାକୁ ଛାଡି ପ୍ରଦାନ କରିବାକୁ ବାଧ୍ୟ ହେବେ। ନିମ୍ନଦର୍ଶିତ ଦଖଲ ତାରିଖ ସୁଦ୍ଧା ବକେୟା ଦେୟ ତତ୍‌ସହିତ ପରିଶୋଧ ତାରିଖ ଯାଏ ଚୁକ୍ତିହାରରେ ପରବର୍ତ୍ତୀ ସୁଧ ଏବଂ ଚକ୍ରବୃଦ୍ଧି ସୁଧ ଏବଂ ଦେୟ । ୩) ଏତଦ୍ୱାରା ଋଣଗ୍ରହୀତାମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।

| ଶାଖା / ଋଣଗ୍ରହୀତା / ଜାମିନ୍‌ଦାର / ବନ୍ଧକଦାତାମାନଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତି ଗୁଡିକର ବିବରଣୀ | ଡିମାଣ୍ଡ / ଦଖଲ ନୋଟିସ୍ ଅନୁଯାୟୀ ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ଦେୟ | ଡିମାଣ୍ଡ/ଦଖଲ ନୋଟିସ୍ ତାରିଖ |
|---|---|---|---|
| **ଓଡଗାଁ ଶାଖା /** ଋଣଗ୍ରହୀତା: **ଶ୍ରୀ ପ୍ରଫୁଲ୍ଲ କୁମାର ସ୍ୱାଇଁ,** ପିତା: ବିଶ୍ୱନାଥ ସ୍ୱାଇଁ / ଜାମିନ୍‌ଦାର ଏବଂ ବନ୍ଧକଦାତା: **ଶ୍ରୀ ବିଶ୍ୱନାଥ ସ୍ୱାଇଁ,** ପିତା: ଲକ୍ଷ୍ମଣ ସ୍ୱାଇଁ, ଉଭୟଙ୍କ ଠିକଣା- ଗ୍ରାମ ସା: ଦଲକ, ପୋ: ଓଡଗାଁ, ଜିଲ୍ଲା: ନୟାଗଡ, ପିନ୍-୭୫୨୦୮୧ / ଜାମିନ୍‌ଦାର: **ଶ୍ରୀ କାଳୁ ଚରଣ ସାହୁ,** ପିତା: ତ୍ରିନାଥ ସାହୁ, ସା/ପୋ: ଓଡଗାଁ, ଜିଲ୍ଲା: ନୟାଗଡ, ପିନ୍-୭୫୨୦୮୧ | **ଶ୍ରୀ ବିଶ୍ୱନାଥ ସ୍ୱାଇଁ,** ପିତା: ଲକ୍ଷ୍ମଣ ସ୍ୱାଇଁଙ୍କ ନାମରେ ରେକର୍ଡଭୁକ୍ତ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୫୫୦/୪୨୧, ପ୍ଲଟ୍ ନଂ.: ୪୨୬, କ୍ଷେତ୍ର: ଏକର୦.୦୪୦ଡିସିମିଲି, କିସମ: ଘରବାରି, ମୌଜା: ଦଲକ | ୦୬.୦୧.୨୦୨୨ ସୁଦ୍ଧା ଟ.୩,୧୫,୩୦୩/- / ୦୮.୧୧.୨୦୨୩ ସୁଦ୍ଧା ଟ.୪,୦୬,୫୫୬/- + ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ତତ୍‌ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ ଇତ୍ୟାଦି | ୦୬.୦୧.୨୦୨୨ / ୦୮.୧୧.୨୦୨୩ |
| **ଗୋପାଳପୁର ଶାଖା /** ଋଣଗ୍ରହୀତା ଏବଂ ବନ୍ଧକଦାତା: **ଶ୍ରୀ ଅଭିମନ୍ୟୁ ପାଇକରାୟ,** ପିତା: ଜୟ ପରିଡା / ଜାମିନ୍‌ଦାର ଏବଂ ବନ୍ଧକଦାତା: **ଶ୍ରୀ କୃପାସିନ୍ଧୁ ପାଇକରାୟ,** ପିତା: ଜୟ ପରିଡା / ଜାମିନ୍‌ଦାରମାନେ: ୧) **ଶ୍ରୀ ହାଡୁବନ୍ଧୁ ସାହୁ,** ପିତା: ରଞ୍ଜନ ସାହୁ, ୨) **ଶ୍ରୀ ସଚ୍ଚିନ୍ଦ୍ର କୁମାର ପରିଡା,** ପିତା: ଉପେନ୍ଦ୍ର ପରିଡା, ସମସ୍ତ ଠିକଣା- ଗ୍ରାମ ସା: ବାରଙ୍ଗଗାଡିଆ, ପୋ: ଝାଡପଡା, ଜିଲ୍ଲା: ନୟାଗଡ, ପିନ୍-୭୫୨୦୨୫, ୩) **ଶ୍ରୀମତୀ ସତ୍ୟଭାମା ପରିଡା,** ସ୍ୱାମୀ: କୃପାସିନ୍ଧୁ ପରିଡା, ଗ୍ରାମ ସା: କରଡାପଲ୍ଲି, ପୋ: ନରସିଂହପୁର, ଜିଲ୍ଲା: ନୟାଗଡ, ପିନ୍-୭୫୨୦୨୫ | **ଶ୍ରୀ ଅଭିମନ୍ୟୁ ପାଇକରାୟ,** ପିତା: ଜୟ ପରିଡା ଏବଂ **ଶ୍ରୀ କୃପାସିନ୍ଧୁ ପାଇକରାୟ,** ପିତା: ଜୟ ପରିଡାଙ୍କ ନାମରେ ରେକର୍ଡଭୁକ୍ତ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୪୧, ପ୍ଲଟ୍ ନଂ.: ୭୮୦, କ୍ଷେତ୍ର: ଏକର୦.୩୦୦ଡିସିମିଲି, କିସମ: ଘରବାରି, ମୌଜା: ବାରଙ୍ଗଗାଡିଆ | ୧୩.୦୩.୨୦୨୩ ସୁଦ୍ଧା ଟ.୨୭,୫୯,୭୯୪/- / ୦୯.୧୧.୨୦୨୩ ସୁଦ୍ଧା ଟ.୩୧,୦୮,୪୯୭/- + ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ତତ୍‌ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ ଇତ୍ୟାଦି | ୧୪.୦୩.୨୦୨୩ / ୦୯.୧୧.୨୦୨୩ |

ତାରିଖ: ୧୪.୧୧.୨୦୨୩, ସ୍ଥାନ: ଖୋର୍ଦ୍ଧା — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ

**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା (SARB),
ପ୍ଲଟ୍ ନଂ.: ୭୭୮, ପ୍ରଥମ ମହଲା, ମହର୍ଷି କଲେଜ ରୋଡ, ସହୀଦ ନଗର, ଭୁବନେଶ୍ୱର,
ଫୋନ୍ ନଂ.: ୦୬୭୪-୨୫୪୯୬୬୩, ୨୫୪୯୬୧୨, ଫ୍ୟାକ୍ସ ନଂ.: ୦୬୭୪-୨୫୪୯୭୧୩,
ଇ-ମେଲ ଆଇଡି: sbi.05174@sbi.co.in

**ବିକ୍ରୟ ବିଜ୍ଞପ୍ତି**

ସିକ୍ୟୁରିଟାଇଜେସ୍‌ନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କକୁ ବନ୍ଧକ ଦିଆଯାଇଥିବା ସ୍ଥାବର ସମ୍ପତ୍ତିଗୁଡିକର ବିକ୍ରୟ।

ଭାରତୀୟ ଷ୍ଟେଟ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (ସରଫେଶୀ) ଆକ୍ଟର ୨୦୦୨ର ଧାରା ୧୩(୪) ଅନୁଯାୟୀ ନୋଟିସ ଜାରିକରି ବ୍ୟାଙ୍କର ବକେୟା ଦେୟ ବାବଦ ନିମ୍ନରେ ପ୍ରଦତ୍ତ ସମ୍ପତ୍ତିଗୁଡ଼ିକୁ ଦଖଲକୁ ନେଇଛନ୍ତି ଏବଂ ନିମ୍ନ ସ୍ୱାକ୍ଷରକାରୀ ଋଣ/ଅଗ୍ରୀମଧାରୀ ଆକାଉଣ୍ଟ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନରେ ଦର୍ଶିତ ସମ୍ପତ୍ତିଗୁଡ଼ିକୁ "ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି ଭିତ୍ତିରେ" ତା.୦୮.୧୨.୨୦୨୩ରିଖ ଦିନ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବା ପାଇଁ ସ୍ଥିର କରିଛନ୍ତି, ଯାହାର ନିୟମ ଓ ସର୍ତ୍ତାବଳୀ ନିମ୍ନରେ ପ୍ରଦତ୍ତ।

**ଇ-ନିଲାମ ତାରିଖ ଏବଂ ସମୟ: ତା.୦୮.୧୨.୨୦୨୩ ରିଖ ଅପରାହ୍ନ ୦୨.୦୦ ଘଟିକାରୁ ଅପରାହ୍ନ ୦୪.୦୦ ଘଟିକା ମଧ୍ୟରେ,**
ପ୍ରତ୍ୟେକଙ୍କ ନିମନ୍ତେ ୧୦ ମିନିଟ୍ ଅସୀମିତ ବର୍ଦ୍ଧିତ ସମୟ ସହିତ

| କ୍ର. ନଂ. | ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା | ସମ୍ପତ୍ତିଗୁଡ଼ିକର ବିବରଣୀ ଏବଂ ସମ୍ପତ୍ତିଗୁଡ଼ିକର ମାଲିକଙ୍କ ନାମ | ବକେୟା ପରିମାଣ ଯାହାର ଆଦାୟ ନିମନ୍ତେ ସମ୍ପତ୍ତିର ବିକ୍ରୟ/ ଡିମାଣ୍ଡ ନୋଟିସ୍ ତାରିଖ | ସଂରକ୍ଷିତ ମୂଲ୍ୟ/ ଅମାନତ ଜମା / ବିଡ୍ ବୃଦ୍ଧି ପରିମାଣ |
|---|---|---|---|---|
| ୧. | ଋଣଗ୍ରହୀତାମାନେ: ୧) **ଶ୍ରୀ ଶୈବଲ ସେନ୍,** ସା: ୨୬/୨ ବି, ସିମଳା ରୋଡ, କୋଲକାତା - ୭୦୦୦୦୬, ପଶ୍ଚିମବଙ୍ଗ, ୨) **ଶ୍ରୀମତୀ ପ୍ରତିଭା ସେନ୍,** ସ୍ୱାମୀ: ଶୈବଲ ସେନ୍, ସା: ୧୨୪, ଆଚାର୍ଯ୍ୟ ପ୍ରଫୁଲ୍ଲ ଚନ୍ଦ୍ର ରୋଡ, ମାନିକ୍ ତାଲାପ, ବିଡନ୍ ଷ୍ଟ୍ରିଟ, କୋଲକାତା, ପଶ୍ଚିମବଙ୍ଗ - ୭୦୦୦୦୬ | ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାକି "ଟିଏସ୍‌ଏଲ୍ ସ୍ପ୍ରିଙ୍ଗ ସିଟି" ନାମକ ଟାଉନସିପ୍ ପ୍ରୋଜେକ୍ଟର ଏକ ଖୋଲାପାର୍କିଂ ସ୍ଥାନ ସହିତ ଥିବା ଫ୍ଲାଟ୍ ଯାହାର ନଂ.: ୫୦୩, ଟାୱାର: ବି-୦୦୭, ପ୍ରକାର: ଲିଲି ସୁପର ବିଲ୍ଟ ଅପ୍ ଏରିଆ: ୧୦୬୫ବର୍ଗଫୁଟ, ଜିଲ୍ଲା: ଖୋର୍ଦ୍ଧା, ମୌଜା: କଣ୍ଟାବାଡ, ଥାନା: ଚନ୍ଦକା, ତହସିଲ: ଭୁବନେଶ୍ୱର, ଆନୁପାତିକ ଜମି କ୍ଷେତ୍ର: ୪୨୦ବର୍ଗଫୁଟ (ଏକର ୦ ଏବଂ ୦୦୯.୬୪ ଡିସିମିଲି), ବିଲ୍ଡିଂ - ୫ମ ମହଲା - ସୁପର ବିଲ୍ଟ ଅପ୍ ଏରିଆ ୧୦୬୫ ବର୍ଗଫୁଟ, ଅଧିକ ବିଶେଷ ଭାବେ ଯାହାର ପ୍ଲଟ୍ ନଂ.: ୨୦୪, ଖାତା ନଂ.: ୨୧୫, ହାଲ୍ ମ୍ୟୁଟେସନ୍ ଖାତା ନଂ.: ୨୫୩/୧୪୨, ହାଲ ମ୍ୟୁଟେସନ୍ ପ୍ଲଟ୍ ନଂ.: ୨୦୪, କ୍ଷେତ୍ର: ଏକର ୨.୯୨୫ ଡିସିମିଲି | ୦୨.୦୯.୨୦୨୧ ସୁଦ୍ଧା ଟ.୨୬,୯୩,୭୦୪/- ସହିତ ତତ୍‌ପରବର୍ତ୍ତୀ ସୁଧ ଏବଂ ଆନୁସଙ୍ଗିକ ଖର୍ଚ୍ଚ, ଆଇନଗତ ଖର୍ଚ୍ଚ ଓ ଦେୟ ଇତ୍ୟାଦି / ୨୭.୦୭.୨୦୨୨ | ଟ.୨୪,୦୦,୦୦୦/- / ଟ.୨,୪୦,୦୦୦/- / ଟ.୫୦,୦୦୦/- |
| ୨. | ଋଣଗ୍ରହୀତା: **ଶ୍ରୀ ରବିନ୍ଦ୍ର ପାଢ଼ୀ,** ପିତା: ସମ୍ଭୁନାଥ ପାଢ଼ୀ, **ଠିକଣା-୧:** ସା: ରାଧାବଲ୍ଲଭପୁର, ପୋ: ଜାମୁଝଡି, ଜିଲ୍ଲା: ବାଲେଶ୍ୱର, ଓଡ଼ିଶା - ୭୫୬୧୨୬, **ଠିକଣା-୨:** ମାର୍ଫତ୍: ଉମେଶ୍ୱର ଫର୍ଟିଲାଇଜର, ସା/ପୋ.: ସବିରା, ଜିଲ୍ଲା: ବାଲେଶ୍ୱର, ଓଡ଼ିଶା, ପିନ୍-୭୫୬୧୨୬ | ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଜିଲ୍ଲା: ଖୋର୍ଦ୍ଧା, ଥାନା: ଭୁବନେଶ୍ୱର, ହାଲ୍ ଥାନା: ଏୟାରଫିଲ୍ଡ, ଥାନା: ନଂ.: ୩୦, ତହସିଲ: ଜଟଣୀ, ସବ୍ ରେଜିଷ୍ଟ୍ରାର: ଜଟଣୀ, ମୌଜା: ପାଞ୍ଚଗାଁ, ଖାତା ନଂ.: ୪୬୯/୪୦୯, ପ୍ଲଟ୍ ନଂ.: ୩୯୦, କ୍ଷେତ୍ର: ଏକର୦.୫୫୫ ଡ଼ିସିମିଲି, ସମ୍ପୂର୍ଣ୍ଣ ପ୍ଲଟ୍ ଏବଂ ଖାତା ନଂ.: ୪୬୯/ ୪୦୮, ସ୍ଥିତିବାନ, ପ୍ଲଟ୍ ନଂ.: ୩୯୨, କ୍ଷେତ୍ର: ଏକର ୦.୧୧୫ ଡ଼ିସିମିଲି, **ସମୁଦାୟ ୧ଟି** ମୌଜା, ୨ଟି ଖାତା, ୨ଟି ପ୍ଲଟ୍ ଏବଂ ସମୁଦାୟ କ୍ଷେତ୍ର: ଏକର୦.୬୭୦ ଡ଼ିସିମିଲି, କିସମ: ଘରବାରୀ, ସମୁଦାୟ କ୍ଷେତ୍ର: ଏକର ୦.୬୭୦ ଡ଼ିସିମିଲିରୁ କ୍ରେତାଙ୍କ ସପକ୍ଷରେ ହସ୍ତାନ୍ତରିତ ଅବିଭକ୍ତ ଆନୁପାତିକ ଜମିର ଅଂଶ ଏକର ୦.୦୧୦.୦୪ ଡ଼ିସିମିଲି ଯାହା ୪୩୭.୫ ବର୍ଗଫୁଟ ସହିତ "ବୈଷ୍ଣୋଦେବୀ ଏନ୍‌କ୍ଲେଭ" ନାମକ ୨ବିଆର୍ ଆପାର୍ଟମେଣ୍ଟର ବ୍ଲକ୍-ବି ର ୫ମ ମହଲାରେ ଥିବା ଫ୍ଲାଟର ସମସ୍ତ ଅଂଶବିଶେଷ ଯାହାର ନଂ.: ୫୦୮, କାର୍ପେଟ ଏରିଆ: ୯୨୬ ବର୍ଗଫୁଟ/ ବିଲ୍ଟ ଅପ୍ ଏରିଆ: ୧୦୫୬ ବର୍ଗଫୁଟ/ ସୁପର ବିଲ୍ଟ ଅପ୍ ଏରିଆ: ୧୩୫୦ ବର୍ଗଫୁଟ | ୧୮.୦୬.୨୦୨୨ ସୁଦ୍ଧା ଟ.୩୧,୬୫,୪୧୮/- ସହିତ ତତ୍‌ପରବର୍ତ୍ତୀ ସୁଧ ଏବଂ ଆନୁସଙ୍ଗିକ ଖର୍ଚ୍ଚ, ଆଇନଗତ ଖର୍ଚ୍ଚ ଓ ଦେୟ ଇତ୍ୟାଦି / ୦୮.୦୭.୨୦୨୨ | ଟ.୨୬,୫୦,୦୦୦/- / ଟ.୨,୬୫,୦୦୦/- / ଟ.୫୦,୦୦୦/- |

ସରଫେଶୀ ଆକ୍ଟ ୨୦୦୨ର ସଂଶୋଧନ ଦ୍ୱାରା ରୁଲ ୮(୬) ଏବଂ ୯(୧) ଅନୁଯାୟୀ ପରବର୍ତ୍ତୀ ବିକ୍ରୟ ପାଇଁ ଋଣଗ୍ରହୀତା ଏବଂ ଜାମିନ୍‌ଦାରମାନଙ୍କ ନିମନ୍ତେ ୧୫ ଦିନିଆ ବୈଧାନିକ ବିକ୍ରୟ ନୋଟିସ୍ ଅଟେ।

ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ପାଇଁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ସୁରକ୍ଷିତ ଋଣଦାତାଙ୍କ ପ୍ରଦତ୍ତ ୱେବସାଇଟ୍ ଲିଙ୍କ୍ ଦେଖନ୍ତୁ: www.sbi.co.in, https://bank.sbi/web/sbi-in-the-news/auction-notices/sarfaesi-and-others, https://ibapi.in ଏବଂ ନିଲାମ ପାଇଁ ଲଗଇନ୍ କରନ୍ତୁ : https://www.mstcecommerce.com/auctionhome/ibapi/index.jsp

ପରବର୍ତ୍ତୀ ସବିଶେଷ ବିବରଣୀ ପାଇଁ ଯୋଗାଯୋଗ କରନ୍ତୁ: କ୍ର.ନଂ. ୧ ଏବଂ ୨ ନିମନ୍ତେ - ଶ୍ରୀ ଆଶିଷ କୁମାର ମହାନ୍ତି (କ୍ଷମତାପ୍ରାପ୍ତ ଅଧିକାରୀ), ମୋ.: ୯୪୩୭୫୫୨୫୩୫ କ୍ର.ନଂ. ୧ ନିମନ୍ତେ - ସିସିଓ: ଭୀମ ମେହେର, ମୋ.: ୮୮୯୫୩୩୩୪୧୧ ଏବଂ କ୍ର.ନଂ. ୨ ନିମନ୍ତେ - ସିସିଓ: ଶ୍ରୀ କେଶବ ଚନ୍ଦ୍ର ମଲ୍ଲିକ, ମୋ.: ୯୪୩୭୯୫୩୬୪୨

ସ୍ଥାନ : ଭୁବନେଶ୍ୱର, ତାରିଖ : ୧୪.୧୧.୨୦୨୩ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, ଭୁବନେଶ୍ୱର

## ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

କଣ୍ଟାବାଞ୍ଜି,(ଗୁରୁଦୟାଲ ହଂସ): ତୁରେକେଲା ବ୍ଲକ ଏବଂ କଣ୍ଟାବାଞ୍ଜି ଏନଏସିସ୍ତରୀୟ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର ମଙ୍ଗଳବାର ତୁରେକେଲା ବ୍ଲକ ସଦର ମହକୁମାରେ ଅନୁଷ୍ଠିତ ହୋଇଯାଇଛି। ଶିବିରରେ ତୁରେକେଲା ବ୍ଲକର ୧୯ ପଞ୍ଚାୟତ ଏବଂ ଏନଏସିର ଶତାଧିକ ହିତାଧିକାରୀ ସାମିଲ ହୋଇଥିଲେ। ମୁଖ୍ୟ ଅତିଥିଭାବେ ପଞ୍ଚାୟତ ସମିତି ଅଧକ୍ଷା ପୂଜା ବେହେରା, ଉପାଧକ୍ଷା ଧନମତୀ ଖୁରା, ଜିଲା ପରିଷଦ ସଭ୍ୟ କୌଶିକ ମେହେର ଉପସ୍ଥିତ ଥିଲେ। ୨୨୩ଜଣ ନାମ ପଞ୍ଜୀକରଣ କରିଥିଲେ। ୫ଜଣଙ୍କୁ ଟ୍ରାଏ ସାଇକେଲ, ୫ଜଣଙ୍କୁ ୟୁଡିଆଡି ପ୍ରମାଣପତ୍ର ଏବଂ ୨୯ଜଣଙ୍କୁ ଭିନ୍ନକ୍ଷମ ଉପକରଣ ପ୍ରଦାନ କରାଯାଇଥିଲା।



## ସଂକ୍ଷେପରେ

### ସିନିୟର ସିଟିଜେନ୍ ଆସେମ୍ବ୍ଲିର ନୂତନ କର୍ମକର୍ତ୍ତା

ଲୋଇସିଂହା, ୧୪।୧୧(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ଅଗ୍ରସେନ ଭବନରେ ସିନିୟର ସିଟିଜେନ୍ ଆସେମ୍ବ୍ଲିର ନୂତନ କର୍ମକର୍ତ୍ତା ଚୟନ ହୋଇଯାଇଛି। ସର୍ବସମ୍ମତିକ୍ରମେ ବିଭୂତିଭୂଷଣ ସାହଣୀ ସଭାପତି, ସମାରୁ ପଧାନ ଉପସଭାପତି, ଗଜାନନ ଅଗ୍ରୱାଲ ସମ୍ପାଦକ, ରାମଚନ୍ଦ୍ର ପଟେଲ ଯୁଗ୍ମ ସମ୍ପାଦକ, ସାବତଚନ୍ଦ୍ର ନାଗ କୋଷାଧ୍ୟକ୍ଷ ମନୋନୀତ ହୋଇଛନ୍ତି। ବିଚ୍ଛିନ୍ଦାଚରଣ ମିଶ୍ର, ବିଶ୍ୱନାଥ ଭୂୟାଁ, ରାଜେନ୍ଦ୍ର ବିଶ୍ୱାଳ, ଗୁରୁଚରଣ ଧୀର, ଶ୍ୟାମସୁନ୍ଦର ଅଗ୍ରୱାଲ, ସୋମନାଥ ବିଶ୍ୱାଳ କାର୍ଯ୍ୟକାରୀ କମିଟି ସଭ୍ୟ ରହିଛନ୍ତି। ଧର୍ମସିଂ ମିଶ୍ର ଓ ଶଶୀଭୂଷଣ ଶତପଥୀଙ୍କୁ ଉପଦେଷ୍ଟାଭାବେ ରଖାଯାଇଛି। ନୂତନ କର୍ମକର୍ତ୍ତାଙ୍କୁ ବରିଷ୍ଠ ଉପଦେଷ୍ଟା ଶତପଥୀ ଶପଥପାଠ କରାଇଥିଲେ ।

### କ୍ଷୁଦ୍ରଶସ୍ୟ କ୍ଷେତ୍ର ଦିବସ, ମାଣ୍ଡିଆ ଅମଳ ତାଲିମ

ଖପ୍ରାଖୋଲ, ୧୪।୧୧(ଅଭୟ ତ୍ରିପାଠୀ)

ଖପ୍ରାଖୋଲ ବ୍ଲକ ଭାନପୁର ପଞ୍ଚାୟତ ଦୁର୍ଲାରେ କୃଷିବିଭାଗ, ମିଲେଟ ମିଶନ, ୱାଇସିଡିଏର ମିଳିତ ଉଦ୍ୟମରେ ଅନ୍ତର୍ଜାତୀୟ କ୍ଷୁଦ୍ରଶସ୍ୟ ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ଏଥିସହ ମାଣ୍ଡିଆ ଅମଳ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମିଲେର ମିଶନ ବ୍ଲକ ସଂଯୋଜକ ଉମେଶ ଗୁପ୍ତାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶିବିରରେ ମୁଖ୍ୟ ଅତିଥିଭାବେ ବ୍ଲକ କୃଷି ଅଧିକାରୀ ସନ୍ତୋଷ କୁମାର ମେହେର, ସମ୍ମାନୀତ ଅତିଥି ସହକାରୀ କୃଷି ଅଧିକାରୀ ସୁମନ୍ତ ଖମାରୀ, ଏଫଇଏସ ମାଷ୍ଟର ଟ୍ରେନର ଅଭୟ ତ୍ରିପାଠୀ, ଜ୍ୟୋତିରଞ୍ଜନ ପଣ୍ଡା ଯୋଗଦେଇଥିଲେ। କ୍ଷୁଦ୍ରଶସ୍ୟ ଚାଷ, ଅଣ ରାସାୟନିକ ସାର ଓ କୀଟନାଶକ ବ୍ୟବହାର କରି ଚାଷ କରିବା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ବ୍ଲକର ୨ଜଣ ଆଗୁଆ ଖୁଦ୍ରଶସ୍ୟ ଚାଷୀ ତେଲେନପାଲି ଗାଁର ଗୋଲାପ ବିଶି ଓ ବେନେକରାର ହେମସାଗର ମେହେରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ବଲାଙ୍ଗୀରରେ ଶିଶୁ ଦିବସ ପାଳିତ

# ‘ଶିଶୁର ମୁକ୍ତ ମନକୁ ଚିହ୍ନିବାକୁ ହେବ’



ପୋଲିସ ହାଇସ୍କୁଲରେ ଶିଶୁ ଦିବସ ପାଳନ ଅବସରରେ ଅତିଥିଙ୍କ ସହ ଛାତ୍ରୀଛାତ୍ର।



କିସ୍ କ୍ୟାମ୍ପସରେ ଆୟୋଜିତ ଶିଶୁ ଦିବସ କାର୍ଯ୍ୟକ୍ରମରେ ଜିଲାପାଳ, ଏସ୍‌ପିଙ୍କ ସହ ଅନ୍ୟ ଅତିଥି।

ବଲାଙ୍ଗୀର,୧୪।୧୧(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ମନୋହରପୁର ପୋଲିସ ହାଇସ୍କୁଲ ପ୍ରାଙ୍ଗଣ ଏବଂ କିସ୍ କ୍ୟାମ୍ପସରେ ମଙ୍ଗଳବାର ଶିଶୁ ଦିବସ ସମାରୋହ ଅନୁଷ୍ଠିତ ହୋଇଥିଲା। ଏହି ଦୁଇ ସମାରୋହରେ ଅତିଥିମାନେ ଯୋଗଦାନ କରି ଶିଶୁର ମୁକ୍ତ ମନକୁ ଚିହ୍ନି ତାର ସ୍ୱପ୍ନ ଏବଂ ସମ୍ଭାବନାକୁ ପ୍ରାଥମିକତା ଦେବାକୁ ହେବ ବୋଲି କହିଥିଲେ।

ପୋଲିସ ହାଇସ୍କୁଲଠାରେ ପ୍ରଧାନଶିକ୍ଷକ ବିରାଟ କେଶରୀ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ଶିକ୍ଷା ଅଧିକାରୀ ଲୋକନାଥ ସୁନା ମୁଖ୍ୟଅତିଥି ଭାବେ ଯୋଗଦେଇ ନବନିର୍ମିତ ନୂତନ ସାଂସ୍କୃତିକ ମଞ୍ଚ ଉଦ୍‌ଘାଟନ କରିଥିଲେ। ଛାତ୍ରୀଛାତ୍ରମାନେ ଶୃଙ୍ଖଳିତଭାବେ ପାଠ ପଢ଼ିବା ସହ ସେମାନଙ୍କ ଭବିଷ୍ୟତ ଲକ୍ଷ୍ୟ ନିର୍ଦ୍ଧାରଣ କରିବା ଉଚିତ। ମୁକ୍ତ ଭାବେ ନିଜର ଭବିଷ୍ୟତ ଗଢ଼ିଲେ ସମାଜ ନିର୍ମାଣ ସମ୍ଭବ ବୋଲି ମୁଖ୍ୟ ଅତିଥି ସୁନା କହିଥିଲେ। ମୁଖ୍ୟବକ୍ତା ଭାବେ ସାମ୍ବାଦିକ ବୀରେନ୍ଦ୍ର କୁମାର ଝାଙ୍କର ଯୋଗଦେଇ ଶିଶୁମାନେ ନିଜର ସାମର୍ଥ୍ୟ ପ୍ରତିପାଦନ କରିବାକୁ ଅନୁଶାସନ ପ୍ରିୟ ହେବା ଏବଂ ନିଜ ଶିକ୍ଷାନୁଷ୍ଠାନ ସହ ସମାଜ ଏବଂ ପରିବାରର ସ୍ୱପ୍ନ ପୂରଣ କରିବାକୁ ଆଗେଇ ଆସିବା ଉଚିତ୍ ବୋଲି କହିଥିଲେ। ସମ୍ମାନୀତ ଅତିଥି ପୁରାତନ ଛାତ୍ର ସଂଘ ସଦସ୍ୟ ସୁଦୟ ବାରିକ ଓ ସହକାରୀ ଶିକ୍ଷକ ସରୋଜ କୁମାର ମାଝି ଯୋଗଦେଇଥିଲେ। ଆରମ୍ଭରେ ଅତିଥିମାନେ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ବରିଷ୍ଠ ଶିକ୍ଷକ ସରୋଜ ମାଝି ଧନ୍ୟବାଦ ଦେଇଥିଲେ।

ବଲାଙ୍ଗୀର କିସ୍ କ୍ୟାମ୍ପସରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଜିଲାପାଳ ଚଞ୍ଚଳ ରାଣା ଓ ଏସ୍‌ପି ରଷିକେଶ ଖିଲାରୀ ଯୋଗ ଦେଇଥିଲେ। କିଭଳି ସେମାନେ ପାଠ ପଢ଼ି ଭଲ ମଣିଷ ହେବେ ଏବଂ ଦେଶ ବିଦେଶରେ ସୁନାମ ଅର୍ଜନ କରିବେ ଜିଲାପାଳ ରାଣା କହିଥିଲେ। କିସ ଛାତ୍ରୀମାନଙ୍କ ଶୃଙ୍ଖଳାକୁ ନେଇ ଧନ୍ୟବାଦ ଦେଇଥିଲେ ଏସପି ଖିଲାରୀ। ଆଦିବାସୀ ପିଲାମାନଙ୍କୁ ଏକାଠି ପାଠ ପଢ଼ାଇବା ଦିଗରେ କିସ୍ ଓ କିଟ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାଧ୍ୟାପକ ତଥା କିସ୍ ପରିଚାଳନା ପ୍ରତିନିଧି ପ୍ରମୋଦ କୁମାର ସାହୁ, ଆଇନଜୀବୀ ପ୍ରିୟରଞ୍ଜନ ବହିଦାର, ସମାଜସେବୀ ଦିଲୀପ କୁମାର ନାୟକ, କିସ ପ୍ରଧାନ ଶିକ୍ଷକ ଆକାଶ ମିଶ୍ର ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ପ୍ରଥମେ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା । ପରେ ଛାତ୍ରୀମାନେ ନୃତ୍ୟ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ଚିତ୍ତରଞ୍ଜନ ମିଶ୍ର ପରିଚାଳନା କରିଥିଲେ। ଏଥିରେ କିସ୍ ଏସିଇଓ ଶୈଳେଶ କୁମାର ସାହୁ ଓ ରାଜ କୁମାର ପୂଜାହାରୀ, ଦେବୀ ପ୍ରସାଦ ମିଶ୍ର ସହାୟତା ଯୋଗାଇଥିଲେ।

### ଶିଶୁ ମନ୍ଦିରରେ ଶିଶୁ ଦିବସ ପାଳିତ

ଟିଟିଲାଗଡ଼, ୧୪।୧୧(ଶରତ ମିଶ୍ର): ମଙ୍ଗଳବାର ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଶ୍ୟାମସୁନ୍ଦର ମହାପାତ୍ରଙ୍କ ଅଧକ୍ଷତାରେ ଶିଶୁ ଦିବସ ପାଳିତ ହୋଇଥିଲା। କାର୍ଯ୍ୟ କ୍ରମରେ ସ୍ଥାନୀୟ ବ୍ରାହ୍ମଣ ସମାଜର ସଭାପତି ବିଶ୍ୱରାମ ଠାକୁର ମୁଖ୍ୟ ଅତିଥିଭାବେ ଯୋଗଦେଇ ଉତ୍ତମ ରାଷ୍ଟ୍ର ଗଠନରେ ଶିଶୁର ଭୂମିକା ବିଷୟରେ ମାର୍ଗଦର୍ଶନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଶ୍ୟାମ ସୁନ୍ଦର ମହାପାତ୍ର ରାଷ୍ଟ୍ରର ଭବିଷ୍ୟତ ଗଠନରେ ଶିଶୁର କର୍ତ୍ତବ୍ୟ ଉପରେ ଅଭିଭାଷଣ ପ୍ରଦାନ କରିଥିଲେ। ମଞ୍ଚରେ ଉପସ୍ଥିତ ଥିଲେ ବିଦ୍ୟାଳୟର ସଦସ୍ୟା ଝୁମିରାଣୀ ମିଶ୍ର ଓ ଅବସରପ୍ରାପ୍ତ ଶିକ୍ଷକ ବୃନ୍ଦାବନ କୁମ୍ଭାର। ସହପ୍ରଧାନ ଆଚାର୍ଯ୍ୟ ନୃପରାଜ ସେଠ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଜ୍ୟୋତି ପ୍ରକାଶ ଗଡତ୍ୟା ଦାରା ଶିଶୁ ଭାଇଭଉଣୀ ମାନଙ୍କଠାରେ ଉତ୍ସାହ ସୃଷ୍ଟି କରିବା ନିମନ୍ତେ ପଣ୍ଡିତ ଜବାହରଲାଲ ନେହେରୁ ବିଷୟରେ କିଛି କୁଇଜ ପ୍ରତିଯୋଗିତା ଆୟୋଜନ କରି କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ବରିଷ୍ଠ ଆଚାର୍ଯ୍ୟ ମଦନ ମୋହନ ପୁଟେଲ କାର୍ଯ୍ୟକ୍ରମ ସଂଯୋଜନା ଓ ସାଇ ଶିବାନୀ ବେହେରା ମଞ୍ଚ ପରିଚାଳନା କରିଥିଲେ।

### ପିଲାଙ୍କ ପାଇଁ ଉଦ୍ଦିଷ୍ଟ ଆଇନ ବିଷୟରେ ଜଣାଇଲେ



ସଭାରେ ମଞ୍ଚାସୀନ ଅତିଥି ବୃନ୍ଦ।

ଟିଟିଲାଗଡ,୧୪।୧୧( ଶରତ ମିଶ୍ର )

ଟିଟିଲାଗଡ ତାଲୁକ ଆଇନ ସେବା ସମିତି ପକ୍ଷରୁ କୁରୁସୁଡସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟଠାରେ ଶିଶୁ ଦିବସ ପାଳିତ ଏବଂ ଆଇନ ସଚେତନା ଶିବିର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲା ଦୌରାଜଜ ତଥା ଟଇଟିଲାଗଡ ତାଲୁକ ଆଇନ ସେବା ସମିତି ଅଧକ୍ଷ ସନ୍ଦୀପ କୁମାର ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସୁଶାନ୍ତ କୁମାର ଦୀପ, ପେନାଲ ଲୋୟର ଏବଂ ସୁଶ୍ରୀ ସନ୍ଧ୍ୟା ଥାପା ମଞ୍ଚାସୀନ ହୋଇ ପିଲାମାନଙ୍କ ପାଇଁ ଉଦ୍ଦିଷ୍ଟ ଥିବା ବିଭିନ୍ନ ଆଇନ ବିଷୟରେ ବୁଝେଇଥିଲେ। ଅନ୍ୟ ଅତିଥିଭାବେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଅଧକ୍ଷ ଯଶୋବନ୍ତ ସାହୁ ଓ ଜୟନ୍ତ କୁମାର ସାହୁ ଉପସ୍ଥିତ ଥିଲେ। ସର୍ଣ୍ଣପ୍ରଭା ନାଏକ ମଞ୍ଚ ପରିଚାଳନା, ଜୀବର୍ଦ୍ଧନ ଛତ୍ରିଆ ଧନ୍ୟବାଦ ଅର୍ପଣ କରିଥିଲେ।

### ପଶ୍ଚିମ ଓଡ଼ିଶା ବନ୍ଦକୁ ସଫଳ କରିବାକୁ ଆହ୍ୱାନ କଲେ ନରସିଂହ

ଲୋଇସିଂହା,୧୪।୧୧(ସୁଶାନ୍ତ ବାରିକ)

ପଶ୍ଚିମ ଓଡ଼ିଶା ପ୍ରତି ଆଉ ବୈମାତୃକଭାବ ଚଳିବ ନାହିଁ। ୨ ନମ୍ବର ନାଗରିକ ହୋଇ ରହିବୁ ନାହିଁ। କୋସଲ ରାଜ୍ୟ ଏବଂ ପଶ୍ଚିମ ଓଡ଼ିଶା ପ୍ରତି ଅବହେଳା ପ୍ରତିବାଦରେ ନଭେମ୍ବର ୧୮ ତାରିଖ ପଶ୍ଚିମ ଓଡିଶା ବନ୍ଦ ଡାକରା ଦିଆଯାଇଛି । ଜଣେ ବ୍ୟକ୍ତି କିମ୍ବା ଗୋଟିଏ ଅନୁଷ୍ଠାନ ନୁହେଁ, ଏହିଦିନ ସମସ୍ତେ ମିଶି ବନ୍ଦକୁ ସଫଳ କରିବାକୁ ହେବ। ଲୋଇସିଂହା ଷ୍ଟାଡିୟମର ସ୍ୱନକ୍ଷତ୍ର ଫୁଟବଲ ଟୁର୍ନାମେଣ୍ଟର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଧାୟକ ନରସିଂହ ମିଶ୍ର ଲୋଇସିଂହାବାସୀଙ୍କୁ ଆହ୍ୱାନ ଜଣାଇଛନ୍ତି। ମିଶ୍ର କହିଥିଲେ ଯେ, ଆଗଲପୁର ବ୍ଲକ ଭରସୁଜାରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଯାଇଥିଲି। ସେଠାରେ ପଶ୍ଚିମ ଓଡିଶା ପ୍ରତି ଅବହେଳା ବିଷୟରେ କହିଥିଲି। ଏବେ କୋସଲ ରାଜ୍ୟ ପାଇଁ ମୁଣ୍ଡ ଟେକିଲାଣି। ସେଥିପାଇଁ ଆମେ ବିକାଶ ଚାହୁଁଛୁ। ଯଦି ବିକାଶ ହେବନାହିଁ ରାଜ୍ୟ ୨ ଖଣ୍ଡ ହୋଇଯିବ ଏବଂ ଏଥିପାଇଁ ସରକାର ଦାୟୀ ରହିବେ। ଏଣୁ ବଲାଙ୍ଗୀରରେ ହାଇକୋର୍ଟ ବେଞ୍ଚ, ପଶ୍ଚିମ ଓଡିଶାରେ ଦ୍ୱିତୀୟ କୃଷି ବିଦ୍ୟାଳୟ, ପଶ୍ଚିମ ଓଡିଶା ଭାଷାକୁ ସରକାରୀ ମାନ୍ୟତା, ସମ୍ବିଧାନ ସଂଶୋଧନ, ଚଳଚ୍ଚିତ୍ର, କ୍ରୀଡା ଜଗତର ବିକାଶ କରାଯାଉ । ପଶ୍ଚିମ ଓଡ଼ିଶାବାସୀଙ୍କ ଭାବାବେଗ ସହ ନଖେଳି ଦୁଇଦିନ ନୂଆଁଖାଇ ଛୁଟି ମିଳୁ। ମା ମାଟିର ସେବା ଏବଂ ଏହି ଅଞ୍ଚଳର ବିକାଶ ପାଇଁ ପଶ୍ଚିମ ଓଡିଶାବାସୀ ଏକ ହୁଅନ୍ତୁ ଓ ୧୮ତାରିଖ ବନ୍ଦ ସଫଳ କରାନ୍ତୁ।

### ଜାମଚୁଆଁରେ ଗିରିଗୋବର୍ଦ୍ଧନ ପୂଜା

ଲାଠୋର,୧୪।୧୧(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ମାଲପଡ଼ା ପଞ୍ଚାୟତ ଜାମଚୁଆଁ ବାଗ ଦୁଏରଡୁଙ୍ଗରି ନିକଟ ରାଧାକୃଷ୍ଣ ଖେଳ ପଡ଼ିଆରେ ମଙ୍ଗଳବାର ୧୭ତମ ଗିରି ଗୋବର୍ଦ୍ଧନ ପୂଜା ଅନୁଷ୍ଠିତ ହୋଇଯାଇଛି। ଝରିଆ ଯାଦବ(ଗଉଡ଼) ସମାଜ ସଭାପତି ଜୟଦେବ ନାଗଙ୍କ ଆବାହକତ୍ୱରେ ଅନୁଷ୍ଠିତ ପୂଜନୋତ୍ସବରେ ମୁଖ୍ୟ ଅତିଥି ଭାବେ ପାଟଣାଗଡ଼ ବିଧାୟକ ସରୋଜ ମେହେର, ସମ୍ମାନୀତ ଅତିଥିଭାବେ ଲାଠୋର ସରପଞ୍ଚ ଜୟଶ୍ରୀ ଭଇଁଷାଲ, ମାଲପଡ଼ା ସରପଞ୍ଚ ଗୋପାଲ ମେହେର ଯୋଗଦେଇଥିଲେ। ଦୁଇଦିନ ଧରି ଚାଲିବାକୁ ଥିବା ପୂଜାରେ କର୍ତ୍ତାକର୍ତ୍ତାଭାବେ ଗ୍ରାମର ଭୂମିସୂତା ଶାଣ୍ଟେ ଏବଂ ଶଶୀଭୂଷଣ ଦାୟିତ୍ୱନିର୍ବାହ କରିଥିଲେ। ତାଙ୍କୁ ସହଯୋଗ କରିଥିଲେ ଗୁଣନିଧି ପଣ୍ଡା। କାର୍ଯ୍ୟକ୍ରମରେ ପାରମ୍ପରିକ ଗଉଡ଼ ବାଡ଼ି ଖେଳ ସହ ଜାମଚୁଆଁ ଗ୍ରାମର ମହିଳା ନାମ ସଂକୀର୍ତ୍ତନ ଦଳ ଦ୍ୱାର ନାମଯଜ୍ଞ, ମୀନା ବଜାରର ଆୟୋଜନ କରାଯାଇଥିଲା। ରାତିରେ ମନୋରଞ୍ଜନ ପାଇଁ ଚଙ୍ଗରିଆ ଗ୍ରାମର ଦଣ୍ଡନୃତ୍ୟ ପରିବେଶଣ କରାଯାଇଥିଲା। ଲାଠୋର ତଥା ଆଖପାଖ ଗ୍ରାମର ଶ୍ରଦ୍ଧାଳୁ ପୂଜାକୁ ଆସି ବିଭୁକୃପା ଲାଭ କରିଥିଲେ। ଏହି ଅବସରରେ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଭଇଁଷାଲ, ସଦସ୍ୟ ଲମ୍ବୋଧର ଭଇଁଷାଲ, ରବିନ୍ଦ୍ର ନାଗ, ଟିକେଶ୍ୱର ଭଇଁଷାଲ, ଉମାକାନ୍ତ ନାଗ, ସତ୍ୟନାରାୟଣ ପଣ୍ଡା, ମଦନ ଧରୁଆ, ରାମକିଶନ ଚିତକୁଡ଼ିଆ ଓ ଆୟୋଜକ କମିଟି ସଦସ୍ୟ ଉପସ୍ଥିତ ଥିଲେ।

### ଖାଟୁଶ୍ୟାମ ମନ୍ଦିରରୁ ଚୋରି

କଣ୍ଟାବାଞ୍ଜି, ୧୪।୧୧(ଗୁରୁଦୟାଲ ହଂସ)

କଣ୍ଟାବାଞ୍ଜି-ବଙ୍ଗୋମୁଣ୍ଡା ରାସ୍ତାର କେଭି କଲେଜ ନିକଟରେ ଥିବା ଖାଟୁ ଶ୍ୟାମ ମନ୍ଦିରରୁ ଚୋରି ହୋଇଥିବା ନେଇ ସ୍ଥାନୀୟ ଥାନାରେ ଅଭିଯୋଗ ହୋଇଛି। ସୋମବାର ସନ୍ଧ୍ୟାରେ ପୂଜା ସାରି ପୂଜକ ମନ୍ଦିର ମୁଖ୍ୟ କବାଟରେ ତାଲା ପକାଇ ଘରକୁ ଯାଇଥିଲେ। ମଙ୍ଗଳବାର ସକାଳେ ମନ୍ଦିର କବାଟ ଭଙ୍ଗା ଯାଇଥିବା ଦେଖିବାକୁ ମିଳିଥିଲା। ଭଗବାନ ଖାଟୁଶ୍ୟାମଙ୍କ ସୁନା ପ୍ରଲେପ ଦିଆ ରୂପା ମୁକୁଟ ଏବଂ ଦାନ ବାକ୍ସ ଚୋରି ହୋଇଥିବା ଜଣାପଡିଥିଲା। ବଲାଙ୍ଗୀରରୁ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମ ଘଟଣାସ୍ଥଳରେ ପହଞ୍ଚି ଛାନଭିନ କରଛି।

### ବଲାଙ୍ଗୀରକୁ ହରାଇଲା ଜରସିଂହା



ଉଭୟ ଦଳର ଖେଳାଳିଙ୍କ ସହ ମୁଖ୍ୟଅତିଥି ବିଧାୟକ ନରସିଂହ ମିଶ୍ର।

ଲୋଇସିଂହା,୧୪।୧୧(ସୁଶାନ୍ତ ବାରିକ)

#### ଲୋଇସିଂହା ଷ୍ଟାଡିୟମର ସ୍ୱନକ୍ଷତ୍ର ଦିବସରେ ଫୁଟବଲ ଟୁର୍ନାମେଣ୍ଟ

ବଲାଙ୍ଗୀର ଜିଲା ଲୋଇସିଂହା ଷ୍ଟାଡିୟମର ୧୬ତମ ସ୍ୱନକ୍ଷତ୍ର ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ଷ୍ଟାଡିୟମ ଟ୍ରଷ୍ଟବୋର୍ଡ ଓ ଆଥଲେଟିକ ଆସୋସିଏଶନ ମିଳିତ ଆନୁକୂଲ୍ୟରେ ଲୋଇସିଂହା କପ୍ ଫୁଟବଲ-୨୩ ଅନୁଷ୍ଠିତ ହେଉଛି । ବଲାଙ୍ଗୀର ପ୍ରୋଗ୍ରେସିଭ ଓ ବିଏନ୍‌ଏନ୍‌ଏ ଜରସିଂହା ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଜରସିଂହା ଦଳ ପ୍ରଥମାର୍ଦ୍ଧରେ ୩ଟି ଗୋଲ ଦେଇ ଆଗୁଆ ରହିଥିଲା । ଦ୍ୱିତୀୟାର୍ଦ୍ଧରେ କୌଣସି ଦଳ ଗୋଲ ସ୍କୋର କରି ପାରି ନ ଥିଲେ। ଫଳରେ ୩-୦ ଗୋଲରେ ଜରସିଂହା ବିଜୟୀ ହୋଇ ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ଷ୍ଟାଡିୟମ ଟ୍ରଷ୍ଟବୋର୍ଡ ସମ୍ପାଦିକ ସ୍ମିତା ମିଶ୍ର ଅଧ୍ୟକ୍ଷତା କରିଥିଲେ। ଏଥିରେ ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ।

### ବିଜ୍ଞାନ ମେଳାରେ ୧୨୯ ପ୍ରକଳ୍ପ ପ୍ରଦର୍ଶିତ

ବେଲପଡ଼ା,୧୪।୧୧(ମନୋଜ କୁମାର ମିଶ୍ର)



ଜଣେ ପ୍ରତିଯୋଗୀଙ୍କୁ ଅତିଥି ଓ ବିଚାରକମାନେ ପ୍ରକଳ୍ପ ବିଷୟରେ ପଚାରୁଛନ୍ତି।

ବଲାଙ୍ଗୀର ଜିଲା ବେଲପଡ଼ାସ୍ଥିତ ଆସ୍ଥା ପବ୍ଲିକ ସ୍କୁଲରେ ବିଦ୍ୟାଳୟସ୍ତରୀୟ ଦଶମ ଅବଦୁଲ କଲାମ ସ୍ମାରକୀ ବିଜ୍ଞାନ ମେଳା ମଙ୍ଗଳବାର ଅନୁଷ୍ଠିତ ହେଇଯାଇଛି। ମେଳାକୁ ସ୍କୁଲର ଚେୟାରମ୍ୟାନ ଶଙ୍କର ପ୍ରସାଦ ଜୈନ ଉଦ୍‌ଘାଟନ କରିଥିଲେ। ସେହିପରି ବିଦ୍ୟାଳୟ ପରିସରରେ ଅଭିଭାବିକାମାନଙ୍କୁ ନେଇ ସୁଷମ ଖାଦ୍ୟ ମେଳା ଅନୁଷ୍ଠିତ ହୋଇଥିଲା। ଏହାକୁ ସ୍କୁଲ ସମ୍ପାଦକ ଅନନ୍ତ ଜୈନ ଉଦ୍‌ଘାଟନ କରିଥିଲେ। ଏଥିରେ ୪୧ଜଣ ମା’ ଖାଦ୍ୟ ପ୍ରସ୍ତୁତି କରି ସୁଷମ ଖାଦ୍ୟର ଉପକାରିତା ସମ୍ପର୍କରେ ବୁଝାଇଥିଲେ। ବିଜ୍ଞାନ ମେଳାରେ ୧୨୯ଟି ପ୍ରକଳ୍ପ ସ୍ଥାନ ପାଇଥିଲା। ଜୁନିୟର ବିଭାଗରେ ୬୧ଜଣ ଏବଂ ସିନିୟରରେ ୬୮ଜଣ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ବିଚାରକ ଭାବେ ସୁଶାନ୍ତ ପଣ୍ଡା, ସନ୍ଦୀପ ସିଂ, ଚନ୍ଦନ ସାହୁ ଯୋଗଦେଇ ପ୍ରକଳ୍ପଗୁଡ଼ିକର ମୂଲ୍ୟାଙ୍କନ କରିଥିଲେ। ବିଜ୍ଞାନ ପ୍ରକଳ୍ପ ସିନିୟର ବିଭାଗରେ ଶ୍ରେୟଂସ ନନ୍ଦ, ଜୁନିୟରରେ ସୁରଜିତ ନାରାୟଣ ପଣ୍ଡା, ସବ୍‌ଜୁନିୟର ବିଭାଗରେ ପ୍ରତ୍ୟୁଷ ନାଗ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ସୁଷମ ଖାଦ୍ୟ ପ୍ରଦର୍ଶନୀରେ ବିଚାରକଭାବେ ବେଲପଡା ଜନସ୍ୱାସ୍ଥ୍ୟ ଅଧିକାରୀ ମଞ୍ଜୁଲତା ସେଠୀ, ମିଲେଟ ମିଶନ ଅଧିକାରୀ ସୁନୀତା ସୁନା ପ୍ରଦର୍ଶନୀ ବୁଲିଥିଲେ। ବର୍ଷା ତାଣ୍ଡି, ପୁଷ୍ପିତ ସାହୁ ପ୍ରଥମ, ସ୍ନିଗ୍ଧା ଠାକୁର, ସୋମଞ୍ଜଳି ରାଉତ ଦ୍ୱିତୀୟ, ଅପର୍ଣ୍ଣା ପ୍ରିୟଦର୍ଶିନୀ ଦାସ, ଭଗବତୀ ପୁଟା ତୃତୀୟ ସ୍ଥାନ ଅଧିକାର କରିଥିଲେ। ଅପରାହ୍ନରେ ବିଦ୍ୟାଳୟ ଅଧକ୍ଷ ବି.ସରକାରଙ୍କ ଅଧକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ବେଲପଡା ଥାନା ଅଧିକାରୀ ସୁଶାନ୍ତ ଦାସ ଯୋଗଦେଇ କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।

### ବସ୍ତ୍ରେନ କ୍ରିକେଟ: ଡୁମେରଛୁଆଁ ଚାମ୍ପିୟନ

ମୁରିବାହାଲ,୧୪।୧୧(ଶ୍ରୀବତ୍ସ ବେହେରା)

ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ ମାଲିସିରା ପଞ୍ଚାୟତ ଡ଼ଙ୍ଗାବାଞ୍ଜି ଖେଳପଡିଆରେ ଚାଲିଥିବା ବସ୍ତ୍ରେନ କ୍ରିକେଟ ଟୁର୍ନାମେଣ୍ଟ ମଙ୍ଗଳବାର ଶେଷ ହୋଇଛି। ଫାଇନାଲ ଖେଳରେ ପାତଳପଡାକୁ ହରାଇ ଡୁମେରଛୁଆଁ ଚାମ୍ପିୟନ ହୋଇଛି। ଡୁମେରଛୁଆଁ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୬ ଉଇକେଟ ହରାଇ ୧୭୦ରନ କରିଥିଲା। ଜବାବରେ ପାତଳପଡା ୯ ଉଇକେଟ ହରାଇ ୭୨ରନ କରି ୯୯ ରନରେ ପରାଜିତ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ସାଂସଦ ପ୍ରତିନିଧି ଶ୍ରୀବତ୍ସ ବେହେରା ମୁଖ୍ୟ ଅତିଥି, ସମ୍ମାନୀତ ଅତିଥି ଟିଟିଲାଗଡ଼ ନଗର ଭାଜପା ସଭାପତି ପ୍ରଶାନ୍ତ କୁମାର ଷଡ଼ଙ୍ଗୀ, ବିକାଶ ସେନା ସଭାପତି ଅମ୍ଳାନ ଷଡ଼ଙ୍ଗୀ, ମାଳିସାରା ସରପଞ୍ଚ ଦେବରାଜ ପାତ୍ର, କ୍ରୀଡ଼ାବିତ କେଦାର ବଡ଼ଜେନା, ବାଳକୃଷ୍ଣ ପୁଟେଲ, ଲାଲବାହାଦୁର ପୁଟେଲ ଯୋଗ ଦେଇ ବିଜେତା ଦଳକୁ ଟ୍ରଫି ସହ ୧୫ ହଜାର ଓ ଉପବିଜେତା ଦଳକୁ ଟ୍ରଫି ସହ ୧୦ ହଜାର ଟଙ୍କା ପ୍ରଦାନ କରିଥିଲେ। କମିଟି ସଭାପତି ଯଶଧର ଧାରୁଆ, ଉପ ସଭାପତି ଚଉବନ ଧରୁଆ, ସମ୍ପାଦକ ହେମନ୍ତ ଧରୁଆ ଏଥିରେ ସହଯୋଗ କରିଥିଲେ।

### ମାଲିଝେର: ଗିରିଗୋବର୍ଦ୍ଧନ ପୂଜାର ରୌପ୍ୟ ଜୟନ୍ତୀ

ଟିଟିଲାଗଡ,୧୪।୧୧(ଶରତ ମିଶ୍ର)

ଟିଟିଲାଗଡ ବ୍ଲକ ମାଲିଝେର ଗ୍ରାମ ଆଞ୍ଚଳିକ ଯାଦବ ସମାଜ ଚଳିତବର୍ଷ ଗିରି ଗୋବର୍ଦ୍ଧନ ପୂଜାର ରୌପ୍ୟ ଜୟନ୍ତୀ ପାଳନ କରୁଛି। ରବିବାର ଅଧିବାସ ଆରମ୍ଭ ହୋଇଥିଲା। ସନ୍ଧ୍ୟାରେ କୋରାପୁଟର ଢେମସା ସହ ସ୍ଥାନୀୟ କଳାକାର ନୃତ୍ୟ ପରିବେଷଣ କରିଥିଲେ। ଏହି ଅବସରରେ ପୂଜାର ଉଦ୍ୟୋକ୍ତା ସ୍ୱର୍ଗତ କାହ୍ନୁ ବିଶି, ତ୍ରିନାଥ ବିଶି, ଗଦାଧର ବାଗଙ୍କ ସ୍ମୃତିଚାରଣ କରାଯାଇଥିଲା। ବରିଷ୍ଠ ସଦସ୍ୟ ଗିରିଧାରୀ ମହାକୁର, ଘାସିରାମ ବିଶି, ନବ ଚନ୍ଦନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୋମବାର ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ଆରମ୍ଭ ହୋଇଛି। ଅକ୍ଷୟ ବାଗ ଏବଂ ତାଙ୍କ ଧର୍ମପତ୍ନୀ ରସଗୁଲା ବାଗ ପୂଜାକର୍ତ୍ତା ଦାୟିତ୍ୱ ସମ୍ପାଦନ କରୁଛନ୍ତି। କମିଟି ସଭାପତି ପଣ୍ଟୁ ହାତୀ, ଉପସଭାପତି ପରମାନନ୍ଦ ଘିବେଲା, ସମ୍ପାଦକ ପଦ୍ମନାଭ ପୋଡ, କୋଷାଧକ୍ଷ ରମାକାନ୍ତ ଗହୀର ଆୟୋଜନରେ ସହାୟତା କରୁଛନ୍ତି। ମନ୍ତ୍ରୀ ଟୁକୁନି ସାହୁ, ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ସିଂଭୋଇ, ଜିଲା ଯାଦବ ମହାସଭା ସଭାପତି ପରମାନନ୍ଦ ହାତୀ, ସମ୍ପାଦକ କୈଳାସ ବନଛୋର, ସଂଯୋଜକ ମନୋଜ ହାତୀ, ବାଳକୃଷ୍ଣ ଷାଣ୍ଟେ, ଗୀତା ବିଶି, ମୁକେଶ ଜୈନ, ନବୀନ ଜୈନ, ବ୍ଲକ କଂଗ୍ରେସ ସଭାପତି ବିକାଶ ପାଣିଗ୍ରାହୀ, ବ୍ଲକ ବିଜେଡି ସଭାପତି ପଦ୍ମଲୋଚନ ପୋଡ, ସରପଞ୍ଚ ରୁପଧର ଘିବେଲା ପୂଜା ମଣ୍ଡପ ଦର୍ଶନ କରିଛନ୍ତି।

ସେହିପରି ଡେଙ୍ଗପଦର ଝିଙ୍କିଡୁଙ୍ଗରି ଧବଳେଶ୍ୱର ଶୈବପୀଠରେ ମନିଗାଁ ଏବଂ ମହୁଲପଡା ପଞ୍ଚାୟତ ଯାଦବ ସମାଜ ପକ୍ଷରୁ ୧୧ତମ ଗିରିଗୋବର୍ଦ୍ଧନ ପୂଜା ମଙ୍ଗଳବାର ପୁର୍ଣ୍ଣାହୂତି ସମ୍ପନ୍ନ ହୋଇଛି। ପୂଜା କର୍ତ୍ତା ବୈକୁଣ୍ଠ ଖର୍ସେଲ ଏବଂ ବିଳାସ ଖର୍ସେଲ, ପୃଥ୍ୱୀରାଜ ଖର୍ସେଲ ଏବଂ ପୁଷ୍ପାଞ୍ଜଳି ଖର୍ସେଲ ଦାୟିତ୍ୱ ନିର୍ବାହ କରିଥିଲେ। ଆୟୋଜକ କମିଟି ସଭାପତି ରାଜପତି ବାଗ, ଉପସଭାପତି ଯଶୋବନ୍ତ ବନଛୋର, ସମ୍ପାଦକ ପିତାମ୍ବର କଟା, କୋଷାଧକ୍ଷ ସତ୍ୟନାରାୟଣ ରତେଇ କାର୍ଯ୍ୟକ୍ରମ ଆୟୋଜନରେ ସହାୟତା କରିଥିଲେ।

### ଗିରିଗୋବର୍ଦ୍ଧନ ପୂଜାରେ ଗୌଡ଼ବାଡ଼ି ଖେଳ

କଣ୍ଟାବାଞ୍ଜି,୧୪।୧୧(ଗୁରୁଦୟାଲ ହଂସ)



କଣ୍ଟାବାଞ୍ଜି ପୌରାଞ୍ଚଳ ଗିରି ଗୋବର୍ଦ୍ଧନ ପୂଜା ଅବସରରେ ଆୟୋଜିତ ସଭାରେ ଅତିଥିମାନେ।

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ପୌରାଞ୍ଚଳ ଗିରି ଗୋବର୍ଦ୍ଧନ ପୂଜା କମିଟି ପକ୍ଷରୁ ସ୍ଥାନୀୟ ଗୋରୁ ବଜାରଠାରେ ପାଳିତ ହୋଇଯାଇଛି ଗିରି ଗୋବର୍ଦ୍ଧନ ପୂଜା। ସକାଳୁ ସ୍ଥାନୀୟ ଅଶୋକ ନଗର ଧୋବାପଡାରୁ ଏକ ଶୋଭାଯାତ୍ରା ନଗର ପରିକ୍ରମା କରିଥିଲା। ଏହି ଶୋଭାଯାତ୍ରରେ ଯାଦବମାନଙ୍କ ବାନାବାଡି ଗୌଡବାଡି ଖେଳ ପ୍ରଦର୍ଶନ କରାଯାଇଥିଲା। ନଗର ପରିକ୍ରମା ପରେ ଗୋରୁ ବଜାର ସ୍ଥିତ ମା’ ଚଣ୍ଡି ସମଲାଇ ଏବଂ ଗିରି ଗୋବର୍ଦ୍ଧନ ପୂଜାର୍ଚ୍ଚନା କରାଯାଇଥିଲା । ପୂଜାର୍ଚ୍ଚନାରେ ରଷିକେଶ ବାଗ ଏବଂ ତାଙ୍କ ଧର୍ମପତ୍ନୀ ଉଲ୍ଲାସ ବାଗ ଯାଦବ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ଏହା ପରେ ଏକ ସାଧାରଣ ସଭା ହୋଇଥିଲା। ସଭାରେ ପୂଜା କମିଟି ସଭାପତି ବେଦବ୍ୟାସ ନାଗ ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭରୁଆପାଲି ସରପଞ୍ଚ ପୁରନ୍ଦର ବାଗ ମୁଖ୍ୟ ଅତିଥି, ସମ୍ମାନୀତ ଅତିଥିଭାବେ ନଗର ସଭାପତି ଉଦ୍ଧବ ଘିଭେଲା, ସମ୍ପାଦକ ସଞ୍ଜୟ ପୁଂଜି, ନାରୀନେତ୍ରୀ ମଧୁସ୍ମିତା ବଗର୍ତ୍ତି ସମ୍ମାନୀତ ଅତିଥି, ମୁଖ୍ୟବକ୍ତଭାବେ ଘନଶ୍ୟାମ ଗହିର ମଞ୍ଚାସୀନ ଥିଲେ । ଅତିଥିମାନେ ଗୌଡ ସମାଜର ବିକାଶ ପାଇଁ ମୁଖ୍ୟତଃ ରାଜନୈତିକ, ଶିକ୍ଷା ତଥା ଅର୍ଥନୈତିକ ବିକାଶ ଉପରେ ଗୁରୁତ୍ୱ ଦେଇଥିଲେ। ଏଥିସହିତ ସରକାର ଯାଦବମାନଙ୍କର ଜନଗଣନାକୁ ପ୍ରାଧାନ୍ୟ ଦେବା ଉଚିତ ବୋଲି କହିଥିଲେ। ଏହି ସଭାରେ କଣ୍ଟାବାଞ୍ଜି ଜିଲା ଦାବିକୁ ସମସ୍ତ ଯାଦବ ସମର୍ଥନ ଦେଇ ସ୍ଲୋଗାନମାନ ଦେଇଥିଲେ। ଆଗାମୀ ଦିନରେ କଣ୍ଟାବାଞ୍ଜି ଜିଲା ଦାବିକୁ ଯାଦବ ସମାଜ ସମର୍ଥନ କରି ରାସ୍ତାକୁ ଓହଲାଇବ ବୋଲି କହିଥିଲେ। ସଭା ପରେ ଯାଦବ ଗୌରବ ଧର୍ମାନନ୍ଦ ୟୁଏଡ(ରକ୍ତଦାତା), ଡିଗେଶ୍ୱର ଠେଲା,

#### କଣ୍ଟାବାଞ୍ଜି ଜିଲା ଗଠନ ଦାବିକୁ ଯାଦବ ସମାଜର ସମର୍ଥନ

ଦେବରାଜ ଯାଦବ, ମୋହନ ବନଛୋର, ଗଣେଶ ବାଗ, ପିଙ୍କୁ ବାଗ, ଚୈତନ୍ୟ ହଂସ, ଅରୁଣ ବାଗ, ବିଷ୍ଣୁ ୟୁଏଡ, କୈଳାସ ହାତୀ, ଗୁର ପୁଂଜି, ଗୁଲ୍ ଘିଭେଲା, ହରିହର ବାଗଙ୍କୁ ସମାଜ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଗୁରୁଦୟାଲ ହଂସ ପରିଚାଳନା କରିଥିଲେ ।

ସେହିପରି କରୁଆଁମୁଣ୍ଡା ପଞ୍ଚାୟତ କୁଲିଆଦର ଗ୍ରାମବାସୀଙ୍କ ଗିରିଗୋବର୍ଦ୍ଧନ ପୂଜାନୋତ୍ସବରେ ମୁଖ୍ୟ ଅତିଥିଭାବେ ଉତ୍କଳ ଯାଦବ ମହାସଭା ପ୍ରୋଜେକ୍ଟ ସେଲ ସଭାପତି ଲକ୍ଷ୍ମଣ ବାଗ, ତୁରେକେଲା ବ୍ଲକ ସରପଞ୍ଚ ସଂଘ ସଭାପତି ଜଳନ୍ଧର ମହାକୁଡ, ସାମାଜିକ କର୍ମୀ ଅର୍ଦ୍ଧେନ୍ଦୁ ଦାସ ଯାଦବ, ଉତ୍କଳ ଯାଦବ ମହାସଭା ସମ୍ପାଦକ କିର୍ତ୍ତନ ନାୟକ ଅତିଥିଭାବେ ଯୋଗ ଦେଇଥିଲେ।

## ସଂକ୍ଷେପରେ

### କଣ୍ଟେନର ଧକ୍କାରେ ଜଣେ ମୃତ

**ଅତାବିରା,୧୪।୧୧(ହୃଷୀକେଶ ଖମାରୀ):** ବରଗଡ ଜିଲା ଅତାବିରା ବସ୍‌ଷ୍ଟାଣ୍ଡରେ ମଙ୍ଗଳବାର ଏକ ସଡକ ଦୁର୍ଘଟଣା ଘଟିଛି। ବରଗଡରୁ ସମ୍ବଲପୁର ପଟକୁ ଯାଉଥିବା ଏକ କଣ୍ଟେନର (ନଂ.ଆରଜେ୦୩ଜିଏ/୪୩୪୧) ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଛତିଶଗଡ଼ ରାଜ୍ୟ ମହାସମୁଦ ଜିଲା ଡୁଙ୍ଗୁରିପାଲି ଥାନା ସାହାଜବାହାଲ ଗ୍ରାମର ମୂଳବାସିନ୍ଦା ତଥା ଅତାବିରା ଥାନା ସିଂହପାଲି ଗ୍ରାମରେ ରହୁଥିବା ସୁରଜ ଭୋଇ(୪୫)। ସେ ରାସ୍ତାରେ ଚାଲି ଚାଲି ଯାଉଥିବା ବେଳେ ଦ୍ରୁତବେଗରେ ଆସୁଥିବା ଉକ୍ତ କଣ୍ଟେନର ତାଙ୍କୁ ଧକ୍କା ଦେଇଥିଲା। ଅତାବିରା ପୋଲିସ ଦୁର୍ଘଟଣା ଘଟାଇଥିବା କଣ୍ଟେନରକୁ ଜବତ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ବରଗଡ ଡାକ୍ତରଖାନାକୁ ପଠାଯାଇଛି। ଏ ନେଇ ଅତାବିରା ଥାନାରେ ଏକ ମାମଲା (ନଂ.୪୦୮/୨୩) ରୁଜୁ ହୋଇଥିବା ଆଇଆଇସି ସୁକୁମାର ତ୍ରିପାଠୀ କହିଛନ୍ତି।

### ପ୍ରାକ୍ତନ ପ୍ରଶାସନିକ ଅଧିକାରୀଙ୍କ ପରଲୋକ

**ବରପାଲି,୧୪।୧୧(ଚିତ୍ତରଞ୍ଜନ ସାହୁ):** ବରପାଲିର ପୂର୍ବତନ ବରିଷ୍ଠ ପ୍ରଶାସନିକ ଅଧିକାରୀ ପ୍ରଫୁଲ୍ଲ ଦଫାଦାରଙ୍କ ମଙ୍ଗଳବାର ସକାଳେ ହୃଦ୍‌ଘାତରେ ମୃତ୍ୟୁ ଘଟିଛି। ଦଫାଦାର ଭୋର୍‌ରୁ ପ୍ରାତଃ ଭ୍ରମଣ ସାରି ଘରକୁ ଆସି ଅସୁସ୍ଥ ଅନୁଭବ କରିଥିଲେ ଏବଂ ଆକସ୍ମିକ ଭାବେ ତାଙ୍କର ମୃତ୍ୟୁ ଘଟିଥିଲା। ସ୍ୱର୍ଗତ ଦଫାଦାର ବିଜେପୁର ସମେତ ବହୁ ବ୍ଲକରେ ଅତିରିକ୍ତ ବିଡ଼ିଓ ଭାବେ କାର୍ଯ୍ୟ କରି ଅବସର ନେଇଥିଲେ। ଅବସର ପରେ ସେ ବିଭିନ୍ନ ଅନୁଷ୍ଠାନ ସହ ଜଡ଼ିତ ହୋଇ ସମାଜସେବା କରିଥିଲେ। ସ୍ୱର୍ଗତ ଦଫାଦାର ବରପାଲିର ପୂର୍ବତନ ବ୍ଲକ ଅଧ୍ୟକ୍ଷ କିଶୋର ଦଫାଦାରଙ୍କ ଜ୍ୟେଷ୍ଠ ଭ୍ରାତା ଥିଲେ। ପରଲୋକ ଖବର ପାଇ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଅନ୍ତିମ ଦର୍ଶନ କରିଥିଲେ।

### ଯବାନଙ୍କ ସନ୍ଦେହଜନକ ମୃତ୍ୟୁ

**ବରପାଲି,୧୪।୧୧(ଚିତ୍ତରଞ୍ଜନ ସାହୁ):** ବରଗଡ ଜିଲା ବରପାଲି ଥାନା ଅଧୀନ ନୂଆପଡ଼ାର ଜଣେ ଯବାନଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ମୃତକ ହେଲେ ଅଜିତ ସ୍ୱାଇଁ। ବରପାଲି ପୋଲିସ ଏ ନେଇ ଏକ ମାମଲା (ନଂ.୩୮୫/୨୩) ରୁଜୁ କରି ତଦନ୍ତ କରୁଛି। ସୂଚନା ଅନୁସାରେ, ମଙ୍ଗଳବାର ସକାଳେ ବରପାଲି ରେଲୱେ ଷ୍ଟେସନର ଯୋଗୀ ମୁଣ୍ଡା ମନ୍ଦିର ନିକଟରେ ଅଜିତଙ୍କ ମୃତଦେହ ରକ୍ତାକ୍ତ ଅବସ୍ଥାରେ ପଡ଼ିଥିଲା। ମୃତଦେହ ନିକଟରେ ତାଙ୍କ ବୁଲେଟ (ନଂ.ଓଡ଼ି୧୭ଓ୍ୱାଇ/୯୮୭୭) ପଡ଼ିଥିଲା। ଖବର ପାଇ ବରପାଲି ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ତେବେ ଏହା ଏକ ଦୁର୍ଘଟଣାଜନିତ ମୃତ୍ୟୁ ବୋଲି ପୋଲିସ ସନ୍ଦେହ କରୁଥିବା ବେଳେ ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ସାଧାରଣରେ ଆଲୋଚନା ହେଉଛି। ଏ ନେଇ ବରପାଲି ଥାନା ଆଇଆଇସି ଜୟଶ୍ରୀ ସେଠୀଙ୍କୁ ପଚାରିବାରୁ ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ସେ ପ୍ରକାଶ କରିଥିଲେ। ଯବାନଙ୍କ ପରଲୋକରେ ସହରରେ ଶୋକର ଛାୟା ଖେଳିଯାଇଛି। ପ୍ରକାଶଥାଉକି, ପ୍ରାୟ ଦୁଇ ମାସ ପରେ ଅଜିତ ଚାକିରିରୁ ଅବସର ନେଇଥାନ୍ତେ।

### ଡିପ୍ଲୋମା ଇଞ୍ଜିନିୟର୍ସ ସେବା ସଂଘର କର୍ମକର୍ତ୍ତା ନିର୍ବାଚନ

**ବରଗଡ଼,୧୪।୧୧(ପ୍ରେମାନନ୍ଦ ଖମାରୀ):** ଓଡ଼ିଶା ଡିପ୍ଲୋମା ଇଞ୍ଜିନିୟର୍ସ ସେବା ସଂଘ ବରଗଡ଼ ଶାଖାର ନୂତନ କର୍ମକର୍ତ୍ତା ନିର୍ବାଚନ ପ୍ରକ୍ରିୟା ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଡିପ୍ଲୋମା ଇଞ୍ଜିନିୟର୍ସ ସେବା ସଂଘ ଭୁବନେଶ୍ୱରର ସମ୍ପାଦକ ଇଂ. ଶ୍ରୀଧର ବାରିକ ଏଥିରେ ଅଧ୍ୟକ୍ଷତା କରିଥିଲେ। ବରଗଡ଼ ଶାଖାର ସଭାପତି ଭାବେ ସୁନିଲ କୁମାର ମହାପାତ୍ର ଏବଂ ସମ୍ପାଦକ ଭାବେ ମନ୍ମଥ ଶତପଥୀ ନିର୍ବାଚିତ ହୋଇଥିଲେ। ସେହିପରି ଉପସଭାପତି ଭାବେ ସଞ୍ଜୀବ କୁମାର ପଣ୍ଡା, ସହ ସମ୍ପାଦକ (ଅର୍ଥ) ସଞ୍ଜୀବ କୁମାର ଦାଶ, ସହ ସମ୍ପାଦକ (ସଙ୍ଗଠନ) ଭାବେ ସୁରେନ୍ଦ୍ର କୁମାର ବେହେରା, ସମୀକ୍ଷକ ଭାବେ ସୁଲଗ୍ନା ପ୍ରଧାନ ଏବଂ ଉପଦେଷ୍ଟା ଭାବେ ନାଗାର୍ଜୁନ ପ୍ରଧାନ ନିର୍ବାଚିତ ହୋଇଥିଲେ। ପବିତ୍ର ପ୍ରଧାନ, ସୁସ୍ମିତା ବାଗ, ଲକ୍ଷ୍ମୀକାନ୍ତ ମହନ୍ତ, ଆକୁଳି ସାହୁ, ରୁଦ୍ର ନାଏକ, ପ୍ରଭାତ କୁମାର ତ୍ରିପାଠୀ କାର୍ଯ୍ୟକାରିଣୀ ସଭ୍ୟ ଏବଂ ସରୋଜ କୁମାର ମହାନ୍ତି ଅତିରିକ୍ତ ମହାମଣ୍ଡଳ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି।

# ଶିଶୁମାନେ ଦେଶର ଜାତୀୟ ସମ୍ପତ୍ତି





ରାଣାପ୍ରତାପ ହାଇସ୍କୁଲରେ ମୁଖ୍ୟ ଅତିଥି ବକ୍ତବ୍ୟ ରଖୁଛନ୍ତି । ଏସିସି ବିକାଶ ସ୍କୁଲରେ କୃତୀଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି । ଏସିସି ବିକାଶ ସ୍କୁଲରେ ପଣ୍ଡିତ ଜବାହର ଲାଲ ନେହେରୁଙ୍କୁ ପ୍ରତିଛବିରେ ଶ୍ରଦ୍ଧାସୁମନ ଅର୍ପଣ କରାଯାଉଛି ।

**ବରଗଡ଼,୧୪।୧୧(ପ୍ରେମାନନ୍ଦ ଖମାରୀ)**

ଶିଶୁ ହେଉଛନ୍ତି ଦେଶର ଭବିଷ୍ୟତ। ସେମାନଙ୍କ ବିନା ଦେଶର ଉନ୍ନତି କଳ୍ପନା ଅସମ୍ଭବ। ଶିଶୁମାନେ ହିଁ ଦେଶର ସମ୍ପତ୍ତି। ଫଳରେ ଶିଶୁମାନଙ୍କ ଯତ୍ନ ପ୍ରତିଟି ନାଗରିକର ପରମ କର୍ତ୍ତବ୍ୟ ବୋଲି ବରଗଡ଼ ରାଣାପ୍ରତାପ ହାଇସ୍କୁଲରେ ମଙ୍ଗଳବାର ଶିଶୁ ଦିବସ ପାଳନ ସମାରୋହରେ ମତପ୍ରକାଶ ପାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଦୀପ କୁମାର ରଥଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଶିଷ୍ଟ ଶିକ୍ଷାବିତ୍ ତଥା ଅବସରପ୍ରାପ୍ତ ଶିକ୍ଷକ ଟିକେଲାଲ ଖମାରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ଶିଶୁମାନେ ହେଉଛନ୍ତି ଦେଶର ଜାତୀୟ ସମ୍ପତ୍ତି। ଶିଶୁମାନଙ୍କ ସୁରକ୍ଷା ପାଇଁ ସମସ୍ତେ ଆଗେଇ ଆସିବା ଉଚିତ ବୋଲି ସେ ମତବ୍ୟକ୍ତ କରିଥିଲେ। ଜିଲା ରଜକ ସେବା ସମିତି ସଭାପତି ଅର୍ଜୁନ ସେଟ୍ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିଶୁଙ୍କ ସ୍ୱପ୍ନ ଦେଶର ସ୍ୱପ୍ନ ବୋଲି କହିଥିଲେ। ଏହାସହିତ ଭଲ ମଣିଷ ହୋଇ ଦେଶ ସେବାରେ ଆଗେଇ ଆସିବାକୁ ସେ ପରାମର୍ଶ ଦେଇଥିଲେ। ଶିକ୍ଷୟିତ୍ରୀ ସୁନୀତା ମିଶ୍ର, ତପସ୍ୱିନୀ ତ୍ରିପାଠୀ, ଗୀତା ଜାଲ ପ୍ରମୁଖ ପଣ୍ଡିତ ଜବାହରଲାଲ ନେହେରୁଙ୍କ ଆତ୍ମଜୀବନୀ ସହିତ ଶିଶୁ ଦିବସ ପାଳନର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ର ମଧ୍ୟ ବକ୍ତବ୍ୟ ପ୍ରଦାନ ସହିତ ନେହେରୁଙ୍କ ସ୍ମୃତିଚାରଣ କରିଥିଲେ। ଶିକ୍ଷକ ଗୋପବନ୍ଧୁ ପୁରୋହିତ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ବିଦ୍ୟାଳୟର ଭାରତୀ ଶିଶୁ ସାହିତ୍ୟ ସଂସଦ ସମ୍ପାଦିକା ଅଶ୍ଲେଷା ମହାନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

ସେହିପରି ବରଗଡ଼ ସହର ଉପକଣ୍ଠ ସିମେଣ୍ଟ ନଗର ସ୍ଥିତ ଏସିସି ବିକାଶ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ଶିଶୁ ଦିବସ ପାଳିତ ହୋଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସନାତନ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ସେକେଣ୍ଡ ଇନ୍ କମାଣ୍ଡ ବାପୁନ ରାଉତ ସଂଯୋଜନା କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମନୋରଞ୍ଜନ ପାଇଁ ଗୀତ, ନାଚ, କ୍ଷୁଦ୍ର ନାଟକ, ବିଜ୍ଞାନ ପରୀକ୍ଷଣ, କବିତା




ବିକାଶ ଆବାସିକ ସ୍କୁଲରେ ଶିଶୁ ଦିବସ ପାଳନ ।

## ଡିଏଲ୍ଏସ୍ଏ ପକ୍ଷରୁ ଶିଶୁ ଦିବସ

**ବରଗଡ଼,୧୪।୧୧(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ଆଇନ ସେବା ପ୍ରାଧିକରଣ ସଂସ୍ଥା (ଡିଏଲ୍ଏସ୍ଏ) ପକ୍ଷରୁ ମଙ୍ଗଳବାର ଅଡ଼ଗାଁ ଉଚ୍ଚ ବିଦ୍ୟାଳୟରେ ଶିଶୁ ଦିବସ ପାଳନ କରାଯାଇଛି। ଜିଲା ଆଇନ ସେବା ପ୍ରାଧିକରଣ ସଚିବ ବିଭୁ କଲ୍ୟାଣ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମାଗଣା ଆଇନ ସେବା ଉପରେ ଆଲୋକପାତ କରାଯାଇଥିଲା। ଜିଲା ଆଇନ ସେବା ପ୍ରାଧିକରଣ ସଚିବ ପାଢ଼ୀ, ରିମାଣ୍ଡ ଓକିଲ କିରଣ କୁମାର ମିଶ୍ର ଏ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇ କୃତୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ଛାତ୍ରୀଛାତ୍ର, ପାରା ଲିଗାଲ୍ ସ୍ୱେଚ୍ଛାସେବୀ, ଜିଲା ଆଇନ ସେବା ପ୍ରାଧିକରଣ କର୍ମକର୍ତ୍ତା ଉପସ୍ଥିତ ଥିଲେ। ପ୍ରଧାନ ଶିକ୍ଷକ ରାଜ୍ୟପାଳ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।



କୃତୀ ଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଉଛି ।

## ବରାହମୁଣ୍ଡା ସ୍କୁଲରେ ଶିଶୁ ଦିବସ



ଜଣେ ଛାତ୍ରୀ ଶିଶୁ ଦିବସ ଉପରେ ବକ୍ତବ୍ୟ ରଖୁଛନ୍ତି ।

**ଅତାବିରା,୧୪।୧୧(ହୃଷୀକେଶ ଖମାରୀ)**

ବରଗଡ଼ ଜିଲା ଅତାବିରା ବ୍ଲକ ଜହ୍ନାପଡ଼ା ପଞ୍ଚାୟତ ଅନ୍ତର୍ଗତ ବରାହମୁଣ୍ଡା ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଙ୍ଗଳବାର ଶିଶୁ ଦିବସ ପାଳିତ ହୋଇଛି। ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର କାଲୋଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ପଣ୍ଡିତ ଜବାହରଲାଲ ନେହେରୁଙ୍କ ପ୍ରତିଛବିରେ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ସେହିପରି ଛାତ୍ରୀଛାତ୍ରଙ୍କ ମଧ୍ୟରେ ଫୁଟିଖେଳ, ଦୌଡ଼ ଆଦି ଖେଳକୁଦ ପ୍ରତିଯୋଗିତା ହୋଇଥିଲା। ଛାତ୍ରୀଛାତ୍ର ମଧ୍ୟ ଶିଶୁ ଦିବସ ଉପରେ ବକ୍ତବ୍ୟ ରଖିଥିଲେ। ସହକାରୀ ଶିକ୍ଷକ ପ୍ରେମାନନ୍ଦ ସାହୁ, ସୁରେନ୍ଦ୍ର ଭୋସାଗର, ତୃପ୍ତିମୟୀ ପ୍ରଧାନ, ଗୀତାଞ୍ଜଳି ଗଡ଼ତିଆ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଦେଶ ଗଠନରେ ନେହେରୁଙ୍କ ଭୂମିକା ଅନନ୍ୟ

**ବରଗଡ଼,୧୪।୧୧(ପ୍ରେମାନନ୍ଦ ଖମାରୀ)**

ବରଗଡ଼ର ବିକାଶ ଆବାସିକ ବିଦ୍ୟାଳୟରେ ମଙ୍ଗଳବାର ଶିଶୁ ଦିବସ ପାଳିତ ହୋଇଛି। ଏହି ଅବସରରେ ବିଦ୍ୟାଳୟର ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ, ବିକାଶ ଏଣ୍ଟ୍ରାନ୍ସ ଇଣ୍ଟିଗ୍ରେଟେଡ୍ ପ୍ରୋଗ୍ରାମ ହେଡ୍ ଚିତ୍ତରଞ୍ଜନ ପତି, ଉପାଧ୍ୟକ୍ଷ ପ୍ରଦୀପ କୁମାର ସାହୁଙ୍କ ଦ୍ୱାରା ପଣ୍ଡିତ ଜବାହରଲାଲ ନେହେରୁଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ଅଧ୍ୟକ୍ଷ ରାଉଳ ନିଜ ବକ୍ତବ୍ୟରେ ଜବାହରଲାଲ ନେହେରୁଙ୍କ ଅବଦାନକୁ ସ୍ମରଣ କରି ଦେଶ ଗଠନରେ ତାଙ୍କ ଭୂମିକା ଅନନ୍ୟ ବୋଲି କହିଥିଲେ। ସେହିପରି ବିକାଶ ଏଣ୍ଟ୍ରାନ୍ସ ଇଣ୍ଟିଗ୍ରେଟେଡ୍ ପ୍ରୋଗ୍ରାମ ହେଡ୍ ପତି ଶିଶୁ ଦିବସରେ ଛାତ୍ରୀଛାତ୍ରଙ୍କୁ ଶୁଭ କାମନା ଜଣାଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସଙ୍ଗୀତ, ନୃତ୍ୟ ପରିବେଷଣ କରାଯାଇଥିଲା। ସେହିପରି ଛାତ୍ରୀଛାତ୍ର ଶିଶୁ ଦିବସ ଅବସରରେ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ ଛାତ୍ରୀଛାତ୍ର ସହଯୋଗ କରିଥିଲେ। ଉପାଧ୍ୟକ୍ଷ ପ୍ରଦୀପ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ୧୭ରୁ ରେଡ୍‌କ୍ରସ୍ ତାଲିମ ଶିବିର




ଖବରଦାତା ସମ୍ମିଳନୀରେ ଉପସ୍ଥିତ କଲେଜ କର୍ତ୍ତୃପକ୍ଷ।

**ବରପାଲି,୧୪।୧୧(ଚିତ୍ତରଞ୍ଜନ ସାହୁ)**

ବରଗଡ ଜିଲା ବରପାଲି ଜଗବନ୍ଧୁ ଦାଶ ସ୍ନାତକ ମହିଳା ମହାବିଦ୍ୟାଳୟରେ ଯୁବ ରେଡ୍‌କ୍ରସର ଖବରଦାତା ସମ୍ମିଳନୀ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଯୁବ ରେଡକ୍ରସ ସଂଯୋଜକ ପରମାନନ୍ଦ ରଥ ସୂଚନା ଦେଇ କହିଥିଲେ, ଆସନ୍ତା ୧୭, ୧୮ ଓ ୧୯ ତାରିଖରେ ଶିକ୍ଷା ଓ ତାଲିମ ଶିବିର ଅନୁଷ୍ଠିତ ହେବ। ଏଥିରେ ମୋଟ ୫୮ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ସ୍ନାତକ ମହାବିଦ୍ୟାଳୟରୁ ସ୍ୱେଚ୍ଛାସେବୀମାନେ ଯୋଗଦାନ କରିବେ। ଶିବିରରେ ରେଡ୍‌କ୍ରସ ଇତିହାସ, ରକ୍ତ ବିଜ୍ଞାନ, ପ୍ରାଥମିକ ସହାୟତା, ଅଗ୍ନି ନିରାପଦ, ଏଚ୍‌ଆଇଭି, ଗ୍ଲୋବାଲ ୱାର୍ମିଂ, ସଡ଼କ ସୁରକ୍ଷା, ରେଡ୍‌କ୍ରସ ସ୍ୱେଚ୍ଛାସେବୀଙ୍କ ଭୂମିକା ଉପରେ ସୂଚନା ଦିଆଯାଇଥିଲା। ସମ୍ମିଳନୀରେ କଲେଜର ଅଧକ୍ଷା ପଦ୍ମିନୀ ଦାଶ, ଜିଲା ରେଡକ୍ରସ ଆବାହକ ମାନଭଞ୍ଜନ ପାଣିଗ୍ରାହୀଙ୍କ ସମେତ ସମସ୍ତ ଅଧାପିକା ଅଧାପକ ଉପସ୍ଥିତ ଥିଲେ।

## ବ୍ଲକସ୍ତରୀୟ ବିଜ୍ଞାନ ମେଳା ପାଇଁ ପ୍ରସ୍ତୁତି

**ପଦ୍ମପୁର,୧୪।୧୧(ପ୍ରଦୀପ୍ତ ଦାଶ)**

ବରଗଡ଼ ଜିଲା ରାଜାବୋଡାସମ୍ବର ବ୍ଲକସ୍ତରୀୟ ବିଜ୍ଞାନ ମେଳା ପାଇଁ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ମଙ୍ଗଳବାର ବିଇଓ ଲୋକନାଥ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏବିଇଓ ଶିବ ପ୍ରସାଦ ଯୋଶୀ ଓ ରାମସିଂ ଭୋଇ, ପ୍ରଧାନ ଶିକ୍ଷକ ଗୋପାଳଜୀ ପ୍ରସାଦ ପାଣିଗ୍ରାହୀ, ରାଜେଶ ଖମାରୀ, ଶିକ୍ଷକ ସଂଘ ସଭାପତି ସଦାନନ୍ଦ ପୁରୋହିତ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ୮୪ ଜଣ ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକ ଓ ବିଜ୍ଞାନ ଶିକ୍ଷୟତ୍ରୀ ଶିକ୍ଷକ ଯୋଗ ଦେଇଥିଲେ। ଚଳିତବର୍ଷ ବ୍ଲକସ୍ତରୀୟ ବିଜ୍ଞାନ ମେଳା ବରିକେଲ ନୋଡାଲ ଉଚ୍ଚ ବିଦ୍ୟାଳୟରେ ଆସନ୍ତା ୨୫ ତାରିଖରେ ଅନୁଷ୍ଠିତ ହେବ ବୋଲି ସର୍ବସମ୍ମତି କ୍ରମେ ପ୍ରସ୍ତାବ ଗୃହୀତ ହୋଇଥିଲା। ବିଜ୍ଞାନ ଶିକ୍ଷକ ମାନସ ରଞ୍ଜନ ଶତପଥୀ ସଭା ସଂଯୋଜନା କରିଥିବାବେଳେ ଏବିଇଓ ରାମସିଂ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

## ଶିଶୁ ଦିବସରେ ଜେଜେମା' ଜେଜେବାପାଙ୍କୁ ସମ୍ମାନ

**ସରଣ୍ଡା,୧୪।୧୧(ଯୁଧିଷ୍ଠିର ମହାପାତ୍ର)**

ବରଗଡ଼ ଜିଲା ଅତାବିରା ବ୍ଲକ ଅଧୀନ କୁମେଲସିଂହାସ୍ଥିତ ସିଦ୍ଧାର୍ଥ ପବ୍ଲିକ ସ୍କୁଲରେ ମଙ୍ଗଳବାର ଶିଶୁ ଦିବସ ପାଳିତ ହୋଇଛି। ଏହି ଅବସରରେ ଜେଜେମା' ଜେଜେବାପା ଦିବସ ମଧ୍ୟ ପାଳନ କରାଯାଇଥିଲା। କାର୍ଯ୍ୟକ୍ରମରେ ୫୦୦ ଜେଜେମା' ଜେଜେବାପା ଯୋଗଦାନ କରିଥିଲେ। ସେମାନଙ୍କ ପାଦପୂଜା ସହିତ ସମ୍ମାନିତ କରାଯାଇଥିଲା। ବିଦ୍ୟାଳୟର ଅଧ୍ୟକ୍ଷ ଜି. ଶ୍ରୀନିବାସ ରାଓ, ଏକାଡେ଼ମିକ ଇନ୍‌ଚାର୍ଜ ଅସିତ ଅମାନ୍ତ ସେମାନଙ୍କ ଭାଷଣରେ ଜେଜେମା' ଜେଜେବାପାଙ୍କୁ ଆପ୍ୟାୟିତ କରିଥିଲେ। ପରେ ସେମାନଙ୍କ ମଧ୍ୟରେ ମ୍ୟୁଜିକାଲ ଚେୟାର ଏବଂ ବଲ ଥ୍ରୋ ଖେଳ ଆୟୋଜନ କରାଯାଇଥିଲା। ଶିଶୁ ଦିବସ ଅବସରରେ ହୋଇଥିବା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ଜେଜେମା' ଜେଜେବାପାଙ୍କୁ ମଧ୍ୟ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।




ଜେଜେମା, ଜେଜେବାପାଙ୍କ ଉଦ୍ଦେଶ୍ୟରେ ଛାତ୍ରୀଛାତ୍ର ନାଚୁଛନ୍ତି ।

## ରକ୍ତଦାନ ଶିବିର, ୧୦୦ ୟୁନିଟ୍ ସଂଗ୍ରହ

**ପଦ୍ମପୁର,୧୪।୧୧(ପ୍ରଦୀପ୍ତ ଦାଶ)**

କାଳୀପୂଜା ଅବସରରେ ବରଗଡ଼ ଜିଲା ପଦ୍ମପୁରର ସର୍ଗିବାହାଲ ଯାତ୍ରା ପଡିଆରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। କାଳୀ ପୂଜା କମିଟି ଓ ନିଷ୍ଠା ପରିବାରର ମିଳିତ ଉଦ୍ୟମରେ ଅନୁଷ୍ଠିତ ଶିବିରରେ ମୁଖ୍ୟ ଅତିଥି ମହାରାଜ ଜଳନ୍ଧର ଫିତା କାଟି ଶିବିରର ଶୁଭ ଉଦ୍‌ଘାଟନ କରିଥିଲେ। ଏଥିରେ ମୋଟ୍ ୧୦୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ପଦ୍ମପୁର ଓ ବରଗଡ଼ ରକ୍ତ ଭଣ୍ଡାର କର୍ମଚାରୀ ରକ୍ତ ସଂଗ୍ରହ କରିଥିଲେ। ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ନିଷ୍ଠା ପରିବାରକୁ ଜଳନ୍ଧର ଦରବାରରେ ସମ୍ବର୍ଦ୍ଧିତ କରାଯାଇଥିଲା।



ଜଳନ୍ଧର ଦରବାରରେ ସମ୍ବର୍ଦ୍ଧିତ କରାଯାଉଛି।

## ମନ୍ତ୍ରୀଙ୍କ ଗସ୍ତବେଳେ ବିରୋଧ ପ୍ରଦର୍ଶନ

**ବରଗଡ଼,୧୪।୧୧(ପ୍ରେମାନନ୍ଦ ଖମାରୀ)**

ପଶ୍ଚିମ ଓଡ଼ିଶାରେ କୋଶଳ ଆନ୍ଦୋଳନ ତେଜିବାରେ ଲାଗିଛି। ମଙ୍ଗଳବାର ରାଜ୍ୟ ସରକାରଙ୍କ ସଂସ୍କୃତି, ପର୍ଯ୍ୟଟନ ଓ ଅବକାରୀ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ବରଗଡ଼ ଗସ୍ତରେ ଆସୁଥିବାବେଳେ ସ୍ଥାନୀୟ ଗାନ୍ଧୀଛକରେ କୋଶଳ ସେନାର କର୍ମୀମାନେ ବିରୋଧ ପ୍ରଦର୍ଶନ କରିଥିଲେ। ସେମାନେ ହାତରେ ପ୍ଲାକାର୍ଡ଼ ଧରି ସ୍ୱତନ୍ତ୍ର କୋଶଳ ପ୍ରଦେଶ ଗଠନ ଦାବି ନେଇ ନାରାବାଜି କରିଥିଲେ। ମନ୍ତ୍ରୀ ପାତ୍ର ସନ୍ଧ୍ୟାରେ ବରଗଡ଼ ସର୍କିଟ୍ ହାଉସ୍‌ରୁ ଏକ କାର୍ ଯୋଗେ ଜିଲାପାଳଙ୍କ ଅଫିସ ଅଭିମୁଖେ ଯାଉଥିବାବେଳେ କୋଶଳ ସେନାର କର୍ମୀମାନେ ତାଙ୍କ କାର୍ ସମ୍ମୁଖକୁ ଯାଇ ବିରୋଧ କରିଥିଲେ। ଉପସ୍ଥିତ ପୋଲିସ କୋଶଳେ କର୍ମୀମାନଙ୍କୁ ଘଉଡାଇବା ପରେ ମନ୍ତ୍ରୀଙ୍କ କାର୍ ପୁଣି ଜିଲାପାଳଙ୍କ ଅଫିସକୁ ଯାଇଥିଲା। ପରେ ମନ୍ତ୍ରୀ ପାତ୍ର ଦେକୁଲବା ଶ୍ରୀ ଶ୍ରୀ ଗିରି ଗୋବର୍ଦ୍ଧନ ମହୋତ୍ସବରେ ଯୋଗଦେବା ପାଇଁ ଯାଇଥିଲେ।



କୋଶଳ ସେନାର କର୍ମୀମାନେ ମନ୍ତ୍ରୀଙ୍କୁ ବିରୋଧ କରୁଛନ୍ତି।

**ବନ୍ଧମୁଣ୍ଡାରେ ମୃତଦେହ ଜବତ**

ବନ୍ଧମୁଣ୍ଡା (ସୁବ୍ରତ ଡେ): ବନ୍ଧମୁଣ୍ଡା ବି-ସେକ୍ଟର ସ୍ଥିତ ମରାୟମ ଟୋଲିଠାରେ ବନ୍ଧମୁଣ୍ଡା ପୋଲିସ ମଙ୍ଗଳବାର ଜଣେ ଅଚିହ୍ନା ବୃଦ୍ଧାଙ୍କ ମୃତଦେହ ଜବତ କରିଛି। ମୃତକଙ୍କ ବୟସ ଆନୁମାନିକ ୫୫ ବର୍ଷ ହେବ। ମୃତଦେହ ରାଉରକେଲା ସରକାରୀ ହସ୍ପିଟାଲର ମର୍ଗ ହାଉସରେ ରଖାଯାଇଛି।

## ସଂକ୍ଷେପରେ

### ଚାଷୀଙ୍କ ଆର୍ଥିକ ବିକାଶରେ ସମବାୟ ଅନୁଷ୍ଠାନ ସକ୍ରିୟ ଭୂମିକା ଗ୍ରହଣ କରିଛି

**କୁଆଁରମୁଣ୍ଡା,୧୪।୧୧(ମହେନ୍ଦ୍ର କୁମାର ସାହୁ):** ଆଦିବାସୀ ଅଧ୍ୟୁଷିତ ସୁନ୍ଦରଗଡ଼ ଜିଲାର ଆଦିବାସୀ ଚାଷୀଙ୍କର ଆର୍ଥିକ ବିକାଶରେ ଏବେ ସମବାୟ ଅନୁଷ୍ଠାନ ସକ୍ରିୟ ଭୂମିକା ଗ୍ରହଣ କରିଛି। ଯଦି ସମବାୟ ସଂସ୍ଥା ନ ଥାନ୍ତା, ତାହା ହେଲେ ଗ୍ରାମାଞ୍ଚଳର ଗରିବ ଚାଷୀମାନଙ୍କର ଜମିକୁ ପୁଞ୍ଜିପତିମାନେ କଳେବଳେ କୌଶଳେ ହଡ଼ପ କରିଦେଇଥାଆନ୍ତେ ବୋଲି ମଙ୍ଗଳବାର ୭୦ତମ ସର୍ବଭାରତୀୟ ସମବାୟ ସପ୍ତାହ-୨୦୨୩ ପାଳନ ଅବସରରେ କୁଆଁରମୁଣ୍ଡା ଲ୍ୟାମ୍ପସରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜିଲା ପରିଷଦ ସଭ୍ୟ ରାଜେନ୍ଦ୍ର କୁଜୁର ଉପରୋକ୍ତ ମତବ୍ୟକ୍ତ କରିଛନ୍ତି। ଏହି ଅବସରରେ ୨୪ଜଣ ଚାଷୀ ଓ ସ୍ୱୟଂ ସହାୟକ ମହିଳାଙ୍କୁ ମୁଖ୍ୟ ଅତିଥି କୁଜୁର ନିଜ ତରଫରୁ କମ୍ବଳ ପ୍ରଦାନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ସମବାୟବିତ୍ ଘନଶ୍ୟାମ ପାଣି ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ରେମିଶ କେର୍କେଟା ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଲ୍ୟାମ୍ପସର ସଭାପତି ତାଇରାସ୍ ମିଞ୍ଜ ସଭାପତିତ୍ୱ କରିଥିଲେ। କୁଆଁରମୁଣ୍ଡା ଲ୍ୟାମ୍ପସର ପରିଚାଳନା ନିର୍ଦ୍ଦେଶକ ରଣଜିତ୍ ଲାକ୍ରା କାର୍ଯ୍ୟକ୍ରମର ଆୟୋଜନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ୩ ଶହରୁ ଊର୍ଦ୍ଧ୍ୱ ଚାଷୀ ଓ ସ୍ୱୟଂ ସହାୟିକା ଗୋଷ୍ଠୀ ମହିଳା ଅଂଶଗ୍ରହଣ କରିଥିଲେ।

### ବନବିଭାଗର ପାଚେରି ଭାଙ୍ଗିଲା

**ବେଦବ୍ୟାସ,୧୪।୧୧(ଆଲୋକ ସ୍ୱାଇଁ):** ସ'ମିଲ୍ ଛକଠାରୁ କଲୁଙ୍ଗା ଯିବା ରାସ୍ତାରେ ବନ ବିଭାଗ ପକ୍ଷରୁ ନିର୍ମାଣାଧୀନ ପାଚେରୀ ଭାଙ୍ଗିଥିବା ଦେଖିବାକୁ ମିଳିଛି। ଏ ନେଇ ବ୍ରାହ୍ମଣୀତରଙ୍ଗ ଥାନାରେ ଅଭିଯୋଗ ହୋଇଛି। ଉକ୍ତ ଅଞ୍ଚଳଗୁଡ଼ିକ ଲୋକେ ଜବର୍ ଦଖଲ କରି ରହୁଛନ୍ତି। ବାରମ୍ବାର କର୍ତ୍ତୃପକ୍ଷ ଛାଡ଼ିବାକୁ ନିର୍ଦ୍ଦେଶ ଦେଉଥିଲେ ମଧ୍ୟ କେହି କର୍ଣ୍ଣପାତ କରି ନ ଥିଲେ। ତେଣୁ ବିଭାଗ ପକ୍ଷରୁ ଉକ୍ତ ପାଚେରୀ ନିର୍ମାଣ ହୋଇଥିଲା।

### ଭାଲୁଡୁଙ୍ଗୁରିରେ ଗିରିଗୋବର୍ଦ୍ଧନ ପୂଜା: ଲୋକଙ୍କ ସମାଗମ



**ହେମଗିର,୧୪।୧୧(ଚୈତନ୍ୟ ପଟେଲ):** ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକ ଲଇକେରା ପଞ୍ଚାୟତର ଭାଲୁଡୁଙ୍ଗୁରିଠାରେ ଗିରିଗୋବର୍ଦ୍ଧନ ପୂଜା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ହଜାର ହଜାର ଲୋକଙ୍କ ସମାଗମ ହୋଇଥିଲା। ଦ୍ୱାପର ଯୁଗରେ ନନ୍ଦ ରାଜା ଗିରିଗୋବର୍ଦ୍ଧନ ପୂଜା ଆରମ୍ଭ କରିଥିଲେ। ତାହାକୁ ବଜାୟ ରଖିବା ପାଇଁ ଗୋଡ ସମାଜ ପକ୍ଷରୁ ଏହି ପୂଜାକୁ ଆୟୋଜନ କରାଯାଇଛି। ଏହି ପୂଜା ୨୦୧୯ ମସିହାଠାରୁ ଭାଲୁଡୁଙ୍ଗୁରିଠାରେ ଅନୁଷ୍ଠିତ ହେଉଥିବା କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଏହି ପୂଜାରେ ବିଭିନ୍ନ ପାରମ୍ପରିକ ନୃତ୍ୟ, ଭଜନ, କୀର୍ତ୍ତନର ଆୟୋଜନ କରାଯାଇଥିଲା। ଏହି ଅବସରରେ ବ୍ଲକ ସଭାପତି ଗିରିଧାରି ବାଗ, ସମ୍ପାଦକ ଜଗଦୀଶ ବଗାର, ଲଇକେରା ଗୁଡି ସଭାପତି ପ୍ରେମାନନ୍ଦ ନାଗ, ଉପସଭାପତି ପଦ୍ମନାଭ ଘୋଷିତ, ସମ୍ପାଦକ ଏକାନ୍ତ ମଣି ମାକର, ଶ୍ରଦ୍ଧାକର ମାକର, ଗୌତମ ଖରସେଲ, ଯାଦବ ଭୈଷା, ମହେନ୍ଦ୍ର ଭୈଷା ପ୍ରମୁଖ ଉପସ୍ଥିତ ଥିଲେ।

# କୃଷି ଯନ୍ତ୍ରପାତିର ବହୁଳ ବ୍ୟବହାର ହେଉ

**ବଣାଇ ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଘାଟିତ**

**ଲହୁଣୀପଡ଼ା,୧୪।୧୧(ଦାଶରଥି ପଣ୍ଡା)**



ସୁନ୍ଦରଗଡ଼ ଏମ୍‌ପି ଜୁଏଲ ଓରାମ ଓ ଅନ୍ୟମାନେ କୃଷି ଯନ୍ତ୍ରପାତି ମେଳା ବୁଲି ଦେଖୁଛନ୍ତି।

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଖେଳ ପଡ଼ିଆରେ ତିନି ଦିନିଆ ବଣାଇଁ ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ସୁନ୍ଦରଗଡ଼ ଏମ୍‌ପି ଜୁଏଲ ଓରାମ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଫିତା କାଟି ଉଦ୍‌ଘାଟନ କରିଥିଲେ। ବଣାଇ ଉପଜିଲାପାଳ ସୁରଞ୍ଜନ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଚନ୍ଦନା ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ଜିଲା କୃଷି ଅଧିକାରୀ ହରିହର ନାୟକ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅଧୀକ୍ଷଣ ଯନ୍ତ୍ରୀ ସମ୍ବଲପୁର ପୃଥ୍ୱୀରାଜ ମହାନ୍ତି, କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଜୟନ୍ତ କୁମାର ପତି, ଜିଲା କୃଷି ଅଧିକାରୀ ଜଗଦୀଶ ପ୍ରସାଦ ବେହେରା, ବଣାଇ କୃଷି ଅଧିକାରୀ ରୁଦ୍ରଦେବ ରାଉତ, ଲହୁଣୀପଡ଼ା ବ୍ଲକ ଉପାଧ୍ୟକ୍ଷ ପଣ୍ଡିତ ମୁଣ୍ଡା, ଆତ୍ମା ଅଧ୍ୟକ୍ଷ ନମିତା ମାହାନ୍ତ, ଲହୁଣୀପଡ଼ା (କ) ଜିଲା ପରିଷଦ ସଭ୍ୟା ଜୁଲିଆନି କାଣ୍ଡିର ଯୋଗ ଦେଇଥିଲେ। କୃଷି ବିଜ୍ଞାନ ପଦ୍ଧତିରେ ଚାଷ କଲେ କୃଷକମାନେ ସ୍ୱଳ୍ପ ଚାଷ ଜମିରୁ ଉନ୍ନତମାନର ଉତ୍ପାଦନ ପାଇପାରିବେ। ଆଧୁନିକ କୃଷି ଯନ୍ତ୍ରପାତିର ବହୁଳ ବ୍ୟବହାର କରାଯାଉ। ଏହା ଦ୍ୱାରା କମ୍ ସମୟ ମଧ୍ୟରେ ଅଧିକ କାର୍ଯ୍ୟ ସାଧନ ହେବା ସହିତ ଉତ୍ପାଦିତ ଶସ୍ୟର ଅଭିବୃଦ୍ଧି ହୋଇଥାଏ ବୋଲି ଅତିଥିମାନେ ବକ୍ତବ୍ୟ ମାଧ୍ୟମରେ ପରାମର୍ଶ ଦେଇଥିଲେ। ଏହି କୃଷି ମେଳାରେ କୃଷି ସମ୍ପର୍କିତ ବିଭିନ୍ନ ଯନ୍ତ୍ରପାତି ଉତ୍ପାଦିତ ଶସ୍ୟ ଉତ୍ପାଦ ପ୍ରଭୃତି ଉପରେ ମୋଟ ୪୦ଟି ଷ୍ଟଲ୍ ଖୋଲା ଯାଇଥିବା ଜଣାପଡ଼ିଛି। କରୁଣାକାନ୍ତି ଟେଟେ, ରିନ୍ଦୀ ହଂସାଦା, ଭାଗ୍ୟଶ୍ରୀ ନାୟକ, ସାଲିନି ମହାନ୍ତି, ନରେଶ ମହାନନ୍ଦ, ସୌମ୍ୟ ଶୁଭମା ଗୁରୁ, ଶୁଶାନ୍ତ କୁମାର ମାଟି, ବନଜା ହେମ୍ବ୍ରମ, ନବୀନ ଚନ୍ଦ୍ର ସାହୁ, ରଞ୍ଜନ କୁମାର ରାଉତରାୟଙ୍କ ସମେତ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସଭା ଶେଷରେ ନିର୍ବାହୀ ଯନ୍ତ୍ରୀ ପରମାନନ୍ଦ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଗୁପ୍‌ଚୁପ୍ ଖାଇ ୬ ଅସୁସ୍ଥ, ଡାକ୍ତରଖାନାରେ ଭର୍ତ୍ତି

**ବଣାଇଁ,୧୪।୧୧(ପ୍ରଦୀପ ତ୍ରିପାଠୀ)**

ସୁନ୍ଦରଗଡ଼ ଜିଲା ବଣାଇଁ ଥାନା ଅନ୍ତର୍ଗତ କେନ୍ଦ୍ରିକଳା ଗ୍ରାମରେ ସୋମବାର ସନ୍ଧ୍ୟାରେ ଗୁପଚୁପ୍ ଖାଇ ୬ଜଣ ଅସୁସ୍ଥ ହୋଇଛନ୍ତି। ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ବଣାଇଁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏବେ ସମସ୍ତଙ୍କ ଅବସ୍ଥା ଭଲ ଓ ବିପଦମୁକ୍ତ ଥିବା ନେଇ ଉପଖଣ୍ଡ ଚିକିତ୍ସାଳୟର କାର୍ଯ୍ୟରତ ଡାକ୍ତର ଭୋଳେଶ୍ୱର ପ୍ରଧାନ ସୂଚନା ଦେଇଛନ୍ତି। କେନ୍ଦ୍ରିକଳା ଗ୍ରାମର ଛକରେ ଥିବା ଗୁପଚୁପ ଦୋକାନରେ କେନ୍ଦ୍ରିକଳା ଗ୍ରାମର ଲିପିକା ବାରିକଙ୍କ ସମେତ ୬ଜଣ ଯୁବତୀ ସନ୍ଧ୍ୟାରେ ଗୁପଚୁପ ଖାଇଥିଲେ। ପରେ ରାତିରେ ଘରେ ଖାଦ୍ୟ ଖାଇ ଶୋଇଥିଲେ। କିନ୍ତୁ ହଠାତ ରାତିରେ ଝାଡ଼ାବାନ୍ତି ଓ ଜ୍ୱର ହୋଇଥିଲା। ନିକଟରେ ଥିବା ଔଷଧ ଦୋକାନରୁ ଔଷଧ ଖାଇଥିଲେ। କିନ୍ତୁ ଭଲ ହୋଇ ନ ଥିଲା। ଅବସ୍ଥା ଗୁରୁତର ହେବାରୁ ମଙ୍ଗଳବାର ସକାଳୁ ୧୦୮ ଆମ୍ବୁଲାନ୍ସରେ ୬ ଯୁବତୀଙ୍କୁ ବଣାଇ ଉପଖଣ୍ଡ ଚିକିତ୍ସାଳୟକୁ ଅଣାଯାଇଥିଲା। ଅଦ୍ୟାବଧି ସେମାନେ ଚିକିତ୍ସିତ ହେଉଛନ୍ତି। ଏନେଇ ପରିବାର ପକ୍ଷରୁ କୌଣସି ଅଭିଯୋଗ ହୋଇ ନ ଥିବା ଜଣାପଡ଼ିଛି। ଏଠାରେ ପ୍ରଶ୍ନ ଉଠୁଛି, ଖାଦ୍ୟର ମାନ ପରୀକ୍ଷା ନିମନ୍ତେ ଫୁଡ୍ ଇନିସପେକ୍ଟର ଥାଇ ମଧ୍ୟ ଯାଞ୍ଚ କାହିଁକି ହେଉନାହିଁ। ଫଳରେ ଅଞ୍ଚଳର ପ୍ରାୟ ଅନେକ ଫାଷ୍ଟ ଫୁଡ ଦୋକାନ, ହୋଟେଲରେ ନକଲି ସସ, ପୋଡା ତେଲ, ରଙ୍ଗ, ନିମ୍ନମାନର ତେଲ ବ୍ୟବହାର ହେଉଥିବା ଏକ ସାଧାରଣ କଥା। ଯାହାକୁ ଖାଇ ଲୋକେ ଅସୁସ୍ଥ ହେଉଛନ୍ତି।



ଅସୁସ୍ଥମାନେ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି।



କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ର।

## ନିଶାମୁକ୍ତ ପଞ୍ଚାୟତ ଗଠନ ପାଇଁ ବୈଠକ

**ବଡ଼ଗାଁ,୧୪।୧୧(ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ୍ ଅନ୍ତର୍ଗତ ଜରଙ୍ଗଲୋଇ ଗ୍ରାମପଞ୍ଚାୟତକୁ ନିଶାମୁକ୍ତ କରିବା ପାଇଁ ନାରୀ ଚେତନା ସଂଘ ଓ ଗାନ୍ଧିବାଦୀ ଯୁବକ ସଂଘର ମିଳିତ ଆନୁକୂଲ୍ୟରେ ଏକ ବୈଠକ ଜରଙ୍ଗଲୋଇ ବଜାର ଦାଣ୍ଡଠାରେ ଶିଶୁଦିବସ ଅବସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ନାରୀ ଚେତନା ସଂଘର ସମ୍ପାଦିକା ଜଗଦମ୍ବା ଜୟପୁରିଆଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ବୈଠକରେ ଗାନ୍ଧିବାଦୀ ଯୁବକ ସଂଘର ସମ୍ପାଦକ ତଥା ଓଡ଼ିଶା ନିଶା ନିବାରଣ ଅଭିଯାନର ଜିଲା ଉପଦେଷ୍ଟା ଧନଞ୍ଜୟ ନାଏକ ଯୋଗଦେଇଥିଲେ। ଜରଙ୍ଗଲୋଇ, ତିଲେଇମାଲ, ବାଗବୁଡ, କୁସୁନା ଗ୍ରାମର ନାରୀ ଚେତନା ସଂଘ, ସ୍ୱୟଂ ସହାୟିକା ଗୋଷ୍ଠୀ ମହିଳା, ସିଆରପି ଓ ଏମବିକେର ବହୁ ସଂଖ୍ୟକ ମହିଳା ବୈଠକରେ ଯୋଗଦେଇ ନିଶା ଯୋଗୁ ଦେଖା ଦେଉଥିବା ବାସ୍ତବ ପରିସ୍ଥିତି ବଖାଣିଥିଲେ। ନିଶା ନିବାରଣ ଅଭିଯାନର ଉପଦେଷ୍ଟା ଧନଞ୍ଜୟ ନାଏକ ଓ ସଂଘ କର୍ମକର୍ତ୍ତାମାନେ ନିଶା ବ୍ୟବହାର କୁପରିଣତି ଉପରେ ଆଲୋଚନା କରି ନିଶା ନିବାରଣ ପାଇଁ ସଂଗ୍ରାମ ଜାରି ରଖିବାକୁ କହିଥିଲେ। ୧୯୫୬ ଓଡ଼ିଶା ନିଶା ନିବାରଣ ଆଇନକୁ କାର୍ଯ୍ୟକାରୀ କରିବାକୁ ବୈଠକରେ ଦାବି କରାଯାଇଥିଲା। ୨୩ ତାରିଖ ଭୁବନେଶ୍ୱର ଚାଲ ସଂଘ ଡାକରା ଦେଇଥିବାରୁ ସମସ୍ତେ ଯୋଗଦେବାକୁ କର୍ମକର୍ତ୍ତାମାନେ ଜଣାଇଥିଲେ।

# ୬ଦଫା ଦାବି ନେଇ ଧାରଣା, ରାସ୍ତାରୋକୋ

**ହେମଗିର,୧୪।୧୧ (ଚୈତନ୍ୟ ପଟେଲ)**

୬ଦଫା ଦାବି ନେଇ ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକ ସ୍ଥିତ ମନୋହରପୁର କୋଇଲା ଖଣି ସମ୍ମୁଖରେ ମଙ୍ଗଳବାର ପୂର୍ବତନ ସରପଞ୍ଚ ବୁଦ୍ଧଦେବ ଭୋଇଙ୍କ ନେତୃତ୍ୱରେ ଧାରଣା ଦିଆଯାଇଥିଲା। ସାନଘୁମୁଡା ଓ ମନୋହରପୁର ଗ୍ରାମର ଯୁବକମାନେ ମଧ୍ୟ ଧାରଣାରେ ସାମିଲ ହୋଇଥିଲେ। ସେମାନେ ଏହି ଦାବିକୁ ନେଇ ଧାରଣା ଦେବା ସହ ସକାଳ ୮ଟାରୁ ରାସ୍ତାରୋକୋ କରିଥିଲେ। ଫଳରେ ଶହଶହ ସଂଖ୍ୟାରେ କୋଇଲା ବୋଝେଇ ଟ୍ରକ୍‌ଗୁଡ଼ିକ ଛିଡା ହୋଇରହିଥିଲା। ବେକାର ଯୁବକମାନଙ୍କୁ ନିଯୁକ୍ତି ପ୍ରଦାନ, ରାସ୍ତାରେ ପାଣି ଛିଞ୍ଚନ କରିବା, ସରବରାହଠାରୁ ଡୁରୁବଗା ପର୍ଯ୍ୟନ୍ତ ରାସ୍ତାର ମରାମତି କରିବା, ବିବାହିତା ଯୁବତୀମାନଙ୍କୁ ନିଯୁକ୍ତି ପ୍ରଦାନ, ଛକଗୁଡ଼ିକରେ ସୁରକ୍ଷା କର୍ମୀ ବ୍ୟବସ୍ଥା କରିବା ଆଦି ବିଭିନ୍ନ ଦାବିକୁ ନେଇ ଆନ୍ଦୋଳନ କରାଯାଇଥିଲା। ଅପରାହ୍ନରେ କମ୍ପାନୀ କର୍ତ୍ତୃପକ୍ଷ ଓ ଆନ୍ଦୋଳନକାରୀଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ପରେ ଲୋକେ ଅପରାହ୍ନ ୪ଟାରେ ରାସ୍ତାରୋକୋରୁ ଓହରିଥିଲେ। ଏହି ଆନ୍ଦୋଳନରେ ଜତିନ୍ଦ୍ର ବେହେରା, ବସନ୍ତ ଓରାମ, ଘନଶ୍ୟାମ ମାଝି, କେଶର ମାଝି, ମୁରଲି କିଷାନ, ରବି ନାରାୟଣ ଓରାମ ପ୍ରମୁଖ ସାମିଲ ଥିଲେ।



କମ୍ପାନୀ କର୍ତ୍ତୃପକ୍ଷ ଓ ଆନ୍ଦୋଳନକାରୀଙ୍କ ମଧ୍ୟରେ ଆଲୋଚନା ଚାଲିଛି।

# ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କଲେ ଛାତ୍ରୀଛାତ୍ର

**କୁତ୍ରା, ୧୪।୧୧(ଦେବାଶିଷ ସାହୁ)**

**କୁତ୍ରାର ବିଭିନ୍ନ ବିଦ୍ୟାଳୟରେ ଶିଶୁ ଦିବସ ପାଳିତ**

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ବିଭିନ୍ନ ଶିକ୍ଷାନୁଷ୍ଠାନରେ ଶିଶୁ ଦିବସ ପାଳିତ ହୋଇଯାଇଛି। ଡୁମଡୁରାରେ ଅବସ୍ଥିତ ଶର୍ଗୁ କିଷାନ ବିଦ୍ୟାପୀଠରେ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁଙ୍କ ଜନ୍ମ ଦିବସ ଅବସରରେ ଶିଶୁ ଦିବସ ପାଳନ କରାଯାଇଛି। ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ଅମରେଶ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶରତ ଚନ୍ଦ୍ର ପତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଦ୍ୟାପୀଠର ପ୍ରତିଷ୍ଠାତା ବଇଲୋ କିଷାନ, ଏବିଇଓ ନିରଞ୍ଜନ ରାଉତ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ନର୍ମଦା ସା, ସମାଜସେବୀ ବେନେଦିକ ତିର୍କୀ, ବିନୋଦ ଟପ୍ପୋ, ପ୍ରଶାନ୍ତ ସାହୁ, ଦେବାଶିଷ ସାହୁ, ଏସ୍‌ପାୟର ବ୍ଲକ ସଂଯୋଜକ ଅଭିରାମ ମାଝି, ମୋ ସ୍କୁଲ ଅଭିଯାନର ସଭାପତି ଅଭିରାମ ବେହେରା, ସୁନିଲ ବରୁଆ ପ୍ରମୁଖ ଯୋଗ ଦେଇ ବର୍ତ୍ତମାନର ଛାତ୍ରୀଛାତ୍ର କିଭଳି ଶୃଙ୍ଖଳିତ ହୋଇ ସମାଜରେ ଭଲ ମଣିଷ ହୋଇପାରିବେ ସେନେଇ ବୁଝାଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ ପଣ୍ଡିତ ନେହେରୁଙ୍କ ଜୀବନୀ ଉପରେ ନିଜର ବକ୍ତବ୍ୟ ରଖିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସେହିପରି କୁତ୍ରା ସରକାରୀ ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ନଳିନୀକାନ୍ତ ଶାଶିନୀଙ୍କ ଅଧ୍ୟକ୍ଷତାରେ ଶିଶୁ ଦିବସ ପାଳନ କରାଯାଇଛି। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବରିଷ୍ଠ ଶିକ୍ଷକ ବିଭୀଷଣ ବାରିକ, ଦିପିକା କେର୍କେଟା, ଧୃତି ସୁନ୍ଦର ସାହୁ, ଜସ୍ମିନ ମିଞ୍ଜ, ଅନୱର ଅହମଦ ପ୍ରମୁଖ ପଣ୍ଡିତ ନେହେରୁଙ୍କ ସ୍ମୃତିଚାରଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଛାତ୍ର ସଂସଦ ସଭାପତି ରାକେଶ ଲାକଡା, ଅଲିସା ମିଞ୍ଜ, ଇତିସ୍ମିତା ନିଆଲ, ଫିରୋଜ ନାଗ ପ୍ରମୁଖ ସହଯୋଗ କରିଥିଲେ।

# ଗିରିଗୋବର୍ଦ୍ଧନ ପୂଜା: ଭକ୍ତିମୟ ପରିବେଶ

**ଲେଫ୍ରିପଡା,୧୪।୧୧(ଦେଶରଞ୍ଜନ ପଟେଲ)**



କୁରୁମକେଲ ଗ୍ରାମରେ ଗିରିଗୋବର୍ଦ୍ଧନ ପୂଜାରେ ଶ୍ରଦ୍ଧାଳୁ।

ସୁନ୍ଦରଗଡ଼ ଜିଲା ଲେଫ୍ରିପଡା ବ୍ଲକ ଅନ୍ତର୍ଗତ ସାତଯୋରିଆ ବିଚ୍ଛୁଟୁଙ୍ଗୁରି ଠାରେ ଝରିଆଗୌଡ଼ ସମାଜ ପକ୍ଷରୁ ଗିରିଗୋବର୍ଦ୍ଧନ ପୂଜା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ତଳସରା ବିଧାୟକ ଭବାନୀ ଶଙ୍କର ଭୋଇ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ଅନ୍ୟ ଅତିଥି ଭାବେ ଭାଜପା ଜିଲା ସାଧାରଣ ସମ୍ପାଦକ ଅମୀର କୁମାର ନାଏକ ପ୍ରମୁଖ ନେତୃମଣ୍ଡଳୀ ଯୋଗଦାନ କରି ପୂଜାରେ ଉତ୍ସାହିତ କରିଥିଲେ। ଆୟୋଜନ ମଣ୍ଡଳୀ ପକ୍ଷରୁ ପୂଜା କାର୍ଯ୍ୟ ସମ୍ପାଦନ କରାଯାଇଥିଲା। ଯଜମାନ ଭାବେ ସୋନୁ ଭୈଷାଲ ଏବଂ ତାଙ୍କର ସ୍ତ୍ରୀ କାର୍ଯ୍ୟନିର୍ବାହ କରିଥିବାବେଳେ ପୂଜକ ଭାବେ ଟେକଚାନ୍ଦ ଦାଶ ପୂଜାକର୍ମ କରିଥିଲେ। ଏଥିରେ ସମାଜର ସଭାପତି ଗୌତମ ବାଗ, ସମ୍ପାଦକ ମଧୁସୂଦନ ଛତ୍ରାନ, ଲୋକନାଥ ଖରସେଲ, ସୃଷ୍ଟି ସଂକ୍ରିୟା ପ୍ରମୁଖଙ୍କ ସହ ଲେଫ୍ରିପଡ଼ା, ସରପଗଡ଼, ମଶାବିରା ଅଞ୍ଚଳର ବ୍ୟକ୍ତି ବିଶେଷ ଯୋଗଦାନ କରିଥିଲେ। ସେହିପରି ଭାବେ କୁରୁମକେଲ ଝରିଆ ଗୌଡ଼ ସମାଜ ପକ୍ଷରୁ ଭୁର୍ଷି ଟୁଙ୍ଗୁରିଠାରେ ଗିରିଗୋବର୍ଦ୍ଧନ ପୂଜା ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ପୂଜା କାର୍ଯ୍ୟକ୍ରମରେ ଲେଫ୍ରିପଡା ଲ୍ୟାମ୍ପସ ସଭାପତି ସୁନୀଲ କୁମାର କାଲୋ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ କୁଲାବିରା ଗ୍ରାମପଞ୍ଚାୟତର ସରପଞ୍ଚ ଶକୁନ୍ତଳା କାଲୋ ଯୋଗଦାନ କରିଥିଲେ। ପୂଜା କାର୍ଯ୍ୟକୁ ସୁଜିତ ନନ୍ଦ ସମ୍ପାଦନ କରିଥିବାବେଳେ ଯଜମାନ ଭାବେ ପାଣ୍ଡ ରାଉତ ଏବଂ ସ୍ତ୍ରୀ ଅନିତା ରାଉତ କାର୍ଯ୍ୟ ତୁଲାଇ ଥିଲେ। କାର୍ଯ୍ୟକ୍ରମରେ ପୂଜା କାର୍ଯ୍ୟ ସହ କୃଷ୍ଣଗୁରୁ, ସଂକୀର୍ତ୍ତନ୍ୟ ପରିବେଷଣ କରାଯାଇଥିଲା। ଏଥିରେ ଲଳିତ ରାଉତ, ଗୁରୁଚରଣ ରାଉତ, ଭଗବାନ ରାଉତ, ଟଙ୍କଧର ରାଉତ, ଜନକରାମ ଖିଲେଇ ପ୍ରମୁଖଙ୍କ ସହ କୁଲାବିରା, କୁରୁମକେଲ ଗ୍ରାମର ଜନସାଧାରଣ ଯୋଗ ଦେଇଥିଲେ।

# ସମନ୍ୱିତ କୃଷି ପଦ୍ଧତି ଉପରେ ଦକ୍ଷତା ବୃଦ୍ଧି ତାଲିମ

**ସୁନ୍ଦରଗଡ଼,୧୪।୧୧(ଜୟନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ଼ କିରେଇସ୍ଥିତ ଜିଲା କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ଦୁଇଦିନିଆ ଦକ୍ଷତା ବୃଦ୍ଧି ତାଲିମ୍ ଶିବିର ୧୩ ଓ ୧୪ ତାରିଖ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲାର ଚାରୋଟି ବ୍ଲକର ୨୫ ଜଣ କୃଷକଙ୍କୁ ସମନ୍ୱିତ କୃଷି ପଦ୍ଧତି ଉପରେ ତାଲିମ୍ ଦିଆଯାଇଥିଲା। ଏହି ତାଲିମରେ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡ଼. ଦ୍ୱିବେନ୍ଦୁ ମଣ୍ଡଳ ମୁଖ୍ୟ ପ୍ରଶିକ୍ଷକ ଭାବେ ଯୋଗଦେଇ ସମନ୍ୱିତ ଚାଷ ପଦ୍ଧତି, ଏହାର ଆବଶ୍ୟକତା, ବିଭିନ୍ନ ମଡ଼େଲ, ବର୍ତ୍ତମାନ ପରିସ୍ଥିତିରେ ଏହାର ଗୁରୁତ୍ୱ ଏବଂ ଆୟବ୍ୟୟର ଅଟକଳ ଉପରେ ବିସ୍ତୃତ ଭାବରେ ଆଲୋଚନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡ. ମନୋଜ କୁମାର ଜେନା, ଡେଭିଡ୍ ଜେମସ୍ ବାଗେ, ଡ. ସଞ୍ଜିବ ବିଶ୍ୱାସୀ ଏବଂ ବିଦ୍ୟାଧର ଟୁଡୁ ପ୍ରମୁଖ ଉପସ୍ଥିତ ରହି ଚାଷୀମାନଙ୍କୁ ସମନ୍ୱିତ ଚାଷର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। କେନ୍ଦ୍ରଦ୍ୱାରା ପ୍ରସ୍ତୁତ ଉନ୍ନତମାନର ଆମ୍ବ, ପିଜୁଳି ଓ ଅମୃତଭଣ୍ଡା ଚାରା ବଣ୍ଟନ କରାଯାଇଥିଲା। ଶେଷରେ ସମସ୍ତ ପ୍ରଶିକ୍ଷାର୍ଥୀଙ୍କୁ ତାଲିମ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହି ତାଲିମ୍ ଶିବିରକୁ କେନ୍ଦ୍ରର ଅରୁଣ କୁମାର ମିଶ୍ର, ମୟୁଖ ଅଧିକାରୀ, ବିଦ୍ୟାଧର ଟୁଡୁ, କମଳଲୋଚନ ମହାନ୍ତ, କର୍ମଚାରୀ ଜିତେନ୍ଦ୍ର ସେଠୀ, ଭ୍ରମରବର ସା, ଗଜାନନ ଛନ୍ଦ ପ୍ରମୁଖ ସହଯୋଗ କରିଥିଲେ।





ତାଲିମ ପ୍ରମାଣପତ୍ର ସହ ପ୍ରଶିକ୍ଷାର୍ଥୀ।

# ଟେନ୍‌ସା ଡିଏଭି ସ୍କୁଲରେ ଶିଶୁ ଦିବସ, ବିଜ୍ଞାନମେଳା

**ଟେନ୍‌ସା, ୧୪।୧୧(ସମୀର କୁମାର ପାଢ଼ୀ)**

ସୁନ୍ଦରଗଡ଼ ଜିଲା ଟେନ୍‌ସାରେ ଥିବା ଡିଏଭି ସ୍କୁଲରେ ଶିଶୁଦିବସ ଓ ବିଜ୍ଞାନ ମେଳା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବରସୁଆ, କାଲଟା ଓ ତାଲଡିହି ଲୌହ ଖଣିର ବରିଷ୍ଠ ମହାପ୍ରବନ୍ଧକ ତିଲକ ପଟ୍ଟନାୟକଙ୍କ ଦ୍ୱାରା ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରସ୍ତୁତ ବିଜ୍ଞାନ, ଗଣିତ, ସାମାଜିକ ବିଜ୍ଞାନ, ସାହିତ୍ୟ, ଚିତ୍ରାଙ୍କନ ଓ ହସ୍ତକଳା ପ୍ରଦର୍ଶନୀକୁ ଆନୁଷ୍ଠାନିକ ଭାବରେ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିନ୍ଦଲ ଲୌହ ଖଣିର ଉପସଭାପତି କମଳାକାନ୍ତ ନନ୍ଦ, ବରସୁଆ ଲୌହ ଖଣିର ବିଦ୍ୟୁତ୍ ବିଭାଗର ମହାପ୍ରବନ୍ଧକ ଏସ୍‌ୟୁ ଲସ୍କର ଓ ଅନ୍ୟ ଅତିଥି ଭାବେ ଏଜିଏମ ବଂଶୀଧର ଦତ୍ତ, ଆସିଷ୍ଟାଣ୍ଟ ମ୍ୟାନେଜର ଅମୀୟ କୁମାର ରାଉତ, ସମୀର ପାଢ଼ୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। ପ୍ରଥମେ ପଣ୍ଡିତ ନେହେରୁଙ୍କ ଫଟୋରେ ମାଲ୍ୟାର୍ପଣ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ବିଦ୍ୟାଳୟର ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକ ଏହି ଶିଶୁ ଦିବସର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ଡିଏଭି ବିଦ୍ୟାଳୟର ଅଧ୍ୟକ୍ଷ ଅଂଶୁମାନ ମହାନ୍ତି ଦେଶ ଗଠନରେ ପଣ୍ଡିତ ନେହେରୁଙ୍କ ଭୂମିକା ଉପରେ ଗୁରୁତ୍ୱ ଆରୋପ କରିଥିଲେ। ମୁଖ୍ୟ ଅତିଥି ପଟ୍ଟନାୟକ ଛାତ୍ରୀଛାତ୍ରଙ୍କ ସୃଜନଶୀଳତା ଓ ବୌଦ୍ଧିକ ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। କୁନି ପିଲାଙ୍କ ଦ୍ୱାରା କୌତୁକ ବେଶର ପ୍ରତିଯୋଗିତା କରାଯାଇଥିଲା। ବିଜ୍ଞାନ ମେଳାରେ ଓଡ଼ିଆ ପରମ୍ପରା ଭାଗବତ ଟୁଙ୍ଗୀଠାରୁ ଆରମ୍ଭ କରି ଚନ୍ଦ୍ରଯାନ-୩ ଉପରେ ବିଭିନ୍ନ ପ୍ରକାରର ବିଜ୍ଞାନ ପରୀକ୍ଷାମାନ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଦର୍ଶନ କରାଯାଇଥିଲା। ପୂର୍ବରୁ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ର ମାନଙ୍କୁ ପୁରସ୍କୃତ କରାଯାଇଥିଲା।





ଟେନ୍‌ସା ଡିଏଭି ସ୍କୁଲରେ ଶିଶୁଦିବସ ଓ ବିଜ୍ଞାନ ମେଳା ଶୁଭାରମ୍ଭ କରାଯାଉଛି।

## ଆଜି କ'ଣ କେଉଁଠି

**ସମ୍ବଲପୁର**
- ବିର୍ସା ମୁଣ୍ଡାଙ୍କ ୧୪୮ତମ ଜୟନ୍ତୀ, ବିଭିନ୍ନ ସଙ୍ଗଠନ ପକ୍ଷରୁ ଅଇଁଠାପାଲିସ୍ଥିତ ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସକାଳ ୮ଟା।
- ବିର୍ସା ମୁଣ୍ଡା ଜୟନ୍ତୀ, ଆଦିବାସୀ କ୍ଲବ ସାକ୍ଷୀପଡା, ସନ୍ଧ୍ୟା ସାଢେ ୬ଟା।
- ପଶ୍ଚିମ ଓଡିଶା ଦଳିତ ସୁରକ୍ଷା ପରିଷଦ ପକ୍ଷରୁ ବିର୍ସା ମୁଣ୍ଡା ଜୟନ୍ତୀ, ସାମ୍ବାଦିକ ଭବନ, ପୂର୍ବାହ୍ନ ୧୧ ଟା।

## ଡ. ମାୟାଧର ମାନସିଂହ ଜୟନ୍ତୀ

**ସମ୍ବଲପୁର,୧୪।୧୧(ବି.ଶଙ୍କର)**

ଓଡ଼ିଶା ସାଂସ୍କୃତିକ ସମାଜ ପକ୍ଷରୁ ଡ. ମାୟାଧର ମାନସିଂହଙ୍କ ଜୟନ୍ତୀ ସମ୍ବଲପୁର ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜକ ଅନୁଷ୍ଠାନ ସଭାପତି ଅଶୋକ ମିଶ୍ର ସଭାପତିତ୍ୱ କରିଥିଲେ। ସମ୍ପାଦକ ଡ. ସିଦ୍ଧାର୍ଥ ପଣ୍ଡା ପ୍ରାରମ୍ଭିକ ସୂଚନା ଦେଇ ମାନସିଂହ ସାହିତ୍ୟର ବୈଶିଷ୍ଟ୍ୟ ଉପରେ ଆଲୋକପାତ କରିଥିଲେ। ହୃଷୀକେଶ ପୂଜାରୀ ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଥିଲେ, ଡ. ମାୟାଧର ମାନସିଂହଙ୍କ ଗଙ୍ଗାଧର ମେହେର ମହାବିଦ୍ୟାଳୟର ଅଧ୍ୟକ୍ଷ ଭାବରେ ୧୯୪୯ରୁ ୧୯୫୬ ପର୍ଯ୍ୟନ୍ତ କାର୍ଯ୍ୟକାଳ ଭିତରେ ଅନେକ ସାହିତ୍ୟ ରଚନା କରିଥିଲେ। ତାଙ୍କ ସମୟରେ ମହାବିଦ୍ୟାଳୟରେ ଅନୁଶାସନ ଉପରେ ଗୁରୁତ୍ୱାରୋପ କରିଥିଲେ। ସରକାରଙ୍କୁ ଭବିଷ୍ୟତ ଗଙ୍ଗାଧର ମହାବିଦ୍ୟାଳୟର ରୂପରେଖ ପାଇଁ ବିଭିନ୍ନ ପ୍ରସ୍ତାବ ଦେଇଥିଲେ ବୋଲି କହିଥିଲେ। ଏଥିରେ ବିଶିଷ୍ଟ ଶିକ୍ଷାବିତ୍ ଅରବିନ୍ଦ ମହାପାତ୍ର, ଶଶୀଭୂଷଣ ତ୍ରିପାଠୀ, ଡ. ଶ୍ୟାମସୁନ୍ଦର ଧର, ପ୍ରଫୁଲ୍ଲ ହୋତା, ଦୀନବନ୍ଧୁ ପଣ୍ଡା, ପରେଶ ଦାନି ଯୋଗଦେଇଥିଲେ। ଶେଷରେ ସହ ସମ୍ପାଦିକା ସୁରେଖା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବାଇକ୍ ଧକ୍କାରେ ଜଣଙ୍କର ମୃତ୍ୟୁ

**ନାକଟିଦେଉଳ,୧୪।୧୧(ବୈକୁଣ୍ଠ ନାଥ ସାହୁ)**

ନାକଟିଦେଉଳ ଥାନା ନାକଟିଦେଉଳ-ଗୋଧଡିପ ରାସ୍ତାର ସ୍ଥାନୀୟ କଲେଜ ସମ୍ମୁଖରେ ମଙ୍ଗଳବାର ବାଇକ୍ ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସାହେବୀ ପଞ୍ଚାୟତ ଝାରବେଡ଼ା ଗ୍ରାମର ଦର୍ଶନୀ ବେହେରା (୫୨)। ସୂଚନା ଅନୁସାରେ ସକାଳ ପ୍ରାୟ ସାଢେ ୭ଟା ସମୟରେ ଦର୍ଶନୀ ଓ ଅନ୍ୟମାନେ ନାମସଂକୀର୍ତ୍ତନ ପାଇଁ ଏକ ପିକଅପ ଭ୍ୟାନରେ ମାନେଶ୍ୱର ଯାଉଥିଲେ। ନାକଟିଦେଉଳ କଲେଜ ଛକରେ ଜଳଖିଆ କରିବା ପାଇଁ ଭ୍ୟାନ୍‌ଟି ଏକ ହୋଟେଲ ଆଗରେ ଅଟକିଥିଲା। ଦର୍ଶନୀ ଗାଡ଼ିରୁ ଓହ୍ଲାଇ ରାସ୍ତା କଡ଼ରେ ଠିଆ ହୋଇଥିବା ବେଳେ ଏକ ବାଇକ୍ ତାଙ୍କୁ ଧକ୍କା ଦେବାରୁ ସେ ପଡିଯାଇ ଗୁରୁତର ହୋଇଥିଲେ। ସଙ୍ଗେ ସଙ୍ଗେ ତାଙ୍କୁ ନାକଟିଦେଉଳ ଡ଼ାକ୍ତରଖାନା ନିଆଯାଇଥିଲା। ପ୍ରାଥମିକ ଚିକିତ୍ସା ତାଙ୍କୁ ବୁର୍ଲା ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## କୈଶୋର ସ୍ୱାସ୍ଥ୍ୟ ସଚେତନତା

**ପଡିଆବାହାଲ,୧୪।୧୧(ରାଧାମୋହନ ଷଡ଼ଙ୍ଗୀ)**

ଜମନକିରା ବ୍ଲକ ମୁଣ୍ଡେନପାଲି ପଞ୍ଚାୟତର ସାନ କୁଣ୍ଡେସରାଠାରେ ମଙ୍ଗଳବାର କୈଶୋର ସ୍ୱାସ୍ଥ୍ୟ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ମୁଣ୍ଡେନପାଲି ଆଶା ବବିତା ନାଥ ଅଧ୍ୟକ୍ଷତା କରିଥିବା ବେଳେ ଡା. ରାଜାରାମ ଷଡଙ୍ଗୀ କୈଶୋର ଜୀବନଶୈଳୀ, ଖାଦ୍ୟପେୟ ପ୍ରଭୃତି ସମ୍ପର୍କରେ ସଚେତନ କରିଥିଲେ। ମହିଳା ସ୍ୱାସ୍ଥ୍ୟକର୍ମୀ ସାହାନୀ ସାହୁ, ଆଶା ମଞ୍ଜରି ପଣ୍ଡା, ସୁସ୍ମିତା ସାହୁ, ଗାୟତ୍ରି ନାଥ ପ୍ରମୁଖ କିଶୋରୀ ସ୍ୱାସ୍ଥ୍ୟ ନେଇ ବିଭିନ୍ନ ବିଷୟରେ ବୁଝାଇଥିଲେ। ଏହି ଅବସରରେ ସାଧାରଣ ଜ୍ଞାନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ବାଇକ୍ ଚୋରି: ଯୁବକ ଗିରଫ

**କୁଚିଣ୍ଡା,୧୪।୧୧(ବିରଞ୍ଚି ଦର୍ଜୀ)**

ମହୁଲପାଲି ଥାନା କର୍ଲାଖମନ ଗ୍ରାମର ୨ଟି ବାଇକ୍ ଓ ଗୋଟିଏ ବାଇକ୍ ଇଞ୍ଜିନ ଚୋରି କରିବା ଅଭିଯୋଗରେ ପୋଲିସ ଅଭିଯୁକ୍ତ ମନୋରଞ୍ଜନ କୁଲୁଙ୍କୁ ଗିରଫ କରି ମଙ୍ଗଳବାର କୁଚିଣ୍ଡା ଏସ୍‌ଡିଜେଏମ୍ କୋର୍ଟ ଚାଲାଣ କରିଛି। କୋର୍ଟ ଜାମିନ ଆବେଦନକୁ ଖାରଜ କରି ତାଙ୍କୁ ଜେଲ ହାଜତକୁ ପଠାଇ ଦେଇଛନ୍ତି। ପୋଲିସ ୨ଟି ବାଇକ ଓ ଗୋଟିଏ ବାଇକ ଇଞ୍ଜିନକୁ ତାଙ୍କ ଘରୁ ଜବତ କରିଛି। ସୂଚନାଯୋଗ୍ୟ, ଗତ ମେ ମାସରେ ମହୁଲପାଲି ଥାନାରେ ଏକ ବାଇକ୍ ଚୋରି ମାମଲା (ନଂ.୫୯/୨୩) ରୁଜୁ ହୋଇଥିଲା।

# ଫୁଲଚାଷ ଦେଇଛି ପରିଚୟ

- ଧାନ ବଦଳରେ ଫୁଲଚାଷ ପ୍ରତି ବଢୁଛି ଆଗ୍ରହ
- ଆଗନ୍ତୁକଙ୍କ ଆକର୍ଷଣର କେନ୍ଦ୍ର ପାଲଟିଛି


ଗାଁ ଜମିରେ ହୋଇଥିବା ଗେଣ୍ଡୁଫୁଲ ଚାଷ।

**ସମ୍ବଲପୁର,୧୪।୧୧**
**(ଭବାନୀ ଶଙ୍କର ଭୋଇ)**

ଗେଣ୍ଡୁଫୁଲ ଚାଷ ପାଇଁ ସମ୍ବଲପୁର ଜିଲାରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିବା ଗାଁ ହେଉଛି ଯୁଯୁମୁରା ବ୍ଲକର ସନାତନପାଲି। ସମ୍ବଲପୁର ସହରଠାରୁ ୧୭ କିଲୋମିଟର ଦୂରରେ ରହିଛି ଏହି ଗାଁ। ଗାଁକୁ ପ୍ରବେଶ କରିବା ପୂର୍ବରୁ ଚାଷଜମିରେ ମନଲୋଭା ଗେଣ୍ଡୁ ଫୁଲ ଆଗନ୍ତୁକଙ୍କୁ ଆକର୍ଷିତ କରିଥାଏ।

୨୦୦୨ରେ ସନାତନପାଲି ଗ୍ରାମର ଚାଷୀ ନିରାକାର ପ୍ରଧାନ ଗ୍ରାମ ସେବକଙ୍କ ପରାମର୍ଶରେ ପ୍ରଥମକରି ନିଜର ୨୫ଡେସିମିଲ ଚାଷ ଜମିରେ ଗେଣ୍ଡୁଫୁଲ ଚାଷ ଆରମ୍ଭ କରିଥିଲେ। ପ୍ରଥମ ବର୍ଷରେ ତାଙ୍କର ଧାନ ଚାଷ ଅପେକ୍ଷା ଅଧିକ ରୋଜଗାର ହୋଇଥିଲା। ସେବେଠାରୁ ନିରାକାର ଆଉ ପଛକୁ ଚାହିଁ ନାହାନ୍ତି। ଏବେ ସେ ୨ରୁ ୩ ଏକର ଚାଷଜମିରେ ଫୁଲ ଚାଷ କରୁଛନ୍ତି। ଗାଁର ଅନ୍ୟ ଚାଷୀମାନେ ତାଙ୍କଠାରୁ ପ୍ରେରଣା ପାଇ ଫୁଲଚାଷ ପ୍ରତି ଆଗ୍ରହ ଦେଖାଇଥିଲେ। ଏବେ ଗାଁର ଅଧିକାଂଶ ଚାଷୀ ପନିପରିବା ଓ ଧାନ ଚାଷ ବଦଳରେ ଗେଣ୍ଡୁ ଫୁଲ ଚାଷକୁ ଆପଣେଇଛନ୍ତି। କମ୍ ପରିଶ୍ରମରେ ଅଧିକ ଲାଭ ମିଳୁଥିବାରୁ ଗେଣ୍ଡୁ ଫୁଲ ଚାଷ କରିବା ପାଇଁ ଏହାକୁ ଅଧିକ ପସନ୍ଦ କରୁଛନ୍ତି। ଏବେ ଯୁବ ଚାଷୀମାନେ ଫୁଲଚାଷ ପ୍ରତି ଆଗ୍ରହ ଦେଖାଇବା ପରେ ଗ୍ରାମରେ ଚାଷୀମାନଙ୍କୁ ନେଇ ସବୁଜ ସନାତନପାଲି କୃଷକ ଉତ୍ପାଦନ କମ୍ପାନୀ ପ୍ରାଇଭେଟ ଲିଃ ଗଠନ କରାଯାଇଛି। ଏହାଦ୍ୱାରା ଚାଷୀଙ୍କୁ ଫୁଲ ଚାଷ କରିବା ପାଇଁ ପ୍ରଶିକ୍ଷଣ ଦିଆଯାଇପାରୁଛି। ମାତ୍ର ଶହେ ଚାଷୀରୁ ଆରମ୍ଭ ହୋଇଥିବା ଏହି କମ୍ପାନୀରେ ଏବେ ୭୫୦ ଜଣ କୃଷକ ସଦସ୍ୟ ସାମିଲ ହୋଇସାରିଛନ୍ତି। ଚାଷୀମାନଙ୍କୁ ବିହନଠାରୁ ଆରମ୍ଭ କରି ବଜାର ସୁବିଧା ପର୍ଯ୍ୟନ୍ତ କମ୍ପାନୀ ମାଧ୍ୟମରେ କରାଯାଇ ପାରୁଛି। ଗ୍ରାମରେ ହେଉଥିବା ଗେଣ୍ଡୁ ଫୁଲ ଚାଷ ଦେଖିବା ପାଇଁ ବିଭିନ୍ନ ସମୟରେ ଜିଲା ତଥା ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଉଦ୍ୟାନ ତଥା କୃଷି ବିଭାଗର ପ୍ରତିନିଧି ଦଳ ଆସିଥାନ୍ତି।

### ସେମାନେ ଯାହା କୁହନ୍ତି...


"୨୦୦୨ରେ ପ୍ରଥମେ ଗେଣ୍ଡୁଫୁଲ ଚାଷ ଆରମ୍ଭ କରିଥିଲି। ଫୁଲ ଫୁଟିବା ପରେ ତାକୁ ବିକ୍ରି କରିବା ନେଇ ସମସ୍ୟା ସୃଷ୍ଟି ହୋଇଥିଲା। ପରେ ଏହାକୁ ନେଇ ସମଲେଶ୍ୱରୀ ମନ୍ଦିର ଆଗରେ ଥିବା ଫୁଲ ଦୋକାନରେ ଦେବା ପରେ ବିକ୍ରି କରିବାର ବାଟ ମିଳିଥିଲା। ଧାନ ଚାଷ ଅପେକ୍ଷା ଫୁଲ ଚାଷରେ ଅଧିକ ଲାଭ ଜାଣିବା ପରେ ୨୧ବର୍ଷ ହେବ ଗେଣ୍ଡୁଫୁଲ ଚାଷ କରିଆସୁଛି।

**-ନିରାକାର ପ୍ରଧାନ, ଫୁଲଚାଷୀ**


"ସନାତନପାଲିରେ ଫୁଲ ଚାଷ ସମ୍ପର୍କରେ ଲୋକ ଜାଣିସାରିଛନ୍ତି। ତେଣୁ ଏଠାକୁ ଅନେକ ଲୋକ କେବଳ ଫୁଲନେବା ପାଇଁ ନୁହେଁ ବରଂ ଚାଷ ପ୍ରଣାଳୀ ଜାଣିବା ପାଇଁ ମଧ୍ୟ ଆସୁଛନ୍ତି। ଗେଣ୍ଡୁଫୁଲ ସହ ଗାଁରେ ଏବେ ଗୋଲାପ ଓ ଅନ୍ୟ ଫୁଲ ଚାଷ କରାଯାଉଛି। ଏଥିପାଇଁ ବ୍ୟାଙ୍କ ତରଫରୁ ସୁବିଧାରେ ଋଣ ମିଳିପାରୁଛି।

**-ଗୀତାଞ୍ଜଳି ପ୍ରଧାନ, ଗୋଷ୍ଠୀ ସହାୟିକା**


"ସନାତନପାଲି ଗାଁରେ ଏବେ ୧୫ ଏକରରୁ ଅଧିକ ଜମିରେ ଫୁଲଚାଷ କରାଯାଉଛି। ଅନେକ ଚାଷୀ ଜମି କରସୂତ୍ରରେ ନେଇ ଫୁଲଚାଷ କରୁଛନ୍ତି। ଗାଁର ଅଧିକାଂଶ ଲୋକ ଫୁଲଚାଷ କରି ବେଶ ଦୁଇପଇସା ରୋଜଗାର କରିପାରୁଛନ୍ତି। ଆମେ ଚାଷର ବିକାଶ ପାଇଁ ସବୁଜ ସନାତନପାଲି କୃଷକ ଉତ୍ପାଦନ କମ୍ପାନୀ ଗଠନ କରିଛୁ। ଏହାଦ୍ୱାରା ଆମକୁ ଚାଷ ସହ ବିକ୍ରୟ ସୁବିଧା ମିଳିପାରୁଛି। ଏବେ ଲୋକେ ଗାଁକୁ ଫୁଲଚାଷ ପାଇଁ ଜାଣୁଛନ୍ତି। ଏହାକୁ ନେଇ ଆମେ ବହୁତ ଖୁସି।

**-ମନବୋଧ ବାରିକ, ଅଗ୍ରଣୀ ଫୁଲଚାଷୀ, ସନାତନପାଲି**

## ଶିଶୁକନ୍ୟାକୁ ଯୌନ ନିର୍ଯାତନା: ଯୁବକ ଗିରଫ

**କୁଚିଣ୍ଡା,୧୪।୧୧(ବିରଞ୍ଚି ଦର୍ଜୀ)**


ଗିରଫ ରିଙ୍କୁ।

କୁଚିଣ୍ଡା ସହରର ଜଣେ ୬ବର୍ଷର ଶିଶୁକନ୍ୟାକୁ ଯୌନ ନିର୍ଯାତନା ଦେବା ଅଭିଯୋଗରେ କୁଚିଣ୍ଡା ପୋଲିସ ଅଭିଯୁକ୍ତ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ପଶ୍ଚିମବଙ୍ଗ ମୁର୍ଶିଦାବାଦ ଜିଲା ସୁତି ଥାନା ନିମତିଆ ଗ୍ରାମର ରିଙ୍କୁ ସାଇଖ(୨୩)। ଏ ନେଇ ପୋଲିସ ଆଇପିସି ଧାରା ୩୭୬(୨),୩୭୬(ଏବି),୫୦୬, ପୋକ୍‌ସୋ ଆକ୍ଟରେ ମାମଲା (ନଂ.୨୫୭/୨୩) ରୁଜୁକରି ମଙ୍ଗଳବାର ଅଭିଯୁକ୍ତଙ୍କୁ ସମ୍ବଲପୁର ଜିଲା ଦୌରାଜଜ୍ କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ କୋର୍ଟ ତାଙ୍କୁ ଜେଲ ହାଜତକୁ ପଠାଇ ଦେଇଛନ୍ତି। ସୂଚନା ଅନୁଯାୟୀ ଅଭିଯୁକ୍ତ ରିଙ୍କୁ ଅଭିଯୋଗକାରୀଙ୍କ ଘର ନିର୍ମାଣରେ ରାଜମିସ୍ତ୍ରି ଭାବେ କାର୍ଯ୍ୟ କରୁଥିଲେ। ମଙ୍ଗଳବାର ସକାଳେ ଶିଶୁକନ୍ୟାର ମା' ପୁଅର ସ୍ୱାସ୍ଥ୍ୟ ସମସ୍ୟା ନେଇ ମେଡିକାଲକୁ ଯାଇଥିଲେ। ଏହାର ସୁଯୋଗ ନେଇ ରିଙ୍କୁ ଶିଶୁଟିକୁ ଯୌନ ନିର୍ଯାତନା ଦେଇଥିଲେ। ଘଟଣା ସମ୍ପର୍କରେ ଅବଗତ ହେବା ପରେ ଶିଶୁର ମା' କୁଚିଣ୍ଡା ଥାନାରେ ଲିଖିତ ରିପୋର୍ଟ କରିଥିଲେ।

## ଲୋକକଳା ଦଳ ଚୟନ ଶିବିର


ଶିବିରରେ ଭାଗ ନେଇଥିବା ଲୋକକଳା ଦଳ।

**ନାକଟିଦେଉଳ,୧୪।୧୧(ବୈକୁଣ୍ଠ ନାଥ ସାହୁ)**

ନାକଟିଦେଉଳ ବ୍ଲକ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ବ୍ଲକସ୍ତରୀୟ ଲୋକକଳା ଦଳ ଚୟନ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ପ୍ରଶାସନ ପକ୍ଷରୁ ଆୟୋଜିତ ଶିବିରରେ ବ୍ଲକର ସମସ୍ତ ୧୪ ପଞ୍ଚାୟତରୁ ୩୧ଟି ଲୋକକଳା ସାଂସ୍କୃତିକ ଦଳ ଅଂଶଗ୍ରହଣ କରିଥିଲେ। ବିଚାରକ ଭାବେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଉଦିତଶେଖର ସାହୁ, ଗ୍ରା.ପ. ସମ୍ପ୍ରସାରଣ ଅଧିକାରୀ ଅଶୋକ କୁମାର ଟାଲି, ବ୍ଲକ ଯୋଗାଣ ଅଧିକାରୀ ତନୁରଞ୍ଜନ ସିଂ, ଘୋଷରାମାଳ ପଞ୍ଚାୟତର ନିର୍ବାହୀ ଅଧିକାରୀ ରବୀନ୍ଦ୍ରନାଥ ସାହୁ ପ୍ରମୁଖ ଯୋଗଦେଇଥିଲେ। ଗତ ନଭେମ୍ବରରେ ବ୍ଲକର ସମୁଦାୟ ୪୧ଟି ସାଂସ୍କୃତିକ ଲୋକକଳା ଦଳକୁ ଏହି ଅବସରରେ ବ୍ଲକ କାର୍ଯ୍ୟାଳୟରେ ତାଲିମ ପ୍ରଦାନ କରାଯାଇଥିଲା। ତେବେ ମଙ୍ଗଳବାର ତାଲିମ ଗ୍ରହଣ କରିଥିବା ୪୧ ଦଳ ମଧ୍ୟରୁ ୩୧ଦଳ ଭାଗ ନେଇଥିଲେ। ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସ୍ୱରୁପାରାଣୀ ସାହୁ, ଏବିଡିଓ ବିଦ୍ୟାଧର ରାଉତରାୟ ପ୍ରମୁଖ ଯୋଗଦେଇଥିଲେ। ପ୍ରତି ପଞ୍ଚାୟତରୁ ଅନ୍ୟୁନ ୨ଟି ଦଳକୁ ଚୟନ କରାଯାଇ ଆଗାମୀ ଦିନରେ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନାର ପ୍ରଚାରପ୍ରସାର ପାଇଁ ସେମାନଙ୍କୁ ଦାୟିତ୍ୱ ଅର୍ପଣ କରାଯିବ ବୋଲି ଜଣାପଡ଼ିଛି । ବ୍ଲକ କଳା ସଂସ୍କୃତି ସଂଘ ସଭାପତି ପୂର୍ଣ୍ଣଚନ୍ଦ୍ର ଗଡ଼ତ୍ୟା, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଭାବଗ୍ରାହୀ ନାଏକ ପ୍ରମୁଖ ସହଯୋଗ କରିଥିଲେ।

## କୈଶୋର ସ୍ୱାସ୍ଥ୍ୟ ତାଲିମ ଶିବିର


ଶିବିରରେ ଉପସ୍ଥିତ ଛାତ୍ରୀଛାତ୍ର।

**ଜମନକିରା,୧୪।୧୧(ରବୀନ୍ଦ୍ର ପ୍ରସାଦ ଦାନି)**

ସ୍ୱେଚ୍ଛାସେବୀ ଅନୁଷ୍ଠାନ ସିଡି ଓ କୈଳାସ ସତ୍ୟାର୍ଥୀ ଚିଲ୍ଡ୍ରେନ ଫାଉଣ୍ଡେଶନ ପକ୍ଷରୁ ୬୦ ଜଣ କିଶୋରୀ କିଶୋରଙ୍କୁ ନେଇ ମଙ୍ଗଳବାର ଜମନକିରା ବ୍ଲକ ବଡରମା ପଞ୍ଚାୟତ ମହିଳା ସ୍ୱୟଂସହାୟକ ସଂଘ କାର୍ଯ୍ୟାଳୟଠାରେ କୈଶୋର ସ୍ୱାସ୍ଥ୍ୟ ଉପରେ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଡା. ରାଜାରାମ ଷଡଙ୍ଗୀ ତାଲିମଦାତା ଭାବେ ଯୋଗଦାନ କରିଥିଲେ। ସିଡି ପ୍ରକଳ୍ପ ସଂଯୋଜକ ପ୍ରଶାନ୍ତ କୁମାର ପ୍ରଧାନଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମକୁ ଗୋଷ୍ଠୀ ସାମାଜିକ ସହାୟିକା ବିନ୍ଦୁ ଛତର ପରିଚାଳନା କରିଥିଲେ। ସ୍ଥାନୀୟ ଆଶାକର୍ମୀ ଏଥିରେ ସହଯୋଗ କରିଥିଲେ। କୈଶୋର ସ୍ୱାସ୍ଥ୍ୟ ସମସ୍ୟା ସମ୍ପର୍କରେ ଉପସ୍ଥିତ କିଶୋର କିଶୋରୀ ପଚାରି ବୁଝିଥିଲେ।

## ଜିଲା କଂଗ୍ରେସ କାର୍ଯ୍ୟାଳୟରେ ନେହେରୁ ଜୟନ୍ତୀ

**ସମ୍ବଲପୁର,୧୪।୧୧(ବି.ଶଙ୍କର)**

ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁଙ୍କ ୧୩୪ତମ ଜୟନ୍ତୀ ମଙ୍ଗଳବାର ସମ୍ବଲପୁର ଜିଲା କଂଗ୍ରେସ କାର୍ଯ୍ୟାଳୟ ସଭାକକ୍ଷଠାରେ ପାଳିତ ହୋଇଯାଇଛି। ଏଥିରେ ପୂର୍ବତନ ବିଧାୟକ ଅଶ୍ୱିନୀ ଗୁରୁ, ଜିଲା ଯୁବକଂଗ୍ରେସ ସଭାପତି ପ୍ଲାବନ ବହିଦାର, ଜିଲା କଂଗ୍ରେସ କମିଟିର ବରିଷ୍ଠ ନେତା ନିରଞ୍ଜନ ତ୍ରିପାଠୀ, ଜିତେନ୍ଦ୍ର ପ୍ରଧାନ, ମହମ୍ମଦ ଜୁବେର, ସଂଖ୍ୟାଲଘୁ ସେଲର ଚେୟାରମ୍ୟାନ ମହମ୍ମଦ ମୁକ୍ତାର, କଂଗ୍ରେସ ଟାଉନ ସଭାନେତ୍ରୀ ବିଜୟଲକ୍ଷ୍ମୀ ବେହେରା, ସଂଖ୍ୟାଲଘୁ ସେଲ ଉପସଭାପତି ଜୟନ୍ତ କୁମାର ସାହୁ ପ୍ରମୁଖ ଯୋଗଦେଇ ନେହେରୁଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।

## ଡିସେମ୍ବର ୧୧ରୁ କେନ୍ଦୁପତ୍ର କର୍ମଚାରୀଙ୍କ ସମାବେଶ

**ସମ୍ବଲପୁର,୧୪।୧୧(ବି.ଶଙ୍କର)**

ଓଡିଶା କେନ୍ଦୁପତ୍ର କର୍ମଚାରୀ ସଂଘର ରାଜ୍ୟ, ଡିଭିଜନ ଓ ରେଞ୍ଜ ସ୍ତରୀୟ କର୍ମକର୍ତ୍ତାଙ୍କ ବୈଠକ ଗତ ୧୦ତାରିଖରେ ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଛି। ବୈଠକର ନିଷ୍ପତ୍ତି ସମ୍ପର୍କରେ ସୋମବାର ସଂଘର ରାଜ୍ୟ ସଭାପତି ବିଜୟ କୁମାର ମହାନ୍ତି ସୂଚନା ଦେଇଛନ୍ତି। ସେ କହିଛନ୍ତି, ଇତି ମଧ୍ୟରେ ୫ବର୍ଷ ଅତିବାହିତ ହୋଇଥିଲେ ମଧ୍ୟ ସର୍ବନିମ୍ନ ମଜୁରି ସଂଶୋଧନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇନାହିଁ। ଆଗାମୀ ସାଧାରଣ ନିର୍ବାଚନ ପାଇଁ କଟକଣା ଲାଗୁ ହେବା ପରେ କର୍ମଚାରୀଙ୍କ ମାସିକ ମଜୁରି ବୃଦ୍ଧି ହୋଇପାରିବ ନାହିଁ। ଫଳରେ ସିଜନାଲ କର୍ମଚରୀଙ୍କ ସହ ଅନ୍ୟ ଶ୍ରମିକମାନେ ଆର୍ଥିକ ଦୁର୍ଦ୍ଦଶାର ସମ୍ମୁଖୀନ ହେବେ। କନ୍ୟା ବିବାହ ପାଇଁ ଆର୍ଥିକ ସହାୟତା ବର୍ତ୍ତମାନ ସୁଦ୍ଧା ଘୋଷଣା ହୋଇନାହିଁ। ସିଜିନାଲ କର୍ମଚାରୀଙ୍କ ଗସ୍ତ ଖର୍ଚ୍ଚ ଓ ଦୈନିକ ଭତ୍ତା ଗତ ୧୦ରୁ ୧୨ ବର୍ଷ ଧରି ସଂଶୋଧନ ହୋଇନାହିଁ । ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଅନୁଯାୟୀ ଚାକିରୀ ସର୍ତ୍ତାବଳି କାର୍ଯ୍ୟକାରୀ ହେବାକୁ ନାହିଁ। ତୁରନ୍ତ ଏହା କାର୍ଯ୍ୟକାରୀ କରାଯିବାକୁ ଦାବି କରାଯାଇଛି। ୧୨ ଦଫା ସମ୍ବଳିତ ଦାବିପତ୍ର ଦିଆଯାଇ ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଦାବିପତ୍ରରେ ୬୨ବର୍ଷ ପର୍ଯ୍ୟନ୍ତ କେନ୍ଦୁପତ୍ର ଓ ୱେଲଫେୟାର ଟ୍ରଷ୍ଟ ସୁପାରିଶ କ୍ରମେ ସମସ୍ତ ତୋଳାଳି, ବନ୍ଧେଇ ଶ୍ରମିକ ଓ ସିଜନାଲ କର୍ମଚାରୀମାନଙ୍କୁ ସାମାଜିକ ନିରାପତ୍ତା ଯୋଜନାରେ ଅନ୍ତର୍ଭୁକ୍ତ କରିବା, ସାମାଜିକ ନିରାପତ୍ତା ପାଇଁ ବଜେଟରେ ୨୦୦ କୋଟି ଟଙ୍କା ଅର୍ଥ ବ୍ୟବସ୍ଥା ଆଦି ଉଲ୍ଲେଖ କରାଯାଇଛି। ଏହି ସମସ୍ତ ଦାବି ନେଇ ଆଗାମୀ ଡିସେମ୍ବରରେ ୧୧ରୁ ୧୭ ତାରିଖ ମଧ୍ୟରେ ସମାବେଶ କରାଯାଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ଦିଆଯିବା ନେଇ ଆଲୋଚନା ହୋଇଥିବା ସଭାପତି ମହାନ୍ତି କହିଛନ୍ତି। ଉକ୍ତ ବୈଠକରେ ଉପସଭାପତି ଗୋକୁଳ ମେହେର ଓ ବିନୋଦ ପ୍ରଧାନ, ସଂଗଠନ ସମ୍ପାଦକ ସଞ୍ଜିତ ମହାନ୍ତି, ରାଜ୍ୟ ସମ୍ପାଦକ ଅନାଦି ସାହୁ, ମହମ୍ମଦ ମୁର୍ତ୍ତୁଜା ଓ ଶିବାନନ୍ଦ ପରିଚ୍ଛା, ଡିଭିଜନ ସମ୍ପାଦକ କିଶୋର ପ୍ରଧାନ, ପ୍ରଦୀପ ସାହୁ, ରତ୍ନାକର ପ୍ରଧାନ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ।

## ଦଳିତ ସେନା ପକ୍ଷରୁ ତହସିଲଦାରଙ୍କୁ ଦାବିପତ୍ର



ତହସିଲଦାରଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଦଳିତସେନା କର୍ମକର୍ତ୍ତା।

**ସମ୍ବଲପୁର,୧୪।୧୧(ବି.ଶଙ୍କର)**

ଜିଲା ଆଦିବାସୀ ଦଳିତସେନା ପକ୍ଷରୁ ମଙ୍ଗଳବାର ସମ୍ବଲପୁର ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଦଳିତ ସେନା ଜିଲା ସଭାପତି ସୁବେଶ ମୁଣ୍ଡାଙ୍କ ନେତୃତ୍ୱରେ ପ୍ରତିନିଧି ଦଳ ତହସିଲଦାର ମନୋଜ କୁଜୁରଙ୍କୁ ସାକ୍ଷାତ କରି ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ସେମାନେ ଦର୍ଶାଇଥିଲେ, ଜିଲା ଆଦିବାସୀ ସମାଜ ଦୀର୍ଘଦିନରୁ ପିଏଚ୍‌ଡ଼ି ପଡ଼ିଆରେ ସଭା, ସମିତି ତଥା ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରିଆସୁଛି। ଏହାକୁ ଦୃଷ୍ଟିରେ ରଖି ଆଦିବାସୀ ଭବନ ନିର୍ମାଣ ପାଇଁ ଦାବି କରିଆସୁଛନ୍ତି। ଏଣୁ ବୀର ବିର୍ସା ମୁଣ୍ଡାଙ୍କ ନାମରେ ଏଠାରେ ଆଦିବାସୀ ଭବନ ନିର୍ମାଣ କରିବାକୁ ତହସିଲଦାରଙ୍କ ସହ ଆଲୋଚନା କରିଥିଲେ। ତେବେ ତହସିଲଦାର ଏ ନେଇ ଆବଶ୍ୟକ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଥିବା ନେଇ ଦଳିତ ସେନା ପକ୍ଷରୁ ସୂଚିତ କରାଯାଇଛି ।

## ହାଇସ୍କୁଲରେ ଶିଶୁ ଉତ୍ସବ, ବିଜ୍ଞାନ ମେଳା



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

**ରେଢ଼ାଖୋଲ,୧୪।୧୧(ଅଚ୍ୟୁତାନନ୍ଦ ପୁରୋହିତ)**

ବାରବାଙ୍କ ଉଚ୍ଚ ବିଦ୍ୟାଳୟରେ ମଙ୍ଗଳବାର ଶିଶୁ ଉତ୍ସବ ଓ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଛି। ଶିଶୁ ଉତ୍ସବରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଜ୍ଞାନ ମେଳାକୁ ବଂଶାଜାଲ ସରପଞ୍ଚ ଲୋକନାଥ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଛାତ୍ରୀଛାତ୍ର ୩୦ଟି ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶନ କରିଥିବା ବେଳେ ବିଚାରକ ଭାବେ ବିଜ୍ଞାନ ଶିକ୍ଷକ ଜଗନ୍ନାଥ ବିଶ୍ୱାଳ ଓ ବିନୋଦ ବିହାରୀ ବେହେରା ଯୋଗଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସୁସ୍ମିତା ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମ୍ମାନିତ ଅତିଥିଭାବେ ଶିକ୍ଷକ ଈଶ୍ୱରଚନ୍ଦ୍ର ବେହେରା, ସତ୍ୟନାରାୟଣ ପୃଷ୍ଟି, ରଞ୍ଜିତ କୁମାର ନାଏକ ଯୋଗ ଦେଇଥିଲେ। ବକ୍ତା ଭାବେ ବିନୋଦ ବିହାରୀ ବେହେରା ଓ ଶତ୍ରୁଘ୍ନ ସ୍ୱାଇଁ ଯୋଗଦେଇ ବିଜ୍ଞାନର ଉପକାରିତା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଆଶିଷ କୁମାର ସାହୁ ସଭା ପରିଚାଳନା କରିଥିବା ବେଳେ ସତ୍ୟନାରାୟଣ ପୋଢ ଧନ୍ୟବାଦ ଅର୍ପଣ କରିଥିଲେ।

## ସାହିତ୍ୟରେ ନାଟକ ହେଉଛି ମହାନ୍ ସୃଷ୍ଟି

### ସମ୍ବଲପୁର ନାଟ୍ୟକଳା ପରିଷଦର ପ୍ରତିଷ୍ଠା ଦିବସ



ନାଟ୍ୟକଳା ପରିଷଦର ପ୍ରତିଷ୍ଠା ଦିବସରେ ମଞ୍ଚାସୀନ ଅତିଥିମାନେ।

**ସମ୍ବଲପୁର,୧୪।୧୧(ବି.ଶଙ୍କର)**

ସମ୍ବଲପୁର ନାଟ୍ୟକଳା ପରିଷଦର ୫୪ତମ ପ୍ରତିଷ୍ଠା ଦିବସ ମଙ୍ଗଳବାର ସାମ୍ବାଦିକ ଭବନଠାରେ ପାଳିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଡ. ଶିବନାରାୟଣ ଶତପଥି ଏଥିରେ ଅଧ୍ୟକ୍ଷତା କରିଥିଲେ। ବିଶିଷ୍ଟ ମଞ୍ଚ ଅଭିନେତ୍ରୀ ତଥା ସିନେ କଳାକାର ତପସ୍ୱିନୀ ଗୁରୁ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ,ଏକ ଆଦର୍ଶ ମଣିଷ ଓ ସୁସ୍ଥ ସମାଜ ଗଠନରେ ନାଟକର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏଥିରେ ମଣିଷ ଜୀବନର ପ୍ରତିଫଳନ ରହୁଥିବାରୁ ସାଧାରଣ ମଣିଷର ଦୈନନ୍ଦିନ ଜୀବନ ସହ ଏହାର ସମ୍ପର୍କ ରହିବା ସ୍ୱାଭାବିକ। ମଣିଷର ବିବର୍ତ୍ତନ ଧାରାରେ ସାହିତ୍ୟ ଓ ସେହି ସାହିତ୍ୟରେ ନାଟକ ହେଉଛି ଏକ ମହାନ ସୃଷ୍ଟି। ସମାଜକୁ ନାଟକ ଦିଗ୍‌ଦର୍ଶନ ଦେଉଥିବାରୁ ନାଟ୍ୟକାରମାନେ ସେଥିପ୍ରତି ଯତ୍ନଶୀଳ ହେବା ଜରୁରୀ। ସମ୍ବଲପୁରୀ ନାଟକର ଲୋକପ୍ରିୟତା ବଳବତ୍ତର ହୋଇରହିଛି ବୋଲି ସେ ମତ ଦେଇଥିଲେ। ପରିଷଦର ସମ୍ପାଦକ ଡ. ସିଦ୍ଧାର୍ଥ ପଣ୍ଡା ପ୍ରାରମ୍ଭିକ ସୂଚନା ଓ ସହସମ୍ପାଦକ ବୀରୁପାକ୍ଷ ପ୍ରଧାନ ଧନ୍ୟବାଦ ଦେଇଥିଲେ। ଅରବିନ୍ଦ ମିଶ୍ର, ମନୋରଞ୍ଜନ ପାଢୀ, ଦେବାର୍ଚ୍ଚନ ଠାକୁର, ମାହେଶ୍ୱରୀ ପ୍ରସାଦ ପାଣିଗ୍ରାହୀ, ସୂର୍ଯ୍ୟ ପାଣିଗ୍ରାହୀ, ଶିରିଷ ଚନ୍ଦ୍ର ପୂଜାରୀ, ପ୍ରଶାନ୍ତ ମହାରଣା ପ୍ରମୁଖ ପରିଷଦକୁ ନେଇ ନିଜସ୍ୱ ଅନୁଭୂତି ବ୍ୟକ୍ତ କରିଥିଲେ। ବୁଧବାର ସ୍ଥାନୀୟ ଝାଡୁଆପଡ଼ା ଆରଣ୍ୟକ ମଞ୍ଚଠାରେ ଅନୁଷ୍ଠାନ ପକ୍ଷରୁ ନାଟ୍ୟକଳା ଉତ୍ସବ -୨୦୨୩ ଅବସରରେ ନାଟକ ଅଭିମାନିନୀ ଓ ଅବଶୋଷ ନାଟକ ମଞ୍ଚସ୍ଥ ହେବ ବୋଲି କର୍ମକର୍ତ୍ତା ସୂଚିତ କରିଛନ୍ତି ।

## ଧର୍ମ ପରାୟଣ ବ୍ୟକ୍ତିଙ୍କ ପରଲୋକ

କୋକସରା,(ଦୁଷ୍ମନ୍ତ କୁମାର ପାଟ୍ଟଯୋଶୀ): କଳାହାଣ୍ଡି ଜିଲା କୋକସରା ଗ୍ରାମର ଜଣେ ଅସରପ୍ରାପ୍ତ ଆଇପିଓ ହୃଷିକେଶ ପ୍ରଧାନୀ (୭୮)ଙ୍କ ବାସଭବନରେ ମଙ୍ଗଳବାର ସକାଳେ ପରଲୋକ ଘଟିଛି। ସେ ଝଙ୍କଡ଼ ପାଇକ ସମାଜର ଜଣେ ବୟୋଜ୍ୟେଷ୍ଠ ମେଳାପୀ ପରୋପକାରୀ ବ୍ୟକ୍ତି ଥିଲେ। ସେ ଜଣେ ଅସରପ୍ରାପ୍ତ ଆଇପିଓ ଭାବେଜିଲାର ବିଭିନ୍ନ ବ୍ଲକରେ ଅବସ୍ଥାପିତ ଥିଲେ। ଅବସର ପରେ ବିଭିନ୍ନ ସମାଜ ମଙ୍ଗଳ କାର୍ଯ୍ୟରେ ସକ୍ରିୟ ଭାବେ ସାମିଲ ରହୁଥିଲେ। ଦୀର୍ଘ କିଛି ମାସ ହେବ ସେ ଅସୁସ୍ଥତା ଯୋଗୁ ଶଯ୍ୟାଶାୟୀ ଥିଲେ। ତାଙ୍କ ନାତି ଅଙ୍କିତ ପ୍ରଧାନୀ ମୁଖାଗ୍ନି ଦେଇଥିଲେ।

# ୧୭୯ ଛାତ୍ରୀଛାତ୍ର ପାଇଁ ୩ ଶିକ୍ଷକ

**ଜୁନାଗଡ଼,୧୪।୧୧(ସୁନୀଲ କୁମାର ସିଂହ)**

**ଅବ୍ୟବସ୍ଥାରେ ମହିଚଲା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ**

- ନାହାନ୍ତି ବିଜ୍ଞାନ ଶିକ୍ଷକ
- ଶିକ୍ଷକ ଅଭାବ ସାଙ୍ଗକୁ ଶ୍ରେଣୀ ଗୃହର ଅଭାବ




କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଅନ୍ତର୍ଗତ ମହିଚଲା ଗ୍ରାମରେ ଥିବା ୧୧୯ ବର୍ଷର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବେ ଅବ୍ୟବସ୍ଥା ଦେଇଗତି କରୁଛି। ଏଠାରେ ଏବେ ଶିକ୍ଷକ ଅଭାବ ସାଙ୍ଗକୁ ଶ୍ରେଣୀ ଗୃହର ଅଭାବ ସମସ୍ୟା ରହିଛି। ଅଞ୍ଚଳର ସର୍ବପୁରାତନ ସ୍କୁଲ ଭାବେ ପରିଗଣିତ ଏହି ବିଦ୍ୟାଳୟରୁ ପାଠପଢି ଅନେକ ଝିଅପୁଅ ରାଜ୍ୟ ତଥା ଦେଶ ବାହାରେ ମଧ ନାମ କମାଇଛନ୍ତି। ତେବେ ଶିକ୍ଷା ବିଭାଗର ଅବହେଳାରୁ ଏହି ପୁରାତନ ବିଦ୍ୟାଳୟ ଅବହେଳିତ ରହିଥିବାରୁ ଗ୍ରାମବାସୀ, ଅଭିଭାବକ ମଧରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରକାଶ ଯେ, ମହିଚଲା ଅଞ୍ଚଳରେ ଶିକ୍ଷାର ପ୍ରସାର ପାଇଁ ୧୯୦୪ରେ ଏହି ବିଦ୍ୟାଳୟ ସ୍ଥାପନ କରାଯାଇଥିଲା। ୧୯ବର୍ଷ ତଳେ ୧୦୦ବର୍ଷ ପୂର୍ତ୍ତି ଉତ୍ସବ ପାଳନ କରାଯାଇଥିବା ଏହି ବିଦ୍ୟାଳୟରେ ଏବେ ଶିକ୍ଷକ ଅଭାବ ସାଙ୍ଗକୁ ଶ୍ରେଣୀ ଗୃହର ଅଭାବ ଦେଖାଦେଇଛି। ବିଦ୍ୟାଳୟ ପ୍ରଥମେ ପ୍ରାଥମିକ ବିଦ୍ୟାଳୟ ରହିଥିବା ବେଳେ ପରବର୍ତ୍ତୀ ସମୟରେ ଏହା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପରିଗଣିତ ହୋଇଥିଲା। ଏଠାରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏଁ ୧୭୯ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ସେମାନଙ୍କୁ ଶିକ୍ଷା ଦାନ କରିବା ପାଇଁ ମାତ୍ର ୩ଜଣ ଶିକ୍ଷକ ରହିଛନ୍ତି। ୩ ଶିକ୍ଷକ ୮ଟି ଶ୍ରେଣୀରେ କିଭଳି ପାଠ ପଢ଼େଇବେ ତାକୁ ନେଇ ସବୁବେଳେ ଅବ୍ୟବସ୍ଥା ଲାଗିରହିଛି। ଯାହାକି ଅତିକମରେ ୫ଜଣ ଶିକ୍ଷକ ରହିବା କଥା। ସ୍କୁଲରେ ପାଠପଢା ସୁଚାରୁ ରୂପେ ସମ୍ପାଦନ ନ ହେବାରୁ ଛାତ୍ରୀଛାତ୍ର ଉପରେ ଏହାର କୁପ୍ରଭାବ ଦେଖିବାକୁ ମିଳୁଛି। ବର୍ତ୍ତମାନ ଏଠାକାର ଆଉ ଏକ ସମସ୍ୟା ହେଲା ଶ୍ରେଣୀ ଗୃହ। ବିଦ୍ୟାଳୟ ସ୍ଥାପନ ହେବା ସମୟରୁ ଯେଉଁ କୋଠା ରହିଥିଲା ଏବେ ବି ସେହି କୋଠା ରହିଛି। ପ୍ରଥମେ ପ୍ରାଥମିକସ୍ତରରେ ଥିବା ଏହି ବିଦ୍ୟାଳୟରେ ଷଷ୍ଠ, ସପ୍ତମ ଓ ଅଷ୍ଟମ ତିନୋଟି ଶ୍ରେଣୀ ମିଶିଥିବା ବେଳେ ଶ୍ରେଣୀ ଗୃହ କିମ୍ବା ଶିକ୍ଷକ ଉପରେ ଶିକ୍ଷା ବିଭାଗର କିଛ ନଜର ରହୁନାହିଁ। ଅନ୍ୟପଟେ କୋଟି କୋଟି ଟଙ୍କା ବ୍ୟୟରେ ବିଭିନ୍ନ ଯୋଜନାରେ ସ୍କୁଲକୁ ଆଧୁନିକରଣ କରାଯାଉଛି। ବର୍ତ୍ତମାନ ଗୋଟିଏ ଗୃହରେ ୨ଟି ଶ୍ରେଣୀର ପିଲା ପଢୁଥିବା ନଜର ଆସୁଛି। ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଶ୍ରେଣୀ ପିଲା ବାରଣ୍ଡାରେ ବିନା କଳାପଟାରେ ପାଠ ପଢୁଛନ୍ତି। ବିଦ୍ୟାଳୟରେ ବିଜ୍ଞାନ ଶିକ୍ଷକ ନାହାନ୍ତି। ଫଳରେ ଶିକ୍ଷାଦାନ ଠିକ ଭାବେ ହୋଇପାରୁନାହିଁ। ଏ ନେଇ ଅଭିଭାବକ, ଅଞ୍ଚଳବାସୀ, ପରିଚାଳନା କମିଟି ବର୍ଷ ବର୍ଷ ଧରି ସ୍କୁଲ କର୍ତ୍ତୃପକ୍ଷ, ଶିକ୍ଷାଧିକାରୀ, ଜିଲାପାଳଙ୍କୁ ଅଭିଯୋଗ କରି ଆସୁଥିଲେ ମଧ କିଛି ସୁଫଳ ମିଳି ପାରୁନାହିଁ। ଏ ବିଷୟରେ ବ୍ଲକ ଶିକ୍ଷାଧିକାରୀଙ୍କୁ ପଚାରିବାରୁ ଏ ବିଷୟରେ ଅବଗତ ଅଛି, ବହୁତ ଶୀଘ୍ର ଶିକ୍ଷକ ନିଯୁକ୍ତି ଦିଆଯିବ ବୋଲି କହିଥିଲେ।

## ସଂକ୍ଷେପରେ

### ଶିଶୁ ଦିବସ ପାଳନ

**ଖଡ଼ିଆଳ,୧୪।୧୧(ସୁଜିତ୍ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ଦୋହେଲପଡ଼ା ଅଙ୍ଗନୱାଡ଼ି କେନ୍ଦ୍ର ୨ଠାରେ ଅଙ୍ଗନୱାଡ଼ି କର୍ମୀ ରୁକ୍ମଣୀ ଭୋଇଙ୍କ ତତ୍ତ୍ୱାବଧାନରେ ଶିଶୁ ଦିବସ ପାଳିତ ହୋଇଯାଇଛି। ଉକ୍ତ ଦିବସରେ ସମସ୍ତ ଶିଶୁଙ୍କ ସମେତ ଶିଶୁମାନଙ୍କ ମା', ମାତୃ କମିଟିର ମା ଏବଂ ଯାଞ୍ଚ କମିଟି ସମସ୍ତ ସଦସ୍ୟା ଉପସ୍ଥିତ ରହିଥିଲେ। ଅଙ୍ଗନୱାଡ଼ି କର୍ମୀ ସର୍ବ ପ୍ରଥମେ ପଣ୍ଡିତ ଜବାହରଲାଲ ନେହେରୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ନେହେରୁଙ୍କ ବିଷୟରେ ଅଭିଭାଷଣ ରଖିଥିଲେ। ମା'ମାନେ କେନ୍ଦ୍ରର ସମସ୍ତ ଶିଶୁମାନଙ୍କୁ ଅର୍ଘ୍ୟ ବନ୍ଦାପନା କରି ସ୍ୱାଗତ କରିବା ସହ ଶିଶୁମାନଙ୍କ ଦୀର୍ଘାୟୁ କାମନା କରି ମିଷ୍ଟାନ୍ନ ବଣ୍ଟନ କରିଥିଲେ। ଅଙ୍ଗନୱାଡ଼ି କର୍ମୀ ରୁକ୍ମିଣୀ ଭୋଇ ମା'ମାନଙ୍କୁ ଶିଶୁଙ୍କ ଶାରୀରିକ ଓ ମାନସିକ ବିକାଶ ବିଷୟରେ ପୁଙ୍ଖାନୁପୁଙ୍ଖ ଭାବେ ବୁଝାଇଥିଲେ।

### ଅରୁଣ ବନ୍ୟପ୍ରାଣୀ ପୁରସ୍କାରରେ ପୁରସ୍କୃତ



**ନୂଆପଡ଼ା,୧୪।୧୧(ମକାରୁ ବେମାଲ)**

ନୂଆପଡା ଜିଲାର ପରିବେଶ ପ୍ରେମୀ ପ୍ରକୃତି ବନ୍ଧୁ ଅରୁଣ ବିଶ୍ୱାଳ ବିଜୁ ପଟ୍ଟନାୟକ ବନ୍ୟପ୍ରାଣୀ ପୁରସ୍କାରରେ ପୁରସ୍କୃତ ହୋଇଛନ୍ତି। ନୂଆପଡା ବନ୍ୟପ୍ରାଣୀ ରେଞ୍ଜର ଗଜେନ୍ଦ୍ର ପାଲ ସିଂ ମାଥୁର ତାଙ୍କୁ ଏହି ପୁରସ୍କାର ପ୍ରଦାନ କରିଛନ୍ତି। ବିଶ୍ୱାଳ ବର୍ଷ ତମାମ ବନ୍ୟପ୍ରାଣୀ ସୁରକ୍ଷା, ପରିବେଶ ସୁରକ୍ଷା ଓ ବୃକ୍ଷ ରୋପଣ ଭଳି କାର୍ଯ୍ୟ କରି ଗାଁ ଗାଁ ବୁଲି ଯୁବ ଅନୁଷ୍ଠାନମାନଙ୍କ ସହ ଲୋକଙ୍କୁ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିଥାନ୍ତି। ସଚେତନତା କାର୍ଯ୍ୟକ୍ରମ ଯୋଗୁ ପୁରସ୍କୃତ ହୋଇଛନ୍ତି ବୋଲି ଜଣାପଡିଛି। ଏଭଳି ମହତ୍ୱ କାର୍ଯ୍ୟକୁ ବୃଦ୍ଧିଜୀବୀ ମହଲରେ ବହୁତ ପ୍ରଶଂସା କରି ସାଧୁବାଦ ଜଣାଉଛନ୍ତି।

## ନିର୍ବାଚନ ପୂର୍ବରୁ ଦାବି ପୂରଣ ନ ହେଲେ ଆନ୍ଦୋଳନ

**ନୂଆପଡ଼ା,୧୪।୧୧(ମକାରୁ ବେମାଲ)**

ନୂଆପଡା ଜିଲା ଖଡିଆଳ ବ୍ଲକ ବାଦି ପଞ୍ଚାୟତ ରାଜୀବ ଗାନ୍ଧୀ ସେବା କେନ୍ଦ୍ର ବଗିଚା ପ୍ରାଙ୍ଗଣରେ ଜିଲାସ୍ତରୀୟ ଚତୁର୍ଥ ଶ୍ରେଣୀ କର୍ମଚାରୀ ସଂଘ ପକ୍ଷରୁ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ନିକୁଞ୍ଜ ବିହାରୀ ମାଝିଙ୍କ ଅଧ୍ୟକ୍ଷତାରେ ସମ୍ପାଦକ ଦିଲୀପ ଶବର ସଭା ପରିଚାଳନା କରିଥିଲେ। ୮ ଦଫା ସମ୍ବଳିତ ଦାବି ନେଇ ଚତୁର୍ଥ ଶ୍ରେଣୀ କର୍ମଚାରୀମାନେ ଦୀର୍ଘ ବର୍ଷରୁ ଦାବି କରି ଆସୁଥିଲେ ମଧ ରାଜ୍ୟ ସରକାର ଅଣଦେଖା କରୁଛନ୍ତି। ଆଜି ଯାଏଁ କୌଣସି ପଦକ୍ଷେପ ଗ୍ରହଣ କରି ନ ଥିବାରୁ ଚତୁର୍ଥ ଶ୍ରେଣୀ କର୍ମଚାରୀ ମହଲରେ ଅସନ୍ତୋଷ ପ୍ରକାଶ ପାଉଛି। ଦାବଦିଗୁଡି ସମାନ କାମକୁ ସମାନ ଦରମା, ଚାକିରି କ୍ଷେତ୍ରରେ ସୁରକ୍ଷା ପ୍ରଦାନ, ଶିକ୍ଷାଗତ ଯୋଗ୍ୟତା ଅନୁସାରେ ପଦୋନ୍ନତି, ଦୈନିକ ମଜୁରୀ ୩୫୨ ଟଙ୍କା ପ୍ରଦାନର ଆଦେଶନାମା ଜିଲାପାଳ, ବ୍ଲକ ଉନ୍ନୟନ ଅଧିକାରୀ ଓ ସରପଞ୍ଚ ପାଖକୁ ପଠଇବା ଆଦି ଦାବି କରିଛନ୍ତି। କିଛି ମାସ ପୂର୍ବେ ନୂଆପଡ଼ା ଜିଲା ଗସ୍ତରେ ଆସିଥିବା ୫–ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ ବିଭିନ୍ନ ସମସ୍ୟା ଶୁଣାଣି କରି ସମସ୍ୟା ସମାଧାନ କରିଥିଲେ। ସେହି ସମୟରେ ଜିଲା ଚତୁର୍ଥ ଶ୍ରେଣୀ କର୍ମଚାରୀ ସଂଘ ମଧ ୮ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଥିଲେ। ସେହି ଦାବି ଉପରେ କୌଣସି ପଦକ୍ଷେପ ନ ନେଇ ନ ଥିବାରୁ ସଂଘ ପକ୍ଷରୁ କ୍ଷୋଭ ପ୍ରକାଶ କରିଛନ୍ତି। ଚତୁର୍ଥ ଶ୍ରେଣୀ କର୍ମଚାରୀମାନଙ୍କ ଦାଦି ଆସନ୍ତା ୨୦୨୪ ନିର୍ବାଚନ ଆଚରଣ ବିଧି ଲାଗୁ ହେବା ପୂର୍ବରୁ ପୂରଣ ନ ହେଲେ ପଞ୍ଚାୟତସ୍ତରରୁ ଭୟାବହ ଆନ୍ଦୋଳନ କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଏହି ସମୟରେ ଅର୍ଜୁନ ପଟେଲ, କମଳ ଲୋଚନ ମାଝି, ଟିକେଶ୍ୱର ସୁନାନୀ, ଗଜିନ୍ଦ୍ର ବେହେରା, ପ୍ରତାପ ମାଝି, ମେହେନ୍ଦ୍ର ବନଛୋର, ଗଙ୍ଗାଧର ମାଝି, ଡମ୍ବରୁ ଧର ମାଝି, ଭକ୍ତ ମାଝି, କିଶୋର କୁମାର ପୋଡ ପ୍ରମୁଖ ଉପସ୍ଥିତ ଥିଲେ।

## ତରବୋଡଠାରେ ଗିରିଗୋବର୍ଦ୍ଧନ ପୂଜା

**ନୂଆପଡ଼ା,୧୪।୧୧(ମକାରୁ ବେମାଲ)**

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ତରବୋଡ ରାଧାକୃଷ୍ଣ ମନ୍ଦିର ଯାଦବ ଭବନଠାରେ ଆଠ ଅଞ୍ଚଳିକ ଯାଦବ ସମାଜ ପକ୍ଷରୁ ଗିରି ଗୋବର୍ଦ୍ଧନ ପୂଜା ଅନୁଷ୍ଠିତ ହୋଇଯାଇଛି। ଗିରି ଗୋବର୍ଦ୍ଧନ ପୂଜାରେ ତରବୋଡ, ଜଟଗଡ, ମାନିଗୁଡା ଯାଦବ ସମାଜ କେନ୍ଦ୍ରର ଶତାଧିକ ମହିଳା ପୁରୁଷ ଏକତ୍ରିତ ହୋଇ ପୂଜା ଆୟୋଜନ କରିଥିଲେ। ବଜାରୁ ବନଛୋର ଓ ପଦ୍ମତୋଳା ବନଛୋର କର୍ତ୍ତା ଦାୟିତ୍ୱ ତୁଲାଇଥିବା ବେଳେ ମାନଭଞ୍ଜନ ପାଣିଗ୍ରାହୀ ପୂଜକ ଓ ଗଣେଶ ହଂସ ଜପକ ଭାବେ କାର୍ଯ୍ୟ କରିଥିଲେ। ସମାଜର ସଭାପତି କାର୍ତ୍ତିକ କାଣ୍ଡ, ଅର୍ଜୁନ କଠାର, ଜୟବଲ ନାଗ, ଅକୁର ପୁଞ୍ଜି, ମୋହନ ବେମାଲ, ପବନ ଚିରାଙ୍ଗୁଲ, ସେବକ ଖର୍ସେଲ, ପଦୁ ନାଗ, ଟଙ୍କ ବନଛୋର, ପୁନୁ ବନଛୋର, ଶୁକ୍ଳଧର ନିଆଲ, ଗୋପାଲ ହଂସ, ବେଣୁଧର ଗହିର ପ୍ରମୁଖ ଓ ଯାଦବ ସମାଜ ପୂଜା ଆୟୋଜନ କରିଥିଲେ।

## କନ୍ୟା ଶିବିର କାର୍ଯ୍ୟକ୍ରମ

**ଖଡ଼ିଆଳ,୧୪।୧୧(ସୁଜିତ୍ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡ଼ିଆଳ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ଶିଶୁ ଦିବସ ଅବସରରେ କନ୍ୟା ଶିବିର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ ପରମେଶ୍ୱର ବାରିକ। ପ୍ରଧାନ ଆଚାର୍ଯ୍ୟ ସନାତନ ମିଶ୍ର ଶିଶୁ ଦିବସ ପାଳନର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଷଷ୍ଠରୁ ଦଶମ ଶ୍ରେଣୀର କେବଳ ଭଉଣୀମାନଙ୍କୁ ନେଇ କନ୍ୟାଶିବିର ଅନୁଷ୍ଠିତ ହୋଇଥିଲା। ଖଡ଼ିଆଳ ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷା ସସ୍ମିତା ସାମଲ ଯୋଗଦେଇ ଶିଶୁମାନଙ୍କ ଚରିତ୍ର ଗଠନ ବିଷୟରେ କହିଥିଲେ। ବିଦ୍ୟାଳୟ ସମ୍ପାଦକ ବିନୋଦ ବିହାରୀ ପାଢ଼ୀ, ଭାନୁମତି ବେହେରା ପୋଲିସ ଏସଆଇ ଖଡ଼ିଆଳ ଏବଂ ଆୟୁଷ ଡାକ୍ତର ସଂଘମିତ୍ରା ବାବୁ ଶିଶୁମାନଙ୍କୁ ମାର୍ଗଦର୍ଶନ କରିଥିଲେ। ବୀଣାପାଣି ଗୁରୁମା ଶିଶୁଦିବସର ମହତ୍ତ୍ୱ ତଥା କନ୍ୟା ଶିବିରର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ମାଧୁରୀ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କନ୍ୟା ଶିବିରରେ ଭଉଣୀମାନଙ୍କ ରଙ୍ଗୋଲି ତଥା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କୃତୀ ଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ସମସ୍ତ ଗୁରୁମା ଏବଂ ଅନ୍ୟ ସମସ୍ତ ଗୁରୁଜୀଙ୍କ ସହାୟତାରେ କନ୍ୟାଶିବିର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

## କଳାହାଣ୍ଡି ଡାକ ବିଭାଗର ପ୍ରତିଷ୍ଠା ଦିବସ: କୃତୀ ପ୍ରତିଯୋଗୀ ପୁରସ୍କୃତ




ଜଣେ କୃତୀ ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଉଛି।

**ଭବାନୀପାଟଣା,୧୪।୧୧(ଉତ୍ତମ କୁମାର ଦାଶ):** ଭବାନୀପାଟଣାସ୍ଥିତ ଜିଲା ମୁଖ୍ୟ ଡାକ କାର୍ଯ୍ୟାଳୟଠାରେ ମଙ୍ଗଳବାର ସନ୍ଧ୍ୟାରେ କଳାହାଣ୍ଡି ଡାକ ବିଭାଗର ୩୫ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଜିଲା ଡାକ ଅଧିକ୍ଷକ ସୁଶାନ୍ତ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ତ୍ରିଲୋଚନ ପାତ୍ର, ମୁଖ୍ୟବକ୍ତା ଭାବେ ସତ୍ୟସାଇ ସ୍କୁଲର ଅଧ୍ୟକ୍ଷ ଉମେଶ ଚନ୍ଦ୍ର ଶତପଥ, ସମ୍ମାନିତ ଅତିଥି ଭାବେ ସହକାରୀ ଡାକ ଅଧୀକ୍ଷକ ବିଜୟ ପଟ୍ଟନାୟକ, ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ରିଜର୍ଭ ପୋଲିସ ପି.କେ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଡାକ ସେବା ପାରାରୁ ଆରମ୍ଭ ହୋଇ ଏବେ କମ୍ପ୍ୟୁଟର ପର୍ଯ୍ୟନ୍ତ ଗଲାଣି। ସେହିପରି ବ୍ୟାଙ୍କକୁ ଟକ୍କର ଦେଇ ଡାକସେବା ଏବେ ଲୋକଙ୍କ ମନକୁ ଛୁଇଁ ପାରିଛି ବୋଲି ଅତିଥି କହିଥିଲେ। ଏହି ଉପଲକ୍ଷେ ଡାକ ବିଭାଗ ପକ୍ଷରୁ ସକାଳେ ଏକ ମିନି ମାରାଥନ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭାଗର ସମସ୍ତ କର୍ମଚାରୀ ଭାଗନେଇଥିଲେ। ସେହିପରି ଜିଲାର ସମସ୍ତ ଡାକ କର୍ମଚାରୀଙ୍କ ପରିବାରର ସଦସ୍ୟ ମଧରେ ଝୋଟି, କ୍ୟାରମ, ଚେସ୍, ଗୀତ ଆଦି ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। କୃତୀ ହୋଇଥିବା ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୂରସ୍କୃତ କରାଯାଇଥିଲା। ସଭା ଡାକ ସହାୟକ ସୋମ୍ୟରଞ୍ଜନ ନାଏକ ପରିଚାଳନା କରିଥିଲେ।

## ପର୍ବତାରୋହୀ ଆର୍ତ୍ତତ୍ରାଣଙ୍କୁ ସମ୍ବର୍ଦ୍ଧନା



**କର୍ଲାମୁଣ୍ଡା,୧୪।୧୧(ପ୍ରଦୀପ କୁମାର ସାହୁ):** ଓଡ଼ିଶା ତଥା ଭାରତର ପ୍ରଥମ ବିଶ୍ୱବିଦ୍ୟାଳୟ ଭାବେ କଳାହାଣ୍ଡି ବିଶ୍ୱବିଦ୍ୟାଳୟର ପର୍ବତାରୋହୀ ଦଳ 'ଗୁଡହାଣ୍ଡି ଟିମ୍ ଅଫ୍ ମାଉଣ୍ଟେନେର୍ସ' ସଫଳତାର ସହ ମାଉଣ୍ଟ ରୁଦୁଗେରା ଶିଖରରେ ପହଞ୍ଚି ରେକର୍ଡ କରିଛି। ଏହି ଦଳରେ କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡା ଜଗନ୍ନାଥ ଡିଗ୍ରୀ କଲେଜ ଛାତ୍ର ଆର୍ତ୍ତତ୍ରାଣ ମିଶ୍ର ସାମିଲ ହୋଇଥିଲେ। ସୋମବାର ସେ ଫେରିବା ପରେ କଲେଜ ଛାତ୍ରୀଛାତ୍ରମାନେ ଶୋଭାଯାତ୍ରାରେ ରିଷିଡା ସହର ପରିକ୍ରମା କରି ସମ୍ମାନ ପ୍ରଦାନ କରିଥିବା ବେଳେ ମଙ୍ଗଳବାର କଲେଜରେ ତାଙ୍କୁ ସମ୍ବର୍ଦ୍ଧନ ଦିଆଯାଇଛି। କଲେଜ ଅଧ୍ୟକ୍ଷ ଗଦାଧର ପଧାନଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ଭାବେ ବିଡିଓ ସୁଚରିତା ମୁଗ୍ରୀ, ସମ୍ମାନିତ ଅତିଥି ବାବା ଭଗବାନ ସାହୁ ପ୍ରମୁଖ ଯୋଗଦେଇଥିଲେ। ପର୍ବତରୋହୀଙ୍କୁ ଉତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅଧ୍ୟାପକ ହିରୋଜ କୁମାର ଚାନ୍ଦ ସ୍ୱାଗତ ଭାଷଣ ଓ ଅଧ୍ୟାପକ ଶରତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମକୁନ୍ଦ ରଣା, କ୍ଷୀରୋଦ ସାହୁ, ଡାଲଟନ ରଣା, ଶିବ ରଣା, ନବୀନ ରଣା, ଭଗବାନ ରଣା ସହଯୋଗ କରିଥିଲେ। ମିଶ୍ରଙ୍କ ଏହି ସଫଳତା ପାଇଁ ତାଙ୍କ ନିଜ ଗାଁ ବଡ଼ଡୁଙ୍ଗୁରିଗୁଡ଼ାଠାରେ ଖୁସିର ଲହରୀ ଖେଳିଯାଇଛି।


## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
smbselfie@gmail.com



@ ବିବେକ



@ ମନୋଜ



@ ପ୍ରତିମା

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଓଡ଼ିଶା ସରକାର
# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଯାଜପୁର
## ଅଧିସୂଚନା

**File No. COL//JAJ/XII/1/22/112/LA/(Rly)** **Dated: 18.10.2023**

No. XXIV-29: ଯେହେତୁ ଓଡ଼ିଶା ସରକାରଙ୍କ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯାଜପୁର ଜିଲ୍ଲାରେ ଡୁବୁରି ଷ୍ଟେସନଠାରୁ ଟାଟା ଷ୍ଟିଲ କଳିଙ୍ଗନଗର ମଧ୍ୟରେ ରେଳ ସଂଯୋଗୀକରଣ ପ୍ରକଳ୍ପ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ, ମୌଜା: ବାରାଗଡ଼ିଆ, ଥାନା: ସୁକିନ୍ଦା ନଂ. ୨୩୬, ତହସିଲ: ସୁକିନ୍ଦା, ଜିଲ୍ଲା: ଯାଜପୁରରେ ନିମ୍ନ ତଫସିଲମତେ ପ୍ରାୟ ଏ୧.୩୬୦ ଭୂମି ଅର୍ଜନ ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଇଅଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟରେ ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

### ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ: ଯାଜପୁର ଜିଲ୍ଲାରେ ଡୁବୁରି ଷ୍ଟେସନଠାରୁ ଟାଟା ଷ୍ଟିଲ କଳିଙ୍ଗନଗର ମଧ୍ୟରେ ରେଳ ସଂଯୋଗୀକରଣ ପ୍ରକଳ୍ପ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ: Dy. C.E./Con/RSW&L East Coast Railway, Bhubaneswar.
୩. କ୍ଷତିଗ୍ରସ୍ତ ଲୋକଙ୍କ ଆବଶ୍ୟକତାର କାରଣ: ଯାଜପୁର ଜିଲ୍ଲାରେ ଡୁବୁରି ଷ୍ଟେସନଠାରୁ ଟାଟା ଷ୍ଟିଲ କଳିଙ୍ଗନଗର ମଧ୍ୟରେ ରେଳସଂଯୋଗୀକରଣ ପ୍ରକଳ୍ପ ନିମନ୍ତେ।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ: ଓଡ଼ିଶା ସରକାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଘୋଷଣା ନାମା ଚିଠି ସଂଖ୍ୟା ୩୩୧୭୮/୧୫।୦୯।୨୦୨୩ ପ୍ରକାରେ ଭୂମି ଅଧିଗ୍ରହଣ ନିମନ୍ତେ ୮(୨) ଧାରାରେ ଅନୁମୋଦନ ହୋଇଅଛି।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ: ଉପ–ଜିଲ୍ଲାପାଳ, ଯାଜପୁର।
୬. ଜମିର ବିବରଣୀ:

### (ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)
### ଜିଲ୍ଲା: ଯାଜପୁର

| କ୍ରମିକ ନମ୍ବର | ଗ୍ରାମର ନାମ | ତହସିଲ | ଖାତା ନମ୍ବର | ପ୍ଲଟ ନମ୍ବର | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ୧ | ସଂସାଇଲୋ | ସୁକିନ୍ଦା | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ.୫୯.୫୯୦ | ଏଥି ସହିତ ସଂଲଗ୍ନ |
| ୨ | ଓଳିଆ | ସୁକିନ୍ଦା | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ.୮.୨୦୦ | ଏଥି ସହିତ ସଂଲଗ୍ନ |
| ୩ | ଅଭୟପୁର | ସୁକିନ୍ଦା | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ.୧୩.୮୯୦ | ଏଥି ସହିତ ସଂଲଗ୍ନ |
| ୪ | ହାତିମୁଣ୍ଡା | ସୁକିନ୍ଦା | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ.୩୬.୮୩୦ | ଏଥି ସହିତ ସଂଲଗ୍ନ |
| ୫ | ଗୋବରଘାଟି | ସୁକିନ୍ଦା | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ.୧୧.୪୦୦ | ଏଥି ସହିତ ସଂଲଗ୍ନ |
| ୬ | ବାରାଗାଡ଼ିଆ | ସୁକିନ୍ଦା | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ.୧.୩୬୦ | ଏଥି ସହିତ ସଂଲଗ୍ନ |
| ୭ | ଡୁବୁରି | ସୁକିନ୍ଦା | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ.୪.୦୩୦ | ଏଥି ସହିତ ସଂଲଗ୍ନ |
| | ମୋଟ | | | | | | ଏ.୧୩୫.୩୦୦ | |

ଉକ୍ତ ଭୂମିର ଏକ ନକ୍ସା ଭୂ–ଅର୍ଜନ ଅଧିକାରୀ, ଅନୁଗୋଳ–ଡୁବୁରି–ସୁକିନ୍ଦା ନୂତନ ଓସାରିଆ ରେଳପଥ କାର୍ଯ୍ୟାଳୟ, ଯାଜପୁର ରୋଡ୍, ଯାଜପୁର କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି ଯାଜପୁର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./– ଜିଲ୍ଲାପାଳ, ଯାଜପୁର

### ଜମି ଅନୁସୂଚୀ
### ବ୍ୟକ୍ତିଗତ ଜମି

**ମୌଜା: ବାରାଗଡ଼ିଆ, ତହସିଲ: ସୁକିନ୍ଦା, ଥାନା: ସୁକିନ୍ଦା, ଥାନା ନମ୍ବର: ୨୩୬, ଜିଲ୍ଲା: ଯାଜପୁର**

| କ୍ର. ନମ୍ବର | ଖାତା ନମ୍ବର | ପ୍ଲଟ ନମ୍ବର | କିସମ | ପ୍ରଜାର ନାମ, ପିତାର ନାମ, ଜାତି ଓ ବାସସ୍ଥାନ | ମୋଟ ରକବା ଏକର | ଅର୍ଜିତ ରକବା ଏକର |
|---|---|---|---|---|---|---|
| ୧ | | ୬୧୯ | ତଇଲା | ଲେଙ୍କା ମଳିକ, ପି.: କଣ୍ଠି ମଳିକ, ବା: ନିଜଗାଁ, ଲଖଣ ମଳିକ, ପି.: ବିଜନ୍ଦ୍ର ମଳିକ, ଜାତି: ପାଣ, ଗ୍ରାମ: ନଡ଼ିଆଭଙ୍ଗା | ୧୧.୦୦୦ | ୧.୩୬୦ |
| TOTAL = | | | | | 11.000 | 1.360 |

ସ୍ୱା./– ଜିଲ୍ଲାପାଳ, ଯାଜପୁର

ସ୍ୱା./– ଭୂ–ଅର୍ଜନ ଅଧିକାରୀ
ଅନୁଗୋଳ–ଡୁବୁରି–ସୁକିନ୍ଦା ରୋଡ୍
ଅଣଓସାରିଆ ରେଳପଥ, ଯାଜପୁର

OIPR-24163/14/0029/2324

## THE HIGH COURT OF ORISSA, CUTTACK
### SHORT TENDER NOTICE

No.18000 Date: 14.11.2023

The High Court of Orissa invites tender in sealed covers from interested bidders for running Cafeteria inside the High Court premises for the Staffs, Counsel and Litigants etc.

1. Last date for submission of bid: **05.12.2023** before **4.00 P.M.**
2. Opening of bids: **06.12.2023 at 3.00 P.M.**

For detail terms and conditions of the tender Notice No.17998 on Dtd.14.11.2023 bidders may visit the High Court of Orissa website www.orissahighcourt.nic.in.

**Sd./- Assistant Registrar (Admin.)**
**High Court of Orissa, Cuttack**

## Government of Odisha "e" Procurement Notice
# WORKS DEPARTMENT

No. B-1258

**Bid Identification No. C.C.E.K.C., Keonjhar No. 40/2023-24**
**e-mail: ccekeonjharpwdcircle@gmail.com / sekcpwd_keonjhar@yahoo.com**

**Letter No. 6149** **Dt. 08.11.2023**

1. Name of the Work : Construction of New Bar Hall with Amenity Center at Sundargarh, Odisha for the year 2023-24.
2. Estimated Cost : Rs.373.30 lakhs
3. Class of Contractor : "A" Class
4. Period of Completion : 06 (Six) Calendar Months
5. Date and time of availability of Bid document in the Portal : From 11.00 hours of 15.11.2023 to 16.00 hours of 28.11.2023
6. Last date/time for receipt of bids in the Portal : 16.00 hours of 28.11.2023
7. Date of Opening of Bid from Portal : 11.30 hours on 29.11.2023
8. Name and Address of the Officer Inviting Bid : Chief Construction Engineer, Keonjhar (R&B) Circle, Keonjhar - 758001

Further details can be seen from the e-procurement portal "**http://tendersodisha.gov.in**".

**Sd./- Chief Construction Engineer**
**Keonjhar (R&B) Circle, Keonjhar**

**OIPR-34033/11/0056/2324**

## Government of Odisha "e" Procurement Notice
# WORKS DEPARTMENT

No. B-1257

**Bid Identification No. C.C.E.K.C., Keonjhar No. 41/2023-24**
**e-mail: ccekeonjharpwdcircle@gmail.com / sekcpwd_keonjhar@yahoo.com**

**Letter No. 6176** **Dt. 10.11.2023**

1. Name of the Work : Strengthening to Jhumpura By-pass Road (Old NH-215) in the District of Keonjhar under DMF for the year 2023-24.
2. Estimated Cost : Rs.193.49 lakhs
3. Class of Contractor : "B" & "A" Class
4. Period of Completion : 04 (Four) Calendar Months
5. Date and time of availability of Bid document in the Portal : From 11.30 hours of 15.11.2023 to 16.00 hours of 28.11.2023
6. Last date/time for receipt of bids in the Portal : 16.00 hours of 28.11.2023
7. Date of Opening of Bid from Portal : 11.30 hours on 29.11.2023
8. Name and Address of the Officer Inviting Bid : Chief Construction Engineer, Keonjhar (R&B) Circle, Keonjhar - 758001

Further details can be seen from the e-procurement portal "**http://tendersodisha.gov.in**".

**Sd./- Chief Construction Engineer**
**Keonjhar (R&B) Circle, Keonjhar**

**OIPR-34033/11/0057/2324**

## ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

ଆକାଶ ଶୋଭା ବିଲ୍ଡିଂ, ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର – ୭୫୧୦୦୧

ପତ୍ର ସଂଖ୍ୟା: **44710**/ଭୁ.ଉ.କ., ଭୁବନେଶ୍ୱର ତା: ୨୬।୧୦।୨୦୨୩ରିଖ
**CPM-II-657/84**

### ସୂଚନା

No. CAD-2830: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଚନ୍ଦ୍ରଶେଖରପୁର ଫେଜ୍–୧ ଆପାର୍ଟମେଣ୍ଟ ହାଉସିଂ ସ୍କିମ୍, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର ଅନ୍ତର୍ଗତ ଗୃହ ନଂ. MIG-II-F-13/37କୁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟ ଆଦେଶ ସଂଖ୍ୟା ୫୧୬୫/ଏ.ଏଲ୍ ତା୦୭।୦୯।୧୯୯ରିଖ ଅନୁଯାୟୀ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ଆବଣ୍ଟନଗ୍ରାହୀ ଶ୍ରୀ ସୁବ୍ରତ କରଙ୍କ ନାମରୁ ଶ୍ରୀ ଉପେନ୍ଦ୍ର ମିଶ୍ର, ପିତା: ସ୍ୱର୍ଗତ ଅଭିମନ୍ୟୁ ମିଶ୍ର, ଗ୍ରାମ: ସିଦ୍ଧେଶ୍ୱରପୁର, ପୋଷ୍ଟ: ରାମବାଘ, ଥାନା/ଜିଲ୍ଲା: ଯାଜପୁର, ରାଜ୍ୟ: ଓଡ଼ିଶାଙ୍କ ନାମରେ ଆବଣ୍ଟନ ପରିବର୍ତ୍ତନ କରାଯାଇଥିଲା।

ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀ ଉପେନ୍ଦ୍ର ମିଶ୍ର ଉକ୍ତ ଗୃହକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀ କ୍ଷୀରୋଦ କୁମାର ନନ୍ଦ, ପିତା: ମନମଥ ନନ୍ଦ, ଗ୍ରାମ: ହିଜିଲି, ପୋଷ୍ଟ: ବାଉଟିବେଡ଼ା, ଥାନା: ବିଶୋଇ, ଜିଲ୍ଲା: ମୟୂରଭଞ୍ଜ – ୭୫୭୦୩୩, ଓଡ଼ିଶାଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ନିମନ୍ତେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।

ଏଣୁ ଉକ୍ତ ଗୃହର ତୃତୀୟପକ୍ଷ ଅନ୍ତରୀଣ ଆଧାରରେ ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ୍ ପ୍ରକାଶନର ୧୫ (ପନ୍ଦର) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ ସମ୍ପାଦନ କରାଯିବ।

ସ୍ୱା./– ଆବଣ୍ଟନ ଅଧିକାରୀ–୧
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

**OIPR-13033/11/0416/2324**


ବୋର୍‌ୱେଲ ହୋଲ୍‌।


ଏସ୍‌ପି ଅମରେଶ କୁମାର ପଣ୍ଡା ଉଦ୍ଧାର କାର୍ଯ୍ୟ ଅନୁଧ୍ୟାନ କରୁଛନ୍ତି ।



ଅଗ୍ନିଶମ ବାହିନୀ, ପୋଲିସ ଟିମ୍ ମୃତଦେହ ବାହାର କରୁଛନ୍ତି ।

# ମୁକୁଳା ବୋରୱେଲ ଦୁଃଖୀଙ୍କ ଜୀବନ ନେଲା

ସୋନପୁର,୧୪।୧୧(ମୃତ୍ୟୁଞ୍ଜୟ ଶତପଥୀ)

ମୁକୁଳା ବୋରୱେଲ ପାଇଁ ସୁବର୍ଣ୍ଣପୁର ଜିଲା ସୋନପୁର ବ୍ଲକ ଗୋବିନ୍ଦପୁର ଗାଁର ଦୁଃଖୀ ନେଗୀ(୭୨)ଙ୍କ ମୃତ୍ୟୁ ଘଟିଛି। ଏଥିପାଇଁ ଉଠା ଜଳସେଚନ ନିଗମକୁ ଦାୟୀ କରାଯାଉଛି। ଦୀର୍ଘବର୍ଷ ପୂର୍ବରୁ ନିଗମ ପକ୍ଷରୁ ଏଠାରେ ବୋରୱେଲ ଖୋଳାଯାଇଥିଲା। ବୋରୱେଲଟି ଅସଫଳ ହୋଇଥିଲା। କିନ୍ତୁ ନିୟମ ଅନୁଯାୟୀ ଠିକାଦାର ମାଟି ପୋତି ନ ଥିଲେ। ବୋରୱେଲରେ ପାଇପ ମଧ୍ୟ ନ ଥିଲା। କିଛିବର୍ଷ ପରେ ମାଟି ଧୋଇ ହୋଇ ବୋରୱେଲର ଉପରଭାଗ ୩ଫୁଟ ଓସାର ହୋଇ ଯାଇଥିଲା। ଗର୍ତ୍ତର ଉପର ଭାଗ ମୁକୁଳା ଥିଲା ବେଳେ ଅନାବନା ଗଛ ଓ ଘାସ ଆଚ୍ଛାଦିତ ହୋଇ ରହିଥିଲା। ଦୁଃଖୀ ଝାଡୁ ପାଇଁ ବେଣା ସଂଗ୍ରହ କରିବା ସମୟରେ ଜାଣି ନ ପାରି ଏହି ଗର୍ତ୍ତରେ ଗଳି ପଡିଥିଲେ। ଦୀର୍ଘ ସମୟ ବୋରୱେଲ ଭିତରେ ରହି ତାଙ୍କର ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି। ବିଭାଗୀୟ ଅବହେଳା କାରଣରୁ ଦୁଃଖୀଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହେଉଛି।

## ଉଦ୍ଧାର ସମୟରେ ଠାବ ହେଲା ଚିତି ସାପ

ଦୁଃଖୀଙ୍କୁ ବୋରୱେଲରୁ ଉଦ୍ଧାର କରିବା ପାଇଁ ଅଗ୍ନିଶମ ବାହିନୀ ଜୋରସୋରରେ ଉଦ୍ୟମ କରୁଥିଲେ। କିଭଳି ମହିଳାଙ୍କୁ ଅକ୍ଷତ ଅବସ୍ଥାରେ ବାହାରକୁ ଅଣାଯିବ ସେ ନେଇ ଗୁରୁତ୍ୱ ଦିଆଯାଇଥିଲା। ତେବେ ଏହି ସମୟରେ ବୃଦ୍ଧାଙ୍କ ନିକଟରେ ଏକ ଚିତା ସାପ ଥିବା ଦେଖିବାକୁ ମିଳିଥିଲା । ଅଗ୍ନିଶମ ବାହିନୀର ଟିମ୍ ସାପକୁ ଦେଖି ଆଶା ଆଶଙ୍କାରେ ଥିଲେ। ଏହି ବିଷଧର ସାପ ବୋରୱେଲ ଭିତରେ ବୃଦ୍ଧାଙ୍କୁ କାମୁଡି ଥାଇ ପାରେ ବୋଲି ଚର୍ଚ୍ଚା ହୋଇଥିଲା। ବୃଦ୍ଧାଙ୍କୁ ଉଦ୍ଧାର ପରେ ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ ଖଣ୍ଡିଆ ହୋଇଥିବା ଦେଖିବାକୁ ମିଳିଥିଲା। ବିଷଧର ସାପ ଓ କୀଟପତଙ୍ଗଙ୍କ କାମୁଡାରେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି କିମ୍ବା ଶ୍ୱାସରୁଦ୍ଧ କାରଣରୁ ତାହା ଶବ ବ୍ୟବଚ୍ଛେଦ ରିପୋର୍ଟରୁ ସ୍ପଷ୍ଟ ହେବ।

## ଅଗ୍ନିଶମ ଅଧିକାରୀ ଓ ଟିମ୍‌ଙ୍କ ଉଦ୍ଧାର କାର୍ଯ୍ୟକୁ ପ୍ରଶଂସା

ବୋରୱେଲ ଭିତରୁ ବୃଦ୍ଧାଙ୍କୁ ଜୀବିତ ଅବସ୍ଥାରେ ଉଦ୍ଧାର ପାଇଁ ସୁବର୍ଣ୍ଣପୁର ଜିଲା ପ୍ରଶାସନ ପକ୍ଷରୁ ବିଶେଷ ଉଦ୍ୟମ କରାଯାଇଥିଲା। ଏହା ସଫଳ ହୋଇ ନଥିଲେ ମଧ୍ୟ ଉଦ୍ଧାର କାର୍ଯ୍ୟକୁ ବେଶ ପ୍ରଶଂସା ମିଳିଛି । ଏସ୍‌ପି ଅମରେଶ କୁମାର ପଣ୍ଡା ଓ ସୋନପୁର ବିଡିଓ ସୌମ୍ୟରଞ୍ଜନ ସ୍ୱାଇଁ ଉଦ୍ଧାର କାର୍ଯ୍ୟ ଆରମ୍ଭରୁ ବୃଦ୍ଧାଙ୍କୁ ଡାକ୍ତରଖାନା ନେବା ପର୍ଯ୍ୟନ୍ତ ବେଶ ସକ୍ରିୟ ଥିଲେ । ତେବେ ସୋନପୁର ସହକାରୀ ଅଗ୍ନିଶମ ଅଧିକାରୀ ଧନଞ୍ଜୟ ମଲ୍ଲିକଙ୍କ କାର୍ଯ୍ୟକୁ ପ୍ରଶଂସା କରାଯାଇଛି। ଯୁବ ଅଧିକାରୀ ମଲ୍ଲିକ ଅଳ୍ପ କିଛି ଦିନ ପୂର୍ବରୁ ଜିଲାରେ ଦାୟିତ୍ୱ ଗ୍ରହଣ କରିଛନ୍ତି। କିନ୍ତୁ ସୂଚନା ପାଇବାର ୧୫ରୁ ୨୦ ମିନିଟ୍ ଭିତରେ ସୋନପୁର ଓ ତରଭା ଅଗ୍ନିଶମ ବାହିନୀର ଟିମ୍‌କୁ ନେଇ ଯେଉଁଭଳି କାର୍ଯ୍ୟ କଲେ ତାହା ପ୍ରଶଂସନୀୟ। ମାତ୍ର ୨ ଘଣ୍ଟା ଭିତରେ ୨୦ଫୁଟ୍ ତଳୁ ମହିଳାଙ୍କୁ ଉଦ୍ଧାର କରିବାରେ ଅଗ୍ନିଶମ ବିଭାଗ ସକ୍ଷମ ହେଲା। ତେବେ ବୃଦ୍ଧା ଜୀବିତ ଉଦ୍ଧାର ହୋଇ ଥିଲେ ଏହି ଖୁସି ଦ୍ୱିଗୁଣିତ ହୋଇଥାନ୍ତା ବୋଲି ମଲ୍ଲିକ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

> ଦୀର୍ଘ ୨ ଘଣ୍ଟାର ରେସ୍କ୍ୟୁ ଅପରେଶନ ପରେ ମୁକୁଳା ବୋର୍‌ୱେଲରେ ଖସି ପଡ଼ିଥିବା ଜଣେ ବୃଦ୍ଧାଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଗଲା । ହେଲେ ମୃତ୍ୟୁ ସହ ସଂଗ୍ରାମକରି ଶେଷରେ ସେ ଆଖି ବୁଜିଛନ୍ତି। ମୃତ ବୃଦ୍ଧା ହେଲେ ଦୁଃଖୀ ନେଗୀ (୭୨)। ସୁବର୍ଣ୍ଣପୁର ଜିଲା ସୋନପୁର ବ୍ଲକ ମୟୂରଉଡାନ ପଞ୍ଚାୟତର କଇଁଫୁଲ ଗାଁରେ ଏଭଳି ଅଭାବନୀୟ ଘଟଣା ଘଟିଛି।ଶ୍ୱାସରୁଦ୍ଧ ହୋଇ ଦୁଃଖୀଙ୍କ ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ। ଓଡ଼ିଶାରେ ଗଭୀର ବୋର୍‌ୱେଲରେ ଖସି ପଡି ବୃଦ୍ଧାଙ୍କ ମୃତ୍ୟୁ ହେବା ପ୍ରଥମ ଘଟଣା ବୋଲି କୁହାଯାଉଛି ।



ଉଦ୍ଧାର ପରେ ଦୁଃଖୀଙ୍କୁ ଆମ୍ବୁଲାନ୍ସରେ ହସ୍ପିଟାଲରେ ନିଆଯାଉଛି ।

# ଏଲ.ଆଇ ଇଞ୍ଜିନିୟର, ଠିକାଦାରଙ୍କ ନାମରେ ଏତଲା


ଆଇନଜୀବୀ ବଳଦେବ ପ୍ରସାଦ ବେଦ୍‌ବାକ ସୋନପୁର ଥାନାରେ ଏତଲା ଦେଉଛନ୍ତି।

**ସୋନପୁର,୧୪।୧୧(ମୃତ୍ୟୁଞ୍ଜୟ ଶତପଥୀ):** ମୁକୁଳା ବୋରୱେଲ ପାଇଁ ସୋନପୁର ବ୍ଲକ ଗୋବିନ୍ଦପୁର ଗାଁର ଦୁଃଖୀ ନେଗୀ(୭୨)ଙ୍କ ମୃତ୍ୟୁ ଘଟିଛି। ତେବେ ଉଠା ଜଳସେଚନ ନିଗମର ଇଞ୍ଜିନିୟର ଓ ଠିକାଦାରଙ୍କ ଅବହେଳା ପାଇଁ ଦୁଃଖିଙ୍କ ମୃତ୍ୟୁ ହୋଇଥିବା ସୁବର୍ଣ୍ଣପୁରର ଆଇନଜୀବୀ ବଳଦେବ ପ୍ରସାଦ ବେଦ୍‌ବାକ ଅଭିଯୋଗ କରିଛନ୍ତି। ବେଦ୍‌ବାକ ସୁବର୍ଣ୍ଣପୁର ଉଠା ଜଳସେଚନ(ଏଲ.ଆଇ) ନିଗମର ନିର୍ବାହୀ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀଙ୍କ ସମେତ ସମ୍ପୃକ୍ତ ଠିକାଦାରଙ୍କ ନାମରେ ସୋନପୁର ଥାନାରେ ମଙ୍ଗଳବାର ଲିଖିତ ଅଭିଯୋଗ କରିଛନ୍ତି। ଠିକାଦାର ବୋରୱେଲରେ ଲାଗିଥିବା ସମସ୍ତ କେସିଙ୍ଗ ପାଇପ୍ ଗୁଡିକୁ ଖୋଲି ନେଇଯିବା ସହ ମୁକୁଳା ଛାଡି ଦେଇଥିବାରୁ ଏଭଳି ଦୁଃଖଦ ଘଟଣା ଘଟିଲା ବୋଲି ବେଦ୍‌ବାକ୍ ଅଭିଯୋଗରେ ଦର୍ଶାଇଛନ୍ତି। ଏହିଘଟଣାରେ ବିଭାଗୀୟ ଇଞ୍ଜିନିୟର ଓ ଠିକାଦାରଙ୍କ ନାମରେ ମାମଲା ରୁଜୁ କରିବା ସହ ଗିରଫ କରିବାକୁ ନିବେଦନ କରିଛନ୍ତି। ଏତେଲା ପ୍ରଦାନ ସମୟରେ ସୁରେଶ ପାତ୍ର, ଶ୍ରଦ୍ଧାଞ୍ଜଳି ମିଶ୍ର, ଜଗନ୍ନାଥ ତ୍ରିପାଠୀ, ଶ୍ରୀନିବାସ ଚାନ୍ଦ, ବାପି ଦାସ ଓ ମୁନା ପାଣ୍ଡେ ପ୍ରମୁଖ ଉପସ୍ଥିତ ଥିଲେ।

# ବିଶ୍ୱରେ ମଧୁମେହ ରୋଗ ଚିନ୍ତାଜନକ

**ବିଶ୍ୱ ମଧୁମେହ ଦିବସ ପାଳନ**

■ପ୍ରତି ୧୦ ଜଣରେ ଜଣେ ମଧୁମେହରେ ଆକ୍ରାନ୍ତ

**ଅମରପାଲି,୧୪।୧୧(ପୀତାମ୍ବର ସାହୁ):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରସ୍ଥିତ ବରିଷ୍ଠ ନାଗରିକ ସଙ୍ଗଠନ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ପଣ୍ଡାପାଲିସ୍ଥିତ ମହାନଦୀ ନେତ୍ର ଚିକିତ୍ସାଳୟ ଓ ସ୍ଥାନୀୟ ବରିଷ୍ଠ ନାଗରିକ ସଙ୍ଗଠନର ମିଳିତ ଆନୁକୂଲ୍ୟରେ ବିଶ୍ୱ ମଧୁମେହ ଦିବସ ପାଳିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ସଂଗଠନର ସଭାପତି ଡ. ପ୍ରଫୁଲ୍ଲ କୁମାର ରଥ ଅଧକ୍ଷତା କରିଥିଲେ। ଡ.ମନୋଜ ମାରାଠେ ମୁଖ୍ୟଅତିଥି ଏବଂ ମହାନଦୀ ନେତ୍ର ଚିକିତ୍ସାଳୟର ଏସ.କେ.ଥାପା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଦିତୀକୃଷ୍ଣ ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଦିଲିପ ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ସନ୍ତୋଷ ଷଡ଼ଙ୍ଗୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ନିରୁ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାରମ୍ଭରେ ପଣ୍ଡିତ ଜବାହାରଲାଲ ନେହେରୁଙ୍କ ଫଟୋରେ ପୁଷ୍ପମାଲ୍ୟ ଅର୍ପଣ କରାଯିବା ସହ ତାଙ୍କ ଜୟନ୍ତୀ ପାଳନ କରାଯାଇଥିଲା। ଏହି ଅବସରରେ ଡ. ମାରାଠେ ମଧୁମେହ ରୋଗ ଉପରେ ବକ୍ତବ୍ୟ ପ୍ରଦାନ କରିବା ସହ ଏହାର କାରଣ ଓ ନିରାକରଣ ଉପରେ ପରାମର୍ଶ ଦେଇଥିଲେ। ସମଗ୍ର ବିଶ୍ୱରେ ଏହି ରୋଗ ଏବେ ମହାମାରୀର ରୂପ ନେବାକୁ ବସିଲାଣି। ଏଣୁ ଏହା ଚିନ୍ତାଜନକ । ବିଶ୍ୱରେ ପ୍ରାୟ ୬୭ଲକ୍ଷ ଏହି ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କଲେଣି। ପ୍ରତି ୧୦ ଜଣରେ ଜଣେ ଏବେ ଏହି ରୋଗରେ ଆକ୍ରାନ୍ତ ବୋଲି ଡ. ମାରାଠେ ସୂଚନା ଦେଇଥିଲେ । ଯଦି ଏଥିପ୍ରତି ସତର୍କ ନ ହେବା ତେବେ ଏହାର ପ୍ରଭାବରେ କିଡ୍‌ନୀ, ଚକ୍ଷୁ ଆଦି ପ୍ରତି ବିପଦର ଆଶଙ୍କା ରହିଛି। ତେଣୁ ଆମେ ସମସ୍ତେ ଏଥିପ୍ରତି ସଚେତନ ହେବା ଜରୁରୀ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବରିଷ୍ଠ ନାଗରିକମାନଙ୍କ ପାଇଁ ଏକ ଚକ୍ଷୁ ପରୀକ୍ଷା ଶିବିର କରାଯାଇଥିଲା। ଏଥିରେ ପ୍ରାୟ ୪୭ ଜଣ ବରିଷ୍ଠ ନାଗରିକ ଚକ୍ଷୁ ପରୀକ୍ଷା କରିଥିଲେ। ମହାନଦୀ ନେତ୍ର ଚିକିତ୍ସାଳୟର ପିଙ୍କି ବାଘ, ସୌମ୍ୟରଞ୍ଜନ ମହାପାତ୍ର, ମହେଶ ବେହେରା, ବିଭୁ ପ୍ରସାଦ ବଳିୟାର ସିଂ ପ୍ରମୁଖ ଚକ୍ଷୁ ପରୀକ୍ଷା କରିଥିଲେ। ବରିଷ୍ଠ ନାଗରିକ ସଂଗଠନର ଧ୍ରୁବ ଚରଣ ଦାସ, ଜୟ ସାହୁ, ଚମରା ମହକୁର, ଗୋପୀନାଥ ମହାକୁର, ରାଧେଶ୍ୟାମ ରାଏ, ଶ୍ୟାମସୁନ୍ଦର ସେଠୀ, ଆଶ୍ରୟ ମହାନନ୍ଦ, ରଘୁନାଥ ପ୍ରଧାନ, ଅକ୍ରୁର ଦନ୍ତା, ଦୟାନିଧି ହୋତା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।


## ଓଡ଼ିଶା ସରକାର
# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଯାଜପୁର
## ଅଧିସୂଚନା

File No. COL//JAJ/XII/1/22/112/LA/(Rly) Dated: 18.10.2023

No. XXIV-29: ଯେହେତୁ ଓଡ଼ିଶା ସରକାରଙ୍କ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯାଜପୁର ଜିଲ୍ଲାରେ ଡୁବୁରି ଷ୍ଟେସନଠାରୁ ଟାଟା ଷ୍ଟିଲ କଳିଙ୍ଗନଗର ମଧ୍ୟରେ ରେଳ ସଂଯୋଗୀକରଣ ପ୍ରକଳ୍ପ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ, ମୌଜା: ବାରାଗଡ଼ିଆ, ଥାନା: ସୁକିନ୍ଦା ନଂ. ୨୩୬, ତହସିଲ: ସୁକିନ୍ଦା, ଜିଲ୍ଲା: ଯାଜପୁରରେ ନିମ୍ନ ତଫସିଲମତେ ପ୍ରାୟ ଏ୧.୩୬୦ ଭୂମି ଅର୍ଜନ ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଇଅଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟରେ ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

## ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ: ଯାଜପୁର ଜିଲ୍ଲାରେ ଡୁବୁରି ଷ୍ଟେସନଠାରୁ ଟାଟା ଷ୍ଟିଲ କଳିଙ୍ଗନଗର ମଧ୍ୟରେ ରେଳ ସଂଯୋଗୀକରଣ ପ୍ରକଳ୍ପ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ: Dy. C.E./Con/RSW&L East Coast Railway, Bhubaneswar.
୩. କ୍ଷତିଗ୍ରସ୍ତ ଲୋକଙ୍କ ଆବଶ୍ୟକତାର କାରଣ: ଯାଜପୁର ଜିଲ୍ଲାରେ ଡୁବୁରି ଷ୍ଟେସନଠାରୁ ଟାଟା ଷ୍ଟିଲ କଳିଙ୍ଗନଗର ମଧ୍ୟରେ ରେଳସଂଯୋଗୀକରଣ ପ୍ରକଳ୍ପ ନିମନ୍ତେ।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ: ଓଡ଼ିଶା ସରକାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଘୋଷଣା ନାମା ଚିଠି ସଂଖ୍ୟା ୩୩୧୭୮/୧୫।୦୯।୨୦୨୩ ପ୍ରକାରେ ଭୂମି ଅଧିଗ୍ରହଣ ନିମନ୍ତେ ୮(୨) ଧାରାରେ ଅନୁମୋଦନ ହୋଇଅଛି।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ: ଉପ-ଜିଲ୍ଲାପାଳ, ଯାଜପୁର।
୬. ଜମିର ବିବରଣୀ:

## (ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)
## ଜିଲ୍ଲା: ଯାଜପୁର

| କ୍ରମିକ ନମ୍ବର | ଗ୍ରାମର ନାମ | ତହସିଲ | ଖାତା ନମ୍ବର | ପ୍ଲଟ ନମ୍ବର | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ୧ | ସଂସାଇଲୋ | ସୁକିନ୍ଦା | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ.୫୯.୫୯୦ | ଏଥି ସହିତ ସଂଲଗ୍ନ |
| ୨ | ଓଳିଆ | ସୁକିନ୍ଦା | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ.୮.୨୦୦ | ଏଥି ସହିତ ସଂଲଗ୍ନ |
| ୩ | ଅଭୟପୁର | ସୁକିନ୍ଦା | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ.୧୩.୮୯୦ | ଏଥି ସହିତ ସଂଲଗ୍ନ |
| ୪ | ହାତିମୁଣ୍ଡା | ସୁକିନ୍ଦା | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ.୩୬.୮୩୦ | ଏଥି ସହିତ ସଂଲଗ୍ନ |
| ୫ | ଗୋବରଘାଟି | ସୁକିନ୍ଦା | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ.୧୧.୪୦୦ | ଏଥି ସହିତ ସଂଲଗ୍ନ |
| ୬ | ବାରାଗାଡ଼ିଆ | ସୁକିନ୍ଦା | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ.୧.୩୬୦ | ଏଥି ସହିତ ସଂଲଗ୍ନ |
| ୭ | ଡୁବୁରି | ସୁକିନ୍ଦା | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ.୪.୦୩୦ | ଏଥି ସହିତ ସଂଲଗ୍ନ |
| | ମୋଟ | | | | | | ଏ.୧୩୫.୩୦୦ | |

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ଅଧିକାରୀ, ଅନୁଗୋଳ-ଡୁବୁରି-ସୁକିନ୍ଦା ନୂତନ ଓସାରିଆ ରେଳପଥ କାର୍ଯ୍ୟାଳୟ, ଯାଜପୁର ରୋଡ୍, ଯାଜପୁର କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି ଯାଜପୁର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- ଜିଲ୍ଲାପାଳ, ଯାଜପୁର

## ଜମି ଅନୁସୂଚୀ
## ବ୍ୟକ୍ତିଗତ ଜମି
### ମୌଜା: ବାରାଗଡ଼ିଆ, ତହସିଲ: ସୁକିନ୍ଦା, ଥାନା: ସୁକିନ୍ଦା, ଥାନା ନମ୍ବର: ୨୩୬, ଜିଲ୍ଲା: ଯାଜପୁର

| କ୍ର. ନମ୍ବର | ଖାତା ନମ୍ବର | ପ୍ଲଟ ନମ୍ବର | କିସମ | ପ୍ରଜାର ନାମ, ପିତାର ନାମ, ଜାତି ଓ ବାସସ୍ଥାନ | ମୋଟ ରକବା ଏକର | ଅର୍ଜିତ ରକବା ଏକର |
|---|---|---|---|---|---|---|
| ୧ | | ୬୧୯ | ତଉଲା | ଲେଙ୍କା ମଳିକ, ପି.: କଣ୍ଠି ମଳିକ, ବା: ନିଜଗାଁ, ଲଖଣ ମଳିକ, ପି.: ବିଜନ୍ଦ୍ର ମଳିକ, ଜାତି: ପାଣ, ଗ୍ରାମ: ନଡ଼ିଆଭଙ୍ଗା | ୧୧.୦୦୦ | ୧.୩୬୦ |
| TOTAL = | | | | | 11.000 | 1.360 |

ସ୍ୱା./- ଜିଲ୍ଲାପାଳ, ଯାଜପୁର

ସ୍ୱା./- ଭୂ-ଅର୍ଜନ ଅଧିକାରୀ
ଅନୁଗୋଳ-ଡୁବୁରି-ସୁକିନ୍ଦା ରୋଡ୍
ଅଣଓସାରିଆ ରେଳପଥ, ଯାଜପୁର

OIPR-24163/14/0029/2324



## ସେଲ୍‌ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com



@ ବିବେକ


@ ମନୋଜ


@ ପ୍ରତିମା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


## THE HIGH COURT OF ORISSA, CUTTACK
### SHORT TENDER NOTICE

No.18000 Date: 14.11.2023

The High Court of Orissa invites tender in sealed covers from interested bidders for running Cafeteria inside the High Court premises for the Staffs, Counsel and Litigants etc.

1. Last date for submission of bid: **05.12.2023** before **4.00 P.M.**
2. Opening of bids: **06.12.2023 at 3.00 P.M.**

For detail terms and conditions of the tender Notice No.17998 on Dtd.14.11.2023 bidders may visit the High Court of Orissa website www.orissahighcourt.nic.in.

**Sd./- Assistant Registrar (Admin.)**
**High Court of Orissa, Cuttack**



## Government of Odisha "e" Procurement Notice
# WORKS DEPARTMENT
No. B-1258

**Bid Identification No. C.C.E.K.C., Keonjhar No. 40/2023-24**
**e-mail: ccekeonjharpwdcircle@gmail.com / sekcpwd_keonjhar@yahoo.com**

**Letter No. 6149** **Dt. 08.11.2023**

1. Name of the Work : Construction of New Bar Hall with Amenity Center at Sundargarh, Odisha for the year 2023-24.
2. Estimated Cost : Rs.373.30 lakhs
3. Class of Contractor : "A" Class
4. Period of Completion : 06 (Six) Calendar Months
5. Date and time of availability of Bid document in the Portal : From 11.00 hours of 15.11.2023 to 16.00 hours of 28.11.2023
6. Last date/time for receipt of bids in the Portal : 16.00 hours of 28.11.2023
7. Date of Opening of Bid from Portal : 11.30 hours on 29.11.2023
8. Name and Address of the Officer Inviting Bid : Chief Construction Engineer, Keonjhar (R&B) Circle, Keonjhar - 758001

Further details can be seen from the e-procurement portal "**http://tendersodisha.gov.in**".

**Sd./- Chief Construction Engineer**
**Keonjhar (R&B) Circle, Keonjhar**

OIPR-34033/11/0056/2324



## Government of Odisha "e" Procurement Notice
# WORKS DEPARTMENT
No. B-1257

**Bid Identification No. C.C.E.K.C., Keonjhar No. 41/2023-24**
**e-mail: ccekeonjharpwdcircle@gmail.com / sekcpwd_keonjhar@yahoo.com**

**Letter No. 6176** **Dt. 10.11.2023**

1. Name of the Work : Strengthening to Jhumpura By-pass Road (Old NH-215) in the District of Keonjhar under DMF for the year 2023-24.
2. Estimated Cost : Rs.193.49 lakhs
3. Class of Contractor : "B" & "A" Class
4. Period of Completion : 04 (Four) Calendar Months
5. Date and time of availability of Bid document in the Portal : From 11.30 hours of 15.11.2023 to 16.00 hours of 28.11.2023
6. Last date/time for receipt of bids in the Portal : 16.00 hours of 28.11.2023
7. Date of Opening of Bid from Portal : 11.30 hours on 29.11.2023
8. Name and Address of the Officer Inviting Bid : Chief Construction Engineer, Keonjhar (R&B) Circle, Keonjhar - 758001

Further details can be seen from the e-procurement portal "**http://tendersodisha.gov.in**".

**Sd./- Chief Construction Engineer**
**Keonjhar (R&B) Circle, Keonjhar**

OIPR-34033/11/0057/2324



# ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ
ଆକାଶ ଶୋଭା ବିଲ୍‌ଡିଂ, ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର - ୭୫୧୦୦୧

ପତ୍ର ସଂଖ୍ୟା: **44710/ଭୁ.ଉ.କ.**, ଭୁବନେଶ୍ୱର ତା: ୨୬।୧୦।୨୦୨୩ରିଖ
**CPM-II-657/84**

## ସୂଚନା

No. CAD-2830: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଚନ୍ଦ୍ରଶେଖରପୁର ଫେଜ୍-୧ ଆପାର୍ଟମେଣ୍ଟ ହାଉସିଂ ସ୍କିମ୍, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର ଅନ୍ତର୍ଗତ ଗୃହ ନଂ. MIG-II-F-13/37କୁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟ ଆଦେଶ ସଂଖ୍ୟା ୫୧୬୫/ଏ.ଏଲ୍ ତା୦୭।୦୯।୧୯୯୯ରିଖ ଅନୁଯାୟୀ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ଆବଣ୍ଟନଗ୍ରାହୀ ଶ୍ରୀ ସୁବ୍ରତ କରଙ୍କ ନାମରୁ ଶ୍ରୀ ଉପେନ୍ଦ୍ର ମିଶ୍ର, ପିତା: ସ୍ୱର୍ଗତ ଅଭିମନ୍ୟୁ ମିଶ୍ର, ଗ୍ରାମ: ସିଦ୍ଧେଶ୍ୱରପୁର, ପୋଷ୍ଟ: ରାମବାଘ, ଥାନା/ଜିଲ୍ଲା: ଯାଜପୁର, ରାଜ୍ୟ: ଓଡ଼ିଶାଙ୍କ ନାମରେ ଆବଣ୍ଟନ ପରିବର୍ତ୍ତନ କରାଯାଇଥିଲା।

ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀ ଉପେନ୍ଦ୍ର ମିଶ୍ର ଉକ୍ତ ଗୃହକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀ କ୍ଷୀରୋଦ କୁମାର ନନ୍ଦ, ପିତା: ମନମଥ ନନ୍ଦ, ଗ୍ରାମ: ହିଙ୍ଗିଳି, ପୋଷ୍ଟ: ବାଉଟିବେଡ଼ା, ଥାନା: ବିଶୋଇ, ଜିଲ୍ଲା: ମୟୂରଭଞ୍ଜ - ୭୫୭୦୩୩, ଓଡ଼ିଶାଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ନିମନ୍ତେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।

ଏଣୁ ଉକ୍ତ ଗୃହର ତୃତୀୟପକ୍ଷ ଅନ୍ତରୀଣ ଆଧାରରେ ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ୍ ପ୍ରକାଶନର ୧୫ (ପନ୍ଦର) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ ସମ୍ପାଦନ କରାଯିବ।

ସ୍ୱା./- ଆବଣ୍ଟନ ଅଧିକାରୀ-୧
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

OIPR-13033/11/0416/2324



## ସଂକ୍ଷେପରେ

### ବିଶ୍ୱବାସୀଙ୍କ ସହ ବିଜ୍ଞାନର ସହଭାଗିତା ଜରୁରି

ରାଉରକେଲା,୧୪।୧୧(ବିପ୍ଳବ ରଞ୍ଜନ ଦାଶ): ରାଉରକେଲାର ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ପଦାର୍ଥ ବିଜ୍ଞାନ ବିଭାଗ ପକ୍ଷରୁ ଚାଲିଥିବା ଅନ୍ତର୍ଜାତୀୟ ଶାନ୍ତି ଓ ସଂହତି ସ୍ଥାପନ ସମ୍ପର୍କିତ ବିଜ୍ଞାନ ସପ୍ତାହ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ବିଜ୍ଞାନ ବିଷୟକ ପ୍ରଦର୍ଶନୀ ଏବଂ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। କଲେଜ ଅଧ୍ୟକ୍ଷ ପ୍ରଫେସର ଡକ୍ଟର ବିଜୟ କୁମାର ବେହେରା ବିଜ୍ଞାନ ବିଷୟକ ପ୍ରଦର୍ଶନୀ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଆଲୋଚନାଚକ୍ରରେ ବିଶ୍ୱରେ ଶାନ୍ତି ଏବଂ ସଂହତି ସ୍ଥାପନ ପାଇଁ ବିଜ୍ଞାନର ସଦୁପଯୋଗ ଏବଂ ସମଗ୍ର ବିଶ୍ୱବାସୀଙ୍କ ସହିତ ବିଜ୍ଞାନର ସହଭାଗିତା ଅନିବାର୍ଯ୍ୟ ବୋଲି ପରାମର୍ଶ ଦିଆଯାଇଥିଲା। ଏହାପରେ କଲେଜ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ସ୍ଲୋଗାନ, ବିଜ୍ଞାନ ପ୍ରଦର୍ଶନୀ ଏବଂ ବର୍ଜ୍ୟବସ୍ତୁର ଉତ୍ତମ ବ୍ୟବହାର ଶୀର୍ଷକ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିରେ କୃତୀ ପ୍ରତିଯୋଗୀ ପୁରସ୍କୃତ ହୋଇଥିଲେ। ଉଦ୍‌ଯାପନୀ ସମାରୋହରେ ପଦାର୍ଥ ବିଜ୍ଞାନ ବିଭାଗର ମୁଖ୍ୟ ଡକ୍ଟର ଅନ୍ନପୂର୍ଣ୍ଣା ମହାନ୍ତ, ବିଭାଗୀୟ ଅଧ୍ୟାପକ ଡ. ନିରଞ୍ଜନ ସାହୁ, ରଞ୍ଜନାରାଣୀ ଦାସ, ସତ୍ୟବ୍ରତ ଶତପଥୀ, ସନ୍ତୋଷିନୀ ପାତ୍ର ଓ ଅଶୋକ କୁମାର ମିଞ୍ଜ ଉପସ୍ଥିତ ଥିଲେ। ଅଧ୍ୟାପକ ଶୁଭ୍ରଜ୍ୟୋତି ମହାପାତ୍ର ଓ ପରୀକ୍ଷାଗାର ସହଯୋଗୀ ସୁମିତ ବର୍ଣ୍ଣଲ ସହଯୋଗ କରିଥିଲେ।

# ସଙ୍କୁଚିତ ଅଣ୍ଡରପାସ୍ ଯୋଗୁ ଟ୍ରାଫିକ୍ ଜାମ୍

ରାଉରକେଲା,୧୪।୧୧(ବିପ୍ଳବ ରଞ୍ଜନ ଦାଶ)



ରେଲୱେ ଅଣ୍ଡରପାସ୍‌ରେ ଟ୍ରାଫିକ ଜାମ୍ ଯୋଗୁ ଗାଡ଼ିମୋଟର ଅଟକିଛି।

ପାନପୋଷ ରେଲଷ୍ଟେଶନ ନିକଟରେ ବ୍ରିଟିଶ ଅମଳରୁ ଦୁଇଟି ଅଣ୍ଡର ପାସ୍ ରହିଛି। ଗୋଟିଏ ପାନପୋଷ ଛକରୁ ପାନପୋଷ ଶବ ବ୍ୟବଚ୍ଛେଦ ଗୃହକୁ ସଂଯୋଗ କରୁଥିବା ବେଳେ ଅନ୍ୟଟି ପୁରୁଣା ପାନପୋଷ ରେଲୱେ ଷ୍ଟେଶନରୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସଂଯୋଗ କରିଛି। ତେବେ ଏହି ଦୁଇ ଅଣ୍ଡରପାସ୍ ପଥର ଉନ୍ନତୀକରଣ ଏଯାଏ ହୋଇପାରି ନ ଥିବାରୁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନା ଅନୁସାରେ, ପାନପୋଷଠାରୁ ଶବ ବ୍ୟବଚ୍ଛେଦ ଗୃହକୁ ସଂଲଗ୍ନ କରୁଥିବା ସୁଡଙ୍ଗ ପଥର ଲମ୍ବ ପ୍ରାୟ ୭ମିଟରରୁ ଊର୍ଦ୍ଧ୍ୱ ଥିବାବେଳେ ପୁରୁଣା ପାନପୋଷ ରେଲୱେ ଷ୍ଟେଶନରୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯୋଡୁଥିବା ଅଣ୍ଡରପାସ୍‌ର ଲମ୍ବ ୪ମିଟର ରହିଛି। ଏହି ସର୍ବ ପ୍ରାଚୀନ ସଙ୍କୁଚିତ ସୁଡ଼ଙ୍ଗ ପଥରେ ପ୍ରତ୍ୟହ ପାନପୋଷ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଶବ ବ୍ୟବଚ୍ଛେଦ କେନ୍ଦ୍ରକୁ ୧୦୮ ଆମ୍ବୁଲାନ୍ସ ଭଳି ଜରୁରୀକାଳୀନ ଯାନବାହନ ଯାତାୟତ କରୁଛି। ଅନ୍ୟପଟେ ଉଭୟ ସୁଡଙ୍ଗ ପଥ ସଙ୍କୁଚିତ ଥିବାରୁ ଭାରି ଯାନବାହନ ଯାତାୟାତ କରିପାରୁନାହିଁ। ଅନ୍ୟପକ୍ଷେ ପାନପୋଷ ବସ୍ତି ୩୦ହଜାରରୁ ଊର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ। ସେମାନେ ଏହି ସଙ୍କୁଚିତ ପଥରେ ଦୁଇଚକିଆ ଏବଂ ଚାରିଚକିଆ ଯାନରେ ଯାତାୟତ କରୁଛନ୍ତି। ସୁଡଙ୍ଗ ପଥ ସଙ୍କୁଚିତ ଥିବାରୁ ଦୁଇଚକିଆ ଯାନ ଯିବାବେଳେ ଚାରିଚକିଆ ଯାନ ଯିବା କଷ୍ଟକର ହେଉଛି। ସେହିପରି ଚାରିଚକିଆ ଯାନ ଗଲେ ଦୁଇଚକିଆ ଯାନ ଚଳାଚଳ ବନ୍ଦ ରହୁଛି। ପ୍ରାୟ ସମୟରେ ଉଭୟ ପଥରେ ଟ୍ରାଫିକ ଜାମ୍ ହେଉଥିବା ଦେଖିବାକୁ ମିଳୁଛି। ରୋଗୀ ଓ ସାଧାରଣ ଯାତ୍ରୀ ଅଣ୍ଡରପାସ୍ ଅତିକ୍ରମ କରି ରାଉରକେଲା, ପାନପୋଷ ଡାକ୍ତରଖାନା ତଥା ବସ୍ତି ଅଞ୍ଚଳକୁ ଯିବା ସମୟରେ ଟ୍ରାଫିକ ଜାମ୍ ସମସ୍ୟା ଯୋଗୁ ହନ୍ତସନ୍ତ ହେଉଛନ୍ତି। ଏଣୁ ଏହି ଦୁଇ ଅଣ୍ଡରପାସ୍‌ର ସମ୍ପ୍ରସାରଣ ସହିତ ଉନ୍ନତୀକରଣ କରାଯିବାକୁ ଦାବି ଜୋର ଧରିଛି। ଏହି ସମସ୍ୟାକୁ ନେଇ କିଛିଦିନ ତଳେ ସ୍ଥାନୀୟ ଅଞ୍ଚଳର ଲୋକେ ଚକ୍ରଧରପୁର ରେଳ ମଣ୍ଡଳର ଡିଆରଏମ୍ ଓ ସ୍ଥାନୀୟ ଲୋକ ପ୍ରତିନିଧିଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ମାତ୍ର ଏପର୍ଯ୍ୟନ୍ତ ଉଭୟ ପଥର ଉନ୍ନତୀକରଣ ପାଇଁ ସେଭଳି ତତ୍ପରତା ପ୍ରକାଶ ପାଇନାହିଁ।

ସୂଚନାଯୋଗ୍ୟ, ରାଉରକେଲା ଓ ପାନପୋଷ ରେଳ ଷ୍ଟେଶନର ଉନ୍ନତି ପାଇଁ ଅମୃତ ଭାରତ ଯୋଜନାରେ ୪୦୩ କୋଟି ଟଙ୍କା ମଞ୍ଜୁର ହୋଇ ରେଳ ଷ୍ଟେଶନର ଉନ୍ନତୀକରଣ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି। ତେବେ ଅମୃତ ଭାରତ ଯୋଜନାରେ ଅଣ୍ଡରପାସ୍‌ର ଉନ୍ନତୀକରଣ ହେବ କି ନାହିଁ ତାହା ଏପର୍ଯ୍ୟନ୍ତ ସୁନିଶ୍ଚିତ ହୋଇ ନ ଥିବାରୁ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ତେବେ ଅଣ୍ଡରପାସ୍ କାମ ନ ହେଲେ ଆଗକୁ ଆନ୍ଦୋଳନ କରାଯିବ ବୋଲି ସ୍ଥାନୀୟ ଅଞ୍ଚଳର ରମାକାନ୍ତ ପାଣ୍ଡେ, ପବନ ଜଲାନ, ରାମା ସାହୁ, ଶୈଳେନ୍ଦ୍ର ତିୱାରୀ, ବିଜୟ ଅଗ୍ରୱାଲ, ସନ୍ତୋଷ ସାହୁ ଓ ସତ୍ୟରଞ୍ଜନ ଦାଶ ପ୍ରମୁଖ ଚେତାବନୀ ଦେଇଛନ୍ତି। ଏ ନେଇ ପାନପୋଷ ରେଳ ଷ୍ଟେଶନ ପରିଚାଳକ ବିଭାସ ଭୂୟାଁଙ୍କୁ ପଚାରିବାରୁ ସେ କହିଲେ, ପାନପୋଷ ରେଲୱେ ଷ୍ଟେଶନ ନିକଟ ଦୁଇଟି ଅଣ୍ଡରପାସ୍‌ର ଉନ୍ନତୀକରଣ ନେଇ କୌଣସି ସୂଚନା ଆମ ପାଖରେ ନାହିଁ। ଏ ନେଇ ଅଞ୍ଚଳବାସୀ ଡିଆରଏମ ଏବଂ ସ୍ଥାନୀୟ ଜନପ୍ରତିନିଧିଙ୍କ ନିକଟରେ ଦାବି ଉପସ୍ଥାପନ କରିଛନ୍ତି। ଏ ବିଷୟରେ ଚକ୍ରଧରପୁର ରେଳମଣ୍ଡଳ କର୍ତ୍ତୃପକ୍ଷ କହିପାରିବେ ବୋଲି ଭୂୟାଁ କହିଥିଲେ।


ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com




@ ବିବେକ



@ ମନୋଜ



@ ପ୍ରତିମା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ୧୭ରେ ଓଡ଼ିଆ ଚିରସବୁଜ ସଙ୍ଗୀତ ମେଳା




ଅନୁଷ୍ଠାନ ପକ୍ଷରୁ ସଙ୍ଗୀତ ମେଳା ଉପରେ ସୂଚନା ପ୍ରଦାନ କରାଯାଉଛି।

ରାଉରକେଲା,୧୪।୧୧(ବିପ୍ଳବ ରଞ୍ଜନ ଦାଶ)

ଆସନ୍ତା ୧୭ ତାରିଖ ସନ୍ଧ୍ୟାରେ ଓଡ଼ିଆ ସଙ୍ଗୀତ ଜଗତର କିମ୍ବଦନ୍ତୀ ପୁରୁଷ ସ୍ୱର୍ଗତ ଅକ୍ଷୟ ମହାନ୍ତି ତଥା ସମସ୍ତଙ୍କ ପ୍ରିୟ ଖୋକା ଭାଇଙ୍କ ୨୧ତମ ଶ୍ରାଦ୍ଧବାର୍ଷିକୀ ମୁଁ ଓଡିଆ ମୁଁ ଗର୍ବିତ ଅନୁଷ୍ଠାନ ପକ୍ଷରୁ ପାଳନ ହେବ। ଏହି ଉପଲକ୍ଷେ ଖୋକା ଭାଇଙ୍କୁ ଗୀତ ମାଧ୍ୟମରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯିବ। ରାଉରକେଲା ସେକ୍ଟର-୪ କମ୍ୟୁନିଟି ସେଣ୍ଟରରେ ଖୋକା ଭାଇଙ୍କ ଗୀତ ଓ ସଙ୍ଗୀତ ମେଳା ହେବ ବୋଲି ଅନୁଷ୍ଠାନର ଅଧ୍ୟକ୍ଷ ବିଭୁଦାନନ୍ଦ ତ୍ରିପାଠୀ ମଙ୍ଗଳବାର ସୂଚନା ଦେଇଛନ୍ତି। ଓଡ଼ିଆ ସଙ୍ଗୀତ ଜଗତର କିମ୍ବଦନ୍ତୀ ପୁରୁଷଙ୍କ ଚିରସବୁଜ ଗୀତ ସଙ୍ଗୀତର ଅମରତ୍ୱ ଓ ଓଡିଆ ସଙ୍ଗୀତ ଜଗତ ପାଇଁ ଥିବା ତାଙ୍କର ଅତୁଳନୀୟ ଅବଦାନକୁ ସାଇତି ରଖିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ କରାଯାଉଛି ବୋଲି ସ୍ମାର୍ଟ ଲେଡିଜ କ୍ଲବର ଆବାହିକା ଲୀଳା ନାୟକ, କମ୍ୟୁନିଟି ସେଣ୍ଟର ସମ୍ପାଦକ ଗିରିଶ ଚନ୍ଦ୍ର ଶତପଥୀ, ସଦସ୍ୟ ନମିତା ତ୍ରିପାଠୀ, ବିରଜାନନ୍ଦ ତ୍ରିପାଠୀ, ପ୍ରତିଭା ପ୍ରିୟଦର୍ଶିନୀ ଏବଂ ରମେଶ ସାହୁ ପ୍ରମୁଖ ସୂଚନା ଦେଇଛନ୍ତି। ସଙ୍ଗଠନର ସଂଯୋଜକ ଶିବ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ପୂର୍ବତନ ଏମ୍‌ପି ବାସୁଦେବ ଆଚାରିଙ୍କ ବିୟୋଗରେ ଶୋକ

ରାଉରକେଲା,୧୪।୧୧(ଦିନେଶ ମିଶ୍ର)

ସିପିଆଇଏମର ପୂର୍ବତନ ଏମ୍‌ପି ବାସୁଦେବ ଆଚାରିଙ୍କ ବିୟୋଗରେ ରାଉରକେଲା ସିପିଆଇଏମ୍, ସିଆଇଟିୟୁ ସୁନ୍ଦରଗଡ ଜିଲା କମିଟି ଓ ଓଡିଶା ରାଜ୍ୟ କମିଟି ପକ୍ଷରୁ ମଙ୍ଗଳବାର ଶୋକସଭା ଅନୁଷ୍ଠିତ ହୋଇଛି। ଏଥିରେ ସିଆଇଟିୟୁର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବିଷ୍ଣୁ ମହାନ୍ତି, ସିପିଆଇଏମ୍ ରାଜ୍ୟ ସମ୍ପାଦକ ସଦସ୍ୟ ପ୍ରମୋଦ ସାମଲ, ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ବିମାନ ମାଇତି, ଜାହାଙ୍ଗୀର ଅଲ୍ଲୀ, ଶ୍ରୀମନ୍ତ ବେହେରା, ସୁରେନ୍ଦ୍ର ଦାଶ, ସାଲୋମୀ ମିଞ୍ଜ, ରାଜକିଶୋର ପ୍ରଧାନ, ଅରୁଣ ମହାରଣା, ଅନୁରୁଦ୍ଧ ତ୍ରିପାଠୀ, ଗୌରୀଶଙ୍କର ପାତ୍ର, ଅଜୟ ଶର୍ମା, ପ୍ରଭାତ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ଆଚାରିଙ୍କ ସ୍ମୃତିଚାରଣ କରିଥିଲେ। ଶ୍ରମଜୀବୀମାନଙ୍କ ପାଇଁ ତାଙ୍କର ଜୀବନ ବ୍ୟାପୀ ଅବଦାନ ସର୍ବଦା ସ୍ମରଣୀୟ ହୋଇରହିବ ବୋଲି ମତପ୍ରକାଶ ପାଇଥିଲା।


## ଓଡ଼ିଶା ସରକାର
# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଯାଜପୁର
## ଅଧିସୂଚନା

File No. COL//JAJ/XII/1/22/112/LA/(Rly) Dated: 18.10.2023

No. XXIV-29: ଯେହେତୁ ଓଡ଼ିଶା ସରକାରଙ୍କ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯାଜପୁର ଜିଲ୍ଲାରେ ଡୁବୁରି ଷ୍ଟେସନଠାରୁ ଟାଟା ଷ୍ଟିଲ କଳିଙ୍ଗନଗର ମଧ୍ୟରେ ରେଳ ସଂଯୋଗୀକରଣ ପ୍ରକଳ୍ପ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ, ମୌଜା: ବାରାଗଡ଼ିଆ, ଥାନା: ସୁକିନ୍ଦା ନଂ. ୨୩୬, ତହସିଲ: ସୁକିନ୍ଦା, ଜିଲ୍ଲା: ଯାଜପୁରରେ ନିମ୍ନ ତଫସିଲମତେ ପ୍ରାୟ ଏ୧.୩୬୦ ଭୂମି ଅର୍ଜନ ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଇଅଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟରେ ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

### ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ: ଯାଜପୁର ଜିଲ୍ଲାରେ ଡୁବୁରି ଷ୍ଟେସନଠାରୁ ଟାଟା ଷ୍ଟିଲ କଳିଙ୍ଗନଗର ମଧ୍ୟରେ ରେଳ ସଂଯୋଗୀକରଣ ପ୍ରକଳ୍ପ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ: Dy. C.E./Con/RSW&L East Coast Railway, Bhubaneswar.
୩. କ୍ଷତିଗ୍ରସ୍ତ ଲୋକଙ୍କ ଆବଶ୍ୟକତାର କାରଣ: ଯାଜପୁର ଜିଲ୍ଲାରେ ଡୁବୁରି ଷ୍ଟେସନଠାରୁ ଟାଟା ଷ୍ଟିଲ କଳିଙ୍ଗନଗର ମଧ୍ୟରେ ରେଳସଂଯୋଗୀକରଣ ପ୍ରକଳ୍ପ ନିମନ୍ତେ।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ: ଓଡ଼ିଶା ସରକାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଘୋଷଣା ନାମା ଚିଠି ସଂଖ୍ୟା ୩୩୧୭୮/୧୫।୦୯।୨୦୨୩ ପ୍ରକାରେ ଭୂମି ଅଧିଗ୍ରହଣ ନିମନ୍ତେ ୮(୨) ଧାରାରେ ଅନୁମୋଦନ ହୋଇଅଛି।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ: ଉପ-ଜିଲ୍ଲାପାଳ, ଯାଜପୁର।
୬. ଜମିର ବିବରଣୀ:

### (ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)
### ଜିଲ୍ଲା: ଯାଜପୁର

| କ୍ରମିକ ନମ୍ବର | ଗ୍ରାମର ନାମ | ତହସିଲ | ଖାତା ନମ୍ବର | ପ୍ଲଟ ନମ୍ବର | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ୧ | ସଂସାଇଲୋ | ସୁକିନ୍ଦା | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ.୫୯.୫୯୦ | ଏଥି ସହିତ ସଂଲଗ୍ନ |
| ୨ | ଓଳିଆ | ସୁକିନ୍ଦା | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ.୮.୨୦୦ | ଏଥି ସହିତ ସଂଲଗ୍ନ |
| ୩ | ଅଭୟପୁର | ସୁକିନ୍ଦା | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ.୧୩.୮୯୦ | ଏଥି ସହିତ ସଂଲଗ୍ନ |
| ୪ | ହାତିମୁଣ୍ଡା | ସୁକିନ୍ଦା | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ.୩୬.୮୩୦ | ଏଥି ସହିତ ସଂଲଗ୍ନ |
| ୫ | ଗୋବରଘାଟି | ସୁକିନ୍ଦା | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ.୧୧.୪୦୦ | ଏଥି ସହିତ ସଂଲଗ୍ନ |
| ୬ | ବାରାଗାଡ଼ିଆ | ସୁକିନ୍ଦା | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ.୧.୩୬୦ | ଏଥି ସହିତ ସଂଲଗ୍ନ |
| ୭ | ଡୁବୁରି | ସୁକିନ୍ଦା | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ.୪.୦୩୦ | ଏଥି ସହିତ ସଂଲଗ୍ନ |
| | ମୋଟ | | | | | | ଏ.୧୩୫.୩୦୦ | |

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ଅଧିକାରୀ, ଅନୁଗୋଳ-ଡୁବୁରି-ସୁକିନ୍ଦା ନୂତନ ଓସାରିଆ ରେଳପଥ କାର୍ଯ୍ୟାଳୟ, ଯାଜପୁର ରୋଡ୍, ଯାଜପୁର କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି ଯାଜପୁର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- ଜିଲ୍ଲାପାଳ, ଯାଜପୁର

### ଜମି ଅନୁସୂଚୀ
### ବ୍ୟକ୍ତିଗତ ଜମି
### ମୌଜା: ବାରାଗଡ଼ିଆ, ତହସିଲ: ସୁକିନ୍ଦା, ଥାନା: ସୁକିନ୍ଦା, ଥାନା ନମ୍ବର: ୨୩୬, ଜିଲ୍ଲା: ଯାଜପୁର

| କ୍ର. ନମ୍ବର | ଖାତା ନମ୍ବର | ପ୍ଲଟ ନମ୍ବର | କିସମ | ପ୍ରଜାର ନାମ, ପିତାର ନାମ, ଜାତି ଓ ବାସସ୍ଥାନ | ମୋଟ ରକବା ଏକର | ଅର୍ଜିତ ରକବା ଏକର |
|---|---|---|---|---|---|---|
| ୧ | | ୬୧୯ | ତଇଲା | ଲେଙ୍କା ମଳିକ, ପି.: କଣ୍ଡି ମଳିକ, ବା: ନିଜଗାଁ, ଲଖଣ ମଳିକ, ପି.: ବିଜନ୍ଦ୍ର ମଳିକ, ଜାତି: ପାଣ, ଗ୍ରାମ: ନଡ଼ିଆଭଙ୍ଗା। | ୧୧.୦୦୦ | ୧.୩୬୦ |
| TOTAL = | | | | | 11.000 | 1.360 |

ସ୍ୱା./- ଜିଲ୍ଲାପାଳ, ଯାଜପୁର

ସ୍ୱା./- ଭୂ-ଅର୍ଜନ ଅଧିକାରୀ
ଅନୁଗୋଳ-ଡୁବୁରି-ସୁକିନ୍ଦା ରୋଡ଼
ଅଣଓସାରିଆ ରେଳପଥ, ଯାଜପୁର

OIPR-24163/14/0029/2324


# ବ୍ଲକ, ପୌରପାଳିକା ଘେରିବ ରାଉରକେଲା ଭାଜପା




ଖବରଦାତା ସମ୍ମିଳନୀରେ ଉପସ୍ଥିତ ଭାଜପା ନେତୃମଣ୍ଡଳୀ।

ରାଉରକେଲା,୧୪।୧୧(ସଙ୍ଗୀତା ଜେନା)

**ଦୁର୍ନୀତି, ଭ୍ରଷ୍ଟାଚାର ଓ ବ୍ୟଭିଚାରର ପ୍ରତିବାଦ**

୨୪ ବର୍ଷର ଶାସନରେ ଓଡିଶା ଯଦି କ'ଣ ପାଇଛି ତାହା ହେଉଛି ଦୁର୍ନୀତି, ଭ୍ରଷ୍ଟାଚାର, ମହିଳା ବିରୋଧୀ ହିଂସା ଏବଂ ଅଗଣତାନ୍ତ୍ରିକ ଓ ଅଣରାଜନୈତିକ ପଦ୍ଧତିରେ ଚାଲିଥିବା ଏକ ଶାସନ ବ୍ୟବସ୍ଥା। ପଞ୍ଚାୟତରୁ ବ୍ଲକ, ଜିଲାସ୍ତରୀୟ ଅଫିସରୁ ନେଇ ସଚିବାଳୟ ପର୍ଯ୍ୟନ୍ତ ସବୁଠି ଅବାଧରେ ଦୁର୍ନୀତି, ପିସି କାରବାର ଚାଲିଛି। ରାଜ୍ୟରେ ବାର୍ଷିକ ୧ ଲକ୍ଷ କୋଟି ଟଙ୍କାର ଦୁର୍ନୀତି ହେଉଛି । ଏହାର ପ୍ରତିବାଦରେ ୧୮ ତାରିଖ ଯାଏ ଜିଲାର ସମସ୍ତ ବ୍ଲକ ଓ ପୌରପାଳିକା ଘେରାଉ କରାଯିବ ବୋଲି ମଙ୍ଗଳବାର ପୂର୍ବାହ୍ନରେ ଭାଜପା କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଇଛି।

ରାଜ୍ୟ ପ୍ରବକ୍ତା ଧୀରେନ ସେନାପତି କହିଥିଲେ, କଂଗ୍ରେସ ସରକାର ଶେଷ ୧୦ ବର୍ଷରେ ଓଡ଼ିଶାକୁ ଅନୁଦାନ ବାବଦ ୩ ଲକ୍ଷ କୋଟି ଟଙ୍କା ଦେଇଥିବା ବେଳେ ବିଗତ ୯ ବର୍ଷରେ ମୋଦି ସରକାର ୧୮ ଲକ୍ଷ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଦେଇଛନ୍ତି। ସମସ୍ତ ଯୋଗ୍ୟତା ସତ୍ତ୍ୱେ ପ୍ରସ୍ତୁତ ତାଲିକାରୁ ୯୭.୫ ପ୍ରତିଶତ ଦିବ୍ୟାଙ୍ଗ ଓ ଭୂମିହୀନଙ୍କ କ୍ଷେତ୍ରରେ ୩୦ ପ୍ରତିଶତ ପକ୍କାଘର ପାଇପାରିନାହାନ୍ତି। 'ଆମ ଓଡିଶା ନବୀନ ଓଡିଶା' ଯୋଜନା ନାମରେ ୩୭୦୦କୋଟି ଟଙ୍କା ଲୁଟ୍ କରିବାର ଯୋଜନା କରାଯାଇଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରତ୍ନଭଣ୍ଡାର ଖୋଲିବା ପ୍ରସଙ୍ଗରେ ରାଜ୍ୟ ସରକାର ନୀରବଦ୍ରଷ୍ଟା ସାଜିଛନ୍ତି। ଓଡ଼ିଶାର ପ୍ରତି ବ୍ଲକ୍‌ରେ ୩୫ ପ୍ରତିଶତ ଜଳସେଚନ ବ୍ୟବସ୍ଥା, ଶୀତଳ ଭଣ୍ଡାର, ବାସହୀନଙ୍କୁ ପଟ୍ଟା ଓ ଘର ଦେବା, ଶିଳ୍ପାୟନ ମାଧ୍ୟମରେ ସ୍ଥାନୀୟ ଯୁବକଙ୍କୁ ରୋଜଗାର ଦେବାର ପ୍ରତିଶ୍ରୁତି ଦେଇ ତାକୁ ପାଳନ ନ କରିବାରେ ରାଜ୍ୟ ସରକାର ବିଫଳତାର ସର୍ବଶ୍ରେଷ୍ଠ ରେକର୍ଡ କରିଛନ୍ତି ବୋଲି ସେନାପତି କହିଥିଲେ। ସେହିପରି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନିହାର ରାୟ କହିଥିଲେ, ରାଉରକେଲା ସହରରେ ହକି ବିଶ୍ୱକପ୍ ପାଇଁ କରାଯାଇଥିବା ବିଭିନ୍ନ କାର୍ଯ୍ୟରେ ମଧ୍ୟ ୧୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଦୁର୍ନୀତି ହୋଇଛି। ରାଉରକେଲା ମୁଖ୍ୟରାସ୍ତା ମରାମତି ନାଁରେ ୧୨ କୋଟି ଟଙ୍କାର ଅଟକଳ କରାଯାଇଥିବା ବେଳେ ୨୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରାଯାଇଛି । ମୁକ୍ତା ଯୋଜନାରେ ୭୫ କୋଟି ଟଙ୍କା ଲୁଟ୍ କରାଯାଇଛି । ପାଣି ପ୍ରକଳ୍ପରେ କେନ୍ଦ୍ର ସରକାର ୨୯୪ କୋଟି ଟଙ୍କା ଯୋଗାଇ ଦେଇଥିଲେ ମଧ୍ୟ ଆଜିଯାଏ ଲୋକେ ପାଣି ପାଇବାରୁ ବଞ୍ଚିତ ହୋଇଛନ୍ତି। ସ୍ୱେରେଜ ବୋର୍ଡରେ ୩୪୦ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲେ ମଧ୍ୟ ଏହି ଯୋଜନା ସମ୍ପୂର୍ଣ୍ଣ ବିଫଳ ହୋଇଛି । ଡିଏଭି ପୋଖରୀର ଉନ୍ନତୀକରଣ ନାଁରେ ୮କୋଟିର ଅଟକଳ କରି ୧୨କୋଟିରୁ ଊର୍ଦ୍ଧ୍ୱ ଟଙ୍କ ଖର୍ଚ୍ଚା କରାଯାଇଛି। ବିଏସ୍‌କେୱାଇ କାର୍ଡ ଜରିଆରେ ଚିକିତ୍ସା ସେବା ଯୋଗାଇ ହସ୍ପିଟାଲ ମାଧ୍ୟମରେ କୋଟି କୋଟି ଟଙ୍କା ଲୁଟ୍ କରାଯାଉଛି। ଲାଠିକଟା, ବିଶ୍ରା, ନୂଆଗାଁ ଓ କୁଆଁରମୁଣ୍ଡା ବ୍ଲକ୍‌ରେ ମଧ୍ୟ ବହୁଯୋଜନାରେ ଲୁଟ୍‌କରାଯାଉଛି ରାୟ କହିଥିଲେ। ଏହି ସମ୍ମିଳନୀରେ ଜଗବନ୍ଧୁ ବେହେରା, ପ୍ରମିଳା ଦାସ, ଗଙ୍ଗାଧର ଦାଶ, ଭଗବାନ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।


THE HIGH COURT OF ORISSA, CUTTACK
SHORT TENDER NOTICE

No.18000 Date: 14.11.2023

The High Court of Orissa invites tender in sealed covers from interested bidders for running Cafeteria inside the High Court premises for the Staffs, Counsel and Litigants etc.

1. Last date for submission of bid: **05.12.2023** before **4.00 P.M.**
2. Opening of bids: **06.12.2023** at **3.00 P.M.**

For detail terms and conditions of the tender Notice No.17998 on Dtd.14.11.2023 bidders may visit the High Court of Orissa website www.orissahighcourt.nic.in.

Sd./- Assistant Registrar (Admin.)
High Court of Orissa, Cuttack



Government of Odisha "e" Procurement Notice
WORKS DEPARTMENT
No. B-1258

Bid Identification No. C.C.E.K.C., Keonjhar No. 40/2023-24
e-mail: ccekeonjharpwdcircle@gmail.com / sekcpwd_keonjhar@yahoo.com

Letter No. 6149 Dt. 08.11.2023

1. Name of the Work : Construction of New Bar Hall with Amenity Center at Sundargarh, Odisha for the year 2023-24.
2. Estimated Cost : Rs.373.30 lakhs
3. Class of Contractor : "A" Class
4. Period of Completion : 06 (Six) Calendar Months
5. Date and time of availability of Bid document in the Portal : From 11.00 hours of 15.11.2023 to 16.00 hours of 28.11.2023
6. Last date/time for receipt of bids in the Portal : 16.00 hours of 28.11.2023
7. Date of Opening of Bid from Portal : 11.30 hours on 29.11.2023
8. Name and Address of the Officer Inviting Bid : Chief Construction Engineer, Keonjhar (R&B) Circle, Keonjhar - 758001

Further details can be seen from the e-procurement portal "**http://tendersodisha.gov.in**".

Sd./- Chief Construction Engineer
Keonjhar (R&B) Circle, Keonjhar

OIPR-34033/11/0056/2324



Government of Odisha "e" Procurement Notice
WORKS DEPARTMENT
No. B-1257

Bid Identification No. C.C.E.K.C., Keonjhar No. 41/2023-24
e-mail: ccekeonjharpwdcircle@gmail.com / sekcpwd_keonjhar@yahoo.com

Letter No. 6176 Dt. 10.11.2023

1. Name of the Work : Strengthening to Jhumpura By-pass Road (Old NH-215) in the District of Keonjhar under DMF for the year 2023-24.
2. Estimated Cost : Rs.193.49 lakhs
3. Class of Contractor : "B" & "A" Class
4. Period of Completion : 04 (Four) Calendar Months
5. Date and time of availability of Bid document in the Portal : From 11.30 hours of 15.11.2023 to 16.00 hours of 28.11.2023
6. Last date/time for receipt of bids in the Portal : 16.00 hours of 28.11.2023
7. Date of Opening of Bid from Portal : 11.30 hours on 29.11.2023
8. Name and Address of the Officer Inviting Bid : Chief Construction Engineer, Keonjhar (R&B) Circle, Keonjhar - 758001

Further details can be seen from the e-procurement portal "**http://tendersodisha.gov.in**".

Sd./- Chief Construction Engineer
Keonjhar (R&B) Circle, Keonjhar

OIPR-34033/11/0057/2324



# ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

ଆକାଶ ଶୋଭା ବିଲ୍ଡିଂ, ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର - ୭୫୧୦୦୧

ପତ୍ର ସଂଖ୍ୟା: 44710/ଭୁ.ଉ.କ., ଭୁବନେଶ୍ୱର ତା: ୨୬।୧୦।୨୦୨୩ରିଖ
CPM-II-657/84

## ସୂଚନା

No. CAD-2830: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଚନ୍ଦ୍ରଶେଖରପୁର ଫେଜ୍-୧ ଆପାର୍ଟମେଣ୍ଟ ହାଉସିଂ ସ୍କିମ୍, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର ଅନ୍ତର୍ଗତ ଗୃହ ନଂ. MIG-II-F-13/37କୁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟ ଆଦେଶ ସଂଖ୍ୟା ୫୧୬୫/ଏ.ଏଲ୍ ତା୦୭।୦୯।୧୯୯୯ରିଖ ଅନୁଯାୟୀ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ଆବଣ୍ଟନଗ୍ରାହୀ ଶ୍ରୀ ସୁବ୍ରତ କରଙ୍କ ନାମରୁ ଶ୍ରୀ ଉପେନ୍ଦ୍ର ମିଶ୍ର, ପିତା: ସ୍ୱର୍ଗତ ଅଭିମନ୍ୟୁ ମିଶ୍ର, ଗ୍ରାମ: ସିଦ୍ଧେଶ୍ୱରପୁର, ପୋଷ୍ଟ: ରାମବାଘ, ଥାନା/ଜିଲ୍ଲା: ଯାଜପୁର, ରାଜ୍ୟ: ଓଡ଼ିଶାଙ୍କ ନାମରେ ଆବଣ୍ଟନ ପରିବର୍ତ୍ତନ କରାଯାଇଥିଲା।

ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀ ଉପେନ୍ଦ୍ର ମିଶ୍ର ଉକ୍ତ ଗୃହକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀ କ୍ଷୀରୋଦ କୁମାର ନନ୍ଦ, ପିତା: ମନମଥ ନନ୍ଦ, ଗ୍ରାମ: ହିଜିଲି, ପୋଷ୍ଟ: ବାଉଟିବେଡ଼ା, ଥାନା: ବିଶୋଇ, ଜିଲ୍ଲା: ମୟୂରଭଞ୍ଜ - ୭୫୭୦୩୩, ଓଡ଼ିଶାଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ନିମନ୍ତେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।

ଏଣୁ ଉକ୍ତ ଗୃହର ତୃତୀୟପକ୍ଷ ଅନ୍ତରୀଣ ଆଧାରରେ ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ୍ ପ୍ରକାଶନର ୧୫ (ପନ୍ଦର) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ ସମ୍ପାଦନ କରାଯିବ।

ସ୍ୱା./- ଆବଣ୍ଟନ ଅଧିକାରୀ-୧
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

OIPR-13033/11/0416/2324

## ସଂକ୍ଷେପରେ

### ଜଳିଗଲା ଧାନକଟା ମେଶିନ

**ପଡିଆବାହାଲ, ୧୪।୧୧(ରାଧାମୋହନ ଷଡ଼ଙ୍ଗୀ)**

୨୪ଲକ୍ଷର ଧାନକଟା ମେଶିନ ଜଳିଯାଇଥିଲେ ହେଁ ଏକ ବଡ଼ ଦୁର୍ଘଟଣାରୁ ବର୍ତ୍ତିଯାଇଛନ୍ତି ଚାଳକ ଓ ଚାଷୀ। ସଦର ଥାନା ଅନ୍ତର୍ଗତ ଘେନୁପାଲି ପଞ୍ଚାୟତ ଖଜୁରିପାଲି ଗ୍ରାମରେ ଏଭଳି ଘଟଣା ଘଟିଛି। ସୂଚନା ଅନୁସାରେ ଚାଷ ଜମିରେ ଧାନ କାଟିସାରିବା ପରେ ଚାଳକ ଓ ଚାଷୀ ବିଶ୍ରାମ ନେବାପାଇଁ ବାହାରିଥିଲେ। ଏହି ସମୟରେ ହଠାତ୍ ନିଆଁ ଲାଗି ମେଶିନ ହୁତୁ ହୁତୁ ହୋଇ ଜଳିଥିଲା। ଏହାଦେଖି ସେଥିରେ ଥିବା ଜଣେ ଚାଷୀ ଓ ଚାଳକ ଜୀବନ ବଞ୍ଚାଇ ଦୌଡିପଳାଇଥିଲେ। ଚାହୁଁ ଚାହୁଁ ନିଆଁ ମେଶିନସାରା ବ୍ୟାପିଥିଲା। ଉପସ୍ଥିତ ଲୋକେ ନିଆଁ ଲିଭାଇବାକୁ ଉଦ୍ୟମ ଜାରି ରଖି ଦମକଳ ବାହିନୀକୁ ଖବର ଦେଇଥିଲେ। ମାନେଶ୍ୱରରୁ ଦମକଳ ବାହିନୀ ଆସି ନିଆଁକୁ ଆୟତ୍ତ କରିଥିଲା। ହେଲେ ସେତେବେଳକୁ ମେଶିନଟି ପୋଡ଼ି ନଷ୍ଟ ହୋଇଯାଇଥିଲା। ଏ ସଂକ୍ରାନ୍ତରେ ମାଲିକ ଅବିନାଶ ମହାକୁର ସଦର ଥାନାରେ ଅଭିଯୋଗ କରିଛନ୍ତି। କୋଭେଟା ୬୮ ଜୀ. ଧାନକଟା ମେଶିନର ମୂଲ୍ୟ ୨୪ଲକ୍ଷ ୬୩ହଜାର ବୋଲି ମାଲିକ ଦର୍ଶାଇଛନ୍ତି। ଶର୍ଟ ସର୍କିଟ ହୋଇ ନିଆଁ ଲାଗିଥିବା ଅନୁମାନ କରାଯାଉଛି।

### ଏମ୍‌ସିଏଲ୍ ଜାଗୃତି ମଣ୍ଡଳର ଦୀପାବଳି ଉତ୍ସବ

**ସମ୍ବଲପୁର, ୧୪।୧୧(ବି.ଶଙ୍କର)**

ମହାନଦୀ କୋଇଲା କମ୍ପାନୀ (ଏମ୍‌ସିଏଲ୍) ଜାଗୃତି ମହିଳା ମଣ୍ଡଳ ପକ୍ଷରୁ ସମ୍ବଲପୁର ଜିଲା ଫୁଲଝରନସ୍ଥିତ ରେଡକ୍ରସ ପାର୍ବତୀ ଗିରି ମାତୃ ଭବନରେ ଦୀପାବଳି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହିଳା ମଣ୍ଡଳର ସଭାନେତ୍ରୀ ଅଲପନା ଶୁକ୍ଲାଙ୍କ ପରିଚାଳନାରେ ଉତ୍ସବ ହୋଇଥିଲା। ଉପସଭାନେତ୍ରୀ ରଶ୍ମି ବେହୁରା ଓ ଅଞ୍ଜଳି ବାପଟ ଯୋଗଦେଇ ଅନ୍ତେବାସୀଙ୍କୁ ଉପହାର ବାଣ୍ଟିଥିଲେ। ସେହିପରି ପିଲାମାନଙ୍କୁ ମଧ୍ୟ ବିଭିନ୍ନ ପ୍ରକାର ଉପହାର ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର ସଚିବ ସୁମିତା ଘୋଷ, ଯୁଗ୍ମ ସଚିବ ମିଲିନା ପ୍ରିୟଦର୍ଶିନୀ, କୋଷାଧ୍ୟକ୍ଷ ଅନୀତା ଗର୍ଗ, ସଦସ୍ୟ ଆଶା ଚୌଧୁରୀ, ଭେନା ସିଂ, ସିପ୍ରା ନନ୍ଦା ସକ୍ରିୟ ଭୂମିକା ଗ୍ରହଣ କରିଥିଲେ।

# ସରକାରଙ୍କୁ ବିସ୍ତୃତ ସତ୍ୟପାଠ ଦାଖଲ ନିର୍ଦ୍ଦେଶ

**ହାଇକୋର୍ଟରେ ଡଙ୍ଗାବୁଡ଼ି ମାମଲା**

**୨୨ରେ ପରବର୍ତ୍ତୀ ଶୁଣାଣି**

**କଟକ, ୧୪।୧୧ (କାର୍ତ୍ତିକ ସାହୁ)**

ଡଙ୍ଗାବୁଡ଼ି ମାମଲାରେ ରାଜ୍ୟ ସରକାର ବିସ୍ତୃତ ସତ୍ୟପାଠ ଦାଖଲ ନିମନ୍ତେ ହାଇକୋର୍ଟ ମଙ୍ଗଳବାର ଶୁଣାଣିରେ ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଡ. ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ଓ ବିଚାରପତି ମୁରାହରି ଶ୍ରୀ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରି ପରବର୍ତ୍ତୀ ଶୁଣାଣି ପୂର୍ବରୁ ନୂତନ ଡଙ୍ଗାଚାଳନା ନିୟମ ସମ୍ପର୍କରେ ସରକାର ହାଇକୋର୍ଟଙ୍କୁ ଅବଗତ କରାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ୨୨ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ସୂଚନା ଅନୁସାରେ, ଆବେଦନକାରୀଙ୍କ ପକ୍ଷରୁ ୨୦୦୪ ଡଙ୍ଗା ଚାଳନା ନିୟମ ଠିକ୍ ଭାବେ କାର୍ଯ୍ୟକାରୀ କରାଯାଉ ନ ଥିବା ଅଭିଯୋଗ କରାଯାଇଥିଲା। ଫଳରେ ହାଇକୋର୍ଟ ରାଜ୍ୟ ସରକାରଙ୍କୁ କେତେକ ତଥ୍ୟ ଦାଖଲ ନିମନ୍ତେ ମଙ୍ଗଳବାର ଶୁଣାଣିରେ ନିର୍ଦ୍ଦେଶ ଦେଇଛନ୍ତି। ପଞ୍ଜୀକରଣ ହୋଇ ନ ଥିବା କେତେ ଡଙ୍ଗା ଚିହ୍ନଟ ହୋଇଛି, ଲାଇଫ୍ ଜ୍ୟାକେଟ୍ ନ ଥିଲେ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି, ଡଙ୍ଗାବୁଡ଼ିରେ ମୋଟ କେତେ ଲୋକଙ୍କ ମୃତ୍ୟୁ ଘଟିଛି, କେତେ ପରିମାଣର କ୍ଷତିପୂରଣ ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି ଏନେଇ ସବିଶେଷ ତଥ୍ୟ ବିସ୍ତୃତ ସତ୍ୟପାଠ ଆକାରରେ ଦାଖଲ କରିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ ରହିଛି। ଅପରପକ୍ଷରେ ସରକାରଙ୍କ ପକ୍ଷରୁ ୨୦୦୪ରୁ ନିୟମାବଳୀ ପରିବର୍ତ୍ତେ ନୂତନ ନିୟମ ପ୍ରଣୟନ ପାଇଁ ପ୍ରସ୍ତାବ ଦିଆଯାଇଛି। ଏ ସଂକ୍ରାନ୍ତରେ ପାଟଣାସ୍ଥିତ ନ୍ୟାଶନାଲ ଇନ୍‌ଲ୍ୟାଣ୍ଡ ନାଭିଗେଶନ ଇନ୍‌ଷ୍ଟିଚ୍ୟୁଟ ନୂତନ ଡ୍ରାଫ୍ଟ ନିୟମ ପ୍ରଣୟନ କରିବା ନିମନ୍ତେ ଗତ ମାର୍ଚ୍ଚରେ ସରକାର ନିବେଦନ କରିଥିବା ସତ୍ୟପାଠରେ ଦାଖଲ କରିଛନ୍ତି। ହେଲେ ମାର୍ଚ୍ଚରୁ ନୂତନ ନିୟମ ପ୍ରଣୟନ ଲାଗି ସରକାର ନିବେଦନ କରିଥିଲେ ମଧ୍ୟ ଡିସେମ୍ବର ସୁଦ୍ଧା କାହିଁକି କାର୍ଯ୍ୟକାରୀ ହୋଇପାରିନାହିଁ, ନିୟମ ପ୍ରଣୟନ ଦିଗରେ କ'ଣ ପଦକ୍ଷେପ ନିଆଯାଇଛି ସେ ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିବା ଲାଗି ହାଇକୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଉଲ୍ଲେଖଯୋଗ୍ୟ, କୋରାପୁଟ ଜିଲା କୋଲାବ ନଦୀର ଶାଖା ପାତାଳି ନଦୀରେ ୨୦୧୪ ମେ' ୨୪ରେ ଡଙ୍ଗାବୁଡ଼ି ଘଟଣାରେ ୬ ଜଣଙ୍କ ମୃତ୍ୟୁ ଘଟିଥିଲା। ଆଇନଜୀବୀ ପ୍ରବୀର ଦାସ ଏନେଇ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ କରିଥିଲେ। ଡଙ୍ଗାରେ ଯାତ୍ରା କରୁଥିବା ଯାତ୍ରୀଙ୍କ ନିରାପତ୍ତା ନିମନ୍ତେ ଡଙ୍ଗାର ପଞ୍ଜୀକରଣ, ଜୀବନ ରକ୍ଷାକାରୀ ସରଞ୍ଜାମ ମହଜୁଦ ବ୍ୟବସ୍ଥା ଗ୍ରହଣ ସହ ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ଲେଖାଏ କ୍ଷତିପୂରଣ ରାଶି ଦେବାକୁ ଆବେଦନରେ ଦର୍ଶାଯାଇଥିଲା। ସେହିପରି ୨୦୧୪ ଫେବୃୟାରୀରେ ଆଉ ଏକ ଡଙ୍ଗାବୁଡ଼ି ଦୁର୍ଘଟଣା ହୀରାକୁଦରେ ହୋଇଥିଲା। ଏଥିରେ ୩୧ ଜଣଙ୍କ ପ୍ରାଣହାନି ଘଟିଥିଲା। ଏହି ଘଟଣାରେ ହାଇକୋର୍ଟ ନିଜଆଡୁ ଏକ ମାମଲା ରୁଜୁ କରି ରାଜ୍ୟ ସରକାରଙ୍କୁ ପକ୍ଷଭୁକ୍ତ କରିଥିଲେ। ରାଜ୍ୟର ଅନ୍ୟ ଏକ ସ୍ଥାନରେ ୨୦୧୩ରେ ଘଟିଥିବା ଡଙ୍ଗାବୁଡ଼ି ନେଇ ଏକ ମାମଲା ମଧ୍ୟ ରୁଜୁ ହୋଇଥିଲା। ୩ଟି ଯାକ ମାମଲାର ଶୁଣାଣି ପୃଥକ ହେଉଥିଲା। ହେଲେ ଏସବୁ ମାମଲାଗୁଡ଼ିକର ଏକତ୍ର ଶୁଣାଣି ପାଇଁ ଫେବୃୟାରୀ ୧୩ରେ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ।

## ଜେଏସ୍‌ଡବ୍ଲ୍ୟୁ ପକ୍ଷରୁ ଆଦର୍ଶ ବିଦ୍ୟାଳୟକୁ ବସ୍ ପ୍ରଦାନ



ଓଡ଼ିଶା ଆଦର୍ଶ ବିଦ୍ୟାଳୟକୁ ବସ୍ ପ୍ରଦାନ କରାଯାଉଛି।

**ସମ୍ବଲପୁର, ୧୪।୧୧(ବି.ଶଙ୍କର)**

ଜେଏସ୍‌ଡବ୍ଲ୍ୟୁ ବିପିଏସ୍‌ଏଲ୍ ପକ୍ଷରୁ ସମ୍ବଲପୁର ଜିଲା ଧନକଉଡା ବ୍ଲକ ଅନ୍ତର୍ଗତ କଳାମାଟି (ବଡସିଂହାରୀ)ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟକୁ ମଙ୍ଗଳବାର ବସ୍ ପ୍ରଦାନ କରାଯାଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଜେଏସ୍‌ଡବ୍ଲ୍ୟୁ, ଜିଲା ପ୍ରଶାସନ, ସ୍ଥାନୀୟ ଜନପ୍ରତିନିଧି ଓ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ପ୍ରତିନିଧି ଉପସ୍ଥିତ ଥିଲେ।

ଛାତ୍ରୀଛାତ୍ରଙ୍କ ସୁବିଧାକୁ ଦୃଷ୍ଟିରେ ରଖି କମ୍ପାନୀ ବସ୍ ଯୋଗାଇ ଦେଇଛି। ଏହି ବସ୍ ରେଙ୍ଗାଲି, ବିଶାଳଖଣ୍ଡା, ଶାସନ, ତାଲବ, ଜାମଦାରପାଲି ଓ ଯୋଗୀପାଲି ଅଞ୍ଚଳର ଛାତ୍ରୀଛାତ୍ରଙ୍କ ପରିବହନ ଆବଶ୍ୟକତା ସୁଗମ କରିବା ପାଇଁ ଉଦ୍ଦିଷ୍ଟ। କମ୍ପାନୀର ସିଏସ୍‌ଆର୍ ବିଭାଗ ଆୟୋଜନରେ ଏହି ବସ୍‌କୁ ଅତିଥିମାନେ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ।

# ହୀରାକୁଦ ହିଣ୍ଡାଲ୍‌କୋ ପକ୍ଷରୁ ଶିଶୁ ଦିବସ

**ସମ୍ବଲପୁର, ୧୪।୧୧(ବି.ଶଙ୍କର)**

ହିଣ୍ଡାଲ୍‌କୋ ପାରିପାର୍ଶ୍ୱିକ ଉନ୍ନୟନ ବିଭାଗ ପକ୍ଷରୁ ହୀରାକୁଦ ପାୱାର କଲୋନୀ କମ୍ୟୁନିଟି ହଲଠାରେ ଶିଶୁ ଦିବସ ଅନୁଷ୍ଠିତ ହୋଇଯାଇଛି । ଏଥିରେ ହୀରାକୁଦ ସହରାଞ୍ଚଳ ଓ ଗ୍ରାମାଞ୍ଚଳର ୨୨ ବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ମାନବ ସମ୍ବଳ ମୁଖ୍ୟ ବିଶ୍ୱାସ ସିନ୍ଧେ, ସିଏସ୍‌ଆର୍ ଓଡ଼ିଶା କ୍ଲଷ୍ଟର ମୁଖ୍ୟ ଶିବ ଶଙ୍କର ମହାପାତ୍ର ଯୋଗଦେଇ ପଣ୍ଡିତ ଜବାହରଲାଲ ନେହେରୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ଓ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସୁକାନ୍ତ ପଣ୍ଡା, ଅଞ୍ଜଳି ତ୍ରିପାଠୀ, ବିଶ୍ୱଜିତ ବିଶ୍ୱରଞ୍ଜନ ମହନ୍ତ, ସୀମାରାଣୀ ମେହେର ବିଚାରକ ଥିଲେ। ହୀରାକୁଦ ସିଆର୍‌ସିସି



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ନମିତା ଧଳ, ଗଡ଼ମୁଣ୍ଡା ସିଆର୍‌ସିସି ସୁପ୍ରଭା ସ୍ୱାଇଁ, ସିଏସ୍‌ଆର୍ ମୁଖ୍ୟ ସୁକାନ୍ତ ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ । କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କମ୍ପାନୀର ପାରିପାର୍ଶ୍ୱିକ ଉନ୍ନୟନ ବିଭାଗ ମ୍ୟାନେଜର ଆନନ୍ଦ ଚକ୍ରବର୍ତ୍ତୀ, ଡେପୁଟି ମ୍ୟାନେଜର ଜିତେଶ ରଥ, ସରୋଜ କୁମାର ଆଚାର୍ଯ୍ୟ, ସନ୍ତୋଷ ତ୍ରିପାଠୀ ପ୍ରମୁଖ ପରିଚାଳନା କରିଥିଲେ । ହିଣ୍ଡାଲକୋ ସମ୍ବଲପୁର କ୍ଲଷ୍ଟର ମୁଖ୍ୟ କୈଳାଶ ନାଥ ପାଣ୍ଡେଙ୍କ ମାର୍ଗଦର୍ଶନ ଓ ଓଡ଼ିଶା କ୍ଲଷ୍ଟର ମାନବ ସମ୍ବଳ ମୁଖ୍ୟ କ୍ରୀଷ୍ଣା ପାଢ଼ୀଙ୍କ ଉପଦେଶ କ୍ରମେ କାର୍ଯ୍ୟକ୍ରମ ହୋଇଥିଲା।

# ୨ ମହିଳାଙ୍କ ସମେତ ୪ ଗିରଫ

**ଅବକାରୀ ବିଭାଗର ଚଢ଼ାଉ**

**ଦେଶୀମଦ ସହ କାର୍ ଜବତ**

**ସମ୍ବଲପୁର, ୧୪।୧୧ (ପ୍ରମୋଦ ବହିଦାର)**

ସମ୍ବଲପୁର ଅବକାରୀ ବିଭାଗର ସ୍ୱତନ୍ତ୍ର ଭ୍ରାମ୍ୟମାଣ ସ୍କ୍ୱାଡ୍ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୩୭୦ ଲିଟର ଦେଶୀମଦ ସହ ଏକ କାର୍ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ୨ ମହିଳାଙ୍କ ସମେତ ୪ ଜଣଙ୍କୁ ଗିରଫ କରାଯାଇଛି।

ସୂଚନା ଅନୁସାରେ ସୋମବାର ରାତିରେ ସମ୍ବଲପୁର ଅବକାରୀ ସ୍କ୍ୱାଡ୍ କର୍ମଚାରୀ ନୂଆମୁଣ୍ଡା ଛକରେ ଏକ ମାରୁତି କାର୍ (ଓଆର୧୫ପି-୯୭୯୯)କୁ ଅଟକାଇ ଯାଞ୍ଚ କରିଥିଲେ। ସେଥିରେ ଥିବା ପ୍ରାୟ ୩ ଶହ ଲିଟର ଦେଶୀମଦ ସହ କାର୍ ଜବତ କରିଥିଲେ। ସେହିପରି ଉକ୍ତ କାରରେ ବେଆଇନ ଭାବେ ଦେଶୀମଦ ଚାଲାଣ ଅଭିଯୋଗରେ ଧନୁପାଲି ଥାନା ଅନ୍ତର୍ଗତ ଚାରବାଟିର ନନ୍ଦୁ ଓରାମ(୩୨)ଙ୍କୁ ଗିରଫ କରାଯାଇଥିଲା।

ସେହିପରି ମୋବାଇଲ୍ ସ୍କ୍ୱାଡ୍ ରେଙ୍ଗାଲି ଥାନା ଅନ୍ତର୍ଗତ ବୋମାଲୋଇ କପିଳେଶ୍ୱରପଡ଼ା, ସାଲେପଡ଼ା ଓ ଗୁରୁପାଲରେ ଚଢ଼ାଉ କରି ୪୦ ଲିଟର ଦେଶୀମଦ ଜବତ କରି ସୁଦର୍ଶନ କିଷାନ(୪୬)ଙ୍କୁ ଗିରଫ କରିଥିଲା। ଅନୁରୂପ ଭାବେ ୧୬ ଲିଟର ଦେଶୀମଦ ସହ କୈଳାସିନୀ ଓରାମ(୪୫) ଓ ୧୪ ଲିଟର ଦେଶୀମଦ ସହ ବିଳାସିନୀ ରୋହିଦାସ ନାମ୍ନୀ ମହିଳାଙ୍କୁ ଗିରଫ କରିଥିଲା। ଏହାକୁ ନେଇ ଅବକାରୀ ବିଭାଗ ପକ୍ଷରୁ ୪ଟି ପୃଥକ୍ ମାମଲା ରୁଜୁ କରାଯାଇ ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ବିଭିନ୍ନ ସ୍ଥାନରେ ଶିଶୁଦିବସ

**ସମ୍ବଲପୁର, ୧୪।୧୧ (ଭବାନୀ ଶଙ୍କର ଭୋଇ)**

ପୂର୍ବତନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ଜନ୍ମଦିନ ଅବସରରେ ମଙ୍ଗଳବାର ବିଭିନ୍ନ ସ୍ଥାନରେ ଶିଶୁଦିବସ ପାଳିତ ହୋଇଯାଇଛି। ସିଦ୍ଧେଶ୍ୱର ବେର୍ଣ୍ଣା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପ୍ରଧାନ ଆଚାର୍ଯ୍ୟ ପିତାମ୍ବର ପ୍ରଧାନ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଆଚାର୍ଯ୍ୟ ରବୀନ୍ଦ୍ର ଶତପଥୀ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଆଚାର୍ଯ୍ୟ ଜୀବନାନନ୍ଦ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।

ଧନୁପାଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ଆୟୋଜିତ କାର୍ଯ୍ୟକ୍ରମକୁ ଲରମ୍ଭା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଧନେଶ୍ୱର ମେହେର ମୁଖ୍ୟଅତିଥି ଭାବରେ ଯୋଗଦେଇ ଶୁଭାରମ୍ଭ କରିଥିଲେ। ବିଦ୍ୟାଳୟର ଦେବେନ୍ଦ୍ର ପଣ୍ଡା ସଭାପତିତ୍ୱ କରିଥିବା ବେଳେ ପ୍ରଧାନ ଆଚାର୍ଯ୍ୟ ବିଭୁପ୍ରସାଦ ମହାପାତ୍ର, ଯୁଗ୍ମ ସମ୍ପାଦକ ଅଭିମନ୍ୟୁ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଝଙ୍କାର ଅନୁଷ୍ଠାନ ପକ୍ଷରୁ କ୍ଷେତରାଜପୁର ଅଗ୍ରସେନ ଭବନଠାରେ ଆୟୋଜିତ କାର୍ଯ୍ୟକ୍ରମରେ ସଭାପତି ଶ୍ରୀକାନ୍ତ ମିଶ୍ର, ସମ୍ପାଦକ ପ୍ରଭଞ୍ଜନ ବୈଠାରୁ, ଗୁରୁ ପଦ୍ମିନୀ ବୈଠାରୁ, ଗୁରୁ ରତନ ପୂଜାରୀ ପ୍ରମୁଖ ସାମିଲ ହୋଇଥିଲେ। ଏଥିରେ ୩୦ଜଣ ପ୍ରତିଯୋଗୀ ସମ୍ବଲପୁରୀ ଓ ଆଧୁନିକ ନୃତ୍ୟ ପରିବେଷଣ କରିଥିଲେ।

**ଶିଶୁଦିବସରେ କଳାକୃତୀ ପ୍ରଦର୍ଶନ**

**ସମ୍ବଲପୁର,(ପ୍ରମୋଦ ବହିଦାର):** ସମ୍ବଲପୁର ଦଲଦଲିପଡ଼ା-ଗ ସ୍ଥିତ ଅଙ୍ଗନୱାଡ଼ି କେନ୍ଦ୍ରରେ ଆୟୋଜିତ ଶିଶୁ ଦିବସ କାର୍ଯ୍ୟକ୍ରମରେ ସିଡିପିଓ ମିନତୀ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଅଙ୍ଗନୱାଡ଼ି କର୍ମୀ ଅନୀତା ବାଘଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ। କୁନି ପ୍ରତିଯୋଗୀମାନେ ସେମାନଙ୍କ କଳାକୃତୀ ପ୍ରଦର୍ଶନ କରିଥିଲେ।

**ଏବିସିଡି ଚାରିଟେବୁଲ୍ ଟ୍ରଷ୍ଟ**

ସମ୍ବଲପୁରର ଏବିସିଡି ଟ୍ରଷ୍ଟ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମଧୁରିମା ପାଣିଗ୍ରାହୀ ମୁଖ୍ୟ ଅତିଥି, ରାମଦାସ ପଣ୍ଡା ମୁଖ୍ୟବକ୍ତା ଓ ଡ. ପ୍ରଭାସ ଦେବତା ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଟ୍ରଷ୍ଟର ମୁଖ୍ୟ ସୁନୀଲ ସାଗର କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ।

**ରେଳବାଇ ମହିଳା କଲ୍ୟାଣ ସଂଗଠନ**

ପୂର୍ବତଟ ରେଳବାଇ ମହିଳା କଲ୍ୟାଣ ସଂଗଠନ ସମ୍ବଲପୁର ପକ୍ଷରୁ ପରିଚାଳିତ ଜ୍ୟାକ୍ ଆଣ୍ଡ ଜିଲ୍ ସ୍କୁଲ୍‌ରେ ଶିଶୁ ଦିବସ ପାଳିତ ହୋଇଯାଇଛି। ସଂଗଠନର ଅଧ୍ୟକ୍ଷା ଅଞ୍ଜନୀ ସିଂ ଏଥିରେ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଏହି ଅବସରରେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ ସଂଗଠନର ଉପାଧ୍ୟକ୍ଷା ରୁବିକା ସିଂଙ୍କ ସହିତ ଅନ୍ୟାନ୍ୟ ସଦସ୍ୟା ତଥା ସ୍କୁଲ୍‌ର ଶିକ୍ଷୟତ୍ରୀମାନେ ଉପସ୍ଥିତ ଥିଲେ।

# କୁଚ୍‌ବିହାର ଟ୍ରଫି, ପହଞ୍ଚିଲେ ଉଭୟ ଦଳର ଖେଳାଳି

**ସମ୍ବଲପୁର, ୧୪।୧୧(ବି.ଶଙ୍କର)**

ଚଳିତ ମାସ ୧୭ରୁ ୨୦ ତାରିଖ ପର୍ଯ୍ୟନ୍ତ ସମ୍ବଲପୁର ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମଠାରେ ପଣ୍ଡିଚେରୀ ଓ ଓଡ଼ିଆ ମଧ୍ୟରେ ୧୯ ବର୍ଷରୁ କମ କୁଚ ବିହାର ଟ୍ରଫି କ୍ରିକେଟ ମ୍ୟାଚ ହେବ। ଏଥି ସକାଶେ ପ୍ରସ୍ତୁତି କାର୍ଯ୍ୟ ଶେଷ ହୋଇଥିବାବେଳେ ଓଡିଶା ଓ ପଣ୍ଡିଚେରୀ ଦଳ ମଙ୍ଗଳବାର ରାତ୍ରିରେ ସମ୍ବଲପୁରରେ ପହଞ୍ଚିଛନ୍ତି। ବୁଧବାର ଉଭୟ ଦଳର ଖେଳାଳିମାନେ ନେଟ୍ସରେ ଅଭ୍ୟାସ କରିବେ। ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ ପ୍ରେସ ଗ୍ୟାଲେରୀଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲା କ୍ରୀଡା ସଂଘ କର୍ମକର୍ତ୍ତାମାନେ ଏହି ସୂଚନା ଦେଇଛନ୍ତି । ସେମାନେ ଆହୁରି କହିଥିଲେ ଯେ, ଓଡ଼ିଶା କ୍ରିକେଟ ଆସୋସିଏଶନ ପକ୍ଷରୁ ଏ ନେଇ ଅନୁମତି ମିଳିବା ପରେ ସମ୍ବଲପୁର ଜିଲା କ୍ରୀଡ଼ା ସଂଘ ପକ୍ଷରୁ ସମସ୍ତ ପ୍ରକାର ପ୍ରସ୍ତୁତି କରାଯାଇଛି। ଖବରଦାତା ସମ୍ମିଳନୀରେ ଜିଲା କ୍ରୀଡା ସଂଘ ଉପସଭାପତି ଦୁଲାଲ ଚନ୍ଦ୍ର ପ୍ରଧାନ, ସାଧାରଣ ସମ୍ପାଦକ ସୁନିଲ କୁମାର ସାହୁ, କ୍ରିକେଟ ସମ୍ପାଦକ ଅଭିନାଶ ନନ୍ଦ, ଆଥଲେଟିକ ସମ୍ପାଦକ ବିକାଶ କୁମାର ମିଶ୍ର, କାଉନସିଲ ସଭ୍ୟ ମହମ୍ମଦ ଇସାକ ପ୍ରମୁଖ ଉପସ୍ଥିତ ଥିଲେ ।



ସଂଘ କର୍ମକର୍ତ୍ତାମାନେ ମ୍ୟାଚ ବିଷୟରେ ସୂଚନା ଦେଉଛନ୍ତି।


**THE HIGH COURT OF ORISSA, CUTTACK**

**SHORT TENDER NOTICE**

No.18000 Date: 14.11.2023

The High Court of Orissa invites tender in sealed covers from interested bidders for running Cafeteria inside the High Court premises for the Staffs, Counsel and Litigants etc.

1. Last date for submission of bid: **05.12.2023** before **4.00 P.M.**
2. Opening of bids: **06.12.2023** at **3.00 P.M.**

For detail terms and conditions of the tender Notice No.17998 on Dtd.14.11.2023 bidders may visit the High Court of Orissa website www.orissahighcourt.nic.in.

**Sd./- Assistant Registrar (Admin.)**
**High Court of Orissa, Cuttack**



## ଓଡ଼ିଶା ସରକାର
## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଯାଜପୁର
### ଅଧିସୂଚନା

**File No. COL//JAJ/XII/1/22/112/LA/(Rly)** **Dated: 18.10.2023**

No. XXIV-29: ଯେହେତୁ ଓଡ଼ିଶା ସରକାରଙ୍କ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯାଜପୁର ଜିଲ୍ଲାରେ ଡୁବୁରି ଷ୍ଟେସନଠାରୁ ଟାଟା ଷ୍ଟିଲ କଳିଙ୍ଗନଗର ମଧ୍ୟରେ ରେଳ ସଂଯୋଗୀକରଣ ପ୍ରକଳ୍ପ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ, ମୌଜା: ବାରାଗଡ଼ିଆ, ଥାନା: ସୁକିନ୍ଦା ନଂ. ୨୩୬, ତହସିଲ: ସୁକିନ୍ଦା, ଜିଲ୍ଲା: ଯାଜପୁରରେ ନିମ୍ନ ତଫସିଲମତେ ପ୍ରାୟ ଏ୧.୩୬୦ ଭୂମି ଅର୍ଜନ ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଇଅଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟରେ ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

### ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ: ଯାଜପୁର ଜିଲ୍ଲାରେ ଡୁବୁରି ଷ୍ଟେସନଠାରୁ ଟାଟା ଷ୍ଟିଲ କଳିଙ୍ଗନଗର ମଧ୍ୟରେ ରେଳ ସଂଯୋଗୀକରଣ ପ୍ରକଳ୍ପ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ: Dy. C.E./Con/RSW&L East Coast Railway, Bhubaneswar.
୩. କ୍ଷତିଗ୍ରସ୍ତ ଲୋକଙ୍କ ଆବଶ୍ୟକତାର କାରଣ: ଯାଜପୁର ଜିଲ୍ଲାରେ ଡୁବୁରି ଷ୍ଟେସନଠାରୁ ଟାଟା ଷ୍ଟିଲ କଳିଙ୍ଗନଗର ମଧ୍ୟରେ ରେଳସଂଯୋଗୀକରଣ ପ୍ରକଳ୍ପ ନିମନ୍ତେ।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ: ଓଡ଼ିଶା ସରକାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଘୋଷଣା ନାମା ଚିଠି ସଂଖ୍ୟା ୩୩୧୭୮/୧୫।୦୯।୨୦୨୩ ପ୍ରକାରେ ଭୂମି ଅଧିଗ୍ରହଣ ନିମନ୍ତେ ୮(୨) ଧାରାରେ ଅନୁମୋଦନ ହୋଇଅଛି।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ: ଉପ-ଜିଲ୍ଲାପାଳ, ଯାଜପୁର।
୬. ଜମିର ବିବରଣୀ:

### (ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)
### ଜିଲ୍ଲା: ଯାଜପୁର

| କ୍ରମିକ ନମ୍ବର | ଗ୍ରାମର ନାମ | ତହସିଲ | ଖାତା ନମ୍ବର | ପ୍ଲଟ ନମ୍ବର | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ୧ | ସଂସାଇଲୋ | ସୁକିନ୍ଦା | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ.୫୯.୫୯୦ | ଏଥି ସହିତ ସଂଲଗ୍ନ |
| ୨ | ଓଲିଆ | ସୁକିନ୍ଦା | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ.୮.୨୦୦ | ଏଥି ସହିତ ସଂଲଗ୍ନ |
| ୩ | ଅଭୟପୁର | ସୁକିନ୍ଦା | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ.୧୩.୮୯୦ | ଏଥି ସହିତ ସଂଲଗ୍ନ |
| ୪ | ହାତିମୁଣ୍ଡା | ସୁକିନ୍ଦା | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ.୩୬.୮୩୦ | ଏଥି ସହିତ ସଂଲଗ୍ନ |
| ୫ | ଗୋବରଘାଟି | ସୁକିନ୍ଦା | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ.୧୧.୪୦୦ | ଏଥି ସହିତ ସଂଲଗ୍ନ |
| ୬ | ବାରାଗାଡ଼ିଆ | ସୁକିନ୍ଦା | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ.୧.୩୬୦ | ଏଥି ସହିତ ସଂଲଗ୍ନ |
| ୭ | ଡୁବୁରି | ସୁକିନ୍ଦା | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ.୪.୦୩୦ | ଏଥି ସହିତ ସଂଲଗ୍ନ |
| | ମୋଟ | | | | | | ଏ.୧୩୫.୩୦୦ | |

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ଅଧିକାରୀ, ଅନୁଗୋଳ-ଡୁବୁରି-ସୁକିନ୍ଦା ନୂତନ ଓସାରିଆ ରେଳପଥ କାର୍ଯ୍ୟାଳୟ, ଯାଜପୁର ରୋଡ୍, ଯାଜପୁର କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି ଯାଜପୁର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- ଜିଲ୍ଲାପାଳ, ଯାଜପୁର

### ଜମି ଅନୁସୂଚୀ
### ବ୍ୟକ୍ତିଗତ ଜମି

**ମୌଜା: ବାରାଗଡ଼ିଆ, ତହସିଲ: ସୁକିନ୍ଦା, ଥାନା: ସୁକିନ୍ଦା, ଥାନା ନମ୍ବର: ୨୩୬, ଜିଲ୍ଲା: ଯାଜପୁର**

| କ୍ର. ନମ୍ବର | ଖାତା ନମ୍ବର | ପ୍ଲଟ ନମ୍ବର | କିସମ | ପ୍ରଜାର ନାମ, ପିତାର ନାମ, ଜାତି ଓ ବାସସ୍ଥାନ | ମୋଟ ରକବା ଏକର | ଅର୍ଜିତ ରକବା ଏକର |
|---|---|---|---|---|---|---|
| ୧ | | ୬୧୯ | ତଇଲା | ଲେଙ୍କା ମଲିକ, ପି.: କଣ୍ଠି ମଲିକ, ବା: ନିଜଗାଁ, ଲଖଣ ମଲିକ, ପି.: ବିଜନ୍ଦ୍ର ମଲିକ, ଜାତି: ପାଣ, ଗ୍ରାମ: ନଡ଼ିଆଭଙ୍ଗା | ୧୧.୦୦୦ | ୧.୩୬୦ |
| | | | | TOTAL = | 11.000 | 1.360 |

ସ୍ୱା./- ଜିଲ୍ଲାପାଳ, ଯାଜପୁର

ସ୍ୱା./- ଭୂ-ଅର୍ଜନ ଅଧିକାରୀ
ଅନୁଗୋଳ-ଡୁବୁରି-ସୁକିନ୍ଦା ରୋଡ଼
ଅଣଓସାରିଆ ରେଳପଥ, ଯାଜପୁର

OIPR-24163/14/0029/2324



**Government of Odisha "e" Procurement Notice**
**WORKS DEPARTMENT** No. B-1258

**Bid Identification No. C.C.E.K.C., Keonjhar No. 40/2023-24**
**e-mail: ccekeonjharpwdcircle@gmail.com / sekcpwd_keonjhar@yahoo.com**
**Letter No. 6149** **Dt. 08.11.2023**

1. Name of the Work : Construction of New Bar Hall with Amenity Center at Sundargarh, Odisha for the year 2023-24.
2. Estimated Cost : Rs.373.30 lakhs
3. Class of Contractor : "A" Class
4. Period of Completion : 06 (Six) Calendar Months
5. Date and time of availability of Bid document in the Portal : From 11.00 hours of 15.11.2023 to 16.00 hours of 28.11.2023
6. Last date/time for receipt of bids in the Portal : 16.00 hours of 28.11.2023
7. Date of Opening of Bid from Portal : 11.30 hours on 29.11.2023
8. Name and Address of the Officer Inviting Bid : Chief Construction Engineer, Keonjhar (R&B) Circle, Keonjhar - 758001

Further details can be seen from the e-procurement portal "**http://tendersodisha.gov.in**".

**Sd./- Chief Construction Engineer**
**Keonjhar (R&B) Circle, Keonjhar**

OIPR-34033/11/0056/2324



**Government of Odisha "e" Procurement Notice**
**WORKS DEPARTMENT** No. B-1257

**Bid Identification No. C.C.E.K.C., Keonjhar No. 41/2023-24**
**e-mail: ccekeonjharpwdcircle@gmail.com / sekcpwd_keonjhar@yahoo.com**
**Letter No. 6176** **Dt. 10.11.2023**

1. Name of the Work : Strengthening to Jhumpura By-pass Road (Old NH-215) in the District of Keonjhar under DMF for the year 2023-24.
2. Estimated Cost : Rs.193.49 lakhs
3. Class of Contractor : "B" & "A" Class
4. Period of Completion : 04 (Four) Calendar Months
5. Date and time of availability of Bid document in the Portal : From 11.30 hours of 15.11.2023 to 16.00 hours of 28.11.2023
6. Last date/time for receipt of bids in the Portal : 16.00 hours of 28.11.2023
7. Date of Opening of Bid from Portal : 11.30 hours on 29.11.2023
8. Name and Address of the Officer Inviting Bid : Chief Construction Engineer, Keonjhar (R&B) Circle, Keonjhar - 758001

Further details can be seen from the e-procurement portal "**http://tendersodisha.gov.in**".

**Sd./- Chief Construction Engineer**
**Keonjhar (R&B) Circle, Keonjhar**

OIPR-34033/11/0057/2324



## ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

ଆକାଶ ଶୋଭା ବିଲ୍ଡିଂ, ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର - ୭୫୧୦୦୧

ପତ୍ର ସଂଖ୍ୟା: 44710/ଭୁ.ଉ.କ., ଭୁବନେଶ୍ୱର ତା: ୨୬।୧୦।୨୦୨୩ରିଖ
CPM-II-657/84

### ସୂଚନା

No. CAD-2830: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଚନ୍ଦ୍ରଶେଖରପୁର ଫେଜ୍-୧ ଆପାର୍ଟମେଣ୍ଟ ହାଉସିଂ ସ୍କିମ୍, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର ଅନ୍ତର୍ଗତ ଗୃହ ନଂ. MIG-II-F-13/37କୁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟ ଆଦେଶ ସଂଖ୍ୟା ୫୧୬୫/ଏ.ଏଲ୍ ତା୦୭।୦୯।୧୯୯୯ରିଖ ଅନୁଯାୟୀ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ଆବଣ୍ଟନଗ୍ରାହୀ ଶ୍ରୀ ସୁବ୍ରତ କରଙ୍କ ନାମରୁ ଶ୍ରୀ ଉପେନ୍ଦ୍ର ମିଶ୍ର, ପିତା: ସ୍ୱର୍ଗତ ଅଭିମନ୍ୟୁ ମିଶ୍ର, ଗ୍ରାମ: ସିଦ୍ଧେଶ୍ୱରପୁର, ପୋଷ୍ଟ: ରାମବାଘ, ଥାନା/ଜିଲ୍ଲା: ଯାଜପୁର, ରାଜ୍ୟ: ଓଡ଼ିଶାଙ୍କ ନାମରେ ଆବଣ୍ଟନ ପରିବର୍ତ୍ତନ କରାଯାଇଥିଲା।

ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀ ଉପେନ୍ଦ୍ର ମିଶ୍ର ଉକ୍ତ ଗୃହକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀ କ୍ଷୀରୋଦ କୁମାର ନନ୍ଦ, ପିତା: ମନମଥ ନନ୍ଦ, ଗ୍ରାମ: ହିଜିଲି, ପୋଷ୍ଟ: ବାଉଟିବେଢ଼ା, ଥାନା: ବିଶୋଇ, ଜିଲ୍ଲା: ମୟୂରଭଞ୍ଜ - ୭୫୭୦୩୩, ଓଡ଼ିଶାଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ନିମନ୍ତେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।

ଏଣୁ ଉକ୍ତ ଗୃହର ତୃତୀୟପକ୍ଷ ଅନ୍ତରୀଣ ଆଧାରରେ ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ୍ ପ୍ରକାଶନର ୧୫ (ପନ୍ଦର) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ ସମ୍ପାଦନ କରାଯିବ।

ସ୍ୱା./- ଆବଣ୍ଟନ ଅଧିକାରୀ-୧
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

OIPR-13033/11/0416/2324

# ନାବାଳିକ ବଳାତ୍କାରୀଙ୍କୁ ୧୦ବର୍ଷ ଜେଲ

ବଲାଙ୍ଗୀର,୧୪।୧୧(ବୀରେନ୍ଦ୍ର କୁମାର ଝାଙ୍କର)

## ୪୦ ହଜାର ଜରିମାନା

ବଲାଙ୍ଗୀର ସ୍ୱତନ୍ତ୍ର ପୋକ୍ସୋ କୋର୍ଟରେ ମଙ୍ଗଳବାର ଏକ ବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି। ପୋକ୍ସୋ କୋର୍ଟ ଜଜ୍ ଗୋପବନ୍ଧୁ ଗଡନାୟକ ୧୪ ବର୍ଷର ଜଣେ ନାବାଳିକାଙ୍କୁ ବଳାତ୍କାର ଅଭିଯୋଗରେ ପ୍ରେମରାଜ ବରାଡ (୩୦)ଙ୍କୁ ଦୋଷୀ ସାବ୍ୟସ୍ତ କରି ୧୦ ବର୍ଷ ଜେଲ ଏବଂ ୪୦ ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ଶୁଣାଇଥିଲେ। ଗତ ୨୦୧୭ ମସିହାରେ ବଲାଙ୍ଗୀର ସହରର ହାଟପଦାପଡାର ପ୍ରେମରାଜ ଜଣେ ନାବାଳିକାଙ୍କୁ ବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା। ଏନେଇ ଟାଉନ୍ ଥାନାରେ ଏକ ମାମଲା (୨୯୧/୧୭) ରୁଜୁ ହୋଇଥିଲା। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ପୀଡ଼ିତାଙ୍କୁ ୪ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରିବା ପାଇଁ ପୋକ୍ସୋ କୋର୍ଟ ଜଜ୍ ଗଡନାୟକ ଜିଲା ଆଇନ ସେବା ପ୍ରାଧିକରଣ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାକୁ ପୋକ୍ସୋ କୋର୍ଟ ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର ପ୍ରିୟରଞ୍ଜନ ବହିଦାର ପରିଚାଳନା କରିଥିଲେ।

# ଆହତ ଛାତ୍ରୀ ନିର୍ମଳା ସୁନାଙ୍କୁ ନ୍ୟାୟ ଦିଅ

ବଲାଙ୍ଗୀର,୧୪।୧୧(ବୀରେନ୍ଦ୍ର କୁମାର ଝାଙ୍କର)

## ଏସପିଙ୍କୁ ଏଆଇଡିଏସ୍‌ଓର ଦାବିପତ୍ର

ବଲାଙ୍ଗୀର ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁକ୍ତ ୨ପ୍ରଥମ ବର୍ଷ ଛାତ୍ରୀ ନିର୍ମଳା ସୁନା ଗତ ସେପ୍ଟେମ୍ବର ୧୧ ତାରିଖରେ ପଢିବାକୁ ଯାଉଥିବା ବେଳେ ବ୍ଲକ ଛକରେ ଏକ ଶ୍ରମିକ ବୋଝେଇ ଟାଟା ଏସ୍‌ଇ ଗାଡି ତାଙ୍କୁ ଧକ୍କା ଦେଇଥିଲା। ଏଥିରେ ସେ ଗୁରୁତର ଆହତ ହୋଇଥିଲେ। ମେଡିକାଲ ଟେଷ୍ଟ ରିପୋର୍ଟ ଅନୁସାରେ ତାଙ୍କର ଯକୃତ, ଉଭୟ କିଡନୀ, ଡାହାଣ ପାର୍ଶ୍ୱର ପଞ୍ଜରା ହାଡ, ଏଡ୍ରିନାଲ ଗ୍ରନ୍ଥି ଏବଂ ବାମ ବାହୁରେ ମାଂସପେଶୀ ବାହାରି ଯାଇଛି। କିନ୍ତୁ ଏପର୍ଯ୍ୟନ୍ତ ଦୁର୍ଘଟଣା ଘଟାଇଥିବା ଗାଡି ମାଲିକ ଆହତ ଛାତ୍ରୀଙ୍କ ଚିକିତ୍ସା ଭାର ବହନ କରିନାହାନ୍ତି। ଏପରିକି ପ୍ରଶାସନ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହାନ୍ତି। ଦୁର୍ଘଟଣାକୁ ୨ ମାସ ହୋଇଯାଇଛି। ଗାଡି ମାଲିକ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଆହତ ଛାତ୍ରୀଙ୍କ ଚିକିତ୍ସା ଖର୍ଚ୍ଚ ଏବଂ ଛାତ୍ରୀ ସୁସ୍ଥ ହେବା ପର୍ଯ୍ୟନ୍ତ ଚିକିତ୍ସାର ସମସ୍ତ ଖର୍ଚ୍ଚ ବହନ କରିବା ଦିଗରେ ପଦକ୍ଷେପ ନେବା ପାଇଁ ଏଆଇଡିଏସ୍‌ଓ ଜିଲା କମିଟି ପକ୍ଷରୁ ମଙ୍ଗଳବାର ଏସ୍‌ପିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ଆଗାମୀ ଏକ ସପ୍ତାହ ମଧ୍ୟରେ ଉପଯୁକ୍ତ ପଦକ୍ଷେପ ଗ୍ରହଣ ନ କଲେ ଆନ୍ଦୋଳନ କରାଯିବ ବୋଲି ଜିଲା ସମ୍ପାଦକ ମଧୁସୂଦନ ବାଗ, ରାଜ୍ୟ ଉପସଭାପତି ସୁନୀଲ ଭୋଇ, ଛାତ୍ରୀ ଗୌରୀ ରାଉତ, ଛାତ୍ର ନେତା ସିଦ୍ଧାନ୍ତ ମହାକୁର ଚେତାବନୀ ଦେଇଛନ୍ତି।

# ଏସି ବଗିରେ ଲାଗିଲା ନିଆଁ

ପୁରୀ,୧୪।୧୧
(ଅଜିତ୍ ମହାନ୍ତି)



କିଛି ମାସର ବ୍ୟବଧାନ ପରେ ପୁଣି ପୁରୀ ରେଳ ଷ୍ଟେଶନରେ ଅଗ୍ନିକାଣ୍ଡ ଘଟିଛି। କୋଚିଂ ଡିପ୍‌ରେ ମରାମତି ପାଇଁ ଥିବା ଦୁଇଟି ଏସି ବଗିରେ ନିଆଁ ଲାଗିବା ଫଳରେ ଗୋଟିଏ ବଗି ଜଳିଯାଇଛି। ଖବରପାଇ ଅଗ୍ନିଶମ ବାହିନୀ ଆସି ନିଆଁକୁ ଆୟତ୍ତ କରିଥିଲେ। ଘଟଣା ସମ୍ପର୍କରେ ଜିଆର୍‌ପି ଥାନା ଅଧିକାରୀ ସନ୍ତୋଷ କୁମାର ବାହିନୀପତି କହିଛନ୍ତି, ମଙ୍ଗଳବାର ମଧ୍ୟାହ୍ନ ପ୍ରାୟ ୧୨ଟା ୩୦ ମିନିଟ୍‌ରେ ଏହି ଅଗ୍ନିକାଣ୍ଡ ଘଟିଥିବା ସୂଚନା ମିଳିଥିଲା। ଅଗ୍ନିକାଣ୍ଡ ଯୋଗୁ ଷ୍ଟେଶନରେ ଥିବା ଯାତ୍ରୀଙ୍କ ମଧ୍ୟରେ ଭୟର ବାତାବରଣ ଖେଳିଯାଇଥିଲା। ପୁରୀ ରେଳ ଷ୍ଟେଶନ କୋଚିଂ ଡିପୋରେ ଥିବା ବଗିଗୁଡ଼ିକର ମରାମତି ଚାଲିଥିବା ସମୟରେ ହଠାତ୍ କୋଚିଂ ଡିପୋର ୱାଶିଂ ଲାଇନର ଏକ ବଗିରେ ତଳପାଖରୁ ନିଆଁ ଲାଗିଯାଇଥିଲା। ପରେ ନିଆଁ କ୍ଷିପ୍ର ବେଗରେ ବ୍ୟାପିବା ସହ ଷ୍ଟେଶନ ପରିସର ଧୂଆଁମୟ ହୋଇଯାଇଥିଲା। ରେଳବାଇ ଅଧିକାରୀ, ମେକାନିକ୍, ଆରପିଏଫ୍ ଓ ଜିଆରପି ନିଆଁକୁ ଆୟତ୍ତ କରିବା ପାଇଁ ଚେଷ୍ଟା କରିଥିଲେ। ନିଆଁ ଲାଗିଥିବା ବଗିରୁ ଅନ୍ୟ ବଗିକୁ ତୁରନ୍ତ ଅଲଗା କରି ଦିଆଯାଇଥିଲା। ଅଗ୍ନିଶମ ବିଭାଗର ଦୁଇଟି ଗାଡ଼ିକୁ ନିଆଁଲିଭା କାର୍ଯ୍ୟରେ ନିୟୋଜିତ କରାଯାଇ ପ୍ରାୟ ୨୦ରୁ ୨୫ ମିନିଟ୍ ଭିତରେ ନିଆଁକୁ ସମ୍ପୂର୍ଣ୍ଣ ଭାବେ ଆୟତ୍ତ କରାଯାଇଥିଲା। ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣାପଡ଼ି ନ ଥିଲେ ବି ଶର୍ଟ ସର୍କିଟ୍ ଯୋଗୁ ନିଆଁ ଲାଗିଥିବା ଅନୁମାନ କରାଯାଉଛି। ତେବେ ରେଳବାଇର ତଦନ୍ତ ଟିମ୍ ଆସି ଅଗ୍ନିକାଣ୍ଡ ସମ୍ପର୍କରେ ଅନୁଧ୍ୟାନ କରି ରିପୋର୍ଟ ଦେବ। ସେହିପରି ଅଗ୍ନିଶମ ବିଭାଗ ଆସିଷ୍ଟାଣ୍ଟ ଫାୟାର ଅଫିସର ପ୍ରସନ୍ନ ବେହେରା କହିଛନ୍ତି, ଏହି ଅଗ୍ନିକାଣ୍ଡରେ କୌଣସି ବ୍ୟକ୍ତିଙ୍କର କିଛି ବି କ୍ଷତି ହୋଇନାହିଁ। ତେଣୁ ଭୟଭୀତ ହେବାର କାରଣ ନାହିଁ।

# ବିପଦରେ ଛୁଆହାତୀ



ବନ ବିଭାଗ କର୍ମଚାରୀ ଓ ପ୍ରାଣୀ ଚିକିତ୍ସକ ଦଳ।

କେନ୍ଦୁଝର,୧୪।୧୧
(ନରେଶ ଚନ୍ଦ୍ର ପଟ୍ଟନାୟକ)

- ପଲରେ ବୁଲୁଥିବାରୁ ହୋଇପାରୁନି ଚିକିତ୍ସା
- ପାଖକୁ ଯାଇପାରୁନି ବନ ବିଭାଗ

କେନ୍ଦୁଝର ବନାଞ୍ଚଳ ମଇଦାନକେଲ ସଂରକ୍ଷିତ ଜଙ୍ଗଲରେ ବୁଲୁଥିବା ଆହତ ଛୁଆହାତୀର ଏପର୍ଯ୍ୟନ୍ତ ଚିକିତ୍ସା ହୋଇପାରିନାହିଁ। ଛୁଆହାତୀ ପଲ ଭିତରେ ରହୁଥିବା ବେଳେ ମା' ହାତୀ ତାକୁ ଛାଡ଼ି କୁଆଡ଼େ ଯାଉନାହିଁ। ଛୁଆହାତୀକୁ ଅନ୍ୟ ହାତୀ ଘେରି ରଖିଥିବାରୁ ବନ କର୍ମଚାରୀ ଓ ପ୍ରାଣୀ ଚିକିତ୍ସକ ପାଖକୁ ଯାଇପାରୁନାହାନ୍ତି। ଫଳରେ ତା'ର ଅବସ୍ଥା ଧୀରେ ଧୀରେ ଗୁରୁତର ହୋଇ ପଡୁଥିବାରୁ ଜୀବନ ପ୍ରତି ବିପଦ ଦେଖାଦେଇଛି। ଏହା ବନ ବିଭାଗ ପାଇଁ ଚିନ୍ତାର କାରଣ ହୋଇଛି।

ସୂଚନା ଅନୁଯାୟୀ, ୬ ମାସର ଏକ ଛୁଆହାତୀର ଗୋଡ଼ରେ ଆଘାତ ଯୋଗୁ ଛୋଟେଇ ଛୋଟେଇ ଚାଲୁଥିବା ବେଳେ ଯନ୍ତ୍ରଣାରେ ଛଟପଟ ହେଉଛି। ହାତୀପଲ ଉକ୍ତ ଛୁଆକୁ ଘେରି ରହି ଠେଲି ଠେଲି ଏବଂ ଶୁଣ୍ଢରେ ଟେକି ନେବା ଆଣିବା କରୁଛନ୍ତି। ଗୋଡ଼ରେ ଏକ ପ୍ଲାଷ୍ଟିକ ରସି ଗୁଡ଼େଇ ହୋଇଥିବା ଆଶଙ୍କା କରାଯାଉଛି। ଉକ୍ତ ରସି ଚାପିହୋଇଯାଇଥିବାରୁ ଗୋଡ଼ ଫୁଲିଯାଇ ଏଭଳି ଅବସ୍ଥା ସୃଷ୍ଟି ହୋଇଛି ବୋଲି ବନ ବିଭାଗ ପକ୍ଷରୁ ସୂଚନା ମିଳିଛି। ଥର୍ମାଲ କ୍ୟାମେରା ଏବଂ ବାଇନାକୁଲାର ବ୍ୟବହାରକରି ବନ ବିଭାଗ ହାତୀ ଛୁଆର ନିରୀକ୍ଷଣ କରୁଛି। ୧୨ ଟିକିଆ ହାତୀପଲରେ ୫ଟି ଛୁଆହାତୀ ଥିବା ବେଳେ ଉକ୍ତ ହାତୀଟି ସବୁଠାରୁ ସାନ ବୋଲି ଜଣାପଡ଼ିଛି। ଚିକିତ୍ସା ପାଇଁ ଉକ୍ତ ସ୍ଥାନରେ ପ୍ରାଣୀ ଚିକିତ୍ସକଙ୍କ ଏକ ଦଳ ଉପସ୍ଥିତ ରହିଛନ୍ତି। ଏସିଏଫ୍ ଅଶୋକ ଦାସ କହିଛନ୍ତି, ଚିକିତ୍ସା ପାଇଁ ୧୦ରୁ ୧୫ ମିନିଟ୍ ସମୟ ଆବଶ୍ୟକ। ପ୍ରାଣୀ ଚିକିତ୍ସକ ଦଳ ପ୍ରସ୍ତୁତ ଅଛନ୍ତି। ସୁଯୋଗକୁ ଅପେକ୍ଷା କରାଯାଇଛି। ଏବେ ପାଖକୁ ଗଲେ ଉତ୍ତ୍ୟକ୍ତ ହାତୀପଲ ଆକ୍ରମଣ କରିବା ଆଶଙ୍କା ରହିଛି। ଅନ୍ୟପକ୍ଷରେ ଯେତେବେଳେ କୌଣସି ହାତୀ ଆଉ ସୁସ୍ଥ ହେବ ନାହିଁ ବୋଲି ପଲ ଭାବେ ଅସୁସ୍ଥ ହାତୀଙ୍କୁ ଛାଡ଼ି ଚାଲିଯାଆନ୍ତି। ଏଣୁ ଏଭଳି ଘଟିବା ସମ୍ଭାବନା ରହିଥିବାରୁ ବନ ବିଭାଗ ଏହି ସମୟକୁ ମଧ୍ୟ ଅପେକ୍ଷା କରିଛି। ସୂଚନାଯୋଗ୍ୟ, କିଛିଦିନ ତଳେ ଭୂୟାଁ ଜୁଆଙ୍ଗ ପୀଢ଼ ରେଞ୍ଜ ଅଞ୍ଚଳରେ ଏକ ଛୁଆହାତୀ ଖାଲରେ ପଡ଼ିଯାଇଥିଲା। ହାତୀପଲରେ ଥିବା ମା' ହାତୀ ଛୁଆକୁ ଉଠାଇ ନେବାକୁ ଉଦ୍ୟମକରି ବିଫଳହେବାରୁ ଛାଡ଼ି ଚାଲିଯାଇଥିଲା। ପରେ ଛୁଆହାତୀ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରିଥିଲା। ସେହିପରି କିଛି ମାସ ତଳେ ପାଟଣା ରେଞ୍ଜ ସୀମାନ୍ତ ମୟୂରଭଞ୍ଜ ଜିଲାରେ ଏକ ଛୁଆହାତୀ ଖାଲରେ ପଡ଼ିଯାଇଥିଲା। ବନ ବିଭାଗ ପକ୍ଷରୁ ତାକୁ ଉଦ୍ଧାର କରାଯାଇ ଚିକିତ୍ସା ପରେ ନନ୍ଦନକାନନ ପଠାଇ ଦିଆଯାଇଥିଲା।

# ଶୁଭେନ୍ଦ୍ର ମୋହନ ଶ୍ରୀଚନ୍ଦନ ସିଂଙ୍କ ପରଲୋକ

ରେଢ଼ାଖୋଲ, ୧୪।୧୧
(ଅଚ୍ୟୁତାନନ୍ଦ ପୁରୋହିତ)

## ୨୦୧୭ରେ କେନ୍ଦ୍ର ସାହିତ୍ୟ ଏକାଡେମୀ ବାଲ୍ ସାହିତ୍ୟ ପୁରସ୍କାର ପାଇଥିଲେ



ବିଶିଷ୍ଟ ଶିଶୁ ସାହିତ୍ୟିକ ତଥା ଓଡ଼ିଆ ଭାଷାତତ୍ତ୍ୱ ଲେଖକ ଡ. ଶୁଭେନ୍ଦ୍ର ମୋହନ ଶ୍ରୀଚନ୍ଦନ ସିଂଙ୍କର ମଙ୍ଗଳବାର ପରଲୋକ ଘଟିଛି। ସୋମବାର ରାତି ପ୍ରାୟ ୨ଟା ବେଳେ ମହାରାଷ୍ଟ୍ରର ନାଗପୁରସ୍ଥିତ ତାଙ୍କ ବଡପୁଅ ପ୍ରଫେସର ଶୈଳାଦିତ୍ୟ ବିକାଶ ଶ୍ରୀଚନ୍ଦନ ସିଂଙ୍କ ବାସଭବନରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ତାଙ୍କୁ ୯୧ ବର୍ଷ ବୟସ ହୋଇଥିଲା। ତାଙ୍କ ଶେଷ ଇଚ୍ଛାପତ୍ର ଅନୁଯାୟୀ ତାଙ୍କ ମରଶରୀରକୁ ନାଗପୁର ମେଡିକାଲ କଲେଜକୁ ଦାନ କରାଯାଇଛି।

୧୯୩୩ ମସିହା ଅଗଷ୍ଟ ୬ତାରିଖରେ ଅନୁଗୋଳ ଜିଲା ଆଠମଲିକ ଉପଖଣ୍ଡର ପାପସରା ଗ୍ରାମରେ ଶୁଭେନ୍ଦ୍ର ମୋହନ ଜନ୍ମଗ୍ରହଣ କରିଥିଲେ। ସେ ତାଙ୍କ ଗ୍ରାମ ପାପସରାରେ ପ୍ରାଥମିକ ଶିକ୍ଷା ପରେ ଆଠମଲ୍ଲିକରେ ହାଇସ୍କୁଲ ଶିକ୍ଷା ଓ ପରେ କଟକସ୍ଥିତ ଶିକ୍ଷକ ତାଲିମ ସେକେଣ୍ଡାରୀ ଟ୍ରେନିଂ ସ୍କୁଲ ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟରେ ବିଏ, ଏମ୍‌ଏ, ବି.ଏଡ୍, ପିଏଚ୍‌ଡି କରିଥିଲେ। ସରକାରଙ୍କ ଶିକ୍ଷା ବିଭାଗରେ ଶିକ୍ଷକତାରୁ ଚାକିରି ଆରମ୍ଭ କରି ୧୯୯୩ରେ ଓଡ଼ିଶା ମାଧ୍ୟମିକ ଶିକ୍ଷା ବୋର୍ଡରୁ ଓଡ଼ିଆ ଭାଷା, ସାହିତ୍ୟ ଓ ଶିକ୍ଷଣ ବିଶେଷଜ୍ଞ ପଦବୀରୁ ଅବସର ନେଇଥିଲେ। ୨୦୧୦ରେ ସେ ଓଡ଼ିଶା ସାହିତ୍ୟ ଏକାଡେମୀ ଏବଂ ୨୦୧୭ରେ କେନ୍ଦ୍ର ସାହିତ୍ୟ ଏକାଡେମୀ ବାଲ୍ ସାହିତ୍ୟ ପୁରସ୍କାରରେ ସମ୍ମାନିତ ହୋଇଥିଲେ। ସେ ଏକାଧାରରେ ଜଣେ ଶିଶୁ ସାହିତ୍ୟିକ, ଲେଖକ, ଗାଳ୍ପିକ ଏବଂ ଅନୁବାଦକ ଥିଲେ। ରେଢ଼ାଖୋଲ ସହରର ଯଦୁମଣିପାଟନାସ୍ଥିତ ତାଙ୍କ ସାନପୁଅ ଡ. ବାଳାଦିତ୍ୟ ବିକାଶ ଶ୍ରୀଚନ୍ଦନ ସିଂଙ୍କ ସହିତ ସେ ରହୁଥିଲେ। ତେବେ ଗତ କିଛିମାସ ହେବ ଅସୁସ୍ଥତା ଯୋଗୁ ବଡ଼ପୁଅଙ୍କ ପାଖକୁ ଯାଇଥିଲେ। ତାଙ୍କ ରଚିତ ପୁସ୍ତକ 'ଶତାବ୍ଦୀ ପୁରୁଷ' ଓଡ଼ିଶା ସାହିତ୍ୟ ଇତିହାସର ଏକ ମାଇଲ ଖୁଣ୍ଟ ହୋଇରହିଛି। ତାଙ୍କ ରଚିତ ପୁସ୍ତକ 'ଦଳିତ ସାହିତ୍ୟ: ବିଶ୍ୱ ମାନବତାବାଦକୁ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ପ୍ରଫେସର ଖଗେନ୍ଦ୍ର ସେଠୀ ଇଂଲିଶରେ ଅନୁବାଦ କରିଛନ୍ତି। ତାଙ୍କ ରଚିତ ଶେଷ ପୁସ୍ତକ 'ଶ୍ରୀରାମଚନ୍ଦ୍ରାୟନ' ଏକ ମାସ ପୂର୍ବରୁ ପ୍ରକାଶିତ ହୋଇଛି। ତାଙ୍କ ବିୟୋଗରେ ସାହିତ୍ୟିକ ମହଲରେ ଶୋକର ଛାୟା ଖେଳିଯାଇଛି।

# ଅଙ୍ଗନୱାଡି କେନ୍ଦ୍ର କାର୍ଯ୍ୟକ୍ରମରେ ପୁରୁଷଙ୍କ ସମ୍ପୃକ୍ତି ରହୁ

ଲୋଇସିଂହା,୧୩।୧୧(ସୁଶାନ୍ତ ବାରିକ)

## କୋଟିଏ ହସ କାର୍ଯ୍ୟକ୍ରମ ପାଳିତ

ଶିଶୁ ଦିବସ ଉପଲକ୍ଷେ ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକର ସମସ୍ତ ଅଙ୍ଗନୱାଡି କେନ୍ଦ୍ରରେ କୋଟିଏ ହସ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅନ୍ତର୍ଗତ ହୀରାପୁର କେନ୍ଦ୍ର ୧ ଓ ବୁର୍ଡା କେନ୍ଦ୍ର ୩ ରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ସମାଜ ମଙ୍ଗଳ ଅଧିକାରୀ ଲିଲାବତୀ ନାଗ ଯୋଗଦେଇଥିଲେ। ଜିଲା କାର୍ଯ୍ୟକ୍ରମ ସଂଯୋଜିକା ଶିବାନୀ ଠାକୁର, ସିଡିପିଓ ଗାୟତ୍ରୀ ବାରିକ ଉପସ୍ଥିତ ଥିଲେ। ସିଡିପିଓ ବାରିକ ଅତିଥି ପରିଚୟ ଓ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଜିଲା ସମାଜ ମଙ୍ଗଳ ଅଧିକାରୀ ନାଗ ଶିଶୁର ସର୍ବାଙ୍ଗୀନ ବିକାଶ ଉପରେ ଆଲୋକପାତ କରିଥିଲେ। ୩ରୁ ୬ବର୍ଷର ଶିଶୁମାନେ କେନ୍ଦ୍ର ସହ ଘରେ ଖେଳକୁଦ ମାଧ୍ୟମରେ ଶିକ୍ଷା କିପରି ଗ୍ରହଣ କରିବେ ସେଦିଗରେ ପରିବାରର ପୁରୁଷମାନେ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ଅଙ୍ଗନୱାଡି କେନ୍ଦ୍ରରେ ହେଉଥିବା ବିବିଧ କାର୍ଯ୍ୟକ୍ରମରେ ମା'ମାନଙ୍କ ପରି ପୁରୁଷମାନଙ୍କ ସମ୍ପୃକ୍ତି ରହିବାକୁ ଆହ୍ୱାନ ଜଣାଇଥିଲେ। କାର୍ଯ୍ୟକ୍ରମରେ କେତେକ ଅବ୍ୟବସ୍ଥାକୁ ନେଇ ଜିଲା ସମାଜ ମଙ୍ଗଳ ଅଧିକାରୀ ନାଗ ଅସନ୍ତୋଷ ବ୍ୟକ୍ତ କରିଥିଲେ ।

# ଟ୍ରାକ୍ଟର ରାଲିରେ ଜିଲାପାଳ ଅଫିସ ଘେରାଉ




ବଲାଙ୍ଗୀର ଜିଲାପାଳଙ୍କ କାର୍ଯ୍ୟାଳୟ ଅଭିମୁଖେ ଚାଷୀମନେ ଶୋଭାଯାତ୍ରାରେ ଯାଉଛନ୍ତି।



ବଲାଙ୍ଗୀର ସହରରେ ଚାଷୀଙ୍କ ଟ୍ରାକ୍ଟର ରାଲି ।

ବଲାଙ୍ଗୀର, ୧୪।୧୧
(ବୀରେନ୍ଦ୍ର କୁମାର ଝାଙ୍କର)

## 'ଧାନ ଏମ୍‌ଏସ୍‌ପି ୫ ହଜାର ଟଙ୍କା କର'

- ରାଜ୍ୟ ସରକାର ଚାଷୀଙ୍କୁ ବୋନସ୍ ଘୋଷଣା କରନ୍ତୁ
- ଦାବି ପୂରଣ ନ ହେଲେ ନିର୍ବାଚନରେ ଉଚିତ୍ ଜବାବ ଦିଆଯିବ

ବଲାଙ୍ଗୀର ଓ ସୁବର୍ଣ୍ଣପୁର ଜିଲାର ଶତାଧିକ ଚାଷୀ ୫୦ରୁ ଊର୍ଦ୍ଧ୍ୱ ଟ୍ରାକ୍ଟର ଓ ଶତାଧିକ ବାଇକ୍ ଧରି ମଙ୍ଗଳବାର ବଲାଙ୍ଗୀର ସହର ପରିକ୍ରମା କରିଥିଲେ। ପରେ ଜିଲାପାଳ ଅଫିସ ଘେରାଉ କରି ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ୧୧ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଥିଲେ। ଜିଲାପାଳଙ୍କ ଅଫିସ ସମ୍ମୁଖରେ ପ୍ରତିବାଦ ସଭା ଏବଂ ଶାନ୍ତିପୂର୍ଣ୍ଣ ବିକ୍ଷୋଭ ପ୍ରଦର୍ଶନ କରି ଚାଷୀମାରଣ ନୀତି ଯୋଗୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ କଡ଼ା ଭାଷାରେ ସମାଲୋଚନା କରିଥିଲେ।

ବଲାଙ୍ଗୀର ଓ ସୁବର୍ଣ୍ଣପୁର ଜିଲା ମିଳିତ କୃଷକ ମଞ୍ଚ ଆବାହକ ଆକାଶ ମିଶ୍ରଙ୍କ ନେତୃତ୍ୱରେ ସମ୍ବଲପୁର ରାସ୍ତାର ମାଧିଆପାଲିଠାରୁ ଟ୍ରାକ୍ଟର ଏବଂ ବାଇକ୍ ରାଲି ବାହାରିଥିଲା। ସତ୍ୟନାରାୟଣପଡ଼ା, ଗାନ୍ଧୀନଗର, ମହାଦେବ ମନ୍ଦିର ଛକ, ପାଟଣା ହୋଟେଲ ଛକ, ପିପି ଏକାଡେମୀ ଛକଦେଇ ରାଲି କୋଶଳ କଳା ମଣ୍ଡଳ ପଡ଼ିଆରେ ପହଞ୍ଚିଥିଲା। ସେଠାରେ ଟ୍ରାକ୍ଟର ପାର୍କିଂ ପରେ ପଦଯାତ୍ରାରେ ପୁରୁଣା ଘରୋଇ ବସ୍‌ଷ୍ଟାଣ୍ଡ ଦେଇ ଜିଲାପାଳ ଅଫିସ ସମ୍ମୁଖ କଚେରି ଛକରେ ଚାଷୀମାନେ ପହଞ୍ଚିଥିଲେ। ମିଳିତ କୃଷକ ମଞ୍ଚ ଆବାହକ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଜିଲା କୃଷକ ସଙ୍ଗଠନ ସଭାପତି ଅରୁଣ ମିଶ୍ର କହିଥିଲେ, ଦେଶ କି ରାଜ୍ୟର କୌଣସି ବି ସରକାର ଚାଷୀଙ୍କୁ ବୁଝିବାକୁ ନାରାଜ। ଚାଷୀଙ୍କୁ ହକ୍ ଦେବା ପରିବର୍ତ୍ତେ ସେମାନଙ୍କ ଏକତାକୁ ଭାଙ୍ଗିବା ପ୍ରାଥମିକତା ହୋଇଛି ବୋଲି କହିଥିଲେ। ଆଗାମୀ ଦିନରେ ଚାଷୀ ବଡ଼ଧରଣର ଲଢ଼େଇ ପାଇଁ ପ୍ରସ୍ତୁତ ହେବେ ବୋଲି ସେ ଚେତାବନୀ ଦେଇଥିଲେ। ଛତିଶଗଡ଼ରେ ଚାଷୀଙ୍କୁ କୁଇଣ୍ଟାଲ ପିଛା ୨୬ ଶହ ଟଙ୍କା ମିଳୁଛି। ଆଗାମୀ ନିର୍ବାଚନ ଜିତିଲେ ସେଠାକାର ସରକାର ୩୨ଶହ ଟଙ୍କା କରିବେ ବୋଲି କହୁଛନ୍ତି। ଓଡ଼ିଶାର ଚାଷୀଙ୍କୁ କାହିଁକି ଦିଆଯାଉନାହିଁ ବୋଲି ସେ ପ୍ରଶ୍ନ କରିଥିଲେ। ଯୁବଚାଷୀ ନେତା କୌସ୍ତୁଭ ସାହୁ, ଜିଲା କୃଷକ ମହାସଂଘର ଯତୀ ପ୍ରଧାନ, ସମ୍ପାଦକ ଚଗଲା ପରିଚ୍ଛା, ଡୁଙ୍ଗୁରିପାଲି ବ୍ଲକ୍ ଚାଷୀ ସଂଘ ସଭାପତି ବିପ୍ରଚରଣ ସାହୁ, ଟ୍ରେଡ ୟୁନିଅନ ନେତା ବିଭୁଦତ୍ତ ମିଶ୍ର, ଚାଷୀନେତା ରାଧାକାନ୍ତ ନାୟକ, ଅମିତ ନାୟକ, ଟିଟିଲାଗଡ ଗରିବ ସେନାର ଯୁବ ସଙ୍ଗଠନ ବୀରେନ୍ଦ୍ର ବାଗ, ମଧୁସୂଦନ କ୍ଷେତୀ, ପାଟଣାଗଡର କୃଷ୍ଣ ବନ୍‌ଛୋର, ଅର୍ଜୁନ୍ ମୁଗ୍ରୀ ଉଦ୍‌ବୋଧନ ଦେଇଥିଲେ। ଧାନର ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସପି) କୁଇଣ୍ଟାଲ ପିଛା ୫ ହଜାର ଟଙ୍କା, କପା କୁଇଣ୍ଟାଲ ପିଛା ୧୦ ହଜାର ଟଙ୍କା, ଚାଷୀର ସମସ୍ତ ଧାନକୁ କିଣାଯିବା, କଟ୍‌ନି ଛଟ୍‌ନି ବନ୍ଦ କରାଯିବା, ରୋଗପୋକ ଉପଦ୍ରବର ସଠିକ୍ ମୂଲ୍ୟାଙ୍କନ କରି ଉଚିତ୍ ବୀମା କ୍ଷତିପୂରଣ ପ୍ରଦାନ ଆଦି ଦାବି କରାଯାଇଛି। ଆବାହକ ମିଶ୍ର କହିଥିଲେ ଯେ, ଚାଷୀଙ୍କ ନ୍ୟାର୍ଯ୍ୟ ଅଧିକାର ପାଇଁ କୌଣସି ସରକାର କିମ୍ବା ରାଜନୈତିକ ଦଳର ନେତା, ମନ୍ତ୍ରୀ କେହିବି ପାଟି ଖୋଲୁ ନାହାନ୍ତି। ଆଗାମୀ ଦିନରେ ଭୋଟ୍ ପାଇଁ ଆସିଲେ ସେମାନଙ୍କୁ ଚାଷୀ ପ୍ରଶ୍ନ କରିବା ଉଚିତ୍ ବୋଲି କହିଥିଲେ। ଯେତେଦିନ ପର୍ଯ୍ୟନ୍ତ କେନ୍ଦ୍ର ସରକାର ଧାନର ଏମ୍‌ଏସ୍‌ପି ବଢ଼ାଇ ନାହାନ୍ତି ସେତେଦିନ ପର୍ଯ୍ୟନ୍ତ ରାଜ୍ୟ ସରକାର ଛତିଶଗଡ଼ରେ ଚାଷୀ ପାଉଥିବା ଧାନ ମୂଲ୍ୟ ବୋନସ ଆକାରରେ ଦିଅନ୍ତୁ ବୋଲି ଦାବି କରିଥିଲେ। ରାଷ୍ଟ୍ରପତି ଓ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ୧୧ ଦଫା ଦାବିପତ୍ରକୁ ଅତିରିକ୍ତ ଜିଲାପାଳ ମହେନ୍ଦ୍ର ମହାପାତ୍ରଙ୍କୁ ପ୍ରଦାନ କରିଥିଲେ।

# ବଜ୍ରକାପ୍ତା କାତି ଜବତ, ୪ ଗିରଫ

ଠାକୁରମୁଣ୍ଡା,୧୪।୧୧
(ତାରାକାନ୍ତ ପଟ୍ଟନାୟକ)

ମୟୂରଭଞ୍ଜ ଜିଲା କରଞ୍ଜିଆ ବନଖଣ୍ଡ ଅଧୀନ ଠାକୁରମୁଣ୍ଡା ରେଞ୍ଜ ଅଞ୍ଚଳରୁ ବନ ବିଭାଗ ବଜ୍ରକାପ୍ତା କାତି ଜବତ କରିବା ସହିତ ୪ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ମହୁଲଡ଼ିହା ଥାନା ଅଧୀନ ଚିରୁପଦା ଗ୍ରାମର ମାଣିକ ଦେଓଗାମ, କରଞ୍ଜିଆ ଥାନା ଅନ୍ତର୍ଗତ ପାଟବିଲ ଗ୍ରାମର ମାଟୁ ହୋ, କେନ୍ଦୁମୁଣ୍ଡି ମାଙ୍କଡ଼ିଆ ସାହିର ଗୌରାଙ୍ଗ ମାଙ୍କଡ଼ିଆ, ବାଲିଭୋଳ ଗ୍ରାମର ସାଲାଏ ସିଦୁ। ସେମାନଙ୍କଠାରୁ ୩ କି.ଗ୍ରା. ୬୦୦ ଗ୍ରାମ ଓଜନର ବଜ୍ରକାପ୍ତା କାତି ଜବତ ସହ ବ୍ୟବହୃତ ଏକ ଅଟୋ ଜବତ ହୋଇଛି। ସୂଚନା ଅନୁଯାୟୀ, କୌଣସି ସୂତ୍ରରୁ ଖବରପାଇ ସୋମବାର ସନ୍ଧ୍ୟାରେ ଉତ୍ତର ଶିମିଳିପାଳ କ୍ଷେତ୍ର ନିର୍ଦ୍ଦେଶକ ସମ୍ରାଟ ଗୌଡ଼ାଙ୍କ ନେତୃତ୍ୱରେ ଦକ୍ଷିଣ ବନ୍ୟପ୍ରାଣୀ ବିଭାଗ କର୍ମଚାରୀ, ଠାକୁରମୁଣ୍ଡା ରେଞ୍ଜ ଅଧିକାରୀ କିଶୋର ପାଣିଗ୍ରାହୀ, କରଞ୍ଜିଆ ବନଖଣ୍ଡର ବନ କର୍ମଚାରୀମାନେ ଠାକୁରମୁଣ୍ଡା-କରଞ୍ଜିଆ ରାସ୍ତାର ପାଟବିଲ କୋଲର୍ଫଟ ସାହି ରାସ୍ତାରେ ଚଢ଼ାଉ କରିଥିଲେ। ଏହି ରାସ୍ତା ଦେଇ ଏକ ଅଟୋରେ ୯ଜଣ ବ୍ୟକ୍ତି କେନ୍ଦୁମୁଣ୍ଡି ଆଡକୁ ଆସୁଥିବା ବେଳେ ବନ କର୍ମଚାରୀମାନେ ତାହାକୁ ଅଟକାଇ ଥିଲେ। ବନ କର୍ମଚାରୀମାନଙ୍କୁ ଦେଖି ଘଟଣାସ୍ଥଳରୁ ୫ ଜଣ ଦୌଡ଼ି ପଳାଇ ଯାଇଥିବା ବେଳେ ଅନ୍ୟ ୪ଜଣଙ୍କୁ କର୍ମଚାରୀମାନେ ଧରିବାରେ ସଫଳ ହୋଇଥିଲେ। ଅଟୋ ଭିତରୁ ବଜ୍ରକାପ୍ତା କାତି ଥିବା ଏକ ବ୍ୟାଗକୁ କର୍ମଚାରୀମାନେ ଜବତ କରିଥିଲେ। ଏନେଇ ଠାକୁରମୁଣ୍ଡା ରେଞ୍ଜ ପକ୍ଷରୁ ଏକ ମାମଲା(ନଂ.୮୦/୨୩-୨୪) ରୁଜୁ ପରେ ମଙ୍ଗଳବାର ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।




ଗିରଫ ୪ ଅଭିଯୁକ୍ତ ଓ ଜବତ ବଜ୍ରକାପ୍ତା କାତି।

# ଆନ୍ତର୍ଜାତିକ ବାଣିଜ୍ୟ ମେଳାରେ ଓଡ଼ିଶା ପାଭିଲିୟନ୍ ଉଦ୍‌ଘାଟିତ

ଭୁବନେଶ୍ୱର, ୧୪।୧୧
(ଅସମାପିକା ସାହୁ)

ନୂଆଦିଲ୍ଲୀସ୍ଥିତ ପ୍ରଗତି ମଇଦାନରେ ମଙ୍ଗଳବାର ୪୨ତମ ଭାରତ ଆନ୍ତର୍ଜାତିକ ବାଣିଜ୍ୟ ମେଳା ଆରମ୍ଭ ହୋଇଛି। ମେଳା ପରିସରରେ ଓଡ଼ିଶା ପାଭିଲିୟନକୁ ଓଡ଼ିଶା ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଉଦ୍‌ଘାଟନ କରିଛନ୍ତି। ବାଣିଜ୍ୟ ମନ୍ତ୍ରାଳୟ ଅଧୀନସ୍ଥ ଆଇଟିପିଓ ପକ୍ଷରୁ ଦିଲ୍ଲୀରେ ପ୍ରତିବର୍ଷ ଆନ୍ତର୍ଜାତିକ ବାଣିଜ୍ୟ ମେଳା ଆୟୋଜିତ ହେଉଛି। ଚଳିତ ବର୍ଷ ମେଳାର ଥିମ୍ 'ବସୁଧୈବ କୁଟୁମ୍ବକମ୍: ୟୁନାଇଟେଡ୍ ବାଇ ଟ୍ରେଡ୍' ରହିଥିବାବେଳେ ଓଡ଼ିଶା ପାଭିଲିୟନ୍ ଉତ୍କଳୀୟ ନୌବାଣିଜ୍ୟ ପରମ୍ପରାର ବୈଭବକୁ ନେଇ ଅଂଶଗ୍ରହଣ କରିଛି। ପ୍ରାଚୀନ କାଳରୁ ଓଡ଼ିଶା ନିଜର ମହାନ୍ ନୌବାଣିଜ୍ୟ ପରମ୍ପରା ମାଧ୍ୟମରେ ଉତ୍କଳର ସାଂସ୍କୃତିକ ବିଭବକୁ ବିଭିନ୍ନ ଦେଶକୁ ପ୍ରସାରିତ କରିଥିଲା। ଏହି ମେଳାରେ ଓଡ଼ିଶାର ନୌବାଣିଜ୍ୟ ପରମ୍ପରାର ଜୀବନ୍ତ ଝଲକ ପ୍ରଦର୍ଶିତ ହୋଇଛି।



ଓଡ଼ିଶା ପାଭିଲିୟନ୍‌ରେ ରାଜ୍ୟର ୭ଟି ବିଭାଗର ୨୪ଟି ଷ୍ଟଲ୍ ରହିଛି। ମିଲେଟ୍ ଉତ୍ପାଦ ଓ କୋରାପୁଟର କଫିରେ ମହକୁଥିବା ପାଭିଲିୟନକୁ ସୁନ୍ଦରତା ପ୍ରଦାନ କରୁଛି କୋଟପାଡ୍ ଶାଢ଼ି ଓ ଟସର ସିଲ୍କ ଶାଢ଼ି। କାଠ ତଥା ପ୍ରସ୍ତର ତିଆରି ମୂର୍ତ୍ତି, ପଟ୍ଟଚିତ୍ର, ସବାଇ ଘାସ ତିଆରି ସାଜସଜ୍ଜା, ଚାନ୍ଦୁଆ, ତାରକସି ତଥା ଭଳିକି ଭଳି ହସ୍ତଶିଳ୍ପ ସାମଗ୍ରୀରେ ଓଡ଼ିଶା ପାଭିଲିୟନ୍ ଝଲସୁଛି। ଏହାଛଡ଼ା ଆଦିମ ଜନଜାତି ଗୋଷ୍ଠୀର ଦୁଇଟି ଦଳ ଦ୍ୱାରା ହସ୍ତଶିଳ୍ପର ନୈପୁଣ୍ୟ ପ୍ରଦର୍ଶନ ଆକର୍ଷଣର କେନ୍ଦ୍ର ପାଲଟିଛି। ପାଭିଲିୟନ ମଧ୍ୟଭାଗରେ ପ୍ରଦର୍ଶିତ ହୋଇଛି ଏକ ବିଶାଳ ବୋଇତ। ଏଥିରେ ବାନ୍ଧ ଶିଳ୍ପ, ପଥର ମୂର୍ତ୍ତି କାରିଗରି, ପଟ୍ଟଚିତ୍ର ଅଙ୍କନ, ବର୍ଜ୍ୟ କାଗଜରୁ ସାଜସଜ୍ଜା ସାମଗ୍ରୀ ଆଦି ପ୍ରସ୍ତୁତିର ଲାଇଭ୍ ଡେମୋ ପ୍ରଦର୍ଶନ କରାଯାଇଛି। ପାଭିଲିୟନ୍‌ର ବାହାର ପଟ ପ୍ରବେଶ ଦ୍ୱାରରେ ସ୍ଥାନିତ ହୋଇଛି ଦୁଇଟି କୋଣାର୍କ ଚକ୍ର। ଓଡ଼ିଶାର ମହାନ୍ ଐତିହ୍ୟ ଓ ସଂସ୍କୃତିର ପ୍ରତିଛବିକୁ ପ୍ରଦର୍ଶିତ କରୁଥିବା ଏହି କୋଣାର୍କ ଚକ୍ର ଦ୍ୱୟ ମେଳାକୁ ଆଗମନ କରୁଥିବା ଦେଶ ବିଦେଶର ଅଂଶଗ୍ରହଣକାରୀଙ୍କୁ ଆକର୍ଷିତ କରୁଛି। ଏହି ଅବସରରେ ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂ, ନୂଆଦିଲ୍ଲୀରେ ଅବସ୍ଥାପିତ ଓଡ଼ିଶାର ଆବାସିକ ଆୟୁକ୍ତ ରବିକାନ୍ତ, ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ସରୋଜ କୁମାର ସାମଲ, ଓରମାସ୍ ସିଇଓ ଗୁହା ପୁନମ୍ ତାପସ୍ କୁମାର, ବୟନଶିଳ୍ପ ନିର୍ଦ୍ଦେଶକ ଶୋଭନ କୃଷ୍ଣ ସାହୁ, ହସ୍ତଶିଳ୍ପ ନିର୍ଦ୍ଦେଶିକା ପ୍ରଣତୀ ଛୋଟରାୟଙ୍କ ସମେତ ଓଡ଼ିଶା ସରକାରଙ୍କ ବିଭିନ୍ନ ଅଧିକାରୀମାନେ ଉପସ୍ଥିତ ଥିଲେ। ଦିଲ୍ଲୀରେ ରହୁଥିବା ପ୍ରବାସୀ ଓଡ଼ିଆ ଭଉଣୀ ଭାଇମାନେ ଓଡ଼ିଶା ପାଭିଲିୟନ୍ ଆସିବା ପାଇଁ ମନ୍ତ୍ରୀ ଅନୁରୋଧ କରିଛନ୍ତି।

# ଅନୁକୂଳ ପରିବେଶ ସୃଷ୍ଟି କରିବାକୁ ପ୍ରୟାସ

JINDAL STAINLESS

ଭୁବନେଶ୍ୱର, ୧୪।୧୧

ଜିନ୍ଦଲ ଷ୍ଟେନ୍‌ଲେସ୍ ଲିମିଟେଡ୍ (ଜେଏସ୍‌ଏଲ୍)କୁ ନିକଟରେ ଆଉ ଏକ ସଫଳତା ମିଳିଥିବାବେଳେ କ୍ରିସିଲ ରେଟିଂଠାରୁ ଏକ ରେଟିଂ ଅପ୍‌ଗ୍ରେଡ୍ ମିଳିଛି। ଏପରିକି ଜେଏସ୍‌ଏଲ୍‌ର ଦୀର୍ଘକାଳୀନ ବ୍ୟାଙ୍କ ସୁବିଧା ଏବଂ ଋଣ ପ୍ରୋଗ୍ରାମକୁ କ୍ରିସିଲ ଏଏ-ପଜିଟିଭ୍‌ରୁ କ୍ରିସିଲ ଏଏ-ଷ୍ଟେବଲକୁ ସଂଶୋଧନ ସହ କମ୍ପାନୀର ସ୍ୱଳ୍ପ ମିଆଦୀ ବ୍ୟାଙ୍କ ସୁବିଧା କ୍ରିସିଲ ଏ୧+ରେ ପୁନଃ ପ୍ରମାଣିତ ହୋଇଛି।

ଏ ସମ୍ପର୍କରେ ଜିନ୍ଦଲ ଷ୍ଟେନ୍‌ଲେସ୍‌ର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, ନବୀକରଣ ହୋଇଥିବା ମୂଲ୍ୟାୟନ ସାମଗ୍ରିକ ତଥା ସ୍ଥିର ଅଭିବୃଦ୍ଧି ପାଇଁ ଆମର ପ୍ରତିବଦ୍ଧତାକୁ ସୂଚିତ କରିଛି। ଏପରିକି ଆମର ଶକ୍ତିଶାଳୀ ଉତ୍ପାଦ ପୋର୍ଟଫୋଲିଓ, ବ୍ୟାପକ ବଜାର ଉପସ୍ଥିତି ଏବଂ କାର୍ଯ୍ୟଶୈଳୀରେ ନମନୀୟତା ଆମକୁ ଏକ ପ୍ରତିଯୋଗିତାମୂଳକ ବଜାରର ପରିଚିତ କରାଇଛି। ବିଶେଷକରି ବିଭିନ୍ନ ବିଭାଗର ଆବଶ୍ୟକତା ପୂରଣ କରିବାକୁ ସ୍ୱତନ୍ତ୍ର ଭାବେ ଆମେ ସ୍ଥାନିତ ହୋଇଛୁ। ବର୍ଷ ବର୍ଷ ଧରି ଆମେ ଷ୍ଟେନ୍‌ଲେସ୍ ଷ୍ଟିଲ୍ ସଚେତନତା ଏବଂ ବ୍ୟବହାର ପାଇଁ ଏକ ଅନୁକୂଳ ପରିବେଶ ସୃଷ୍ଟି କରିବାକୁ ଅନେକ ପ୍ରୟାସ କରିଆସିଛୁ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି। ସେହିଭଳି ଜିନ୍ଦଲ ଷ୍ଟେନ୍‌ଲେସ୍‌ର ଗ୍ରୁପ୍ ସିଏଫ୍‌ଓ ଏବଂ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଅନୁରାଗ ମନ୍ତ୍ରୀ କହିଛନ୍ତି, ଜିନ୍ଦଲ ଷ୍ଟେନ୍‌ଲେସ୍ ପାଇଁ ଏହି ବର୍ଦ୍ଧିତ ମୂଲ୍ୟାୟନ ବ୍ୟବସାୟ ପରିଚାଳନା ପାଇଁ ଆମର ଦୂରଦର୍ଶୀ ପୁଞ୍ଜି ଆବଣ୍ଟନ ରଣନୀତିକୁ ପ୍ରତିଫଳିତ କରିଥାଏ।

# ଖସୁଛି ପାଇକାରୀ ମୁଦ୍ରାସ୍ଫୀତି ହାର



ଭୁବନେଶ୍ୱର, ୧୪।୧୧

ଗତ କିଛି ମାସ ହେଲା ପାଇକାରୀ ମୁଦ୍ରାସ୍ଫୀତି ହାର କ୍ରମାଗତ ଭାବେ ହ୍ରାସ ପାଇଚାଲିଛି। ଏପରିକି ଚଳିତ ବର୍ଷ ଅକ୍ଟୋବରରେ ପାଇକାରୀ ମୁଦ୍ରାସ୍ଫୀତି ହାର-୦.୫୨% ରହିଛି। ପୂର୍ବ ମାସ (ସେପ୍ଟେମ୍ବର)ରେ ପାଇକାରୀ ମୁଦ୍ରାସ୍ଫୀତି -୦.୨୬% ରହିଥିଲା। ସୂଚନାଯୋଗ୍ୟ, ଚଳିତ ବର୍ଷ ଏପ୍ରିଲଠାରୁ ଅକ୍ଟୋବାର ଦୀର୍ଘ ୭ ମାସ ହେବ ପାଇକାରୀ ମୁଦ୍ରାସ୍ଫୀତି ସୂଚକାଙ୍କରେ ମୂଲ୍ୟ ହ୍ରାସ ଦେଖିବାକୁ ମିଳିଛି। ଅପରପକ୍ଷରେ ୨୦୨୨ ଅକ୍ଟୋବରରେ ପାଇକାରୀ ମୁଦ୍ରାସ୍ଫୀତି ସୂଚକାଙ୍କ ହାର ୮.୬୭% ରହିଥିଲାବେଳେ ଗତ ବର୍ଷ ଅକ୍ଟୋବରରେ ଖାଦ୍ୟ ସାମଗ୍ରୀର ମୁଦ୍ରାସ୍ଫୀତି ହ୍ରାସ ହୋଇ ୨.୫୩%ରେ ଥିଲା। ସେହିଭଳି ୨୦୨୨ ସେପ୍ଟେମ୍ବରରେ ଏହାର ହାର ୩.୩୫% ରହିଥିଲା। ଉଲ୍ଲେଖଯୋଗ୍ୟ, ମଙ୍ଗଳବାର ବାଣିଜ୍ୟ ଓ ଉଦ୍ୟୋଗ ମନ୍ତ୍ରଣାଳୟର ସୂଚନା ଅନୁଯାୟୀ, ଚଳିତ ବର୍ଷ ଅକ୍ଟୋବରରେ ପାଇକାରୀ ମୁଦ୍ରାସ୍ଫୀତି ହାର ଶୂନରୁ ତଳେ ରହିଛି। ଏହାର ମୁଖ୍ୟ କାରଣ ହେଉଛି ଗତ ବର୍ଷ ସମାନ ମାସ ତୁଳନାରେ ରସାୟନିକ ଏବଂ ରସାୟନିକ ଉତ୍ପାଦ, ବିଜୁଳି, କପଡ଼ା, ଧାତୁ, ଖାଦ୍ୟ ଉତ୍ପାଦ, କାଗଜ ଏବଂ କାଗଜ ଉତ୍ପାଦ ଆଦିର ଦାମରେ ବ୍ୟାପକ ହ୍ରାସ ଦେଖିବାକୁ ମିଳିଥିଲା।

# ଓ-ହବ୍ ପରିଦର୍ଶନରେ ଡ. ଆଣ୍ଡ୍ରିୟୁ ଫ୍ଲେମିଂ

ଭୁବନେଶ୍ୱର, ୧୪।୧୧(ଅଭୟ ଦାଶ)

ଷ୍ଟାର୍ଟଅପ୍ ଓଡ଼ିଶାର ଆଇକନିକ ପ୍ଲାଟ୍‌ଫର୍ମ (ବିଲ୍ଡି) ଓ-ହବ୍ ଅଭିନବତାର ଏକ ଜୀବନ୍ତ ଓ ଔଦ୍ୟୋଗିକୀ ହବ୍ ହୋଇପାରିଛି। ଏପରିକି ମଙ୍ଗଳବାର କୋଲକାତାର ବ୍ରିଟିଶ ଡେପୁଟି ହାଇକମିଶନର ଡ. ଆଣ୍ଡ୍ରିୟୁ ଫ୍ଲେମିଂ ପରିଦର୍ଶନରେ ଆସିଥିବାବେଳେ ତାଙ୍କୁ ଓ- ହବ୍ ସମ୍ମାନିତ କରିଛି। ବିଶେଷକରି ଡ. ଫ୍ଲେମିଂଙ୍କ ଏହି ଗସ୍ତ ଷ୍ଟାର୍ଟଅପ୍ ଓଡ଼ିଶା ଦ୍ୱାରା ପରିଚାଳିତ ଗତିଶୀଳ ଇକୋସିଷ୍ଟମରେ ଏକ ଗଭୀର ସଂପୃକ୍ତିକୁ ଚିହ୍ନଟ କରିଥିଲା। ଅପରପକ୍ଷରେ ଷ୍ଟାର୍ଟଅପ୍ ଓଡ଼ିଶା ପାଇଁ ନବସୃଜନ, ସହଯୋଗ ଓ ବୈଷୟିକ ପ୍ରଗତି ପ୍ରତି ପ୍ରତିବଦ୍ଧତା ପ୍ରଦର୍ଶନ କରିବାକୁ ଏହି ପରିଦର୍ଶନ ଏକ ଗୁରୁତ୍ୱପୂର୍ଣ୍ଣ ସୁଯୋଗ ଥିଲା। ଏହି ପରିପ୍ରେକ୍ଷୀରେ



ଷ୍ଟାର୍ଟଅପ୍ ଓଡ଼ିଶାର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ (ଚେୟାରମ୍ୟାନ) ଓମ୍‌କାର ରାୟ ଡ. ଆଣ୍ଡ୍ରିୟୁ ଫ୍ଲେମିଂଙ୍କୁ ସ୍ୱାଗତ କରିବା ସହ ବିଭିନ୍ନ କାର୍ଯ୍ୟକ୍ରମ ଓ ପଦକ୍ଷେପ ଏବଂ ସଫଳତାର ସମୀକ୍ଷା ଆଦି ଉପରେ ବିସ୍ତୃତ ଉପସ୍ଥାପନ କରିଥିଲେ। ଏହା ଷ୍ଟାର୍ଟଅପ୍ ଓଡ଼ିଶାକୁ ଜାତୀୟ ଷ୍ଟାର୍ଟଅପ୍ ଇକୋସିଷ୍ଟମରେ ଏକ ପ୍ରମୁଖ ଖେଳାଳି ଭାବେ ସ୍ଥାନିତ କରିଛି। ମହିଳା ଉଦ୍ୟୋଗୀଙ୍କ ପ୍ରତି ଗୁରୁତ୍ୱ ଦିଆଯାଇଥିଲା। ଡ. ରାୟ ଷ୍ଟାର୍ଟଅପ୍ ଓଡ଼ିଶାର ବିଭିନ୍ନ ଦିଗକୁ ପ୍ରୋତ୍ସାହିତ କରିବା ସହ ସଫଳତାର ଦିଗ ଉପରେ ବିସ୍ତୃତ ଆଲୋକପାତ କରିଥିଲେ। ସେହିଭଳି ଡ. ଆଣ୍ଡ୍ରିୟୁ ଫ୍ଲେମିଂଙ୍କ ଏହି ଗସ୍ତ (ପରିଦର୍ଶନ ସମୟରେ) ବ୍ରିଟେନ ସରକାରଙ୍କ ସହଯୋଗକୁ ବୃଦ୍ଧି କରିବା ଲାଗି ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଥିଲା।

# ଏସ୍‌ବିଆଇର ସିଏସ୍‌ଆର୍ କାର୍ଯ୍ୟକ୍ରମ

ଭୁବନେଶ୍ୱର, ୧୪।୧୧

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ ବା ଏସ୍‌ବିଆଇ)ର ଭୁବନେଶ୍ୱର ମଣ୍ଡଳ ପକ୍ଷରୁ ମଙ୍ଗଳବାର ଶିଶୁ ଦିବସ ଓ ବିଶ୍ୱ ମଧୁମେହ ଦିବସ ପାଳିତ ହୋଇଯାଇଛି। ବ୍ୟାଙ୍କ ପକ୍ଷରୁ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ବ୍ୟାଙ୍କର କର୍ପୋରେଟ ସୋସିଆଲ ରେସ୍‌ପନ୍ସିବିଲିଟି (ସିଏସ୍‌ଆର୍) କାର୍ଯ୍ୟକ୍ରମ ଅଧୀନରେ ଉପରୋକ୍ତ କାର୍ଯ୍ୟକ୍ରମଗୁଡିକ ଆୟୋଜିତ ହୋଇଯାଇଛି। ସେହିଭଳି ଏସ୍‌ବିଆଇର ସ୍ଥାନୀୟ ପ୍ରଧାନ କାର୍ଯ୍ୟାଳୟ ପରିସରରେ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଗ୍ୟାଷ୍ଟ୍ରୋ ଏବଂ କିଡ୍‌ନୀ କେୟାର ହସ୍ପିଟାଲ ଭୁବନେଶ୍ୱରର ମିଳିତ ସହଯୋଗରେ ଏକ ହେଲ୍‌ଥ ଚେକ୍ ଅପ୍ କ୍ୟାମ୍ପର ଆୟୋଜନ କରାଯାଇଥିଲା। ଉକ୍ତ ଶିବିରକୁ ଉଦ୍‌ଘାଟନ କରିବା ସମୟରେ ମୁଖ୍ୟ ମହାପ୍ରବନ୍ଧକ ଚନ୍ଦର ଶେଖର ଶର୍ମା ମଧୁମେହକୁ ଏଡାଇବା ତଥା ଚାପମୁକ୍ତ ରହିବା ପାଇଁ ଶାରୀରିକ ବ୍ୟାୟାମ ଏବଂ ସନ୍ତୁଳିତ ଖାଦ୍ୟ ସହିତ ସମସ୍ତ ସମ୍ଭାବ୍ୟ ସତର୍କତା ଅବଲମ୍ବନ କରିବାକୁ ଉପସ୍ଥିତ କର୍ମଚାରୀମାନଙ୍କୁ ପରାମର୍ଶ ଦେଇଥିଲେ। ବ୍ୟାଙ୍କର ସିଏସ୍‌ଆର୍ ପଦକ୍ଷେପ କ୍ରମେ ଏସବିଆଇ ଭୁବନେଶ୍ୱର ମଣ୍ଡଳ ପକ୍ଷରୁ ମହର୍ଷି ବିଦ୍ୟା ମନ୍ଦିର ଭୁବନେଶ୍ୱରର ଛାତ୍ରୀଛାତ୍ରମାନଙ୍କ ପାଇଁ ଆସବାବପତ୍ର, ଖେଳ ଉପକରଣ, ପଙ୍ଖା ଏବଂ କମ୍ପ୍ୟୁଟର ଭଳି ଅତ୍ୟାବଶ୍ୟକ ଶିକ୍ଷା ଉପଯୋଗୀ ସାମଗ୍ରୀ ପ୍ରଦାନ କରାଯାଇଛି। ମହର୍ଷି ବିଦ୍ୟାମନ୍ଦିର ସ୍କୁଲ ପରିସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏସ୍‌ବିଆଇ ଭୁବନେଶ୍ୱର ମଣ୍ଡଳର ଉପ ମହାପ୍ରବନ୍ଧକ ଓ ମଣ୍ଡଳ ବିକାଶ ଅଧିକାରୀ ମନୋଜ କୁମାର ସିଂ ଭବିଷ୍ୟତ ପିଢି ନାଗରିକମାନଙ୍କୁ ଦୈନନ୍ଦିନ ଜୀବନରେ ସ୍ୱଚ୍ଛତାର ମହତ୍ତ୍ୱ ବିଷୟରେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ ଏବଂ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ପୁନଃ ବ୍ୟବହାର ଯୋଗ୍ୟ ସାନିଟାରି ପ୍ୟାଡ୍ ପ୍ରଦାନ କରିଥିଲେ। ସହାୟକ ମହାପ୍ରବନ୍ଧକ (ମାର୍କେଟିଂ ଆଣ୍ଡ କମ୍ୟୁନିକେଶନ) ଅମରେଶ ଦାସଙ୍କ ସହିତ ଷ୍ଟେଟ ବ୍ୟାଙ୍କ ଏବଂ ମହର୍ଷି ବିଦ୍ୟା ମନ୍ଦିର ଭୁବନେଶ୍ୱରର ଅନ୍ୟ କର୍ମଚାରୀମାନେ ମଧ୍ୟ ଉପସ୍ଥିତ ଥିଲେ।

## ଫୁରସତ୍

# ସର୍ବାଧିକ ସମୟ ରୋଷେଇ କରି ୨ ବିଶ୍ୱ ରେକର୍ଡ

ଟୋକିଓ

ନିକଟରେ ଜାପାନର ସେଫ୍ ଆଲାନ ଫିଶର ରୋଷେଇକରି ୨ଟି ବିଶ୍ୱ ରେକର୍ଡ ହାସଲ କରିଛନ୍ତି। ମାଟ୍‌ସୁସ୍ଥିତ ନିଜ ଆଇରିଶ ଥିମ୍‌ଡ ରେଷ୍ଟୁରାଣ୍ଟରେ ସେ ୧୧୯ ଘଣ୍ଟା ୫୭ ମିନିଟ୍ ସର୍ବାଧିକ ସମୟ ରୋଷେଇକରି ବିଶ୍ୱ ରେକର୍ଡ କରିଛନ୍ତି। ପୂର୍ବରେ ବିଶ୍ୱ ରେକର୍ଡ କରିଥିବା ନାଇଜେରିଆର ମହିଳା ସେଫ୍ ହିଲ୍‌ଡାବାସୀଙ୍କଠାରୁ ସେ ଅଧିକ ୨୪ ଘଣ୍ଟା ରୋଷେଇ କରିଛନ୍ତି। ଏଥିସହ ଫିଶର ଆଉ ଏକ ରେକର୍ଡ କରିଛନ୍ତି। ସେ ସର୍ବାଧିକ ସମୟ ବେକିଂ ମାରାଥନ୍‌ରେ ଭାଗନେଇ ଆମେରିକାର ପୂର୍ବ ରେକର୍ଡଧାରୀ ୱେଣ୍ଡି ସାଣ୍ଡନରଙ୍କୁ ପଛରେ ପକାଇଛନ୍ତି। ସେ ସର୍ବାଧିକ ୪୭ ଘଣ୍ଟା ୨୧ ମିନିଟ୍ ବେକିଂ କରିଥିଲେ। ଫିଶର ଏକ ସଙ୍ଗରେ ଗୋଟିଏ ପରେ ଗୋଟିଏ ପ୍ରୟାସ କରିଚାଲିଥିଲେ। ଗିନିଜ୍ ୱାର୍ଲ୍ଡ ରେକର୍ଡ ଅନୁଯାୟୀ, ଫିଶର ରୋଷେଇ ଘରେ ମୋଟ ୧୬୦ ଘଣ୍ଟାରୁ ଅଧିକ ସମୟ ରୋଷେଇ କରିଥିଲେ। ଏହା ମଧ୍ୟରେ ମାତ୍ର ଗୋଟିଏ ଦିନ ସେ ଆରାମ କରିଥିଲେ। ଏଥିଲାଗି ସେ ଅନେକ ରାତି ଅନିଦ୍ରା ହୋଇଛନ୍ତି। ଅନେକ ମାନସିକ, ଆର୍ଥିକ ସମସ୍ୟା ଦେଇ ଗତି କରିଥିବା ନେଇ ଗିନିଜ୍ ୱାର୍ଲ୍ଡ ରେକର୍ଡକୁ କହିଛନ୍ତି। ଏଥିନେଇ ତାଙ୍କୁ ଅନେକ ଶୁଭେଚ୍ଛାର ସୁଅ ଛୁଟୁଛି।



# ବାଦ୍‌ଶାହଙ୍କ ସହ ଡେଟିଂ ଚର୍ଚ୍ଚା

**ମୁମ୍ବାଇ:** ଅଭିନେତ୍ରୀ ଶିଳ୍ପା ଶେଟ୍ଟୀଙ୍କ ଘରେ ଆୟୋଜିତ ଦୀପାବଳି ପାର୍ଟିକୁ ଅନେକ ତାରକାଙ୍କ ଆଗମନ ହୋଇଥିଲା। ସେଥିମଧ୍ୟରେ ବଲିଉଡ୍‌ର ଲୋକପ୍ରିୟ ରାପର ବାଦ୍‌ଶାହଙ୍କ ସହିତ ଅଭିନେତ୍ରୀ ମୃଣାଳ ଠାକୁରଙ୍କୁ ଏକାଠି ଦେଖିବାକୁ ମିଳିଛି। ଯେଉଁଥିପାଇଁ ସେମାନେ ଡେଟିଂ କରୁଥିବା ଚର୍ଚ୍ଚା ହେଉଛି। ତେବେ କିଛିଦିନ ହେବ ମୃଣାଳଙ୍କ ବିବାହକୁ ନେଇ ଚର୍ଚ୍ଚା ହେଉଥିଲା। ହେଲେ ସେ କାହାକୁ ବିବାହ କରିବେ ତାହା ଜଣାପଡ଼ି ନ ଥିଲା। ଏଥିସହ ମୃଣାଳ ମଧ୍ୟ ବିବାହ ନେଇ କିଛି ପ୍ରତିକ୍ରିୟା ଦେଇ ନ ଥିଲେ। ହେଲେ ଏବେ ମୃଣାଳ ବାଦ୍‌ଶାହଙ୍କ ହାତଧରି ଦୀପାବଳି ପାର୍ଟିକୁ ଯିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଦୁହିଁଙ୍କର ଏହି ଭିଡିଓ ଭାଇରାଲ ହେବା ପରେ ଦୁହେଁ ପରସ୍ପରଙ୍କୁ ଡେଟ୍ କରୁଥିବା ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ବାଦ୍‌ଶାହ ପ୍ରାୟ ୩ ବର୍ଷ ପୂର୍ବେ ସ୍ତ୍ରୀ ଜସ୍ମିନ୍‌ଙ୍କଠାରୁ ଅଲଗା ହେବାପରେ ପଞ୍ଜାବୀ ଅଭିନେତ୍ରୀ ଇଶା ରିଖୀଙ୍କୁ ଡେଟ୍ କରୁଥିବା ଚର୍ଚ୍ଚା ହେଉଥିଲା। ଦୁହେଁ ବିବାହ କରିବେ ବୋଲି ଚର୍ଚ୍ଚା ହେବା ପରେ ଏହା ମିଛ ବୋଲି ବାଦ୍‌ଶାହ କହିଥିଲେ।



ମୃଣାଳ ଠାକୁର

# କଙ୍କାଳ ମଝିରେ ବିବାହ

ପ୍ୟାରିସ୍

ଲୋକେ ତାଙ୍କ ବିବାହକୁ ସ୍ମରଣୀୟ କରିବାକୁ ଅନେକ ଯୋଜନା କରିଥାନ୍ତି। ଆଗରୁ ଘରେ, ପାଖ ମନ୍ଦିରରେ ବିବାହ କରୁଥିବାବେଳେ ଏବେ ସେମାନେ କିଛି ନୂଆ ସ୍ଥାନକୁ ବାଛୁଛନ୍ତି। ମୁଖ୍ୟତଃ ଲୋକେ ପବିତ୍ର ସ୍ଥାନରେ ବିବାହ କରିଥାନ୍ତି। ହେଲେ ନିକଟରେ ଆମେରିକାର ଏକ ଯୋଡ଼ି ଏପରି ଏକ ସ୍ଥାନରେ ବିବାହ କରିଛନ୍ତି, ଯାହା ଜାଣିଲେ ଆଶ୍ଚର୍ଯ୍ୟ ଲାଗିବ। ରିପୋର୍ଟ ମୁତାବକ, ଉକ୍ତ ଯୋଡ଼ି ହେଲୋୱିନ୍ ଅବସରରେ ବିବାହ କରିଛନ୍ତି। ଏହାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଭିଡିଓରେ ଦୁହେଁ ଲୋକଙ୍କ ହାଡ଼, କଙ୍କାଳ, ଖପୁରି ଭର୍ତ୍ତି ଏକ ସ୍ଥାନରେ ବିବାହ କରିଛନ୍ତି। ଦମ୍ପତି କହିଛନ୍ତି, ସେମାନେ ରାତି ଖାଇବା ଖାଇସାରି ଜଣେ ସାଙ୍ଗ ତଥା ଗାଇଡ୍‌ଙ୍କ ସହିତ ସେମାନେ ପ୍ୟାରିସ୍‌ର କାଟାକୋମ୍ବଠାରେ ଥିବା ଏକ ଗୁପ୍ତ ରାସ୍ତା ଦେଇ ଏହି ସ୍ଥାନକୁ ଯାଇଥିଲେ। ସେଠାରେ ହାଡ଼, କଙ୍କାଳ, ଖପୁରି ପଡ଼ିଥିବା ମଝିରେ ବିବାହ କରିବା ସହ ଫଟୋଶୁଟ ମଧ୍ୟ କଲେ। ଏହି ଗୁମ୍ଫା ମାଟିଠାରୁ ପ୍ରାୟ ୨୦ ମିଟର ତଳେ ରହିଛି। ଯେଉଁଠାରେ ଅନେକ ଖପୁରି ଏବଂ ହାଡ଼ ରହିଛି।





# ୨ ଗର୍ଭାଶୟରେ ୨ ଶିଶୁ

ମଣ୍ଟେଗୋମେରି

ମା' ହେବା ପ୍ରତ୍ୟେକ ମହିଳାଙ୍କ ପାଇଁ ବେଶ୍ ନିଆରା ଅନୁଭୂତି ହୋଇଥାଏ। ନିକଟରେ ଆମେରିକାର ଜଣେ ମହିଳା ଗର୍ଭବତୀ ଅଛନ୍ତି। ତେବେ ସେହି ମହିଳା ତାଙ୍କ ଗର୍ଭରେ ଦୁଇଟି ଶିଶୁଙ୍କୁ ଧାରଣ କରିଛନ୍ତି। ହେଲେ ଉକ୍ତ ଦୁଇ ଶିଶୁ ଯାଆଁଳା ନ ଥିବା ଜଣାପଡ଼ିଛି। ଏପରି ଘଟଣା ଡାକ୍ତରଙ୍କୁ ଆଶ୍ଚର୍ଯ୍ୟ କରିଛି। ରିପୋର୍ଟ ମୁତାବକ, ଆଲାବମାର ବାସିନ୍ଦା କେଲ୍‌ସି ହାଚେରୀ ଏବଂ ତାଙ୍କ ସ୍ୱାମୀ କଲେବଙ୍କ ପୂର୍ବରୁ ୩ ସନ୍ତାନ ଅଛନ୍ତି। କେଲ୍‌ସି ଚଳିତବର୍ଷ ଗର୍ଭବତୀ ଥିବା ଜାଣିବାକୁ ପାଇଥିଲେ। କ୍ରୀଷ୍ଟମାସକୁ ତାଙ୍କ ଡେଲିଭରି ସମୟ ଥିବା ଡାକ୍ତର କହିଛନ୍ତି। ପ୍ରକୃତରେ କେଲ୍‌ସି ୨ଟି ଗର୍ଭାଶୟ ସହିତ ଜନ୍ମ ହୋଇଥିଲେ। ଏବେ ତାଙ୍କର ୨ଟି ଗର୍ଭାଶୟରେ ୨ ପିଲା ରହିଛନ୍ତି। ଏହା ଏକ ବିରଳ ଘଟଣା। ଡେଲିଭରି ସମୟରେ କେଲ୍‌ସିଙ୍କ ପିଲା ନଷ୍ଟ ହୋଇଯିବା ନେଇ ଡାକ୍ତର ଚିନ୍ତା ପ୍ରକଟ କରିଛନ୍ତି। ୨ ପିଲା ଭିନ୍ନ ଗର୍ଭାଶୟରେ ଥିବାରୁ ସେମାନଙ୍କୁ ଯାଆଁଳା କୁହାଯାଇ ପାରିବନି ବୋଲି ଆଲାବମାର ସ୍ତ୍ରୀ ବିଶେଷଜ୍ଞ ଶ୍ୱେତା ପଟେଲ କହିଛନ୍ତି।



# ସୋରିଷ ଚାଷ



ସୋରିଷ ଚାଷରେ ପାଉଁଶିଆ ରୋଗ ଦମନ ପାଇଁ ପ୍ରୋପିକୋନାଜୋଲ୍ ୧ ମି.ଲି. କିମ୍ବା କାରାଥେନ୍ ୧ ମି.ଲି./୧ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଜଉପୋକ ଦମନ ପାଇଁ ହେକ୍ଟର ପ୍ରତି ୧୦୦୦ ମି.ଲି. ଡାଇମିଥୋଏଟ୍ ୩୦ ଇ.ସି. କିମ୍ବା ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ୍. ୧୨୫ ମି.ଲି. ବା ଥାୟୋମିଥୋକ୍ଜାମ୍ ୨୫ ଏସ୍‌ଜି - ୧୨୫ ଗ୍ରାମ୍‌କୁ ୫୦୦ ଲିଟର ପାଣିରେ ମିଶାଇ ଉପରବେଳା ସିଞ୍ଚନ କରନ୍ତୁ । ଏହି ଫସଲରେ ପତ୍ରଚିତା ଦାଗ ଦେଖାଦେଲେ ଏହାର ଦମନ ପାଇଁ ହେକ୍ଟର ପ୍ରତି ୧.୫ କି.ଗ୍ରା. କପର ଅକ୍ସିକ୍ଲୋରାଇଡ୍ ବା ୧.୫ କି.ଗ୍ରା. ମାଙ୍କୋଜେବ୍‌କୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । କରତିଆ ମାଛି/ପତ୍ରଛନ୍ଦା ପୋକର ଦମନ ପାଇଁ ହେକ୍ଟର ପ୍ରତି ୫୦୦ ମି.ଲି. ଇଥୋଫେନ୍‌ପ୍ରକ୍ସ ୧୦ ଇ.ସି. କିମ୍ବା ୫୦୦ ମି.ଲି. ଇଣ୍ଡକ୍ସାକାର୍ବ ୧୪.୫% ଇ.ସି. ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

# ଆଫ୍ରିକୀୟ ଗେଣ୍ଡୁଫୁଲ



ଆଫ୍ରିକୀୟ ଗେଣ୍ଡୁର କିସମଗୁଡ଼ିକ ଯଥା-ଜାଏଣ୍ଟବଲ, ଆଫ୍ରିକାନ୍ ଅରେଞ୍ଜ, ଏରଲି ଏଲୋ, ଏରଲି ଅରେଞ୍ଜ, ସେରାକୋଲା, ଆଫ୍ରିକଟ୍, ସନ୍‌ଜାଏଣ୍ଟ, କ୍ରାଉନ୍‌ଅଫ୍ ଗୋଲ୍‌ଡ, ସ୍ୱନ୍ ଗୋଲ୍‌ଡ, କ୍ୟୁପ୍ରିଡ୍ ଏଲୋ ଇତ୍ୟାଦି ବ୍ୟବହାର କରନ୍ତୁ। ୨୫ରୁ ୩୦ଦିନର ତଳି ବା ଡାଳ କଲମୀ ଉପରବେଳା ରୁଅନ୍ତୁ। ତଳିକୁ ଧାଡ଼ିକୁ ଧାଡ଼ି ୩୦ ସେ.ମି. ଓ ଗଛକୁ ଗଛ ୨୦ସେ.ମି. ବ୍ୟବଧାନରେ ଲଗାନ୍ତୁ। ଚାରାଗୁଡ଼ିକ ଜମିରେ ଭଲଭାବରେ ଲାଗିଯିବା ପାଇଁ ତଳି ଲଗାଇବା ପରେ ହାଲ୍‌କା ଜଳସେଚନ କରନ୍ତୁ। ଗଛ ଲଗାଇବା ପୂର୍ବରୁ ଏକର ପ୍ରତି ୨୦ଟନ୍ ଗୋବରଖତ ୪୦ କି.ଗ୍ରା ଯବକ୍ଷାରଜାନ, ୮୦ କି.ଗ୍ରା. ଫସ୍‌ଫରସ୍ ଓ ୮୦ କି.ଗ୍ରା. ପଟାସ ସାର ପ୍ରୟୋଗ କରନ୍ତୁ।

# ଜୈବିକ ପଦ୍ଧତିରେ ଚିନାବାଦାମ ଚାଷ



ଡା. ମାନସ ରଞ୍ଜନ ପଟ୍ଟନାୟକ

ଆମ ରାଜ୍ୟର ମୁଖ୍ୟ ଫସଲ ଧାନ ହୋଇଥିଲେ ମଧ୍ୟ ଆମେ ପନିପରିବା, ଡାଲିଜାତୀୟ ଫସଲ, ମସଲା ମଧ୍ୟରେ ତୈଳଜାତୀୟ ଫସଲକୁ ପ୍ରାଧାନ୍ୟ ଦେଇଆସିଛୁ। ଏହି ଫସଲ ମଧ୍ୟରେ ଚିନାବାଦାମ ମଧ୍ୟ ଏକ ଅର୍ଥକରୀ ତଥା ଲାଭଜନକ ଫସଲ। ପୂର୍ବରୁ ଏହି ଚିନାବାଦାମ ଆମେ ରାସାୟନିକ ସାର ଦ୍ୱାରା ଚାଷ କରୁଥିଲେ। ମାତ୍ର ଆଜିର ଦିନରେ ଜୈବିକ ଖତ ଦ୍ୱାରା ଚାଷ କରିବାକୁ ପସନ୍ଦ କରୁଛେ।

**ଚିନାବାଦାମର ବ୍ୟବହାର**

ଚିନାବାଦାମକୁ ଖାଇବାତେଲ ରୂପେ ବ୍ୟବହାର କରାଯାଇପାରିବ। ଚେନାଚୁର, ମିଠାଇ ଆଦି ପ୍ରସ୍ତୁତ କରିବା ବେଳେ ଏହାକୁ ବ୍ୟବହାର କରାଯାଇପାରିବ। ବାଦାମ ପକୋଡ଼ି, ବାଦାମ ଲଡୁରେ ଏହାକୁ ବ୍ୟବହାର କରାଯାଇଥାଏ। ଚିନାବାଦାମ ମଞ୍ଜିରେ ଯଥେଷ୍ଟ ପରିମାଣର ପୁଷ୍ଟିସାର, ସ୍ନେହସାର ଓ ଶ୍ୱେତସାର ରହିଥାଏ। ଏହାବ୍ୟତୀତ ଖଣିଜ ଲବଣ ମଧ୍ୟ ରହିଛି। ଚିନାବାଦାମ ପିଡ଼ିଆକୁ ଖତ ହିସାବରେ ବ୍ୟବହାର କରାଯାଇଥାଏ। କେତେକ ସ୍ଥାନରେ ଚିନାବାଦାମ ଗଛକୁ ଗୋଖାଦ୍ୟ ରୂପେ ବ୍ୟବହାର କରାଯାଇପାରିବ।

**ଜଳବାୟୁ**

ଉଷ୍ମ ଜଳବାୟୁରେ ଚିନାବାଦାମ ଭଲ ହୁଏ। ଆମ ରାଜ୍ୟରେ ସବୁ ଋତୁରେ ଚିନାବାଦାମ ଚାଷ କରାଯାଇପାରିବ। ଖରିଫ ଚିନାବାଦାମ ଜୁନ୍‌ରୁ ଜୁଲାଇ ୧୫, ରବିଋତୁରେ ଅକ୍ଟୋବର ଓ ନଭେମ୍ବର ଏବଂ ଗ୍ରୀଷ୍ମଋତୁ ପାଇଁ ଜାନୁୟାରୀରୁ ଫେବୃୟାରୀ ୧୫ ପର୍ଯ୍ୟନ୍ତ ଚିନାବାଦାମ ଚାଷ କରିପାରିବେ।

**ମୃତ୍ତିକା**

ବାଲି ଦୋରସା ଏବଂ ଦୋରସା ମାଟି ଚିନାବାଦାମ ଚାଷ ପାଇଁ ଉପଯୋଗୀ ହୋଇଥାଏ। ଏପରିକି ହାଲୁକା ମାଟିରେ ଏହି ଚାଷ କରାଯାଇପାରିବ ଏବଂ ସେଥିରୁ ଭଲ ଅମଳ ମଧ୍ୟ ମିଳିଥାଏ। ଏହି ମାଟିର ଅମ୍ଳ ପରିମାପକ ମୂଲ୍ୟ ୫.୫-୬.୫ ମଧ୍ୟରେ ରହିଥାଏ।

**କିସମ**

ଚିନାବାଦାମର ଉନ୍ନତ କିମସଗୁଡ଼ିକ ମଧ୍ୟରେ ରହିଛି-ଏକେ-୧୨-୨୪, ଜେଏଲ-୨୪, ଦେବୀ, ଜେଏଲ୍, ଆର୍‌ସିବିଏମ୍-୪୪, ଟିଏମ୍‌ସି-୨, ସ୍ମୃତି ଏବଂ କାଦ୍ରି-୩।

**ଅମଳ ଅବଧି**

ଉପରୋକ୍ତ କିସମଗୁଡ଼ିକ ୯୫-୧୨୦ ଦିନ ମଧ୍ୟରେ ଅମଳ ହୋଇଥାଏ।

**ବିହନ ପରିମାଣ**

୧ଏକର ଜମିରେ ବୁଣିବା ପାଇଁ ୭୦ କି.ଗ୍ରା. ବା ୫୦ କି.ଗ୍ରା. ମଞ୍ଜି ଆବଶ୍ୟକ ହୋଇଥାଏ।

**ବିହନ ବିଶୋଧନ**

ଚିନାବାଦାମ ବିହନକୁ ଗୋମୂତ୍ରରେ ୩-୪ ଘଣ୍ଟା ଭିଜାଇ ଦିଅନ୍ତୁ। ତା'ପରେ ସେଗୁଡ଼ିକୁ ଖରାରେ ଶୁଖାନ୍ତୁ। ଏହି ବିଶୋଧିତ ବିହନକୁ ନେଇ ଚିନାବାଦାମ ଚାଷକଲେ ସେଥିରୁ ଭଲ ଅମଳ ମିଳିଥାଏ। ତା'ସହ କେତେକ ରୋଗପୋକରୁ ଚିନାବାଦାମ ଚାଷ ରକ୍ଷାପାଇଥାଏ। ଚିନାବାଦାମ ବୁଣିବା ପାଇଁ ପ୍ରଥମେ ଜମିକୁ ଭଲ ଭାବରେ ଚାଷ କରନ୍ତୁ। ଧାଡ଼ିକୁ ଧାଡ଼ି ୨୫-୩୦ ସେ.ମି. ଓ ଗଛକୁ ଗଛ ୧୦ ସେ.ମି. ବ୍ୟବଧାନରେ ଚିନାବାଦାମ ବିହନ ବୁଣନ୍ତୁ।





"ବାଲି ଦୋରସା ଏବଂ ଦୋରସା ମାଟି ଚିନାବାଦାମ ଚାଷ ପାଇଁ ଉପଯୋଗୀ ହୋଇଥାଏ। ଏପରିକି ହାଲୁକା ମାଟିରେ ଏହି ଚାଷ କରାଯାଇପାରିବ ଏବଂ ସେଥିରୁ ଭଲ ଅମଳ ମଧ୍ୟ ମିଳିଥାଏ। ଏହି ମାଟିର ଅମ୍ଳ ପରିମାପକ ମୂଲ୍ୟ ୫.୫-୬.୫ ମଧ୍ୟରେ ରହିଥାଏ।"

**ଖାଦ୍ୟସାର ପରିଚାଳନା**

ଚିନାବାଦାମ ଚାଷ ସମୟରେ ଏକର ପ୍ରତି ୧୦ ଟନ୍ କମ୍ପୋଷ୍ଟ କିମ୍ବା ଶଢ଼ା ଗୋବର ଖତ ବିହନ ବୁଣିବା ପୂର୍ବରୁ ଜମିରେ ପ୍ରୟୋଗ କରନ୍ତୁ। ୮ ଟନ୍ ନିମ୍ବ ପିଡ଼ିଆ ପ୍ରୟୋଗ କଲେ ଅଧିକ ଅମଳ ମିଳିଥାଏ।

**ରୋଗପୋକ ଓ ତା'ର ପ୍ରତିକାର**

ଚିନାବାଦାମ ଟିକା ରୋଗ ହେଲେ ପତ୍ର ଉପରେ ଗୋଲାକାର ଦାଗମାନ ଦେଖାଯାଏ। ଅଧିକ ଆକ୍ରାନ୍ତ ପତ୍ର ହଳଦିଆ ପଡ଼ି ଝଡ଼ିଯାଏ। ଏଥିରେ କଳଙ୍କି ରୋଗ ହେଲେ ପତ୍ର ଉପରେ ହଳଦିଆ ରଙ୍ଗର ଫୋଟକା ହେବା ପରି ଜଣାପଡ଼େ। ଏହି ରୋଗକୁ ଦମନ କରିବା ପାଇଁ ଦୁଧିଆଳୀ ଗାଈର ମୂତ୍ର ୨୧ ଲିଟର, କଞ୍ଚା ନିମ୍ବ ପତ୍ର ୫ କି.ଗ୍ରା., ମନ୍ଦାର ପତ୍ର ୨ କି.ଗ୍ରା., ଦୁଦୁରା ପତ୍ର ୨ କି.ଗ୍ରା., ରସୁଣ ୧ କି.ଗ୍ରା. ନିମ୍ବପତ୍ର ଅବା ଫଳ ୨-୩ କି.ଗ୍ରା. ଏବଂ ଧୂଆଁପତ୍ର ୨୫ ଗ୍ରାମ୍ ମିଶାଇ ପ୍ରୟୋଗ କରନ୍ତୁ। ହେଲେ ପ୍ରୟୋଗ ପୂର୍ବରୁ ଉପରୋକ୍ତ ସମସ୍ତ ଦ୍ରବ୍ୟକୁ ମିଶାଇ ଗୋଟିଏ ପ୍ଲାଷ୍ଟିକ ପାତ୍ରରେ ୪୦ ଦିନ ପର୍ଯ୍ୟନ୍ତ ଘୋଡ଼ାଇ ରଖନ୍ତୁ। ୪୦ ଦିନ ପରେ ଏହାକୁ ଛାଣି ରସ ବାହାର କରାଯାଏ। ପ୍ରତି ଲିଟର ରସ ସହ ୨୫ ଲିଟର ପାଣି ମିଶାଇ ୧୦-୧୫ଦିନ ବ୍ୟବଧାନରେ ଗୋମୂତ୍ର ସିଞ୍ଚନ ସହିତ ଅଦଳବଦଳ କରି ଫସଲରେ ସ୍ପ୍ରେ କଲେ ପୋକ ନିୟନ୍ତ୍ରଣ ହୁଏ। ଏହାବ୍ୟତୀତ ବିହନ ବୁଣିବା ପୂର୍ବରୁ ଘୋଳଦହିରେ ବିହନକୁ ୪-୫ ଘଣ୍ଟା ରଖି ବୁଣିଲେ ରୋଗପୋକ ନିୟନ୍ତ୍ରଣରେ ରହିଥାଆନ୍ତି।

-ପ୍ରିନ୍ସିପାଲ, ଆଗ୍ରୋପଲିଟେକ୍‌ନିକ୍ ସେଣ୍ଟର, ଫିସରି ସାଇନ୍ସ, ରଙ୍ଗେଇଲୁଣ୍ଡା ଓୟୁଏଟି
ମୋ : ୯୪୩୯୬୩୮୦୦୪

## ଅଳ୍ପରେ...

➤ ପ୍ରାଣୀଙ୍କ ଗୁହାଳ ପରିଷ୍କାର ଓ ଶୁଖିଲା ରଖନ୍ତୁ । ଗୁହାଳ ଓ ଘର ଚାରିପାଖ ଉଚ୍ଚା ଓ ନିଗିଡ଼ା କରନ୍ତୁ, ନଚେତ୍ ପାଣି ଜମି ସନ୍ତସନ୍ତିଆ ହେଲେ ଗୋରୁଙ୍କୁ ବିଭିନ୍ନ ସଂକ୍ରାମକ ରୋଗ ହେବା ଆଶଙ୍କା ଥାଏ ।

➤ ଚଳିତ ମାସରେ ଗୋ-ମହିଷଙ୍କୁ ଅଢ଼େଇ ଦିନିଆ ଜ୍ୱର ହୋଇଥାଏ । ଗୋ-ମହିଷଙ୍କ ଦେହରେ ଅଧିକ ତାତି ରହେ ଓ ଆକ୍ରାନ୍ତ ପ୍ରାଣୀ ଗୋଟିଏ ଗୋଡ଼ ଟେକି ରଖେ । ଏହି ଜ୍ୱରର ଉପଶମ ପାଇଁ ଡାକ୍ତରଙ୍କ ପରାମର୍ଶରେ ଔଷଧ ଖୁଆନ୍ତୁ ।

➤ ମଶା ଓ ମାଛିଙ୍କ ଉପଦ୍ରବରୁ ରକ୍ଷା କରିବାକୁ ଗୁହାଳର ତଳକୁ ଦିନରେ ଅନ୍ତତଃ ଥରେ ବା ଦୁଇଥର ଫିନାଇଲ ପ୍ରଭୃତି ବିଶୋଧକ ପଦାର୍ଥରେ ସଫା କରନ୍ତୁ ।

➤ ଫିମ୍ପି ହୋଇଥିବା ଦାନା ଖୁଆନ୍ତୁ ନାହିଁ । ଏହା ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ ।

➤ ଗୁହାଳ ତଳ ଓଦା ରଖନ୍ତୁ ନାହିଁ । ଓଦା ରହିଲେ ବିଭିନ୍ନ ରୋଗର ଆଶଙ୍କା ଥାଏ। ଗୁହାଳକୁ ଶୁଖିଲା ରଖିବା ପାଇଁ ପାଉଁଶ ବା ବାଲି ବିଛାନ୍ତୁ । ବର୍ଷାଋତୁରେ ଗୋ-ମହିଷ ଓ ବାଛୁରୀଙ୍କୁ ସାହାଣ ଓ ବଜବଜିଆ ରୋଗ ହେବା ଆଶଙ୍କା ଥାଏ। ଏହି ସଂକ୍ରାମକ ରୋଗ ନ ହେବା ପାଇଁ ପୂର୍ବରୁ ପ୍ରତିଷେଧକ ଟିକା ଦିଅନ୍ତୁ । ରୋଗ ଦେଖାଗଲେ ତୁରନ୍ତ ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶ ନିଅନ୍ତୁ ।

## ସୂର୍ଯ୍ୟମୁଖୀ ଫସଲରେ କୀଟ ଦମନ



ସୂର୍ଯ୍ୟମୁଖୀ ଫସଲରେ କର୍ତ୍ତକ କୀଟ, ଶୁଁବାଳୁଆ, ଧଳାମାଛି, ଥ୍ରୀପ୍ସ, ଜଉପୋକ, ସବୁଜ ଘୋଡ଼ାପୋକ, ଧୂଆଁପତ୍ର ଗୋଟିପୋକ, ଫୁଲବିନ୍ଧା ପୋକ, ପତ୍ରଦାଗ ରୋଗ, ମୂଳଶଢ଼ା ରୋଗ, ଝାଉଁଳା ରୋଗ, କଳଙ୍କି ରୋଗ, ନିମ୍ନମୁଖୀ ପତ୍ରପୋଡ଼ା ରୋଗ ଓ ଫୁଲଶଢ଼ା ରୋଗ ଇତ୍ୟାଦି ଦେଖାଯାଏ । ଏହାର ନିରାକରଣ ପାଇଁ ସମନ୍ୱିତ ରୋଗପୋକ ପରିଚାଳନା ପଦ୍ଧତି ଅବଲମ୍ବନ କରନ୍ତୁ । ସୂର୍ଯ୍ୟମୁଖୀ ଫସଲର ଚାରିପାଖରେ ମକା, ଗାଜର, ବାଜରା ଆଦି ଫସଲ ଚାଷକରି ଥ୍ରୀପ୍ସ ଆକ୍ରମଣ କମାନ୍ତୁ । ସର୍ବଦା ପ୍ରମାଣିତ ବିହନ ବ୍ୟବହାର କରନ୍ତୁ । ଭଲ ଅମଳ ପାଇଁ ଖତ ଓ ମୂଳସାରକୁ ବିହନ ବୁଣିବାର ୧ ସପ୍ତାହ ପୂର୍ବରୁ ମାଟିରେ ମିଶାନ୍ତୁ । ପ୍ରଥମ ୪୫ ଦିନ ପର୍ଯ୍ୟନ୍ତ ଜମିକୁ ଘାସ ମୁକ୍ତ ରଖନ୍ତୁ । ସକାଳ ସମୟରେ କୌଣସି କୀଟନାଶକ ବିଷ ପ୍ରୟୋଗ କରନ୍ତୁ ନାହିଁ । ଏହା ମହୁମାଛି ପାଇଁ କ୍ଷତିକାରକ । ତେଣୁ ଅପରାହ୍ନରେ ସିଞ୍ଚନ କରନ୍ତୁ । ଶୋଷକ ପୋକ ଯଥା- ଧଳାମାଛି, ଜଉପୋକ ପାଇଁ ଏକର ପ୍ରତି ଡାଇମିଥୋଏଟ୍ ୪୦୦ ମି.ଲି.କୁ ୨୦୦ ଲିଟର ହିସାବରେ ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ସବୁଜ ଘୋଡ଼ାପୋକ ପାଇଁ ଏକର ପ୍ରତି କ୍ଲୋରୋପାଇରିଫସ୍ ବା ପ୍ରୋଫେନୋଫସ୍ ୪୦୦ ମି.ଲି.କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଫୁଲ ଫୁଟିବା ସମୟରେ ବିଷାକ୍ତ କୀଟନାଶକ ପ୍ରୟୋଗ କରନ୍ତୁ ନାହିଁ । ନିମଜାତୀୟ ଔଷଧ ଯଥା ଆଜାଡିରାକ୍ଟିନ୍ ୦.୧୫% ୩ ମି.ଲି.କୁ ୧ ଲିଟର ପାଣିରେ ମିଶାଇ ସ୍ପ୍ରେ କରନ୍ତୁ । ୨୫ ରୁ ୩୦ ଦିନ ହୋଇଥିବା ସୂର୍ଯ୍ୟମୁଖୀରେ କୋଡ଼ାଖୁସା କରି ଘାସ ବାଛି ଦିଅନ୍ତୁ। ଉନ୍ନତ କିସମ ପାଇଁ ହେକ୍ଟର ପ୍ରତି ୨୦ କି.ଗ୍ରା. ଏବଂ ସଙ୍କର କିସମ ପାଇଁ ୨୫ କି.ଗ୍ରା. ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ ।



## ଅମୃତଭଣ୍ଡା ଚାଷରେ ମୂଳଶଢ଼ା ରୋଗ ହେଲେ

ଅମୃତଭଣ୍ଡା ଗଛର ମୂଳଶଢ଼ା ରୋଗ ପ୍ରତିକାର ପାଇଁ ଗଛମୂଳକୁ ମାଟି ଟେକନ୍ତୁ ଓ ପାଣି ଜମିବାକୁ ଦିଅନ୍ତୁ ନାହିଁ । ରୋଗଣା ଗଛକୁ ବାହାର କରିଦିଅନ୍ତୁ । ମେଟାଲାକ୍ସିଲ୍ x ମାଙ୍କୋଜେବ୍ (ରିଡୋମିଲ୍ ଏମ୍.ଜେଡ୍) ୧ ଲିଟର ପାଣିରେ ୨ ଗ୍ରାମ୍ ମିଶାଇ ଗଛ ମୂଳରେ ମାଟି ଭିଜା କରନ୍ତୁ। ବର୍ଷାଦିନେ ଲେମ୍ବୁରେ ଫାଇଟୋଫ୍‌ଥୋରା ଶଢ଼ା ରୋଗ ପ୍ରାଦୁର୍ଭାବ ବେଶି ହୁଏ । ଗଛ ଗଣ୍ଡିର ନିମ୍ନ ଭାଗରୁ ଅଠା ବାହାରେ। ଏହାର ଦମନ ପାଇଁ ଆକ୍ରାନ୍ତ ହୋଇଥିବା ଡାଳପତ୍ରକୁ ଗଛରୁ କାଟି ଦିଅନ୍ତୁ । ବୋର୍ଡୋ ମିକ୍ସଚର ବା ଦ୍ରବଣ ସିଞ୍ଚନ କରନ୍ତୁ ଓ କଟା ଜାଗାରେ ପ୍ରଲେପ ଦିଅନ୍ତୁ । ୧ ମାସ ଅନ୍ତରରେ କପର ଅକ୍ସିକ୍ଲୋରାଇଡ୍ ୧ ଲିଟର ପାଣିରେ ୩ ଗ୍ରାମ୍ ମିଶାଇ ସିଞ୍ଚନ କରନ୍ତୁ। ୦.୫% ବୋର୍ଡୋକ୍ସ ମିକ୍ସଚରକୁ ୧୫ ଦିନ ଅନ୍ତରରେ ସିଞ୍ଚନ କରାଯାଇପାରିବ । ପିଜୁଳି ଓ ଲେମ୍ବୁର ପାଣି କୁଆଁ ସବୁ କାଟି ଦିଅନ୍ତୁ।

# ଗୋ-ସମ୍ବର୍ଦ୍ଧନା ସପ୍ତାହ

ଗୋମାତା ଆମର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତର କର୍ଣ୍ଣଧାର। ଗୋ-ବର୍ଦ୍ଧନ ପୂଜା ଓ ଗୋଷ୍ଠାଷ୍ଟମୀକୁ ସଂଶ୍ଳିଷ୍ଟ କରାଯାଇ ୧୯୫୨ ମସିହାରୁ ଗିରି ଗୋବର୍ଦ୍ଧନ ଓ ଗୋମାତାର ପୂଜାବିଧି ପାଳନ ପୂର୍ବକ ଆମ ରାଜ୍ୟ ତଥା ଦେଶରେ ଏହାକୁ 'ଗୋ-ସମ୍ବର୍ଦ୍ଧନା ସପ୍ତାହ' ଭାବରେ ପାଳନ କରାଯାଇ ଆସୁଅଛି। ଆମ ଐତିହ୍ୟ, ସଂସ୍କୃତି ଓ ପରମ୍ପରା ସହ ଗୋମାତା ଓତପ୍ରୋତ ଭାବେ ଜଡ଼ିତ। ଗୋମାତା ହେଉଛି ଐଶ୍ୱରିକ ଚେତନାର ଶ୍ରେଷ୍ଠ ନିଦର୍ଶନ। ଏହା ପ୍ରକୃତିର ୫ଟି ମୌଳିକ ଉପାଦାନକୁ ରୂପାନ୍ତରିତ କରିଥାଏ। ତାହା ହେଲା- କୃଷିଜାତ ବର୍ଜ୍ୟ ପଦାର୍ଥକୁ କ୍ଷୀରରେ ରୂପାନ୍ତରିତ କରିଥାଏ। ଗୋରୁର ମଳ ହେଉଛି ପବିତ୍ର, ଯାହାର ସଂସ୍ପର୍ଶରେ ଗୋମୟ ପରିବେଶ ସୃଷ୍ଟି ହୋଇଥାଏ। ଗୋବର ହେଉଛି ଭୂମିର ଶ୍ରେଷ୍ଠ ପ୍ରାକୃତିକ ଖାଦ୍ୟ । ଜୈବିକ ଖାଦ୍ୟଶସ୍ୟ ଉତ୍ପାଦନ କ୍ଷେତ୍ରରେ ଗୋବରର ଭୂମିକା ବିଶେଷ ରହିଛି। ଗୋମୂତ୍ର ଏକ ଅବ୍ୟର୍ଥ ଔଷଧ ରୂପେ ବ୍ୟବହାର ହୋଇଥାଏ ।

ପୁରାଣ କଥା ଅନୁସାରେ ଶ୍ରୀକୃଷ୍ଣ ଗୋପବାସୀ ଓ ଗୋସମ୍ପଦକୁ ପ୍ରବଳ ବୃଷ୍ଟିପାତରୁ ରକ୍ଷା କରିବାପାଇଁ ନିଜର ବାମ ହାତର କନିଷ୍ଠାଙ୍ଗୁଳିରେ ଏକାଦିକ୍ରମେ ୭ ଦିନ ପର୍ଯ୍ୟନ୍ତ ଗିରିଗୋବର୍ଦ୍ଧନ ଧାରଣ କରିଥିଲେ। ବର୍ଷାର ବେଗ କମାଇବା ପାଇଁ ପ୍ରଭୁ ଶ୍ରୀକୃଷ୍ଣ ସୁଦର୍ଶନ ଚକ୍ରକୁ ନିୟୋଜିତ କରିଥିଲେ । ଶେଷରେ ଇନ୍ଦ୍ର ପରାସ୍ତ ହୋଇ ସ୍ୱର୍ଗ ଗାଭୀ ସୁରଭି ସହ ଆସି ଗର୍ବଦଳନ ନରହରିଙ୍କୁ ସ୍ତୁତିକଲେ ଓ ଗୋଜାତି ତଥା ଗୋକୁଳର ଶ୍ରେଷ୍ଠ ରକ୍ଷକ ଭାବେ ତାଙ୍କ ନାମ 'ଗୋବିନ୍ଦ' ଦେଲେ। ସେହିଦିନଠାରୁ ଗିରି ଗୋବର୍ଦ୍ଧନ ଓ ଗୋମାତାର ପୂଜାବିଧି ପ୍ରଚଳିତ ହୋଇ ଆସୁଅଛି । ଏହିଦିନ ଗୋରୁଙ୍କୁ ଗାଧୋଇ ଦିଆଯାଇ ମଥାରେ ଅବିର, ସିନ୍ଦୂର ଓ ବେକରେ ଫୁଲମାଳ ପିନ୍ଧାଇ ପୂଜା କରାଯାଇଥାଏ ଏବଂ ସେମାନଙ୍କୁ ଶସ୍ୟଜାତୀୟ ଖାଦ୍ୟ, ସବୁଜ ଘାସ ଓ ଗୁଡ଼ ଆଦି ଖାଇବାକୁ ଦିଆଯାଏ । ଏହି ଉତ୍ସବ କାର୍ତ୍ତିକ ମାସ ଶୁକ୍ଳପକ୍ଷ ଅଷ୍ଟମୀ ତିଥିରେ ସମାହିତ ହୋଇଥିବାରୁ ଏହାକୁ ଗୋପାଷ୍ଟମୀ ବା ଗୋଷ୍ଠାଷ୍ଟମୀ ଆଖ୍ୟା ଦିଆଯାଇଛି ଏବଂ ସେଦିନଠାରୁ ଗୋପୂଜାର ପରମ୍ପରା ରହିଆସିଛି।

ବର୍ତ୍ତମାନ ଆମ ରାଜ୍ୟରେ ଗୋସମ୍ପଦର ବିକାଶ ସହ ଦୁଗ୍ଧ ଉତ୍ପାଦନ ବୃଦ୍ଧି ଲାଗି ଅନେକ ଯୋଜନା ପ୍ରଣୟନ କରାଯାଇଛି। ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ସେବା ଗୋପାଳକମାନଙ୍କ ଦ୍ୱାରଦେଶରେ ପହଞ୍ଚାଇ ଦିଆଯାଉଛି। ଏହି କାର୍ଯ୍ୟକ୍ରମ ଆମ ରାଜ୍ୟର ୩୧୪ ବ୍ଲକରେ ଅଦ୍ୟାବଧି କାର୍ଯ୍ୟକ୍ଷମ ହୋଇଛି ଏବଂ ଏହି ସେବା ମାଧ୍ୟମରେ କୃତ୍ରିମ ପ୍ରଜନନ, ଟିକାକରଣ, ଅସ୍ତ୍ରୋପଚାର, ଜନସଚେତନତା କାର୍ଯ୍ୟକ୍ରମକୁ ଅଧିକ ତ୍ୱରାନ୍ୱିତ କରାଯାଇଛି। ସେହିପରି ସବୁଜ ଗୋଖାଦ୍ୟର ଚାହିଦା ମେଣ୍ଟାଇବା ପାଇଁ ଖରିଫ୍ ଓ ରବିଋତୁରେ ଘାସମଞ୍ଜି ଯୋଗାଣ ସହ ସବୁଦିନିଆ ଘାସଚାଷ ପାଇଁ ଘାସମୂଳ, କାଣ୍ଡ, ଚାରା ଆଦି ଯୋଗାଇ ଦିଆଯାଉଛି। ଜାତୀୟ ପ୍ରାଣୀଧନ ମିଶନ ଯୋଜନାରେ ଜଣେ ଗୋପାଳକ ଅନ୍ୟୂନ ଅଧଏକର ଜମିରେ ସବୁଦିନିଆ ଘାସଚାଷ ନିମନ୍ତେ ୬ ହଜାର ଟଙ୍କାରୁ ଆରମ୍ଭକରି ଅଢ଼େଇ ଏକର ପର୍ଯ୍ୟନ୍ତ ଜମିରେ ୩୦ ହଜାର ଟଙ୍କା ପର୍ଯ୍ୟନ୍ତ ଗୋପାଳକମାନଙ୍କୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି। ସେହିପରି ତିରୋଟି ସମୟରେ ଆଜୋଲା ଚାଷ, ଫଡର ବ୍ଲକ ପ୍ରସ୍ତୁତି, ମାଟି ନ ଥାଇ ଘାସଚାଷ, ଜଳଶୁଷ୍କ ଅଞ୍ଚଳରେ ମରୁଡ଼ି ସହନଶୀଳ ଘାସଚାଷ ଆଦି କରିବା ନିମନ୍ତେ ଆଧୁନିକ ବୈଷୟିକ ଜ୍ଞାନକୌଶଳ ଯୋଗାଇ ଦିଆଯାଉଛି। ଆମ ରାଜ୍ୟରେ ଗୋସମ୍ପଦର ସାମୂହିକ ବିକାଶ ସହ ଦୁଗ୍ଧ ଉତ୍ପାଦନ ବୃଦ୍ଧି ନିମନ୍ତେ ରାଜ୍ୟ ଗୋ-ମହିଷାଦି ନୀତି-୨୦୧୫ ପ୍ରଣୟନ କରାଯାଇଛି। ଦେଶୀ ମଇଁଷିମାନଙ୍କ ଉତ୍ପାଦନ କ୍ଷମତା ବୃଦ୍ଧି ପାଇଁ ମୁରା ପ୍ରଜାତିର ମଇଁଷି ଷଣ୍ଢ ବ୍ୟବହାର କରାଯାଉଛି। ମାଲିକବିହୀନ ଏହି ବୁଲା ଗୋରୁଙ୍କୁ ଆଶୁଚିକିତ୍ସା ସେବା ଯୋଗାଇ ଦେବା ନିମନ୍ତେ ଆନିମଲ୍ ହେଲ୍ପଲାଇନ ରାଜ୍ୟବ୍ୟାପୀ ପ୍ରାଣୀଚିକିତ୍ସା ସହାୟତା ସେବା ବ୍ୟବସ୍ଥା କରିଛନ୍ତି । ସେଥିପାଇଁ ଗୋଟିଏ ଦେୟମୁକ୍ତ ନମ୍ବର ୧୯୬୨ କାର୍ଯ୍ୟ କରୁଛି। ଏଥିରେ ଜୀବପ୍ରେମୀମାନେ ଏହି ଫୋନ୍ ନମ୍ବରରେ ଫୋନ୍‌କଲେ ଅଳ୍ପ ସମୟ ମଧ୍ୟରେ ପ୍ରାଣୀ ଚିକିତ୍ସା ସେବା ଯୋଗାଇଦେବାର ବ୍ୟବସ୍ଥା ହୋଇଛି । ଗୋସେବା ଦ୍ୱାରା ଦୁଃଖ, ରୋଗ ଓ ବିପଦରୁ ରକ୍ଷା ମିଳେ । ଗୋସେବା ଦ୍ୱାରା ଦେଶ, ଜାତି ଓ ସମାଜର କଲ୍ୟାଣ ସାଧିତ ହୋଇଥାଏ । ଗୋମାତାକୁ ଶ୍ରଦ୍ଧା ଓ ଭକ୍ତିର ସହ ପୂଜନ କଲେ ବାଞ୍ଛିତ ଫଳ ମିଳେ । ତେଣୁ ଗୋସେବାଠାରୁ ବଡ଼ ପୁଣ୍ୟ ଅନ୍ୟ କିଛି ନାହିଁ । ଏହି ପବିତ୍ର ଗୋସମ୍ବର୍ଦ୍ଧନା ସପ୍ତାହ ପାଳନ ଅବସରରେ ଗୋସମ୍ବର୍ଦ୍ଧନା ଉତ୍ସବ ସମସ୍ତ ଜିଲାରେ ପାଳନ କରାଯାଉଛି। ଏହି କାର୍ଯ୍ୟକ୍ରମରେ ପ୍ରାଣୀଚିକିତ୍ସା ଶିବିର, ପ୍ରଶିକ୍ଷଣ, ଗୋପୂଜନ, ସଭା, ଶ୍ରେଷ୍ଠ ଗୋପାଳକମାନଙ୍କୁ ସମ୍ବର୍ଦ୍ଧନା ଆଦିର ଆୟୋଜନ ହୋଇଛି। ଏଥିସହ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ମଧ୍ୟ ଅନୁଷ୍ଠିତ ହେଉଛି ।



ପ୍ରତିବର୍ଷ ନଭେମ୍ବର ୧୪ରୁ ୨୦ ତାରିଖ ପର୍ଯ୍ୟନ୍ତ 'ଗୋ-ସମ୍ବର୍ଦ୍ଧନା ସପ୍ତାହ' ଭାବରେ ପାଳନ କରାଯାଇଥାଏ। ସେ ସମ୍ପର୍କିତ ବିଷୟକୁ ନେଇ ଉପସ୍ଥାପନା...

-ଡା. ବୀରକିଶୋର ପରିଡ଼ା,
ଅତିରିକ୍ତ ନିର୍ଦ୍ଦେଶକ (ପ୍ରାଣୀ ସମ୍ପଦ ବିକାଶ ), ପ୍ରାଣୀ ପାଳନ ଓ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶାଳୟ, ଓଡ଼ିଶା, କଟକ
ମୋ: ୯୪୩୭୬୦୭୩୧୨

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଶ୍ରୀୟଙ୍କାଙ୍କୁ ସମ୍ବର୍ଦ୍ଧିତ କଲେ ମୁଖ୍ୟମନ୍ତ୍ରୀ

## ୧୦,୫୦,୦୦୦ ଟଙ୍କାର ଆର୍ଥିକ ପ୍ରୋତ୍ସାହନ

ଭୁବନେଶ୍ୱର, ୧୪।୧୧
(ତପନ ସ୍ୱାଇଁ)

ପ୍ୟାରିସ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଥିବା ଓଡ଼ିଶାର ତାରକା ଶୁଟର ଶ୍ରୀୟଙ୍କା ଷଡ଼ଙ୍ଗୀଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ସମ୍ବର୍ଦ୍ଧିତ କରିଛନ୍ତି। ଦକ୍ଷିଣ କୋରିଆରେ ଅନୁଷ୍ଠିତ ୧୫ଶ ଏସିଆନ ଶୁଟିଂ ଚାମ୍ପିୟନଶିପ୍‌ରେ ପ୍ରଭାବୀ ପ୍ରଦର୍ଶନ ପାଇଁ ଶ୍ରୀୟଙ୍କାଙ୍କୁ ମୁଖ୍ୟମନ୍ତ୍ରୀ ଅଭିନନ୍ଦନ ଜଣାଇବା ସହ ୧୦,୫୦,୦୦୦ ଟଙ୍କାର ଆର୍ଥିକ ପ୍ରୋତ୍ସାହନ ପ୍ରଦାନ କରିଛନ୍ତି। କୋରିଆ ପ୍ରତିଯୋଗିତାରେ ଶ୍ରୀୟଙ୍କା ଗୋଟିଏ ଲେଖାଏ ସ୍ୱର୍ଣ୍ଣ ଓ ବ୍ରୋଞ୍ଜ ପଦକ ଜିତିଥିଲେ। ସମ୍ବଲପୁରର ଶ୍ରୀୟଙ୍କା ଏସିଆନ ଶୁଟିଂ ଚାମ୍ପିୟନଶିପ୍‌ର ୫୦ ମିଟର ରାଇଫଲ ୩ ପୋଜିଶନ୍ସ ଟିମ୍ ଇଭେଣ୍ଟରେ ସ୍ୱର୍ଣ୍ଣ ଏବଂ ୧୦ ମିଟର ଏୟାର ରାଇଫଲ ଟିମ୍ ଇଭେଣ୍ଟରେ ବ୍ରୋଞ୍ଜ ପଦକ ଜିତିଥିଲେ। ୫୦ ମିଟର ରାଇଫଲ ୩ ପୋଜିଶନ୍ସ ଇଭେଣ୍ଟରେ ସେ ଅଳ୍ପକେ ପଦକ ହାସଲରୁ ବଞ୍ଚିତ ହୋଇ ୪ର୍ଥ ସ୍ଥାନରେ ରହିଥିଲେ। ଏସିଆନ ଚାମ୍ପିୟନଶିପ୍‌ରେ ପଦକ ଜିତିବା ସହ ୨୦୧୪ ପ୍ୟାରିସ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଥିବାରୁ ଶ୍ରୀୟଙ୍କାଙ୍କୁ ମୁଖ୍ୟମନ୍ତ୍ରୀ ଶୁଭକାମନା ଜଣାଇଛନ୍ତି।




ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କଠାରୁ ଚେକ୍ ଗ୍ରହଣ କରିବା ଅବସରରେ ଶ୍ରୀୟଙ୍କା ଷଡ଼ଙ୍ଗୀ।

# କ୍ରିକେଟ ବିଶ୍ୱକପ ସେମି ଫାଇନାଲ ଦେଖିବେ ବେକ୍‌ହାମ

ମୁମ୍ବାଇ,୧୪।୧୧(ପି.ଟି.): ଇଂଲଣ୍ଡ ଫୁଟବଲ ଦଳର ପୂର୍ବତନ ଅଧିନାୟକ ତଥା କିମ୍ବଦନ୍ତୀ ଡେଭିଡ୍ ବେକ୍‌ହାମ ମୁମ୍ବାଇରେ ଖେଳା ଯିବାକୁ ଥିବା ପ୍ରଥମ ସେମିଫାଇନାଲ ମ୍ୟାଚ୍ ଦେଖିବାକୁ ଯାଉଛନ୍ତି। ୟୁନିସେଫ୍‌ର ଗୁଡୱିଲ ଆମ୍ବାସାଡର ଭାବେ ସେ ବର୍ତ୍ତମାନ ଭାରତରେ ରହିଛନ୍ତି। ସେ ବର୍ତ୍ତମାନ ଗୁଜରାଟରେ ରହିଛନ୍ତି। ସମଗ୍ର ଦେଶରେ ବୁଲି ଦେଶରେ ଶିଶୁ ଓ ଲିଙ୍ଗଗତ ପ୍ରଭେଦର ତାରତମ୍ୟ ବୁଝିବାକୁ ପ୍ରୟାସ କରୁଛନ୍ତି। ଏହା ପୂର୍ବରୁ ଭାରତର ଶ୍ରୀଲଙ୍କା ବିପକ୍ଷ ମ୍ୟାଚ୍‌ରେ ୱାନ୍ ଡେ ଫର ଚିଲଡ୍ରେନ୍ ନାମକ ଏକ କାର୍ଯ୍ୟକ୍ରମ କରାଯାଇଥିଲା।



# ଆଡ୍‌ଭାନୀ, ଶ୍ରୀକ୍ରିଷ୍ଣା ନକ୍‌ଆଉଟରେ

ନୂଆଦିଲ୍ଲୀ,୧୪।୧୧(ପି.ଟି.): ଭାରତର ଅଗ୍ରଣୀ କ୍ୟୁଇଷ୍ଟ ପଙ୍କଜ ଆଡ୍‌ଭାନୀ ଓ ଶ୍ରୀକ୍ରିଷ୍ଣା ଏସ୍. ଦୋହାଠାରେ ଚାଲିଥିବା ଆଇବିଏସ୍‌ଏଫ୍ ୱାର୍ଲ୍ଡ ୬-ରେଡ୍ ସ୍ନୁକର ଚାମ୍ପିୟନଶିପ୍‌ର ନକ୍ ଆଉଟ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି। ଆଡଭାନୀଙ୍କୁ ପ୍ରତିଯୋଗିତାରେ ତୃତୀୟ ସିଡ୍ ମାନ୍ୟତା ମିଳିଛି। ଡ୍ର'ର ଦ୍ୱିତୀୟ ଭାଗରେ ଗତଥରର ଚାମ୍ପିୟନ ଶ୍ରୀକ୍ରିଷ୍ଣା ଏସ୍ ଏବଂ ପୂର୍ବତନ ଚାମ୍ପିୟନ ଇରାନର ଆମିର ସାର୍ଖୋଶ ସ୍ଥାନ ପାଇଛନ୍ତି।

# ଓଡ଼ିଶା, ଗୁଜରାଟ ବିଜୟୀ

## ୨୮ତମ ଜାତୀୟ ସିନିୟର ମହିଳା ଫୁଟ୍‌ବଲ ଚାମ୍ପିୟନଶିପ

ସୁନ୍ଦରଗଡ଼, ୧୪।୧୧
(ଜୟନାରାୟଣ ମେଷ୍ଟ୍ରି)

ସୁନ୍ଦରଗଡ଼ ଜିଲ୍ଲା କ୍ରୀଡା ସଂସଦ ଏବଂ ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ)ର ମିଳିତ ଆନୁକୂଲ୍ୟରେ ସୁନ୍ଦରଗଡ଼ ଷ୍ଟାଡିୟମରେ ଆୟୋଜିତ ହେଉଥିବା ୨୮ତମ ଜାତୀୟ ସିନିୟର ମହିଳା ଫୁଟ୍‌ବଲ ଚାମ୍ପିୟନଶିପ୍‌ର ୨ୟ ଦିବସରେ ମଙ୍ଗଳବାର ୨ଟି ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ସକାଳ ୧୦ଟାରେ ଓଡ଼ିଶା ଓ ଅରୁଣାଚଳ ପ୍ରଦେଶ ମଧ୍ୟରେ ସଂଘର୍ଷପୂର୍ଣ୍ଣ ମ୍ୟାଚ ହୋଇଥିଲା। ଏଥିରେ ୪-୩ ଗୋଲରେ ଓଡ଼ିଶା ବିଜୟୀ ହୋଇଥିଲା। ଓଡ଼ିଶା ଦଳ ତରଫରୁ ମାଳତୀ ମୁଣ୍ଡା ୩ଟି ଗୋଲ ଓ ବନ୍ୟା କବିରାଜ ୧ ଗୋଲ କରିଥିଲେ। ଅରୁଣାଚଳ ପ୍ରଦେଶ ତରଫରୁ କାଇରୁମି ୨ ଗୋଲ ଓ ୟୁମଲାମ ଲାମି ୧ ଗୋଲ କରିଥିଲେ। ସେହିପରି ଅପରାହ୍ନ ୨ଟା ୩୦ରେ ଗୁଜରାଟ ଓ ମେଘାଳୟ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଖେଳରେ ଗୁଜରାଟ ୨-୦ଗୋଲରେ ବିଜୟୀ ହୋଇଛି। ଗୁଜରାଟ ଦଳ ତରଫରୁ ଅଞ୍ଜନା ବେନ୍ ଠାକୁର ଓ ଶିଲ୍ପା ବେନ ଠାକୁର ଗୋଟିଏ ଲେଖାଏ ଗୋଲ କରିଥିଲେ। ଖେଳ ଏଆଇଏଫ୍‌ଏଫ୍ ରେଫରି ଓ ମ୍ୟାଚ କମିଶନରଙ୍କ ଦ୍ୱାରା ପରିଚାଳିତ ହେଉଛି। ଜିଲ୍ଲା କ୍ରୀଡା ସଂସଦର ସାଧାରଣ ସମ୍ପାଦକ ପ୍ରଭାତ ଭୋଳ, କୋଷାଧ୍ୟକ୍ଷ ଦୁର୍ଗାମାଧବ ନାଏକ, ଉପସଭାପତି ମେରୀଜନ ବାଗେ, ପୌଷଚନ୍ଦ୍ର ପଟେଲ, ବିମଳ ବୋଷ, ଜୟଦେବ ପାତ୍ର, ରାଜେନ୍ଦ୍ର ପାଣ୍ଡେ, ନିତ୍ୟ କୁମାର ବଳ, ସୁଶୀଲ ପଟେଲ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଚାମ୍ପିୟନଶିପ୍ ଆୟୋଜିତ ହେଉଛି। ଆସନ୍ତା ୧୬ତାରିଖ ସକାଳ ୧୦ଟାରେ ଅରୁଣାଚଳ ପ୍ରଦେଶ ଓ ମେଘାଳୟ ଏବଂ ଅପରାହ୍ନ ୨ଟା ୩୦ରେ ଗୁଜରାଟ ଓ ଗୋଆ ଦଳ ମଧ୍ୟରେ ଖେଳ ହେବ।



ଓଡ଼ିଶା ଓ ଅରୁଣାଚଳ ପ୍ରଦେଶ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

# ଭାରତୀୟ ଦଳରେ ଓଡ଼ିଶାରୁ ୪

## ଜୁନିୟର ହକି ବିଶ୍ୱକପ୍

ନୂଆଦିଲ୍ଲୀ, ୧୪।୧୧ (ପି.ଟି.)

ଡିସେମ୍ବର ୫ରୁ ୧୬ ପର୍ଯ୍ୟନ୍ତ କୁଆଲାଲମ୍ପୁରଠାରେ ଖେଳାଯିବାକୁ ଥିବା ଏଫ୍‌ଆଇଏଚ୍ ଜୁନିୟର ପୁରୁଷ ହକି ବିଶ୍ୱକପ୍‌ରେ ପ୍ରତିଭାସମ୍ପନ୍ନ ଫରୱାର୍ଡ ଉତ୍ତମ ସିଂ ଭାରତୀୟ ଦଳର ନେତୃତ୍ୱ ନେବେ। ଘୋଷଣା କରାଯାଇଥିବା ଦଳରେ ଓଡ଼ିଶାର ୪ଜଣ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ଅମନଦୀପ ଲାକ୍ରା, ସୁନୀଲ ଜୋଜୋ, ସୁଦୀପ ଚିର୍ମାକୋ, ସୁନୀତ ଲାକ୍ରା। ବର୍ତ୍ତମାନର ଏସିଆନ ଚାମ୍ପିୟନ୍ସ ଭାରତ ପୁଲ୍ 'ସି'ରେ କାନାଡା, ଦକ୍ଷିଣ କୋରିଆ ଓ ସ୍ପେନ୍ ସହ ସ୍ଥାନ ପାଇଛି। ଦଳ ଡିସେମ୍ବର ୫ରେ କୋରିଆ ବିପକ୍ଷରେ ଖେଳି ଏହାର ଅଭିଯାନ ଆରମ୍ଭ କରିବ। ଭାରତ ଏହାର ପରବର୍ତ୍ତୀ ମ୍ୟାଚ ଡିସେମ୍ବର ୭ରେ ସ୍ପେନ୍ ଏବଂ ଡିସେମ୍ବର ୯ରେ କାନାଡା ବିପକ୍ଷରେ ଖେଳିବ। ଟୁର୍ନାମେଣ୍ଟର ଗତ ସଂସ୍କରଣରେ ଭାରତ ଚତୁର୍ଥ ସ୍ଥାନ ଅଧିକାର କରିଥିଲା। ଏଥର କିନ୍ତୁ ଦଳ ଆହୁରି ଆଗକୁ ଯିବ ବୋଲି କୋଚ୍ ସି.ଆର୍. କୁମାର ପ୍ରକାଶ କରିଛନ୍ତି। ଟୁର୍ନାମେଣ୍ଟର ପୁଲ୍ 'ଏ'ରେ ଗତଥରର ଚାମ୍ପିୟନ ଆର୍ଜେଣ୍ଟିନା, ଅଷ୍ଟ୍ରେଲିଆ, ଚିଲି ଓ ମାଲେସିଆ ସ୍ଥାନ ପାଇଥିବା ବେଳେ ପୁଲ 'ବି'ରେ ଇଜିପ୍ଟ, ଫ୍ରାନ୍ସ, ଜର୍ମାନୀ ଓ ଦକ୍ଷିଣ ଆଫ୍ରିକା ରହିଛନ୍ତି। ସେହିପରି ପୁଲ୍ 'ଡି'ରେ ବେଲଜିୟମ, ନେଦରଲାଣ୍ଡସ୍, ନ୍ୟୁଜିଲାଣ୍ଡ ଓ ପାକିସ୍ତାନ କ୍ୱାର୍ଟରଫାଇନାଲରେ ସ୍ଥାନ ପାଇଁ ଲଢେଇ କରିବେ।

**ଭାରତୀୟ ଦଳ**

**ଗୋଲକିପର:** ମୋହିତ ଏଚ୍‌ଏସ୍, ରଣବିଜୟ ସିଂ ଯାଦବ। **ଡିଫେଣ୍ଡର:** ଶର୍ଦ୍ଧାନନ୍ଦ ତିୱାରୀ, ଅମନଦୀପ ଲାକ୍ରା, ରୋହିତ, ସୁନୀଲ ଜୋଜୋ ଓ ଅମିର ଅଲି। **ମିଡ୍‌ଫିଲ୍ଡର:** ବିଷ୍ଣୁକାନ୍ତ ସିଂ, ପୁଭାନ୍ନା ସିବି, ରାଜିନ୍ଦର ସିଂ, ଅମନଦୀପ ଲାକ୍ରା, ଆଦିତ୍ୟ ସିଂ। **ଫରୱାର୍ଡ:** ଉତ୍ତମ ସିଂ(ଅଧିନାୟକ), ଆଦିତ୍ୟ ଲାଲାଗେ, ଅରାଇଜିତ୍ ସିଂ ହୁଣ୍ଡାଲ (ଉପଅଧିନାୟକ), ସୌରଭ ଆନନ୍ଦ କୁଶ୍ୱାହା, ସୁଦୀପ ଚିରମାକୋ, ବବି ସିଂ ଧାମି। **ରିଜର୍ଭ ଖେଳାଳି:** ସୁଖବିନ୍ଦର, ସୁନୀତ ଲାକ୍ରା।



ଜୁନିୟର ପୁରୁଷ ହକି ବିଶ୍ୱକପ୍ ପାଇଁ ମନୋନୀତ ଭାରତୀୟ ଦଳ।


CLASSIFIED DISPLAY
TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ADMISSION OPEN
Bhava Institute Of Medical Science & Research
Recognised by DMET, ON&MC, Health & FW Dept.,Govt. of Odisha
GNM — Duration : 3 Year, Eligibility : +2 Pass (Any Stream) 40% Mark
ANM — Duration : 2 Year, Eligibility : +2 Pass (Any Stream)
DMRT / DMLT — Duration : 2 Year, Eligibility : +2 Science
CBCA — Certified Blood Collection Assistant, Duration : 6 months, Eligibility : 10+
Stipend for SC/ST, OBC & SEBC
•Own Building •Hostel in Campus
•Transport facility •Placement Assistantance
ନର୍ସିଂ ଓ ପାରା-ମେଡିକାଲ୍ ଟ୍ରେନିଂରେ ଦୀର୍ଘ ୩୨ ବର୍ଷର ଅଭିଜ୍ଞତା
Plot - 1480, I.R.C. Village, Bhubaneswar - 15
9040009727
8456845313

ପାଠକଙ୍କ ପାଇଁ ସୂଚନା:
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Classified Everyday
0674-2580101, 2549949


MATRIMONIAL

BRIDE WANTED

Looking for suitable BENGALI educated girl (Non-working) for boy (31yrs., B.Com, Ht- 5'7") having own IT Business. Contact No. & Time: 9438170188 from 7PM to 10PM. D-1775

GROOM WANTED

45 ବୟସ୍କା Govt. ଚାକିରି କରିଥିବା ଖଣ୍ଡାୟତ ଜାତିର ବିଧବା ମହିଳାଙ୍କୁ ଯେକୌଣସି ଜାତିର ବରପାତ୍ର ଆବଶ୍ୟକ। Urgent contact- 9040735429. D-1770


REAL ESTATE

SALE

ଭୁବନେଶ୍ୱର ରବିଟକିଜ୍ ସାଇମନ୍ଦିର ନିକଟରେ ଘରବାଡ଼ି ପାଚେରି ପ୍ଲଟ୍ ପଚ୍ଛାରୁ ବିକ୍ରିହେବ। 9827119799. D-1758

Gated community residential gharabari boundary plot sale in Gudiapokhari near KEC College with 30ft. road, electricity. 9238902929, 8763887357. D-75264

House for sale sector-3, near water tank plot No- S3-136+139 Niladrivihar, Chandrasekharpur, Bhubaneswar. Contact- 9437229575. D- 1788

Duplex sale adjacent Retang Medical, C.V. Raman, Tamando, Bhubaneswar@ 57,00,000/-, 9938368479. D-75248

ଭୁବନେଶ୍ୱର ଉପକଣ୍ଠ ବାଳକାଟି, ମଞ୍ଜରୀଦେବୀ କଲେଜ, 100ft ପିଚୁରାସ୍ତାକୁ ଲାଗି Commercial / residential ଘରବାରି Boundary ଥାଇ ସଙ୍ଗେସଙ୍ଗେ ଘର କଲାଭଳି ପ୍ଲଟ୍ ବିକ୍ରିହେବ 9937335716. D-75262

Flat for sale 2BHK, 3BHK near Rasulgarh, Bhubaneswar with modern facilities & affordable price. Call- 9439856856, 7008982279, 6371097442, 9040116788. D-1735

ଜଟଣୀଗେଟ୍ NHରୁ ଅଳ୍ପଦୂରତାରେ sqft.- 300/-, ଛତାବର-500/-, ନଖରା SC/Gen plot- 300/-. 7978663279. D-75268

Ready to move 3BHK flat Sundarpada, Urchid Residency, 65 Lakhs, negotiable, Mob. 9437331956. D-1755

ଭୁବନେଶ୍ୱର ତମାଣ୍ଡୋ ଥାନା ପାଖରେ ଏବଂ ଯାଆଁଳା, ଭୁଆସୁଣୀ ମନ୍ଦିର ପାଖରେ (General / SC) possession plot ବହୁତ କମ୍ ମୂଲ୍ୟରେ ବିକ୍ରି ହେଉଛି। 9438315973 / 9938066403. D-1655

ଭୁବନେଶ୍ୱର KIIT University ଜଗନ୍ନାଥମନ୍ଦିର ପାଖରେ Boundary, ଇଲେକ୍ଟ୍ରିସିଟିଥାଇ ପ୍ଲଟ୍ ବିକ୍ରି ହେବ - 9437205314, 9937513595. D-75265

Duplex sale Retang Railway Station, C.V Raman, Infocity-2, Bhubaneswar. 9777433701. D-75263

ଭୁବନେଶ୍ୱର ତମାଣ୍ଡୋ Hyundai Showroom ପାଖରେ ଏବଂ ଯାଆଁଳା Overbridgeଠାରୁ 1 Km ଦୂରରେ ସ୍ଥିତିବାନ possession plot ସୁଲଭ ମୂଲ୍ୟରେ ବିକ୍ରି ହେଉଛି। Contact: 9777067303. D-1656

ପିପିଲିରୁ ଜଟଣୀରୋଡ୍‌ରେ ବର୍ଗଫୁଟକୁ- 850/- & 600/- ଘରବାଡ଼ି ପ୍ଲଟ୍ ୩୦ଟା ବିକ୍ରିହେବ- 9853150290. D-75267

ଘରବାରି ସ୍ଥିତିବାନ ଜାଗା ଭୁବନେଶ୍ୱର ଅଟଳାରେ 30ft. ରାସ୍ତା ଥାଇ ସଙ୍ଗେ ସଙ୍ଗେ ଘର କଲାଭଳି Plot 24,60,000/- ରେ Bank Loan ସୁବିଧା ଥାଇ ବିକ୍ରିହେବ - 6370469894. D-75260

ସୁନ୍ଦରପଦା, କୁହା Petrol Pumpରୁ 800 mtr. ଦୂରତାରେ 30ft. road, ଘରବାରି ପ୍ଲଟ୍ ମିଳୁଅଛି। 7978676652. D-75266


CONSTRUCTION

Construct your Dream home @460/-, 850/-, 1325/- with Branded material along with 3 years AMC & 50 years structural guarantee. We provide plan approval, Boring, Bank estimate. Contact the Engineering Pvt. Ltd. 9439856856. D-1789




Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-75057

Newly healthcare benefited SPA experience therapist in Bhubaneswar. Contact: 9938843929. D-75167

Relax, Refresh your body, Mind at Saikrupa Spa with best therapies. 8984068077. D-1696

LOST

ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ତହସିଲ ପିପଲବହାଲ ମୌଜା ଖାଇରପଡ଼ା ନିବାସୀ ପ୍ରଜା ରାମ ଭୋଇ, ଖାତା ନଂ. ୧୦୮/୫୦୪ର ସେଲ୍‌ଡିଡ୍ ଷ୍ଟାମ୍ପ ପେପର ନିଆଁ ଲାଗି ନଷ୍ଟ ହୋଇଯାଇଛି, ଯାହାର ଲାଠୋର ଥାନା ଜିଡି ନଂ ୦୧୩/ ୨୦୨୩ ଅଟେ। ଧ-୧୭୮୪

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

AFFIDAVIT

By virtue of an affidavit before Executive Magistrate, Bhubaneswar. I, Bikash Das, my daughter is Adyasha Das and her Birthday is on 12.08.2009 and her Mother's name is Itishree Pattanaik as per Aadhaar record instead of this fact Itishree Das in her School Register. D-1794

I Niharabala Mahapatra (35), W/o Chittaranjan Mahapatra, resident of Jail Street, Lanjipalli, Berhampur, Ganjam, Odisha declared by this affidavit No-943 / dt.13-11-23 that now on words I shall be known as Niharabala Mahapatra for all future purposes. D-1792

Affidavit No.- 1139, dt 10.11.2023 before Executive Magistrate, Begunia, identified by Sri J. K. Mohapatra advocate - Khordha, that I do here by declare that I Anjali Dash and Puspanjali Hota is same and one person and permanent address at Khalikota, PO- Patabandha, PS- Bologarh, Dist.- Khordha for all purpose. D-1791

I Rama Barik alias Manarama Barik (50yrs), W/o- Radhashyam Barik, Vill- Bhuinbruti, PO-Baulajoda, PS- Chandbali, Dist.- Bhadrak, I have an Lic Policy bearing No- 587368968, where in my name is Rama Barik But in my Bank Passbook my name is Manarama Barik. I declare that Rama Barik @ Manarama Barik is same and one person. D-1790

ମୁଁ ସେଖ ମହମ୍ମଦ ତାରିକ, ପିତା- ଏସ୍‌କେ ଅସମତ ଅଲି, ଘରଠିକଣା- ଆକତପୁର ସଲ୍ଟରୋଡ, ପୋ-ସୁନହଟ, ଥାନା- ବାଲେଶ୍ୱର ଟାଉନ୍, ଜିଲ୍ଲା- ବାଲେଶ୍ୱର, ଓଡ଼ିଶା- ୭୫୬୦୦୨ ଏଫିଡେଭିଟ୍ ନଂ- ୬୬୪ / ୨୦୨୩ ତା ୧୩-୧୦-୨୦୨୩ ଅନୁଯାୟୀ ଘୋଷଣା କରୁଅଛିକି, ମୋର ନାମ ଏସ୍‌କେ ଏମ୍‌ଡି ତାରିକ ଭାବେ ସମସ୍ତ କାର୍ଯ୍ୟରେ ବ୍ୟବହାର କରାଯିବ। ଧ-୧୭୯୩

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ମନେ ପଡ଼ନ୍ତି

ଦ୍ୱାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି

ଇନ୍ଦୁମତୀ ମିଶ୍ର
ଆବିର୍ଭାବ - ୨୪.୦୬.୧୯୩୮
ତିରୋଧାନ - ୦୪.୧୧.୨୦୨୩
ଆପଣ ଆମ ହୃଦୟରେ ଚିର ଅମର ଅଛନ୍ତି। ଆପଣଙ୍କର ଆଦର୍ଶ ସର୍ବଦା ଆମର ପ୍ରେରଣାର ଉତ୍ସ ହୋଇଥାଉ।
ଶୋକସନ୍ତପ୍ତ :- ପ୍ରସନ୍ନ, ଉମେଶ, ନିହାରିକା, ଗୀତା, କଳ୍ପନା, କବିତା, ଶ୍ରୀକାନ୍ତ, ରାମଚନ୍ଦ୍ର, ମୋନାଲୀ, ସୋନାଲି, ରାକେଶ, ସ୍ମୃତି, ବୈଭବ, ସଞ୍ଜିବନୀ, ବିନୋଦ, ପପୁ, ତୁଷାର, ଶୁଭଙ୍କର, ଦୁର୍ଗାଦତ୍ତ, ଶ୍ରବ୍ୟା, ତନଭି, ସୋନୁ, ମୋନୁ, ତୁତୁଲ୍, ତୁତଲି ଏବଂ ମିହି।
୨୧୬/୧୨,ରମେଶ ନିବାସ, ଏରୋଡ୍ରମ ଏରିଆ, ଲେନ୍-୯,ଭୁବନେଶ୍ୱର - ୨୦
ଧ-୧୭୮୬

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

୰ଗୀତାଞ୍ଜଳି ମହାନ୍ତି
ସ୍ଥାନ: ବ୍ରହ୍ମେଶ୍ୱରବାଗ, ଟଙ୍କପାଣିରୋଡ୍
ଆବିର୍ଭାବ: ୨୨।୦୩।୧୯୫୩
ତିରୋଧାନ: ୦୬।୧୧।୨୦୨୩
ତୁମର ଆଦର୍ଶ, କର୍ତ୍ତବ୍ୟନିଷ୍ଠା, ଅନାବିଳ ସ୍ନେହ, ଶ୍ରଦ୍ଧା ଓ ଦୟାଭାବ ଆମର ଚିର ପାଥେୟ ହେଉ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଭଗବାନଙ୍କଠାରେ ପ୍ରାର୍ଥନା କରୁଛୁ।
ହତଭାଗ୍ୟ ପୁତ୍ର: ଶକ୍ତିପ୍ରସାଦ ମହାନ୍ତି, ଶୋକସନ୍ତପ୍ତ ବନ୍ଧୁ ଓ ପରିବାରବର୍ଗ।
ଧ-୧୭୮୭




# ଆଜି ୱାଙ୍ଖେଡ଼େ ଟକ୍କର

## ନ୍ୟୁଜିଲାଣ୍ଡ ପ୍ରତି ଭାରତ ସତର୍କ

ମୁମ୍ବାଇ,୧୪।୧୧(ପି.ଟି.)

ଦିନିକିଆ କ୍ରିକେଟ ବିଶ୍ୱକପ୍ ଏହାର ଅନ୍ତିମ ଚରଣରେ ପହଞ୍ଚିଛି। ବୁଧବାର ପ୍ରଥମ ସେମିଫାଇନାଲରେ ଆୟୋଜକ ଭାରତ ଓ ନ୍ୟୁଜିଲାଣ୍ଡ ପରସ୍ପର ମୁକାବିଲା କରିବେ। ଚମତ୍କାର ପ୍ରଦର୍ଶନ ଜରିଆରେ ଲିଗ୍ ପର୍ଯ୍ୟାୟରେ ସମସ୍ତ ମ୍ୟାଚ୍ ଜିତି ଭାରତ ସେମିଫାଇନାଲରେ ପ୍ରବେଶ କରିଥିବା ବେଳେ ନ୍ୟୁଜିଲାଣ୍ଡ ମଧ୍ୟ ଲଢୁଆ ପ୍ରଦର୍ଶନ କରିଛି। ଘରୋଇ ଦର୍ଶକଙ୍କ ସମର୍ଥନ ଓ ବର୍ତ୍ତମାନର ଫର୍ମକୁ ଦୃଷ୍ଟିରେ ରଖିଲେ ଭାରତକୁ ଏହି ମ୍ୟାଚ୍ ପାଇଁ ଫେଭରିଟ୍ ଭାବରେ ବିବେଚନା କରାଯିବ। ତେବେ ଆଇସିସି ଟୁର୍ନାମେଣ୍ଟଗୁଡିକରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଭାରତର ରେକର୍ଡ ସାମାନ୍ୟ ଚିନ୍ତାଜନକ। ଭାରତ ଚତୁର୍ଥ ଥର ପାଇଁ ବିଶ୍ୱକପ୍ ଫାଇନାଲରେ ପ୍ରବେଶ କରିବାକୁ ଲକ୍ଷ୍ୟ ରଖିଛି। ଏହାପୂର୍ବରୁ ଦଳ ୧୯୮୩, ୨୦୦୩ ଓ ୨୦୧୧ରେ ବିଶ୍ୱକପ୍ ଫାଇନାଲରେ ପ୍ରବେଶ କରିସାରିଛି। ୨୦୧୯ରେ ଦିନିକିଆ ବିଶ୍ୱକପ୍ ସେମିଫାଇନାଲ ଓ ୨୦୨୧ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍‌ରେ ଭାରତର ପରାଜୟକୁ ଫ୍ୟାନ୍‌ମାନେ ଏଯାଏ ଭୁଲିନାହାନ୍ତି। ତେବେ ଚଳିତ ବର୍ଷ ଭାରତୀୟ ଦଳ ଚମତ୍କାର ପ୍ରଦର୍ଶନ କରିଛି। ବ୍ୟାଟିଂ, ବୋଲିଂ ଓ ଫିଲ୍ଡିଂ ସବୁଥିରେ ଭାରତ ଅନ୍ୟ ଦଳମାନଙ୍କୁ ଢେର ପଛରେ ଛାଡିଛି। ତେବେ ବୁଧବାର ୱାଙ୍ଖେଡେ ଷ୍ଟାଡିୟମରେ କୌଣସି ବି ଭୁଲ ଭାରତୀୟ ଫ୍ୟାନ୍‌ଙ୍କ ପାଇଁ ଏକ ଜାତୀୟ ବିପର୍ଯ୍ୟୟ ହେବ, ତେଣୁ ଭାରତ ଏହାର ଧ୍ୟାନ ରଖିବ। ଭାରତକୁ ମ୍ୟାଚ୍ ଜିତିବା ସହିତ ୧୪୦ କୋଟି ଭାରତୀୟଙ୍କ ଆଶା ଓ ଭରସାର ଚାପକୁ ମଧ୍ୟ ମୁକାବିଲା କରିବାକୁ ପଡିବ। ଏହି ଚାପରୁ ଉପରକୁ ଉଠି ଭାରତୀୟ ଦଳକୁ ପ୍ରଦର୍ଶନ କରିବାକୁ ପଡିବ। ଅଧିନାୟକ ରୋହିତ ଶର୍ମା ଓ କୋଚ୍ ରାହୁଲ ଦ୍ରାବିଡ୍ କ୍ରିକେଟର ଦୁଇ ଭିନ୍ନ ବ୍ୟକ୍ତିତ୍ୱ। ତେବେ କେଉଁଭଳି ଚାପର ମୁକାବିଲା କରି ଶାନ୍ତ ରହିବାକୁ ହୁଏ ଉଭୟ ଏହି କଳାରେ ମାହିର।

ଏହି ପଡିଆରେ ରନ୍‌ର ପିଛା କରିବା କଷ୍ଟସାଧ୍ୟ ହେଉଥିବା ବେଳେ ଭାରତୀୟ ଫ୍ୟାନ୍‌ମାନେ ରୋହିତ ଶର୍ମା ଟସ୍ ଜିତିବା ନେଇ ଆଶା କରିବେ। ଦ୍ୱିତୀୟ ବ୍ୟାଟିଂ କରିବା ସମୟରେ ଲାଇଟ୍ ଆଗରେ ବଲ୍ ଅଧିକ ସୁଇଂ ହୋଇଥାଏ, ଯେଉଁ କାରଣରୁ ଅନେକ ବ୍ୟାଟିଂ ବିପର୍ଯ୍ୟୟ ଘଟିଥାଏ। ଉଭୟ ଦଳରେ ବିପର୍ଯ୍ୟୟ ସୃଷ୍ଟିକାରୀ ବୋଲର ରହିଥିବା ବେଳେ ଯେଉଁ ଦଳ ଟସ୍ ଜିତିବ ତାହା ପ୍ରଥମେ ବ୍ୟାଟିଂ ନେବାକୁ ପ୍ରୟାସ କରିବ। ଭାରତୀୟ ଦଳର ଓପନର ନିର୍ଭୀକତାର ସହ ଆକ୍ରମଣାତ୍ମକ ବ୍ୟାଟିଂ କରୁଛନ୍ତି। ରୋହିତ ଶର୍ମା ଏହି ଟୁର୍ନାମେଣ୍ଟରେ ୫୦୩ ରନ୍ ସ୍କୋର କରିଥିବା ବେଳେ ଶୁବମନ୍ ଗିଲ୍ ୨୭୦ ରନ୍ କରିଛନ୍ତି। ବ୍ଲାକ୍‌କ୍ୟାପ୍ ଦଳ ବିପକ୍ଷରେ ମଧ୍ୟ ଉଭୟ ସମାନ ରଣନୀତିର ସହ ଓହ୍ଲାଇପାରନ୍ତି।

୫୯୩ ରନ୍ କରିଥିବା ବିରାଟ କୋହଲି ଟୁର୍ନାମେଣ୍ଟର ସର୍ବାଧିକ ସ୍କୋରର ରହିଛନ୍ତି। ଐତିହାସିକ ୫୦ତମ ଶତକରୁ ଗୋଟିଏ ପାଦ ଦୂରରେ ରହିଥିବା ବିରାଟ ଭାରତର ବିଜୟରେ ଏହି ଶତକ ସ୍କୋର କରିବାକୁ ଆଶା କରିବେ। ଅନ୍ୟପକ୍ଷରେ ୨୦୧୫ ଓ ୨୦୧୯ ଦିନିକିଆ ବିଶ୍ୱକପ୍ ସେମିରେ ଭାରତ ପରାଜିତ ହୋଇଥିବା ବେଳେ ଚଳିତ ବର୍ଷ ଏହାକୁ ଏଡାଇବାକୁ ପ୍ରୟାସ କରିବେ କୋହଲି। ମିଡିଲ ଅର୍ଡରରେ ଲୋକେଶ ରାହୁଲ ଓ ଶ୍ରେୟସ୍ ଆୟର ଫର୍ମକୁ ଫେରିବା ଭାରତ ପାଇଁ ଶୁଭ ସଙ୍କେତ। ଅନ୍ୟତମ ବ୍ୟାଟର ସୂର୍ଯ୍ୟକୁମାର ଯାଦବଙ୍କ ବ୍ୟାଟରୁ କିଛି ରନ୍ ଆଶା କରିବେ ଫ୍ୟାନ୍। ଭାରତୀୟ ବୋଲିଂରେ ଯଶପ୍ରୀତ୍ ବୁମ୍ରା ଓ କୁଲ୍‌ଦୀପ ଯାଦବ ନିୟମିତ ଭଲ ପ୍ରଦର୍ଶନ କରିଛନ୍ତି ଏହା ନିଃସନ୍ଦେହ। ତେବେ ମହମ୍ମଦ ଶାମି ଓ ମହମ୍ମଦ ସିରାଜ୍ ଲାଇମ୍ ଲାଇଟ୍ ନିଜ ଉପରକୁ ନେବାରେ ସମର୍ଥ ହୋଇଛନ୍ତି। ଭାରତର ବୋଲିଂ ଆକ୍ରମଣ ଚଳିତ ବିଶ୍ୱକପ୍‌ରେ ଯେଉଁଭଳି ସଫଳତା ପାଇଛି ତାହା ଅନ୍ୟ କୌଣସି ଦଳ ପାଇପାରି ନାହିଁ।

ନ୍ୟୁଜିଲାଣ୍ଡର ବୋଲିଂ ଆକ୍ରମଣ ମଧ୍ୟ ସମପରିମାଣରେ ଶକ୍ତିଶାଳୀ। ଟ୍ରେଣ୍ଟ ବୋଲ୍ଟ, ଟିମ୍ ସାଉଦି ଓ ଲୋକି ଫର୍ଗୁସନଙ୍କ ସହିତ ବାମହାତୀ ସ୍ପିନର ମିଚେଲ ସାଣ୍ଟନର ଦଳକୁ ଶକ୍ତିଶାଳୀ କରୁଥିଲେ ମଧ୍ୟ ଦଳର ପଞ୍ଚମ ବୋଲର ସମସ୍ୟା ରହିଛି। ବ୍ୟାଟିଂରେ ରାଚିନ୍ ରବୀନ୍ଦ୍ରଙ୍କୁ ଟୁର୍ନାମେଣ୍ଟର ଆବିଷ୍କାର ବୋଲି କୁହାଯାଉଛି। ଦୁଇଟି ଶତକ ସହ ସେ ୫୬୫ ରନ୍ ସ୍କୋର କରିଛନ୍ତି। ତେବେ ଅନ୍ୟତମ ଓପନର ଡେଭନ୍ କନ୍‌ୱେ କିନ୍ତୁ ଫର୍ମରେ ନାହାନ୍ତି। ପ୍ରଥମ ମ୍ୟାଚରେ ଇଂଲଣ୍ଡ ବିପକ୍ଷରେ ୧୫୨* ରନ୍‌ର ଇନିଂସ ଖେଳିବା ପରେ ତାଙ୍କ ବ୍ୟାଟ ନୀରବ ରହିଛି। ମଧ୍ୟକ୍ରମର ଭାର ଅଧିନାୟକ କେନ୍ ୱିଲିୟମସନ୍ ଓ ଡାରିଲ୍ ମିଚେଲ୍‌ଙ୍କ ଉପରେ ରହିଛି। କାଗଜକଲମରେ ଭାରତୀୟ ଦଳ ଅଧିକ ଶକ୍ତିଶାଳୀ ରହିଥିଲେ ମଧ୍ୟ ନ୍ୟୁଜିଲାଣ୍ଡ ଦଳ ପଛରେ ନାହିଁ।

**ଦିନିକିଆ ବିଶ୍ୱକପ**

ICC MEN'S CRICKET WORLD CUP INDIA 2023

**(ଆଜିର ମ୍ୟାଚ)**

**ଭାରତ ବନାମ ନ୍ୟୁଜିଲାଣ୍ଡ**

ସ୍ଥାନ: ମୁମ୍ବାଇ,
ସମୟ: ଅପରାହ୍ନ ୨ଟା
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ



ନେଟ୍ସ ସେସନରେ ଫୁଟବଲ ଖେଳି ଅଭ୍ୟାସ କରୁଛନ୍ତି ତାରକା ବ୍ୟାଟର ବିରାଟ କୋହଲି।





ଭାରତୀୟ ଦଳର ଅଭ୍ୟାସ ଅବସରରେ ମୁମ୍ବାଇର ୱାଙ୍ଖେଡେ ଷ୍ଟାଡିୟମ ପିଚ୍ ନିରୀକ୍ଷଣ କରୁଛନ୍ତି ଟିମ୍ ଇଣ୍ଡିଆ ଅଧିନାୟକ ରୋହିତ ଶର୍ମା। ପ୍ରାକ୍ଟିସ ଅବସରରେ ନ୍ୟୁଜିଲାଣ୍ଡ ଅଧିନାୟକ କେନ୍ ୱିଲିୟମସନ।

# ରନ୍ ଚେଜ୍ ଏକ ଚ୍ୟାଲେଞ୍ଜ

ରିଚାର୍ଡ ହାଡ୍‌ଲୀ

ବିଶ୍ୱକପ୍‌ର ପ୍ରଥମ ସେମିଫାଇନାଲରେ ଭାରତକୁ ସେମାନେ ପରାସ୍ତ କରିପାରିବେ ବୋଲି ନ୍ୟୁଜିଲାଣ୍ଡର ବିଶ୍ୱାସ ରହିଛି। କାରଣ ଏହି ଦଳ ବିଶ୍ୱକପ୍‌ରେ ୯ଥର ସେମିଫାଇନାଲରେ ପ୍ରବେଶ କରିପାରିଛି। 'ବ୍ଲାକ୍ କ୍ୟାପ୍' ନାମରେ ପରିଚିତ ଏହି ଦଳ ଏଥର ନ୍ୟୁଜିଲାଣ୍ଡରେ ଗୋଟିଏ ହେଲେ ଲିଗ୍ ଗେମ୍ ଖେଳିନାହିଁ। କିନ୍ତୁ ଭାରତର ୱାଙ୍ଖେଡେ ଷ୍ଟାଡିୟମରେ ଶ୍ରୀଲଙ୍କାକୁ ୩୦୨ ରନରେ ପରାସ୍ତ କରିପାରିଛି। ଏହାଛଡ଼ା ଭାରତ କ୍ରମାଗତ ୯ଟି ଗେମ୍‌ରେ ବିଜୟ ସହ ଲିଗ୍ ପର୍ଯ୍ୟାୟରେ ଅପରାଜେୟ ରହିଛି। ଭାରତ ଘରୋଇ ଦର୍ଶକଙ୍କ ସମର୍ଥନ ପାଇବ। ଦଳ ପାଇଁ ଏହା ଫାଇଦା ହେବ। ଏହା ନ୍ୟୁଜିଲାଣ୍ଡ ଦଳ ପାଇଁ ସମସ୍ୟା ସୃଷ୍ଟି କରିପାରେ। ପିଚ୍ ବ୍ୟାଟିଂକୁ ସୁହାଇବ ବୋଲି ଆଶା କରାଯାଉଛି। ଯେଉଁ ଦଳ ପ୍ରଥମେ ବ୍ୟାଟିଂ କରିବ ବଡ଼ ସ୍କୋର କରିବା ସମ୍ଭାବନା ରହିଛି। ଦ୍ୱିତୀୟ ବ୍ୟାଟିଂ କରୁଥିବା ଦଳ ୩୦୦ରୁ ଉର୍ଦ୍ଧ୍ୱ ରନ୍ ଚେଜ୍ କରିବା ଏକ ଚ୍ୟାଲେଞ୍ଜ ହେବ। ମ୍ୟାଚ ଜିତିବାକୁ ହେଲେ ନ୍ୟୁଜିଲାଣ୍ଡ ଦଳକୁ ଦୁଇଟି କଥାକୁ ଧ୍ୟାନ ଦେବାକୁ ପଡ଼ିବ। ଦଳର ସ୍କୋର ୩୦ରନ ରହିଥିବା ବେଳେ ରୋହିତ ଶର୍ମା ଓ ବିରାଟ କୋହଲିଙ୍କୁ ଶୀଘ୍ର ପ୍ୟାଭିଲିଅନ ପଠାଇବାକୁ ହେବ। ଏହି ଦୁଇ ବ୍ୟାଟର ଦଳକୁ ଭଲ ଆରମ୍ଭ ଦେଇପାରନ୍ତି। ଦଳରେ ଶୁବମନ ଗିଲ୍, ଶ୍ରେୟସ ଆୟର, କେ.ଏଲ୍. ରାହୁଲ, ସୂର୍ଯ୍ୟକୁମାର ଯାଦବ ଏବଂ ରବୀନ୍ଦ୍ର ଜାଡେଜାଙ୍କ ଭଳି ଖେଳାଳି ଅଛନ୍ତି, ଯେଉଁମାନେ ଚମତ୍କାର ବ୍ୟାଟିଂ କରି ଭାରତକୁ ସଙ୍କଟରୁ ଉଦ୍ଧାର କରିପାରନ୍ତି। ଏଥିରୁ ଜଣାପଡ଼େ ଭାରତ ବ୍ୟାଟିଂରେ କେତେ ଶକ୍ତିଶାଳୀ। ଦ୍ୱିତୀୟତଃ ଯଶପ୍ରୀତ ବୁମ୍ରା(୧୭ ଉଇକେଟ), ମହମ୍ମଦ ସିରାଜ ଓ ମହମ୍ମଦ ଶାମିଙ୍କୁ ନେଇ ଭାରତର ପେସ୍ ଆକ୍ରମଣକୁ କିପରି ସାମ୍ନା କରିବାକୁ ହେବ ସେ ଦିଗରେ ନ୍ୟୁଜିଲାଣ୍ଡ ଟପ୍ ଅର୍ଡରକୁ ଯୋଜନା କରିବାକୁ ହେବ। ରବୀନ୍ଦ୍ର ଜାଡେଜାଙ୍କ ଫ୍ଲାଇଟ୍, ସ୍ପିନ୍ ଓ ଲକ୍ଷଭେଦି ବୋଲିଂ ବିପଦ ସୃଷ୍ଟି କରିପାରେ। ଅଭିଜ୍ଞ ଡେଭନ କନ୍‌ୱେଙ୍କୁ ରନ୍ ସ୍କୋର କରିବାକୁ ହେବ। ରାଚିନ ରବୀନ୍ଦ୍ର ଟୁର୍ନାମେଣ୍ଟରେ ଏକ ଆବିଷ୍କାର। ସେ ଜଣେ ଉଦୀୟମାନ ଷ୍ଟାର ଖେଳାଳି ବୋଲି ତାଙ୍କ ପ୍ରଦର୍ଶନ ଜରିଆରେ ସୂଚାଇ ଦେଇଛନ୍ତି। ସେ ନିର୍ଭୟରେ ଆକର୍ଷଣୀୟ ଶଟ୍ ସହ ରନ ସ୍କୋର କରୁଛନ୍ତି। ଟୁର୍ନାମେଣ୍ଟରେ ବିରାଟ ଓ କ୍ୱିଣ୍ଟନ ଡି'କକ୍‌ଙ୍କ ପଛକୁ ତୃତୀୟ ସର୍ବାଧିକ ରନ ସ୍କୋରର ହୋଇଛନ୍ତି। ତିନୋଟି ଶତକ ସହ ତାଙ୍କ ଷ୍ଟ୍ରାଇକ୍ ରେଟ୍ ୧୦୮ ରହିଛି। ସେ ବୋଲିଂରେ ୫ଟି ଉଇକେଟ ମଧ୍ୟ ନେଇଛନ୍ତି। ଇନିଂସ ଗଢି ଦଳକୁ ଆଗେଇ ନେବାର କୌଶଳ କେନ୍ ୱିଲିୟମସନଙ୍କୁ ଭଲରୂପେ ଜଣା। ସେ ତାଙ୍କ ବୋଲରମାନଙ୍କୁ କିପରି ସଦୁପଯୋଗ କରିପାରୁଛନ୍ତି ତାହା ଲକ୍ଷ୍ୟ କରିବାର କଥା। ଟ୍ରେଣ୍ଟ ବୋଲ୍ଟ ଫର୍ମକୁ ଫେରିଛନ୍ତି। ସେ ଚମତ୍କାର ସୁଇଂ ବୋଲିଂ କରି ଡାହାଣହାତୀ ବ୍ୟାଟରଙ୍କୁ ଅଡୁଆରେ ପକାଇ ପାରନ୍ତି। ମିଚେଲ ସାଣ୍ଟନର ହେଉଛନ୍ତି ନ୍ୟୁଜିଲାଣ୍ଡର ଶ୍ରେଷ୍ଠ ବୋଲର। ସେ ଓଭର ପିଛା ୫ରୁ କମ୍ ରନ ଦେଇ ୧୬ ଉଇକେଟ ଅକ୍ତିଆର କରିସାରିଛନ୍ତି। ମ୍ୟାଚ ରୋମାଞ୍ଚକ ହେବ ବୋଲି ଆଶା କରାଯାଏ। ଅନ୍ୟପକ୍ଷରେ ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଖେଳାଯିବାକୁଥିବା ଦ୍ୱିତୀୟ ସେମିଫାଇନାଲରେ କିଏ ଫେଭରାଇଟ ତାହା ପୂର୍ବାନୁମାନ କରିବା କଠିନ ବ୍ୟାପାର। ଉଭୟ ଦଳରେ ବହୁ ପ୍ରତିଭା ଓ ମ୍ୟାଚ ବିଜୟୀ ଖେଳାଳି ରହିଛନ୍ତି। ଅଷ୍ଟ୍ରେଲିଆ ୫ଥର ଟାଇଟଲ ଜିତିଥିବା ବେଳେ ଦକ୍ଷିଣ ଆଫ୍ରିକା ୫ଥର ସେମିଫାଇନାଲ ଖେଳିଥିଲେ ମଧ୍ୟ ଥରେ ହେଲେ ଟାଇଟଲ ଜିତିପାରି ନାହିଁ। ଏଥର ଦକ୍ଷିଣ ଆଫ୍ରିକା ଦଳ ଖୁବ୍ ଭଲ ମନେହେଉଛି। ଡି'କକ୍ ୪ ଶତକ ସହ ବ୍ୟାଟିଂ ଫର୍ମ ଜାରି ରଖିଛନ୍ତି। ଆଡାମ ଜାମ୍ପା (୨୨ଉଇକେଟ) ଟୁର୍ନାମେଣ୍ଟର ଅଗ୍ରଣୀ ଉଇକେଟ ହାସଲକାରୀ ମନେହେଉଛନ୍ତି।

**(ଟିଭାକ ସ୍ପୋର୍ଟ୍ସ)**

# ବୋଲିଂ ବିପ୍ଲବ

ଗୌତମ ଗମ୍ଭୀର

ଚଳିତ ବିଶ୍ୱକପ୍‌ରେ ରୋହିତ ଶର୍ମା ଓ ରାହୁଲ ଦ୍ରାବିଡ଼ଙ୍କ ଦଳ ଏହାର ପ୍ରଦର୍ଶନ ଜରିଆରେ ସୃଜନଶୀଳ ହେବା ଲାଗି ସମର୍ଥକମାନଙ୍କୁ ଚେତାଇ ଦେଇଛନ୍ତି। ବୁଧବାର ନ୍ୟୁଜିଲାଣ୍ଡ ବିପକ୍ଷ ସେମିଫାଇନାଲରେ ଭାରତ ନିଶ୍ଚିତ ଭାବେ ଫେଭରାଇଟ୍ ବୋଲି ମୁଁ କହିବି। ଏହି ଦଳ ଲିଗ୍ ପର୍ଯ୍ୟାୟରେ କେବଳ ସମସ୍ତ ଦଳକୁ ପରାସ୍ତ କରିଛି ତା' ନୁହେଁ ଏକାଧିକ ଥର ପ୍ରତିପକ୍ଷ ଦଳକୁ ଲଜ୍ଜାଜନକ ଭାବେ ହରାଇ ଦେଇଛି। ମୋ ମତରେ ବୋଲିଂ ୟୁନିଟ୍‌ର ପ୍ରଭାବୀ ପ୍ରଦର୍ଶନ ଯୋଗୁ ଏହା ସମ୍ଭବ ହୋଇପାରିଛି। ସେମାନେ ସମଗ୍ର ଅଭିଯାନକୁ ନିଜ କାନ୍ଧରେ ବହନ କରିଛନ୍ତି। ଭାରତ ଯଦି ବିଶ୍ୱକପ୍ ଜିତେ ତେବେ ଆମ ଦେଶରେ ବୋଲିଂ ବିପ୍ଳବ ଦେଖିବାକୁ ମିଳିପାରେ। ଅଧିକାଂଶ ଯୁବ ଖେଳାଳି ପରବର୍ତ୍ତୀ ସଚିନ ତେନ୍ଦୁଲକର ଓ ବିରାଟ କୋହଲି ହେବାକୁ ଆଶା ରଖିଥିବେ। କିନ୍ତୁ ବିଶ୍ୱକପ୍ ପରେ କ୍ରିକେଟ ଏକାଡେମୀଗୁଡ଼ିକରେ ଆଶାୟୀ ବ୍ୟାଟରମାନଙ୍କୁ ତୁଳନାରେ ଆଶାୟୀ ବୋଲରମାନଙ୍କ ଉପରେ ବିଶେଷ ଧ୍ୟାନ ଦିଆଯିବ। ଏହା ମୋତେ ଆଶ୍ଚର୍ଯ୍ୟାନ୍ୱିତ କରିବନାହିଁ। ଭାରତୀୟ କ୍ରିକେଟ ପାଇଁ ଏହା ଠିକ୍ ବୋଲି ମୁଁ ମନେ କରୁଛି। କେଏଲ୍ ରାହୁଲଙ୍କୁ ଦେଖିଲେ ଅତି ସାଧାରଣ ଜଣାପଡ଼ନ୍ତି। ନେଦରଲାଣ୍ଡ୍ସ ବିପକ୍ଷ ଗତ ମ୍ୟାଚରେ ତାଙ୍କ ୧୦୨ ରନର ଇନିଂସ ବେଳେ କେତୋଟି କଥା ମୋ ନଜରକୁ ଆସିଛି। ସେ ତାଙ୍କର ଅଧିକାଂଶ ରନ ଉଇକେଟ ପଛରେ ସଂଗ୍ରହ କରିଛନ୍ତି। ରାହୁଲଙ୍କ ବ୍ୟାଟିଂ ଷ୍ଟାଇଲ ଦେଖିଲେ ତାଙ୍କୁ ଜଣେ ୩୬୦ଡିଗ୍ରୀ ଖେଳାଳି କୁହାଯାଇପାରେ। ତାଙ୍କ ଷ୍ଟ୍ରାଇକ୍‌ରେଟ୍ ପାଖାପାଖି ୧୬୦ ରହିଥିଲା। ଅନ୍ୟପକ୍ଷରେ ନେଦରଲାଣ୍ଡ୍ସ ବିପକ୍ଷରେ ଶ୍ରେୟସ ଆୟରଙ୍କୁ ପୁଲ୍ ଶଟ୍ ଦର୍ଶନୀୟ ଥିଲା। ତାଙ୍କ ୧୨୮ରନ ମଧ୍ୟରୁ ୪୨ ଶର୍ଟ ପିଚ୍ ବୋଲିଂ ଖେଳି ସଂଗ୍ରହ କରିଥିଲେ। ଏଠାରେ ସୂଚନାଯୋଗ୍ୟ, ପୂର୍ବରୁ ମୋର ଏକ ସ୍ତମ୍ଭରେ କହିଥିଲି ଶର୍ଟ-ପିଚ୍ ବଲ୍ ଖେଳିବାକୁ ହେଲେ ସାହାସୀ ଓ କୁଶଳୀ ହେଲେ କେଉଁ ବଲ୍ ଖେଳିବାକୁ ହେବ ଏବଂ କେଉଁ ବଲ୍‌କୁ ଛାଡ଼ିବାକୁ ହେବ ତାହାକୁ ଠଉରେଇବା ଜରୁରି। ଶ୍ରେୟାସଙ୍କ ନିକଟରେ ଏହି ପାରଦର୍ଶିତା ରହିଛି ବୋଲି ମୋର ବିଶ୍ୱାସ। ବୁଧବାର ସନ୍ଧ୍ୟାରେ ବଲ୍ ପିଚ୍‌ରେ ବାଉନ୍ସ କରିବ ଏବଂ କିଛି ସୁଇଂ ମଧ୍ୟ କରିପାରେ। ନ୍ୟୁଜିଲାଣ୍ଡ ବୋଲରଙ୍କ ଆଗରେ ପରୀକ୍ଷା ଦେବାକୁ ହେବ। କୌଣସି ତ୍ରୁଟି ନ କରିବା ଉଚିତ। ନ୍ୟୁଜିଲାଣ୍ଡ ଏକ ବେଶ୍ ସଂଗଠିତ ଦଳ। ଜଣେ ଅବା ଦୁଇ ଜଣ ଖେଳାଳିଙ୍କ ପ୍ରଦର୍ଶନ ଉପରେ ନିର୍ଭର ନ କରି ସେମାନେ ଦଳଗତ ପ୍ରଦର୍ଶନ କରିଥାନ୍ତି। ଭାରତ ଟପ୍ ୩ ବ୍ୟାଟରଙ୍କୁ କିପରି ଶୀଘ୍ର ଆଉଟ କରିବେ ମ୍ୟାଚରେ ସେମାନଙ୍କର ମୂଳ ଲକ୍ଷ୍ୟ ରହିବ। ଦ୍ୱିତୀୟ ବ୍ୟାଟିଂ କରିବାକୁଥିବା ଦଳକୁ ଫ୍ଲଡ ଲାଇଟ୍‌ରେ ସମୁଦ୍ରିକ ବାୟୁ ଚଳନ ବୋଲରମାନଙ୍କୁ ଖେଳର ଏହି ପର୍ଯ୍ୟାୟରେ ତୁଳନାତ୍ମକ ଭାବେ ଅଧିକ ସୁହାଇବ। ମୁଁ ଆଶା କରୁଛି ଭାରତୀୟ ବ୍ୟାଟରମାନେ ଏହି କଣ୍ଡିଶନରେ ଦୃଢ଼ ଜବାବ ଦେଇପାରିବେ।

**ଗେମ୍‌ପ୍ଲାନ/ ଦୀନେଶ ଚୋପ୍ରା ମିଡିଆ)**

OFFICIAL SPONSOR
ICC MEN'S CRICKET WORLD CUP INDIA 2023
SEAGRAM'S ROYAL STAG
PACKAGED DRINKING WATER
#LargeHumaaraHai

## ସେମିଫାଇନାଲ ପଥରେ

### ଭାରତ

- ଅଷ୍ଟ୍ରେଲିଆକୁ ୬ ଉଇକେଟରେ ହରାଇଲା
- ଆଫଗାନିସ୍ତାନ ବିପକ୍ଷରେ ୮ ଉଇକେଟରେ ବିଜୟୀ
- ପାକିସ୍ତାନକୁ ୭ ଉଇକେଟରେ ହରାଇଲା
- ବାଂଲାଦେଶକୁ ୭ ଉଇକେଟରେ ହରାଇଲା
- ନ୍ୟୁଜିଲାଣ୍ଡ ବିପକ୍ଷରେ ୪ ଉଇକେଟରେ ବିଜୟୀ
- ଇଂଲଣ୍ଡ ବିପକ୍ଷରେ ୧୦୦ ରନରେ ବିଜୟୀ
- ଶ୍ରୀଲଙ୍କାକୁ ୩୦୨ ରନରେ ହରାଇଲା
- ଦକ୍ଷିଣ ଆଫ୍ରିକାକୁ ୨୪୩ ରନରେ ହରାଇଲା
- ନେଦରଲାଣ୍ଡ୍ସ ବିପକ୍ଷରେ ୧୬୦ ରନରେ ବିଜୟୀ

### ନ୍ୟୁଜିଲାଣ୍ଡ

- ଇଂଲଣ୍ଡ ବିପକ୍ଷରେ ୯ ଉଇକେଟରେ ବିଜୟୀ
- ନେଦରଲାଣ୍ଡ୍ସ ବିପକ୍ଷରେ ୯୯ ରନରେ ବିଜୟୀ
- ବାଂଲାଦେଶ ବିପକ୍ଷରେ ୮ ଉଇକେଟରେ ବିଜୟୀ
- ଆଫଗାନିସ୍ତାନକୁ ୧୪୯ ରନରେ ହରାଇଲା
- ଭାରତଠାରୁ ୪ ଉଇକେଟରେ ପରାସ୍ତ
- ଅଷ୍ଟ୍ରେଲିଆଠାରୁ ୫ ରନରେ ପରାସ୍ତ
- ଦକ୍ଷିଣ ଆଫ୍ରିକାଠାରୁ ୧୯୦ ରନରେ ପରାସ୍ତ
- ପାକିସ୍ତାନଠାରୁ ୨୧ ରନରେ ପରାସ୍ତ (ଡକ୍‌ୱର୍ଥ ଲୁଇସ ପଦ୍ଧତିରେ)
- ଶ୍ରୀଲଙ୍କା ବିପକ୍ଷରେ ୫ ଉଇକେଟରେ ବିଜୟୀ



**ଶିଖରରେ ଭାରତୀୟ କ୍ରିକେଟ:** ନ୍ୟୁଜିଲାଣ୍ଡ ବିପକ୍ଷରେ ଭାରତର ବିଶ୍ୱକପ ସେମିଫାଇନାଲ ମ୍ୟାଚ ପୂର୍ବରୁ ଅମୃତସରରେ କ୍ରିକେଟପ୍ରେମୀମାନେ ମଙ୍ଗଳବାର ଭାରତୀୟ ଖେଳାଳିଙ୍କ ଫଟୋଚିତ୍ର ଥିବା ଗୁଡ଼ି ଉଡ଼ାଉଛନ୍ତି।

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

DSPL-372

ODISHA INDIA'S BEST KEPT SECRET.

ଆମ ଓଡ଼ିଶା ନବୀନ ଓଡ଼ିଶା

#ନୂଆ-ଓ
ଯୁବ ଓଡ଼ିଶା
ନବୀନ ଓଡ଼ିଶା

# କ୍ରୀଡ଼ା ପ୍ରତିଯୋଗିତା

## ବ୍ଲକ୍ / ବିଜ୍ଞାପିତ ଅଞ୍ଚଳ ପରିଷଦ / ମ୍ୟୁନିସିପାଲିଟି / ମହାନଗର ନିଗମ

(କ୍ରିକେଟ୍, ହକି, ଫୁଟବଲ୍, କବାଡ଼ି, ଖୋ-ଖୋ, ଭଲିବଲ୍)



ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ
ମାନ୍ୟବର ମୁଖ୍ୟମନ୍ତ୍ରୀ

### ଅଂଶଗ୍ରହଣ ପାଇଁ ଯୋଗ୍ୟତା

- ଏଥିରେ ଉଭୟ ବାଳକ ଓ ବାଳିକା ଅଂଶଗ୍ରହଣ କରିପାରିବେ।
- ବୟସ ଯୋଗ୍ୟତା: ୧୩-୩୫ ବର୍ଷ ।
- ଅଂଶଗ୍ରହଣ ସମ୍ପୃକ୍ତ ସ୍ଥାନୀୟ ଅଞ୍ଚଳରେ ସୀମିତ।
- ବ୍ୟକ୍ତିବିଶେଷ ଏକାଧିକ କ୍ରୀଡ଼ା ବିଭାଗରେ ଅଂଶଗ୍ରହଣ କରିପାରିବେ।

### କିପରି ନାମ ପଞ୍ଜୀକରଣ କରିବେ ?

ୱେବ୍‌ସାଇଟ୍ https://sports.odisha.gov.in କୁ ଯାଆନ୍ତୁ
ଏବଂ ନିର୍ଦ୍ଧାରିତ ଅନ୍‌ଲାଇନ୍ ଫର୍ମରେ ସମସ୍ତ ସୂଚନା ପୂରଣ କରନ୍ତୁ ।

**ପଞ୍ଜୀକରଣ ଶେଷ ତାରିଖ**

୨୦ ନଭେମ୍ବର ୨୦୨୩

**ବ୍ଲକ୍ / ମ୍ୟୁନିସିପାଲିଟି/ମହାନଗର ନିଗମ/ଜିଲ୍ଲା/ରାଜ୍ୟ ସ୍ତରରେ ବିଜେତା ଦଳମାନଙ୍କୁ ଆକର୍ଷଣୀୟ ଅର୍ଥ ରାଶି ପୁରସ୍କାର ରୂପେ ପ୍ରଦାନ କରାଯିବ।**

ବିଜେତା ଦଳମାନଙ୍କ ପାଇଁ ନଗଦ ପୁରସ୍କାର ରାଶିର ପରିମାଣ

**ପୁରସ୍କାର ରାଶି ଟଙ୍କାରେ**

| ପ୍ରତିଯୋଗିତାର ସ୍ତର | ଚାମ୍ପିୟନ ଦଳ | ପ୍ରଥମ ଉପ-ବିଜେତା | ଦ୍ୱିତୀୟ ଉପ-ବିଜେତା(୧) | ଦ୍ୱିତୀୟ ଉପ-ବିଜେତା(୨) |
|---|---|---|---|---|
| ବ୍ଲକ୍ / ବିଜ୍ଞାପିତ ଅଞ୍ଚଳ ପରିଷଦ/ ମ୍ୟୁନିସିପାଲିଟି | ୨୦,୦୦୦ | ୧୫,୦୦୦ | ୧୦,୦୦୦ | ୧୦,୦୦୦ |
| ଜିଲ୍ଲା/ ମହାନଗର ନିଗମ | ୫୦,୦୦୦ | ୩୦,୦୦୦ | ୨୦,୦୦୦ | ୨୦,୦୦୦ |
| ରାଜ୍ୟ | ୨୦୦,୦୦୦ | ୧୦୦,୦୦୦ | ୫୦,୦୦୦ | ୫୦,୦୦୦ |



" କ୍ରୀଡ଼ା ପାଇଁ ଯୁବଗୋଷ୍ଠୀ
ଭବିଷ୍ୟତ ପାଇଁ ବଡ଼ ଶକ୍ତି "

OIPR-29001/13/0086/2324